



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-336 ◆BHUBANESWAR ◆WEDNESDAY ◆4 JUNE 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୨ ◆ସଂଖ୍ୟା-୩୩୬ ◆ଭୁବନେଶ୍ୱର ◆ବୁଧବାର ◆୪ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ପାକ୍ ଜେଲ୍‌ରୁ ୨୧୬ କଏଦୀ ଫେରାର୍; ଧରା ହେଲେ ୮୦

■ **ଇସ୍‌ଲାମାବାଦ୍, ୩।୬ (ଏଜେନ୍ସି):** ପାକିସ୍ତାନର କରାଚୀସ୍ଥିତ ମଲିର ଜେଲ୍‌ରୁ ସୋମବାର ରାତିରେ ୨୧୬ ଜଣ କଏଦୀ ଫେରାର ହୋଇଛନ୍ତି। କରାଚୀରେ ହୋଇଥିବା ଭୂକମ୍ପ କାରଣରୁ ନିରାପତ୍ତା ପାଇଁ ସ୍ଥାନାନ୍ତର କରିବା ବେଳେ କଏଦୀମାନେ ଚମ୍ପଟ ମାରିଥିଲେ ଜେଲ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏମାନଙ୍କ ମଧ୍ୟରୁ ପାଖାପାଖି ୮୦ ଜଣଙ୍କୁ ପୁଣିଥରେ ଧରା ଯାଇଛି। କିନ୍ତୁ ୧୩୫ଜଣ କଏଦୀ ଏବେବି ଫେରାର ରହିଛନ୍ତି। ପ୍ରଥମେ କାନ୍ଥ ଭାଙ୍ଗି କଏଦୀମାନେ ଫେରାର ହୋଇଥିଲେ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। କିନ୍ତୁ ଏହାକୁ ଜେଲ ସୁପରିଟେଣ୍ଡେଣ୍ଟ ଅରଶାଦ ଶାହ ଖଣ୍ଡନ କରିଛନ୍ତି। ଦୌଡ଼ାଦୌଡ଼ି ବେଳେ ତରବରିଆ ସ୍ଥିତିରେ କଏଦୀମାନେ ମୁଖ୍ୟ ଗେଟ୍ ଦେଇ ଫେରାର ହୋଇଥିଲେ ବୋଲି ସେ କହିଛନ୍ତି। ଭୂକମ୍ପ ପରେ କଏଦୀମାନେ ପରସ୍ପରକୁ ଧକ୍କା ଦେଇଥିଲେ। ୭୦୦ରୁ ୧୦୦୦ ଜଣଙ୍କୁ ବାରାକରୁ ସ୍ଥାନାନ୍ତର କରାଯାଉଥିବା ବେଳେ ମୁଖ୍ୟ ଗେଟ୍ ପାଖରେ କଏଦୀମାନେ ପରସ୍ପର ମଧ୍ୟରେ ଠେଲାପେଲା କରିଥିଲେ ଓ ମୌକା ଦେଖି ୧୦୦ରୁ ଉର୍ଦ୍ଧ୍ୱ ଫେରାର ହୋଇଯାଇଥିଲେ ବୋଲି କୁହାଯାଇଛି। ଏହି ଘଟଣାରେ ଜଣେ କେଏଦୀ ମୃତ୍ୟୁ ବରଣ କରିଥିବା ବେଳେ ୪ ଜଣ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି। ପ୍ରଶାସନର ବେପରୁଆ ମନୋଭାବ କାରଣରୁ ଏଭଳି ଅଭାବନୀୟ ସ୍ଥିତି ଉପୁଜିଛି ବୋଲି ପାକିସ୍ତାନ ଗୃହମନ୍ତ୍ରୀ ସ୍ୱୀକାର କରିଛନ୍ତି। ଉଲ୍ଲେଖଥାଉ କି, ଗତବର୍ଷ ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ)ରୁ ୧୯ କଏଦୀ ଫେରାର ହୋଇଥିଲେ।

## ଜୁନ୍ ୬ରୁ ୱାକଫ୍ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ

■ **ନୂଆଦିଲ୍ଲୀ, ୩।୬ (ଏଜେନ୍ସି):** ବହୁଚର୍ଚ୍ଚିତ ୱାକଫ୍ ସଂଶୋଧନ ଆଇନ ଅନୁଯାୟୀ ୱାକଫ୍ ସଂପତ୍ତି/ଜମି ପଞ୍ଜୀକରଣ ଲାଗି କେନ୍ଦ୍ର ସରକାର 'ଉମିଦ' ନାମରେ ନୂଆ ପୋର୍ଟାଲ ଖୋଲିବାକୁ ଯାଉଛନ୍ତି। ଆସନ୍ତା ୬ ତାରିଖରେ ଏହି ପୋର୍ଟାଲର ଶୁଭାରମ୍ଭ କରିବାକୁ ଯୋଜନା କରିଛନ୍ତି ସରକାର। ସାରା ଦେଶରେ କେବଳ ଏହି ପୋର୍ଟାଲ ମାଧ୍ୟମରେ ୱାକଫ୍ ଜମି/ସଂପତ୍ତିର ପଞ୍ଜୀକରଣ କରାଯିବ। ଏହି ପୋର୍ଟାଲର ଶୁଭାରମ୍ଭ ସହିତ ଜୁନ୍ ୬ ତାରିଖରୁ ଆରମ୍ଭ ହୋଇଯିବ ୱାକଫ ପଞ୍ଜୀକରଣ ପ୍ରକ୍ରିୟା।

ମିଳିଥିବା ସୂଚନା ଅନୁଯାୟୀ 'ଉମିଦ୍' ପୋର୍ଟାଲର ଆରମ୍ଭ ହେବାର ୬ ମାସ ମଧ୍ୟରେ ସମସ୍ତ ୱାକଫ୍ ସଂପତ୍ତିର ପଞ୍ଜୀକରଣ କରାଯିବାକୁ ବାଧ୍ୟତାମୂଳକ କରାଯାଇଛି। ପଞ୍ଜୀକରଣ ବେଳେ ୱାକଫ୍ ସଂପତ୍ତିର ଆକାର ଓ ସ୍ଥିତି ସମେତ ଅନ୍ୟ ସମସ୍ତ ବିସ୍ତୃତ ବିବରଣୀ ଏଥିରେ ଉଲ୍ଲେଖ କରିବାକୁ ପଡ଼ିବ। ତେବେ ମହିଳାମାନଙ୍କ ନାମରେ ପଞ୍ଜୀକରଣ ହୋଇଥିବା ଜମିକୁ ୱାକଫର ମାନ୍ୟତା ମିଳିବ ନାହିଁ। ପଞ୍ଜୀକରଣ ପ୍ରକ୍ରିୟାରେ ସଂପୃକ୍ତ ରାଜ୍ୟର ୱାକଫ ବୋର୍ଡ ସହାୟତା କରିବେ। ପଞ୍ଜୀକରଣ ବେଳେ କୌଣସି ବୈଷୟିକ କିମ୍ବା ଅନ୍ୟ କୌଣସି ବଡ଼ ଧରଣର ସମସ୍ୟା ଉପୁଜିଲେ ଏହି ସମୟସୀମାକୁ ଆଉ ଏକ କି ଦୁଇ ମାସ ପାଇଁ ବୃଦ୍ଧି କରାଯିବ। ନିର୍ଦ୍ଧାରିତ ସମୟ ମଧ୍ୟରେ ପଞ୍ଜୀକରଣ କରିବାରେ ବିଫଳ ହେଲେ ସଂପୃକ୍ତି ଜମି/ସଂପତ୍ତିକୁ ବିବାଦୀୟ ବୋଲି ବିଚାର କରାଯିବ। ସମାଧାନ ପାଇଁ ଏହାକୁ ୱାକଫ୍ ଟ୍ରିବୁନାଲକୁ ପଠାଇ ଦିଆଯିବ।

### ବେଆଇନ ଟ୍ରକ୍‌ଭର୍ତ୍ତି ବିସ୍ଫୋରକ ଜବତ ଘଟଣା

## ଗୋଦାମ ମାଲିକ, ଚାଳକ ଗିରଫ



**ରାଜ୍ୟବ୍ୟାପୀ ବିସ୍ଫୋରକ ଗୋଦାମରେ ପୁଲିସ୍‌ର ଯାଞ୍ଚ**

■ **ରାଉରକେଲା, ୩।୬ (ସମିସ):** ୧୪୩ ନମ୍ବର ଜାତୀୟ ରାଜପଥର ଦେଓଗାଁସ୍ଥିତ ପେଟ୍ରୋଲ ପମ୍ପରୁ ୨ଟି ବେଆଇନ ବିସ୍ଫୋରକ ବୋଝେଇ ଭ୍ୟାନ୍ ଜବତ ଘଟଣାରେ ରଘୁନାଥପାଲି ପୁଲିସ୍ ମଙ୍ଗଳବାର ବିସ୍ଫୋରକ ଗୋଦାମ ମାଲିକ ଓ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫଦ୍ୱୟ ହେଲେ, ବାସନ୍ତୀ କଲୋନୀ ଇଏମ୍/୮୭ରେ ରହୁଥିବା ବିସ୍ଫୋରକ ଗୋଦାମ ମାଲିକ ଶ୍ରବଣ କୁମାର ଅଗ୍ରୱାଲ (୪୨) ଓ ବ୍ରାହ୍ମଣୀତରଙ୍ଗ ଥାନା କେନ୍ଦୁବରନୀ ଗ୍ରାମର ଭ୍ୟାନ୍ ଚାଳକ ବିର୍ସା ସାମଦ ଓରଫ୍ ଇଶାକ(୩୦)। ସେମାନଙ୍କଠାରୁ ଦୁଇଟି ▶ପୃଷ୍ଠା-୭

### ପୁଣି ୧୫ ଟନ ବିସ୍ଫୋରକ ଜବତ


■ **ରାଉରକେଲା, ୩।୬ (ସମିସ):** ବଡଗାଁ ସ୍ଥିତ ବିସ୍ଫୋରକ ସାମଗ୍ରୀ ଗୋଦାମ ସିଲ ହେବା ସହ ଗୋଦାମ ମାଲିକ ଜେଲ୍ ଯାଇଥିବା ବେଳେ ଆଜି ହାଇଦ୍ରାବାଦରୁ ଏକ ବିସ୍ଫୋରକ ବୋଝେଇ ଟ୍ରକ ଆସି ବଡ଼ଗାଁରେ ପହଞ୍ଚିବା ଘଟଣା ପୁଲିସ ତଦନ୍ତକୁ ଆହୁରି ଅଡୁଆ କରିଛି। ଏହି ଟ୍ରକ୍‌ରେ ୧୫ଟନ୍ ଓଜନର ବିସ୍ଫୋରକ ସାମଗ୍ରୀ ରହିଥିବା ବେଳେ ୩ଲକ୍ଷ ମିଟରର ଜିଲେଟିନ ତାର ରହିଥିବା ସୂଚନା ମିଳିଛି। ଏହି ସୂଚନା ମିଳିବା ପରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାୟ ଏବଂ ସୁନ୍ଦରଗଡ ଏସପି ପ୍ରତ୍ୟୁଷ ଦିବାକର ଏହାର ଖୋଳତାଡ଼ ଆରମ୍ଭ କରିଛନ୍ତି। ସୂଚନା ମୁତାବକ, ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ନିକଟରୁ ୫ ଟନ୍ ବିସ୍ଫୋରକ ବୋଝେଇ ଟ୍ରକ ମାଓବାଦୀଙ୍କ ଦ୍ୱାରା ଲୁଟ ହେବା ପରେ ବଡଗାଁ ଥାନା ଅନ୍ତର୍ଗତ ଇତମା ଖଡ଼ିଆପଡ଼ା ନିକଟରେ ଥିବା ବାରୁଦ ଗୋଦାମକୁ ଗତ ୨୮ ତାରିଖ ଦିନ ପୁଲିସ ସିଲ୍ କରିଥିଲା। ତେବେ ବାରୁଦ ଗୋଦାମ ସିଲ ▶ପୃଷ୍ଠା-୭

### ସରକାରରେ ନାହିଁ ତାଳମେଳ; ବିଭିନ୍ନ ବିଭାଗରେ ଫାଇଲ୍ ଗଦା

## ମୁଖ୍ୟମନ୍ତ୍ରୀ କ୍ଷୁବ୍ଧ; ଗୁମର ଖୋଲିଲା ନୋଟ୍‌ସିଟ୍

**ଫାଇଲ ପରିଚାଳନାରେ ବିଳମ୍ବ; ଖର୍ଚ୍ଚ ହୋଇପାରୁନି ବଜେଟ ବରାଦ**

**ସରକାରଙ୍କ କାର୍ଯ୍ୟଦକ୍ଷତା ଉପରେ ନକରାତ୍ମକ ପ୍ରଭାବ ପଡ଼ିବା ଆଶଙ୍କା**





■ **ଭୁବନେଶ୍ୱର, ୩।୬ (ସମିସ):** ସରକାରଙ୍କ ବର୍ଷପୂର୍ତ୍ତି ପାଇଁ ପ୍ରସ୍ତୁତି ଚାଲିଛି। ଉତ୍ସବ ସହ ଉଦ୍‌ଘାଟନ ଆଦି ନିମନ୍ତେ ବିଶାଳ ଆୟୋଜନ ପାଇଁ ଯୋଜନା ହୋଇଛି। ମନ୍ତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ନିଜର ସଫଳତାର ରିପୋର୍ଟ କାର୍ଡ ଦେଇଛନ୍ତି। ବର୍ଷକ ମଧ୍ୟରେ ସରକାର ୫୦ ବର୍ଷର ସଫଳତା ଅର୍ଜିଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି। ରାସ୍ତାଘାଟରେ ବଡ଼ବଡ଼ ହୋର୍ଡିଂ କରି ନିଜର ପାରିବାପଣିଆ ବିଜ୍ଞପିତ କରୁଛନ୍ତି। ମାତ୍ର ବାସ୍ତବିକତା ଠିକ୍ ଓଲଟା। ସରକାରରେ ବିଭାଗଗୁଡ଼ିକ ମଧ୍ୟରେ ତାଳମେଳ ନାହିଁ, ମନ୍ତ୍ରୀମାନଙ୍କ ମଧ୍ୟରେ ସମନ୍ୱୟ ନାହିଁ। ବିଭିନ୍ନ ବିଭାଗରେ ଫାଇଲଗୁଡ଼ିକ ଅକାରଣରେ ଅଟକି ରହିଛି। ବିକାଶମୂଳକ କାର୍ଯ୍ୟଗୁଡ଼ିକ ଅଧାପନ୍ତରିଆ ହୋଇ ପଡ଼ିଛି। ପାତରଅନ୍ତର କରି କେବଳ ବିଜେପି ବିଧାୟକମାନେ ପ୍ରତିନିଧିତ୍ୱ କରୁଥିବା ବିଧାନସଭା କ୍ଷେତ୍ରକୁ ଦିଆଯାଇଥିବା ଅନୁଦାନ ବି ଏଯାଏ ଖର୍ଚ୍ଚ ହୋଇ ପାରିନାହିଁ। ଏପରି ଅଚଳାବସ୍ଥା ସରକାରଙ୍କ ଶିରଚାପ ବଢ଼ାଇ ଦେଇଛି ଓ ନିଜେ ମୁଖ୍ୟମନ୍ତ୍ରୀ ନୋଟ୍‌ସିଟ୍‌ରେ ଏଥିପାଇଁ କ୍ଷୋଭବ୍ୟକ୍ତ କରିଛନ୍ତି।

ରାଜ୍ୟ ପ୍ରଶାସନିକ ସ୍ତରରେ ସ୍ଥାଣୁତା କାରଣରୁ ବିକାଶ କାର୍ଯ୍ୟକ୍ରମ ଏକ ପ୍ରକାର ଠପ୍। ଏପରିକି ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ମଧ୍ୟ ତୃଣମୂଳସ୍ତରଠାରୁ ଆରମ୍ଭ କରି ସର୍ବୋଚ୍ଚ ସ୍ତରର ଅଧିକାରୀମାନେ ଅନୁପାଳନ କରୁନାହାନ୍ତି। ଯାହାକୁ ନେଇ ବିରୋଧୀ ସରକାରଙ୍କୁ କାଠଗଡ଼ାକୁ ଟାଣୁଛନ୍ତି। ଏପରି ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏକ ନିର୍ଦ୍ଦେଶନାମା ବିରୋଧୀଙ୍କ ଅଭିଯୋଗ ସତ୍ୟ ବୋଲି ପରୋକ୍ଷରେ ପ୍ରମାଣିତ ହୋଇଛି। ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ନୋଟସିଟ୍‌ରେ ଫାଇଲଗୁଡ଼ିକର ବିଳମ୍ବିତୀକରଣକୁ ନେଇ ଯେଉଁ ମନ୍ତବ୍ୟ ଦେଇଛନ୍ତି, ତାହା ସରକାର ଓ ପ୍ରଶାସନରେ ରହିଥିବା ବିଚ୍ୟୁତିକୁ ସ୍ପଷ୍ଟ କରି ଦେଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓସ୍ୱାସରେ ନିଷ୍ପତ୍ତି ପରେ ମଧ୍ୟ ଅନେକ ଫାଇଲ ପର୍ଯ୍ୟାପ୍ତ କାରଣ ବିନା ଅନେକ ଦିନ ଧରି ବିଭିନ୍ନସ୍ତରରେ ପଡ଼ି ରହୁଛି। ▶ପୃଷ୍ଠା-୭

## ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୪ ଶ୍ରମିକଙ୍କ ମୃତ୍ୟୁ



■ **ନବରଙ୍ଗପୁର/ନନ୍ଦାହାଣ୍ଡି, ୩।୬ (ସମିସ):** ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍‌ରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ନନ୍ଦାହାଣ୍ଡି ବ୍ଲକ୍ ପଡ଼ାଲଗୁଡା ଗ୍ରାମରେ ଏକ ନିର୍ମାଣାଧୀନ ପାଇଖାନା ଭିତରେ ଶ୍ୱାସରୁଦ୍ଧ ହୋଇ ୪ ଜଣ ପ୍ରାଣ ହରାଇଛନ୍ତି। ପାଇଖାନା ସ୍ଲାବର ଫଲ୍ସ ଭୁଶୁଡ଼ି ପଡ଼ିବାରୁ ଏଥିରେ ଚାପି ହୋଇଯାଇଥିବା ଦୁଇ ଜଣ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ଦୁଇ ଜଣ ମଧ୍ୟ ପ୍ରାଣ ହରାଇଛନ୍ତି। ମୃତକ ମାନେ ହେଲେ ଏମ.ସନ୍ତୁ (୨୮), ଅମିର ଖୁରା (୩୦), ତ୍ରିଲୋଚନ ଭତରା (୨୫) ଏବଂ ଲାଲୁରଣା କାମରା(୨୬)। ସୂଚନା ଅନୁସାରେ ପଡାଲଗୁଡା ଗ୍ରାମରେ ଏକ ପାଇଖାନା ଟାଙ୍କି ନିର୍ମାଣ ▶ପୃଷ୍ଠା-୭

## ଦାଗୀ ସଂସ୍ଥାକୁ ଟେଣ୍ଡରର ଅନୁଗ୍ରହ

### ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍ ଟେଣ୍ଡରରେ ପାର୍ଥକ୍ୟ

**ଆରମ୍ଭରୁ ଝୁଣ୍ଟିଲା ମହାନଦୀ ସମ୍ମୁଖ ବିକାଶ ପ୍ରକଳ୍ପ**

■ **ଭୁବନେଶ୍ୱର, ୩।୬ (ସମିସ):** ଆରମ୍ଭରୁ ଝୁଣ୍ଟିଛି ପ୍ରସ୍ତାବିତ ମହାନଦୀ ସମ୍ମୁଖଭାଗ ବିକାଶ ପ୍ରକଳ୍ପ। ମେ ୬ ତାରିଖରେ ଉଭୟ ଅନଲାଇନ୍ ଓ ଅଫ୍‌ଲାଇନ୍‌ରେ ଏଥିପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲେ ହେ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଅନୁଗୃହୀତ କରାଯିବା ନିମନ୍ତେ କର୍ତ୍ତୃପକ୍ଷ ପେଞ୍ଚପାଞ୍ଚ କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ନିମ୍ନମାନର କାର୍ଯ୍ୟ ନିମନ୍ତେ ରାଜ୍ୟ ଭିଜିଲାନ୍ସ ଦ୍ୱାରା ତଦନ୍ତର ସମ୍ମୁଖୀନ ହୋଇଥିବା ଦାଗୀ ସଂସ୍ଥାକୁ ଅନୁଗୃହୀତ କରିବା ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷ ଯାବତୀୟ ଚଞ୍ଚକତା କରିଥିବା ମଧ୍ୟ ଅଭିଯୋଗ ହୋଇଛି।

ସୂଚନା ଅନୁସାରେ ସିଡ଼ିଏ ପକ୍ଷରୁ ମହାନଦୀ ଜଳ ସମ୍ମୁଖସ୍ଥ ୩.୨ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଅଞ୍ଚଳର ବିକାଶ ପାଇଁ ଗତ ମେ ୬ ତାରିଖରେ (ଇଓଆଇ ନଂ ୪୯୧୦) ବିଭିନ୍ନ ସଂସ୍ଥାଠାରୁ ଟେଣ୍ଡର ଆହ୍ୱାନ କରିଛି। ଟେଣ୍ଡର ଦାଖଲ ପାଇଁ ଏଥିପାଇଁ ଶେଷ ତାରିଖ ରଖାଯାଇଛି ୨୦୨୫ ମେ ୧୪ ତାରିଖ। ୪୫.୦୨ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ସରକାରୀ ବ୍ୟବସ୍ଥା ଅନୁସାରେ ଟେକ୍‌ନିକାଲ ପ୍ରପୋଜାଲ ଓ ଫିନାନସିଆଲ ପ୍ରପୋଜାଲ ଧାର୍ଯ୍ୟ ଅବଧି ମଧ୍ୟରେ ଦାଖଲ ପାଇଁ କୁହାଯାଇଛି। ତେବେ କୌତୂହଳର ବିଷୟ ହେଉଛି ଅଫ୍‌ଲାଇନ୍‌ରେ ପ୍ରକାଶିତ ବିଜ୍ଞପ୍ତିରେ ଆଗ୍ରହୀ ସଂସ୍ଥାଗୁଡ଼ିକର ମୂଲ୍ୟାୟନ ପାଇଁ ୫ଟି ପାରାମିଟର ବା ସର୍ତ୍ତ ରହିଥିବାବେଳେ ଅନଲାଇନ୍ ବିଜ୍ଞପ୍ତିରେ ସର୍ତ୍ତ ସଂଖ୍ୟା ୪କୁ ହ୍ରାସ କରାଯାଇଛି। ▶ପୃଷ୍ଠା-୭

### ପୁରୁଣା କୋଠା ଭାଙ୍ଗିବା ବେଳେ ଅଘଟଣ


## ଛାତ ବିମ୍ ଖସି ଶ୍ରମିକ ମୃତ, ୨ ଗୁରୁତର



■ **ଭୁବନେଶ୍ୱର, ୩।୬ (ସମିସ):** ପୋଖରୀପୁଟ ଲିଙ୍ଗରାଜ ବିହାରରେ ଅଘଟଣ। ଶ୍ରମିକମାନେ ପୁରୁଣା କୋଠାକୁ ଭାଙ୍ଗିବା ସମୟରେ ଛାତର ବିମ୍ ଖସି ପଡ଼ିବାରୁ ଜଣେ ଶ୍ରମିକ ପାଣ ହରାଇଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ, ବାଲେଶ୍ୱର ଜିଲ୍ଲା ବାହାନଗା ଅଞ୍ଚଳର ଧରଣୀଧର ଦତ୍ତ। ଆହତ ଦୁଇ ଜଣ ହେଲେ ଶିଶିର କୁମାର ଦତ୍ତ ଏବଂ ପଶ୍ଚିମବଙ୍ଗ ନଦିଆର ଅବଦୁଲ ନଉଦା। ଆହତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏୟାରପୋର୍ଟ ଥାନା ପୁଲିସ ଶବ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। କିଭଳି ଏହି ଅଘଟଣ ଘଟିଲା। ଛାନଭିନ୍ ଆରମ୍ଭ କରିଛି ପୁଲିସ। ଉକ୍ତ କୋଠା ଭାଙ୍ଗିବା ପାଇଁ ଦାୟିତ୍ୱ ନେଇଥିବା ଠିକା ସଂସ୍ଥାକୁ ପଚରାଉଚରା କରୁଛି। ତାଙ୍କ ବିରୋଧରେ ମାମଲା ରୁଜୁ କରାଯିବ ବୋଲି ପୁଲିସ କହିଛି।

ସୂଚନା ଅନୁସାରେ, ପୋଖରୀପୁଟ ଲିଙ୍ଗରାଜ ବିହାରରେ ଏକ ୧୦ ବର୍ଷ ପୁରୁଣା କୋଠା ରହିଥିଲା। ନୂଆ ବିଲ୍ଡିଂ କରିବା ଉଦ୍ଦେଶ୍ୟରେ ଘରମାଲିକ ଉକ୍ତ କୋଠାକୁ ଭାଙ୍ଗିବା ପାଇଁ ଏକ ଠିକା ସଂସ୍ଥାକୁ କାମ ଦେଇଥିଲେ। ▶ପୃଷ୍ଠା-୭


**Vikash Bargarh**
Vikash Higher Educational Institutions



**Vikash Institute of Technology:**
- MBA (2 Years)
- B.Tech (4 Years) CSE, EEE, Civil, Mech.

**Vikash Polytechnic:**
- Diploma (3 Years) Civil, CSE, ECE, Mech., Electrical
- Diploma (Working Professionals) Mechanical Engg., Electrical Engg.

**Vikash Law School:**
- B.A. LL.B (H) 5 Years Int. Law

**Vikash School of Business Management:**
- BBA / BCA (3 Years)

**Vikash Degree College:**
- B.A. (Hons.) English, Economics, Education, Political Science, Psychology
- B.Com. (Hons.) Accountancy (Hons.)
- B.Sc. (Hons.) Physics, Chemistry, Math. Botany, Zoology, Comp.Sc.
- M.Sc. (2 Years) Chemistry
- M.Com. (2 Years) Accountancy
- M.A. (2 Years) English

**Vikash Nursing College:**
- ANM (2 Years),
- GNM (3 Years)
- B.Sc. Nursing (4 Years)
- P.B. B.Sc. Nursing (2 Years)

**Vikash College of Paramedical Science:**
- DMLT (2 Years)
- DMRT (2 Years)

**Vikash Pharmacy College:**
"MOVE TOWARDS YOUR DREAM CAREER IN PHARMACY"
- B. PHARM Bachelor in Pharmacy (4 YRS) Eligibility: +2 Science & OJEE Rank
- D. PHARM Diploma in Pharmacy (2 YRS) Eligibility: +2 Science



AWARDED As the Best Higher Educational Institutions in Western Odisha by OTV.
Visit us @ www.odishavikash.com
Email: vheicampus@gmail.com

**ADMISSIONS** Open for 2025-26
Courses Offered: PG | UG | Diploma
94380 85817 / 82800 08111
70087 81518 / 94393 49333
Vikash Knowledge Hub, Barahaguda, Bargarh

Grooming Talent
Vikash Higher Educational Institutions




**JUPITER**
+2 Science Higher Secondary School
BHUBANESWAR
www.jupiter.ac.in
Tested & Trusted since 2002

Celebrating Success year after year...



TOPPER +2 SCIENCE STREAM 2024
Mr. Soumyajit Rout
BIITs, PILANI



TOPPER +2 SCIENCE STREAM 2023
Ms. Aparna Pradhan
St. Stephen's College, New Delhi

**Highlights of +2 Sc. Results 2024**
5 Ranks Including the No1 Rank among the Best 10 | 97% FIRST CLASS | 100% PASS | 78 Students secured more than 500 marks

**Highlights of +2 Sc. Results 2025**
3 Ranks among the Best 10 | 98% FIRST CLASS | 100% PASS | 87 Students secured more than 500 marks

ADMISSION OPEN 9439489157 / 9439489158

**JUPITER**
PUBLIC SCHOOL
BHUBANESWAR
CBSE- I to XII ( Science & Commerce)

Awarded as No.1 NUMBER ONE SCHOOL IN INTEGRATED TEACHING & COACHING
By Times School Ranking Survey Odisha THE TIMES OF INDIA

HIGHLIGHTS OF RESULTS 2025
23 STUDENTS Qualified for JEE MAIN in 1st attempt
92% FIRST CLASS



Bishal Ku. Sahu, Phulbani
10th Class - 68%
12th Class - 93.5%

95 other students achieved similar remarkable growth, testament to Jupiter's excellence

FOUNDATION COURSE for JEE, NEET, NDA from Class VIII

ADMISSION OPEN 6371853130 / 6371853132

**JUPITER**
DEGREE COLLEGE
Affiliated to UTKAL UNIVERSITY
8093052844 / 845

+3 SCIENCE & +3 COMMERCE
with Coaching for IIT-JAM, CUET, CPET, Civil Service, & Banking exams etc...

Day Cum Residential
Separate AC Hostel Facility Available For Boys and Girls

SPECIAL DISCOUNTS AVAILABLE FOR
Girl Students or Wards of Teachers

Gangapada, Near Old Toll Plaza, Adjacent to NH-16, Bhubaneswar

# ୮ ଘଣ୍ଟାରେ ଆଣ୍ଠେଇଲା ପାକିସ୍ତାନ: ସିଡିଏସ୍

**ନୂଆଦିଲ୍ଲୀ,୩।୬(ଏଜେନ୍ସି):** ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନୀଲ ଚୌହାନ ପହଲଗାମ ଆତଙ୍କବାଦୀ ଆକ୍ରମଣ ଓ ଅପରେସନ ସିନ୍ଦୂର ନେଇ ନିଜର ମତ ରଖିଛନ୍ତି। ମଙ୍ଗଳବାର ପୁଣେ ବିଶ୍ୱବିଦ୍ୟାଳୟରେ ସେ ପହଞ୍ଚିଥିଲେ। ସେଠାରେ ସେ 'ଭବିଷ୍ୟତର ଯୁଦ୍ଧ ଓ ଯୁଦ୍ଧ' ଶୀର୍ଷକକୁ ନେଇ ନିଜର ମତ ରଖିଥିଲେ। ମେ ୧୦ ରାତି ୧ଟାରେ ପାକିସ୍ତାନ ଭାରତକୁ ୪୮ ଘଣ୍ଟା ମଧ୍ୟରେ ହରାଇବାକୁ ଯୋଜନା କରିଥିଲା। କେତୋଟି ସ୍ଥାନରେ ପାକିସ୍ତାନ ଆକ୍ରମଣ ମଧ୍ୟ କରିଥିଲା ଓ ଏଥିପାଇଁ ସଂଘର୍ଷ ବଢ଼ିଥିଲା। କିନ୍ତୁ ମାତ୍ର ୮ ଘଣ୍ଟାରେ ହିଁ ପାକିସ୍ତାନର ସବୁ ଯୋଜନା ପଣ୍ଡ ହୋଇଥିଲା। ଏହାପରେ ବଡ଼ କ୍ଷୟକ୍ଷତିର ଆଶଙ୍କା କରି ଅସ୍ତ୍ରବିରତି କରିବାକୁ ଭାରତକୁ ଫୋନ ମାଧ୍ୟମରେ ନିବେଦନ କରିଥିଲା। ଏହାକୁ ଆମେ ସ୍ୱୀକାର କରିଥିଲୁ ବୋଲି ସେ କହିଥିଲେ।

ଆମେ କେବଳ ଆତଙ୍କବାଦୀ ଠିକଣା ଉପରେ ମାଡ କରିଥିଲୁ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ, ଭାରତ ଆତଙ୍କବାଦ ଓ ନ୍ୟୁକ୍ଲିୟର ବ୍ଲାକମେଲିଂକୁ ଆଦୌ ଭ୍ରୂକ୍ଷେପ

**୪୮ ଘଣ୍ଟାର ତାଣ୍ଡବ ପାଇଁ ଯୋଜନା କରିଥିଲା ପାକିସ୍ତାନ**

କରେନାହିଁ। ପେସଦାର ସେନାବାହିନୀ ଉପରେ ଅସଫଳତା ଓ କ୍ଷୟକ୍ଷତିର ପ୍ରଭାବ ପଡେନାହିଁ। ସବୁପ୍ରକାର ସ୍ଥିତରେ ମନୋବଳ ଉଚ୍ଚ ରଖିବାକୁ ହୋଇଥାଏ। ଯୁଦ୍ଧରେ କ୍ଷତି ନୁହଁ ବରଂ ପରିଣାମ ହିଁ ମହତ୍ତ୍ୱପୂର୍ଣ୍ଣ ବୋଲି ସେ ସ୍ପଷ୍ଟ କରିଥିଲେ। ପହଲଗାମ ଆତଙ୍କବାଦୀ



ଆକ୍ରମଣ ପୂର୍ବରୁ ହିଁ ପାକିସ୍ତାନ ସେନାଧ୍ୟକ୍ଷ ଜେନେରାଲ ଅସିମ ମୁନୀର ଭାରତ ଓ ହିନ୍ଦୁଙ୍କୁ ନେଇ ବିଷ ଓଗାଳିଥିଲେ। ଏହାପରେ ଏହି ଅମାନବୀୟ ଘଟଣା ଘଟିଥିଲା। ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣକୁ ରୋକିବା ପାଇଁ ଅପରେସନ ସିନ୍ଦୂରର ମୁଖ୍ୟ ଲକ୍ଷ୍ୟ ଥିଲା। ଯୁଦ୍ଧରେ ହୋଇଥିବା କ୍ଷୟକ୍ଷତି ନେଇ କିଛି କହିବା ଠିକ୍ ହେବନାହିଁ ବୋଲି ସେ କହିଛନ୍ତି। ଭାରତ କେତୋଟି ଫାଇଟର ଜେଟ୍ ହରାଇଲା ନେଇ ପ୍ରଶ୍ନର ଉତ୍ତର ଦେଇ ସେ ଏହା କହିଥିଲେ। କ୍ରିକେଟର ଉଦାହରଣ ଦେଇ ସେ କହିଥିଲେ ଯେ, ଯଦି ଆପଣ ଏକ ଟେଷ୍ଟ ମ୍ୟାଚ୍‌ର ଗୋଟିଏ ପାଳିରେ ପରାସ୍ତ ହୁଅନ୍ତି ତେବେ, ସେତେବେଳେ କେତେ ୱିକେଟ, ବଲ୍ ଓ ଖେଳାଳିଙ୍କ ସଂଖ୍ୟା ନେଇ ଆଲୋଚନାର ମୂଲ୍ୟ କିଛି ନଥାଏ। ଉଲ୍ଲେଖଥାଉ କି, ଅପରେସନ ସିନ୍ଦୂରରେ ଭାରତ ମେ ୭ ରାତି ୧.୩୦ରେ ଭାରତ ପାକିସ୍ତାନର ୯ଟି ଆତଙ୍କବାଦୀ ଠିକଣା ଉପରେ ମିସାଇଲ ମାଡ଼ କରିଥିଲା ଓ ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଥିଲେ।

## ପାକିସ୍ତାନର ଅଭିଯୋଗ: ୨୦ ନୁହେଁ, ୨୭ ସ୍ଥାନରେ ମାଡ଼ କରିଛି ଭାରତ

**ଇସଲାମାବାଦ, ୩।୬ (ଏଜେନ୍ସି):** ପହଲଗାମରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ଭାରତ ଗତମାସ ଅପରେସନ ସିନ୍ଦୂର ନାମରେ ଯେଉଁ ସାମରିକ କାର୍ଯ୍ୟାନୁଷ୍ଠାନ କରିଥିଲା, ସେଥିରେ ପାକିସ୍ତାନର ବ୍ୟାପକ କ୍ଷତି ହୋଇଛି। ଏହା ନିଜେ ପାକିସ୍ତାନ ସ୍ୱୀକାର କରିଛି। ପାକିସ୍ତାନ ପକ୍ଷରୁ କୁହାଯାଇଛି ଯେ ଦେଶର ୨୭ଟି ସ୍ଥାନରେ ଭାରତୀୟ ସେନା କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି। କିନ୍ତୁ ଭାରତୀୟ ସେନା କେବଳ ୨୦ଟି ସ୍ଥାନ କଥା କହୁଛି। ପେଶାୱର, ଆଟୋକ, ଗୁଜରାଟ, ଝଙ୍ଗ,ବହାୱଲାନଗର, ହାଇଦ୍ରବାଦ ଓ ଛୋର ଭଳି ସ୍ଥାନ ଉପରେ ମଧ୍ୟ ଆକ୍ରମଣ ହୋଇଛି। ପେଶାୱାର ଏବଂ ଆଟୋକ ହେଉଛି ନିୟନ୍ତ୍ରଣ ରେଖାରୁ ୭୦୦ରୁ ହଜାରେ କିଲୋମିଟର ଦୂରରେ। ତେବେ ଭାରତୀୟ ସେନା ପକ୍ଷରୁ ଏସଂପର୍କରେ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇ ନାହିଁ। ପାକିସ୍ତାନ ସତ କହୁଛି ନା ଭାରତ ବିରୋଧରେ ଅପପ୍ରଚାର ଚଳାଇଛି? ଭାରତୀୟ ସେନା କେବଳ ସାମରିକ ପ୍ରତିଷ୍ଠାନ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଥିବା ବେଳେ ଏଥିରୁ ସାଧାରଣ ନାଗରିକ ରହୁଥିବା ସ୍ଥାନଗୁଡ଼ିକୁ ବାଦ୍ ଦେଇଥିଲା। ଏସଂପର୍କରେ ଭାରତ ଜଣାଇଥିବା ବେଳେ ପାକିସ୍ତାନ କାହିଁକି ଆଉ ୭ଟି ସ୍ଥାନର ତାଲିକା ଦେଇଛି। ଏହାପଛରେ ରହସ୍ୟ କଣ। ଯଦି ପାକିସ୍ତାନ ସତ କହୁଛି, ତାହାହେଲେ ପାକିସ୍ତାନ ଭୀଷଣ କ୍ଷତିଗ୍ରସ୍ତ ହୋଇଛି। ଯେଉଁଥିପାଇଁ ଅସ୍ତ୍ରବିରତି ପାଇଁ ପାକିସ୍ତାନ ବିକଳ ହୋଇପଡ଼ିଥିଲା।

## ସଂସଦର ସ୍ୱତନ୍ତ୍ର ଅଧିବେଶନ ଦାବିକଲେ ୧୬ ଦଳ

**ନୂଆଦିଲ୍ଲୀ, ୩।୬ (ଏଜେନ୍ସି):** ଦୀର୍ଘ ଦିନ ପରେ ମଙ୍ଗଳବାର ନୂଆଦିଲ୍ଲୀରେ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ବୈଠକ ବସିଛି। ଏଥିରେ 'ଅପରେସନ ସିନ୍ଦୂର'କୁ ନେଇ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ୧୬ ଦଳ ଏକାଠି ହୋଇ ଦାବି କରିଛନ୍ତି। ଜାତୀୟ ସୁରକ୍ଷା ପ୍ରସଙ୍ଗ ଏବଂ ବୈଦେଶିକ ନୀତିର ଅଗ୍ରଗତି ଉପରେ ଏକ ମୁକ୍ତ ଏବଂ ନିରପେକ୍ଷ ଆଲୋଚନାର ଆବଶ୍ୟକତା ଥିବା ଉଲ୍ଲେଖ କରିଛନ୍ତି। ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସବୁ ଦଳ ଚିଠି ଲେଖିଛନ୍ତି। ଏହା ବିରୋଧୀଙ୍କ ସାମୂହିକ ସ୍ୱର ଏବଂ ଦେଶର ସୁରକ୍ଷା ଚିନ୍ତା ଭାବନାକୁ ସ୍ପଷ୍ଟ କରୁଛି। ବୈଠକ ପରେ ଟିଏମ୍‌ସି ସାଂସଦ ଡେରେକ ଓ' ବ୍ରାଇନ ଏହି ସୂଚନା ଦେଇଛନ୍ତି। ସଂସଦୀୟ ଦଳ ସ୍ତରରେ ଆଲୋଚନା କରି ନୁହେଁ, ବରଂ ୧୬ଟି ରାଜନୈତିକ ଦଳର ମୁଖ୍ୟଙ୍କ ମଧ୍ୟରେ ସହମତି ଭିତିରେ ଏହି ପଦକ୍ଷେପ ନିଆଯାଇଛି। ତେବେ ଏହି ବୈଠକରେ ଆମ ଆଦମୀ ପାର୍ଟି (ଆପ୍) ଏବଂ ଏନ୍‌ସିପି (ଶରଦ) ସାମିଲ ହୋଇ ନ ଥିଲା। କିନ୍ତୁ ଆପ୍ ବୁଧବାର ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିବ।

ଏହି ବୈଠକରେ କଂଗ୍ରେସ, ସମାଜବାଦୀ ପାର୍ଟି, ଟିଏମସି, ଡିଏମକେ, ଶିବସେନା (ଉଦ୍ଧବ), ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି), ଆଇୟୁଏମଏଲ, ଏନ୍‌ସି, କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ, ଆରଏସପି, ଜେଏମଏମ, ଭିସିକେ, କେରଳ କଂଗ୍ରେସ, ଏମ୍‌ଡିଏମକେ ଏବଂ ସିପିଆଇଏମଏଲ ସାମିଲ ହୋଇଥିଲା। କେନ୍ଦ୍ର ସରକାର ଅପରେସନ ସିନ୍ଦୁର ଏବଂ ଆତଙ୍କବାଦର ମୁଖା ଖୋଲିବା ପାଇଁ ୭ଟି ସର୍ବଦଳୀୟ ପ୍ରତିନିଧିମଣ୍ଡଳୀ ବିଭିନ୍ନ ଦେଶକୁ ପଠାଇଛନ୍ତି। ଏହି ସବୁ ଦଳ ସପ୍ତାହ ଶେଷ ସୁଦ୍ଧା ଭାରତ ଫେରିବେ। ସେମାନେ ଫେରିବା ପରେ ଆସନ୍ତା ସପ୍ତାହରେ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ବିରୋଧୀ ଦାବି କରୁଛନ୍ତି। ଆରଜେଡିର ମନୋଜ ଝା କହିଛନ୍ତି ଯେ ପହଲଗାମ ଆକ୍ରମଣ ପରେ ଅପରେସନ ସିନ୍ଦୂର ହୋଇଥିଲା। ଏକ ଦେଶର ରାଷ୍ଟ୍ରପତି ପ୍ରତିଦିନ ଏହାକୁ ନେଇ ମାମଲାତକାର ସାଜିଛନ୍ତି। ୧୫ ଦିନରେ ୧୩ ଥର ମନ୍ତବ୍ୟ ଦେଲେଣି। ଏହାକୁ ନେଇ ସରକାରଙ୍କୁ ଆଘାତ ଲାଗିଛି କି ନାହି ଜଣାନାହିଁ, କିନ୍ତୁ ଭାରତକୁ ଧକ୍କା ଲାଗିଛି। ଏହା ଯନ୍ତ୍ରଣାଦାୟକ। ସୋସିଆଲ ମିଡିଆ, ଟିଭି ବିତର୍କରେ ଏ ନେଇ ଆଲୋଚନା ହେବ ନାହିଁ। ୧୯୬୨ ମସିହାରେ ଚୀନ୍ ସହ ଯୁଦ୍ଧ ସମୟରେ ମଧ୍ୟ ସଂସଦ ଅଧିବେଶନ ଡକାଯାଇଥିଲା। ଏହା ୧୪୦ କୋଟି ଭାରତୀୟଙ୍କ ପ୍ରସଙ୍ଗ। ଏହା ଶାସକ କିମ୍ବା ବିରୋଧୀଙ୍କ ପ୍ରସଙ୍ଗ ନୁହେଁ। ଏହା ଦାୟିତ୍ୱର ପ୍ରସଙ୍ଗ। ସରକାର ସଂସଦ ପ୍ରତି ଏବଂ ସଂସଦ ଜନତାଙ୍କ ପ୍ରତି ଉତ୍ତରଦାୟୀ।

## ଭୁଲ୍ ମାଗିବାକୁ ମନାକଲେ କମଲ ହାସନ

**ଚେନ୍ନଇ,୩।୬(ଏଜେନ୍ସି):** କର୍ଣ୍ଣାଟକ ହାଇକୋର୍ଟ ମଙ୍ଗଳବାର ତାମିଲ ବର୍ଷୀଆନ ଅଭିନେତା, ନିର୍ଦ୍ଦେଶକ ତଥା ରାଜନେତା କମଲ ହାସନଙ୍କୁ ଭର୍ତ୍ସନା କରିଛନ୍ତି। ଜୁନ୍ ୨ରେ ସେ ଦାଖଲ କରିଥିବା ଆବେଦନର ଶୁଣାଣି ମଙ୍ଗଳବାର ହୋଇଥିଲା। କର୍ଣ୍ଣାଟକରେ ତାଙ୍କ ସିନେମା 'ଥଗ୍ସ ଅଫ୍ ଲାଇଫ୍'ର ରିଲିଜ ପାଇଁ ସେ ଆବେଦନ କରିଥିଲେ। କର୍ଣ୍ଣାଟକ ଫିଲ୍ମ ଚାମ୍ବର ଅଫ୍ କମର୍ସ (କେଏଫ୍‌ସିସି) ଏହି ସିନେମାକୁ ରାଜ୍ୟରେ ମୁକ୍ତିଲାଭ କରିବା ନେଇ ରୋକ ଲଗାଇଥିଲା। ଏହି କଟକଣାକୁ ହଟାଇବାକୁ କମଲ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆସନ୍ତା ୫ ତାରିଖରେ ଏହି ସିନେମା ରିଲିଜ ହେବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ କମଲଙ୍କୁ ଏହି ମାମଲାରେ ନ୍ୟାୟଳୟ ଭର୍ତ୍ସନା କରିଛି।

କନ୍ନଡ ଭାଷା ତାମିଲରୁ ସୃଷ୍ଟି ହୋଇଛି ବୋଲି କମଲ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏହାକୁ ହାଇକୋର୍ଟ ନାପସନ୍ଦ କରିଛନ୍ତି। 'ଆପଣ କେଉଁ ଆଧାରରେ ଏହି ମନ୍ତବ୍ୟ ଦେଇଥିଲେ? ଆପଣ କ'ଣ ଐତିହାସିକ ନା ଭାଷାବିତ୍? ଆପଣ କମଲ ହାସନ ନା ଆଉ କିଏ? କାହାର ଭାବନାକୁ କ୍ଷତି ପହଞ୍ଚାଇବାର ଆପଣଙ୍କର ଅଧିକାର ନାହିଁ ବୋଲି ବିଚାରପତି ଏମ୍ ନାଗପ୍ରସନ୍ନା କମଲଙ୍କୁ ଆକ୍ଷେପକରି କହିଥିଲେ। ଦେଶର ବିଭାଜନ ଭାଷାକୁ ଆଧାର କରି ହୋଇଛି। ନାଗରିକଙ୍କ ପାଇଁ ଜଳ,ଜମି ଓ ଭାଷା ବହୁତ ମହତ୍ତ୍ୱପୂର୍ଣ୍ଣ। ଆପଣଙ୍କ ମନ୍ତବ୍ୟ ଦେଶରେ ଅଶାନ୍ତି ସୃଷ୍ଟି କରିପାରେ। ଏପରିସ୍ଥଳେ ଆପଣଙ୍କୁ କେବଳ କର୍ଣ୍ଣାଟକ ଲୋକଙ୍କୁ କ୍ଷମା ମାଗିବେ ବୋଲି ଆଶା କରାଯାଉଥିଲା, କିନ୍ତୁ ଆପଣ ସୁରକ୍ଷା ମାଗିବାକୁ ଆସିଗଲେ। ଅତି ସାଧାରଣ ଭାବେ ଆପଣଙ୍କ କ୍ଷମାରେ ଏହି ସମସ୍ୟାର ସମାଧାନ ହୋଇପାରିଥାନ୍ତା ବୋଲି ବିଚାରପତି କହିଥିଲେ। କିନ୍ତୁ ଏହାପରେ ମଧ୍ୟ କମଲ କ୍ଷମା ମାଗି ନଥିଲେ। ସେ କେଏଫ୍‌ସିସିକୁ ଚିଠି ଲେଖିଛନ୍ତି ବୋଲି ନ୍ୟାୟାଳୟଙ୍କୁ କୁହାଯାଇଥିଲା। ଏହି ମାମଲାର ପରବର୍ତ୍ତୀ ଶୁଣାଣି ମେ ୧୦ରେ ହେବ। ସେପର୍ଯ୍ୟନ୍ତ ଏହି ସିନେମା କର୍ଣ୍ଣାଟକରେ ମୁକ୍ତିଲାଭ ନ କରିବା ଏକପ୍ରକାର ନିଶ୍ଚିତ ହୋଇଛି। ଉଲ୍ଲେଖଥାଉ କି, ୭୫ ବର୍ଷ ତଳେ ଶ୍ରୀ ରାଜଗୋପାଳ ଆଚାର୍ଯ୍ୟ ଏହିଭଳି ମନ୍ତବ୍ୟ ଦେଇ କ୍ଷମା ମାଗିଥିଲେ। ତେଣୁ ଆପଣ କାହିଁକି କ୍ଷମା ମାଗିବେ ନାହିଁ ବୋଲି କମଲଙ୍କୁ ପ୍ରଶ୍ନ ପଚରାଯାଇଥିଲା। ପୂର୍ବରୁ କ୍ଷମା ମାଗିବେ ନାହିଁ ବୋଲି କମଲ ମନ୍ତବ୍ୟ ଦେଇ ବିବାଦକୁ ଆହୁରି ବଢ଼ାଇଥିଲେ।



**ଅଭିନେତାଙ୍କୁ ଭର୍ତ୍ସନା କଲେ ହାଇକୋର୍ଟ**

### ସେନା ଅଧିକାରୀଙ୍କ ଗୋପନୀୟତାକୁ ନେଇ ମାର୍ଗଦର୍ଶିକା

## ବ୍ୟକ୍ତିଗତ ସୂଚନା ଜାରି କରିପାରିବନି ଗଣମାଧ୍ୟମ

**ନୂଆଦିଲ୍ଲୀ, ୩।୬ (ଏଜେନ୍ସି):** ସେନା ଅଧିକାରୀଙ୍କ ଗୋପନୀୟତାକୁ ନେଇ ପ୍ରତିରକ୍ଷା ମନ୍ତ୍ରାଳୟ ମଙ୍ଗଳବାର ମାର୍ଗଦର୍ଶିକା ଜାରି କରିଛି। ଏଥିରେ କାର୍ଯ୍ୟରେ ମୁତୟନ କିମ୍ବା ଅବସରପ୍ରାପ୍ତ ସେନା ଅଧିକାରୀ ଏବଂ ତାଙ୍କ ପରିବାର ଗୋପନୀୟତା ପ୍ରତି ଧ୍ୟାନ ରଖିବାକୁ କୁହାଯାଇଛି। ବିନା ଅନୁମତିରେ ଅଧିକାରୀଙ୍କ ଘରକୁ ନ ଯିବାକୁ, ସାକ୍ଷାତକାର ନ ନେବାକୁ କିମ୍ବା ବ୍ୟକ୍ତିଗତ କାହାଣୀ ପାଇଁ ଯୋଗାଯୋଗ ନ କରିବାକୁ କୁହାଯାଇଛି। ଘର ଠିକଣା, ପରିବାର ସଦସ୍ୟଙ୍କ ଫଟୋ କିମ୍ବା କୌଣସି ବ୍ୟକ୍ତିଗତ ସୂଚନା ନ ଛପାଇବାକୁ ଏବଂ ନ ଦେଖାଇବାକୁ କୁହାଯାଇଛି। ଜନସାଧାରଣଙ୍କ ସ୍ୱାର୍ଥ ସମ୍ବଳିତ ହୋଇ ନ ଥିଲେ କିମ୍ବା ଅଧିକାରୀଙ୍କ ଠାରୁ ଅନୁମତି ମିଳି ନ ଥିଲେ ଏହାକୁ ଜାରି ନ କରିବାକୁ କୁହାଯାଇଛି। ପ୍ରତିରକ୍ଷା ମନ୍ତ୍ରାଳୟର ଏଡିଜି ବିଜୟ କୁମାର ଏହି ମାର୍ଗଦର୍ଶିକାରେ ସ୍ୱାକ୍ଷର କରିଛନ୍ତି।

ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଅପରେସନ୍ ସିନ୍ଦୂର ଏବଂ ତା'ପରର ସୂଚନା ଦେବା ପାଇଁ ଅଧିକାରୀମାନେ ଗଣମାଧ୍ୟମ ସମ୍ମୁଖକୁ ଆସିଥିଲେ। ଏହି ଅଧିକାରୀଙ୍କ ନେଇ ପ୍ରସାରଣ କରାଯାଉଥିବା ଖବର ସିଧା ତାଙ୍କ ପରିବାର ସଦସ୍ୟ ଏବଂ ବ୍ୟକ୍ତିଗତ ଜୀବନରେ ପହଞ୍ଚି ଯାଇଥିଲା। ଗଣମାଧ୍ୟମ ପ୍ରତିନିଧି ସେମାନଙ୍କ ପରିବାର ସଦସ୍ୟଙ୍କ ବାସଭବନକୁ ଯାଇ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। ସେନା ଅଧିକାରୀଙ୍କ ପରିବାରର ବ୍ୟକ୍ତିଗତ ପ୍ରସଙ୍ଗ ଉପରେ ମଧ୍ୟ ଖବର ପରିବେଷଣ କରାଯାଇଥିଲା। ଏଥିପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଭାରତ-ପାକ୍ ଉତ୍ତେଜନା ସମୟରେ ବୈଦେଶିକ ସଚିବ ବିକ୍ରମ ମିଶ୍ରିଙ୍କୁ ମଧ୍ୟ ଅନଲାଇନରେ ଖରାପ ବ୍ୟବହାର କରାଯାଇଥିଲା। ଏପରିକି ପରିବାର ସହିତ ତାଙ୍କର ପୁରୁଣା ଫଟୋ ମଧ୍ୟ ସେୟାର କରାଯାଉଥିଲା। ଝିଅର ମୋବାଇଲ୍ ନମ୍ବର ବି ଭାଇରାଲ ହେଉଥିଲା। ଏହା ପରେ ମିଶ୍ରି ନିଜ ଆକାଉଣ୍ଟଙ୍କୁ ସୁରକ୍ଷିତ କରିଦେଇଥିଲେ।

● ରାହୁଲ ଗାନ୍ଧୀଙ୍କ ଟିପ୍ପଣୀ

## ଟ୍ରମ୍ପଙ୍କ ଫୋନ ଆସିବାରୁ ତୁରନ୍ତ ଆତ୍ମସମର୍ପଣ କରିଦେଲେ ମୋଦୀ

**ଭୋପାଳ, ୩।୬ (ଏଜେନ୍ସି):** ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରୁ ଅପରେସନ ସିନ୍ଦୂର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କଟାକ୍ଷ କରିଛନ୍ତି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ସେ କହିଛନ୍ତି ଯେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ଫୋନ୍ ଆସିଥିଲା। ଏହା ପରେ ମୋଦୀ ତୁରନ୍ତ ଆତ୍ମସମର୍ପଣ କରିଦେଲେ। ନରେନ୍ଦର ସରେଣ୍ଡର କରିଦେଲେ। ଆଉ ହଜୁର ଟ୍ରମ୍ପଙ୍କ ନିର୍ଦ୍ଦେଶ ପାଳନ କଲେ। ଇତିହାସ ସାକ୍ଷୀ ଅଛି। ବିଜେପି-ଆରଏସଏସ ଏପରି କରିଆସିଛି। ଟିକେ ଚାପ ପକାଇ ଦେଲେ ଏମାନେ ସବୁବେଳେ ନଇଁ ଯାଆନ୍ତି। ଭୟରେ ପଳାନ୍ତି। ପାକିସ୍ତାନର ଧମକ ସତ୍ତ୍ୱେ ୧୯୭୧ରେ ଭାରତ ଏହି ଦେଶକୁ ଦୁଇ ଖଣ୍ଡ କରି ଦେଇଥିଲା। କିନ୍ତୁ କଂଗ୍ରେସ କେବେ ନଇଁ ନାହିଁ। ଦଳର ସିଂହ ଏବଂ ସିଂହୀମାନେ ସୁପର୍ ପାୱାର ସହ ଲଢ଼ିଛନ୍ତି।

## ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ କଟାକ୍ଷ: ଏହା 'ଏକ ଦେଶ ଏକ ସ୍ୱାମୀ ଯୋଜନା' କି?

**ଚଣ୍ଡିଗଡ଼, ୩।୬ (ଏଜେନ୍ସି):** ପଞ୍ଜାବରେ ଅପରେସନ ସିନ୍ଦୂରକୁ ନେଇ ରାଜନୀତି ଜୋର୍ ଧରିଛି। ସବୁ ଘରକୁ ସିନ୍ଦୂର ପଠାଇବାକୁ ନେଇ ବିଜେପିକୁ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ନିଶାଣ କରିଛନ୍ତି। ଏହା 'ଏକ ଦେଶ ଏକ ସ୍ୱାମୀ ଯୋଜନା' କି ବୋଲି ପଚାରିଛନ୍ତି। ଏହା ପୂର୍ବରୁ କଂଗ୍ରେସର ରାଜ୍ୟ ମୁଖିଆ ଅମରିନ୍ଦର ସିଂହ ରାଜା ୱଡ଼ିଂ ବିଜେପିକୁ ଘେରିଥିଲେ। ସେ କହିଥିଲେ ଯେ ସିନ୍ଦୂର ଉପରେ ମହିଳାଙ୍କ ସ୍ୱାମୀଙ୍କ ହକ୍ ରହିଛି। ସେ ପ୍ରତି ଘରକୁ ସିନ୍ଦୂର ନ ପଠାଇବା ପାଇଁ ବିଜେପି ନେତାଙ୍କୁ ପରାମର୍ଶ ଦେଇଥିଲେ। ଯଦି ଏହାକୁ ନ ଶୁଣିଲେ ମହିଳା ପିଟିବେ ବୋଲି କହିଥିଲେ। ସେହିପରି ଆଜି କ୍ୟାବିନେଟ ବୈଠକ ପରେ ମାନ୍ କହିଥିଲେ ଯେ ବିଜେପି ନେତା ସିନ୍ଦୂର ନାମରେ ଭୋଟ ମାଗିବା ଦୁଃଖର ବିଷୟ। ସିନ୍ଦୂରକୁ ପରିହାସ କରାଯାଉଛି। ମାନ୍ ଗଣମାଧ୍ୟମ ପ୍ରତିନିଧିଙ୍କୁ ପାଲଟା ପ୍ରଶ୍ନ ମଧ୍ୟ କରିଥିଲେ। ଘରକୁ ସିନ୍ଦୂର ଆସିଲେ କଣ କହିବେ ବୋଲି ପଚାରି ଥିଲେ। କାହା ନାମରେ ସିନ୍ଦୂର ଲଗାଇବାକୁ କହିବେ। ଏହା ଏକ ଦେଶ ଏକ ସ୍ୱାମୀ ଯୋଜନା କି?

● ତାମିଲନାଡୁ ସରକାରଙ୍କ ବିଲ୍‌କୁ ମଞ୍ଜୁରୀ


## ସୁପ୍ରିମକୋର୍ଟଙ୍କୁ ରାଜ୍ୟପାଳଙ୍କ ଭୟ ପ୍ରମାଣିତ: ଷ୍ଟାଲିନ୍



**ଚେନ୍ନଇ,୩।୬(ଏଜେନ୍ସି):** ତାମିଲନାଡୁ ରାଜ୍ୟପାଳ ଆରଏନ୍ ରବି ସରକାରଙ୍କ ତରଫରୁ ପାରିତ ହୋଇଥିବା ଦୁଇଟି ବିଲ୍‌କୁ ମଞ୍ଜୁରୀ ଦେଇଛନ୍ତି। ଏହାଦ୍ୱାରା ୧୨,୦୦୦ରୁ ଅଧିକ ଦିବ୍ୟାଙ୍ଗ ନାଗରିକଙ୍କୁ ସହର ଓ ସ୍ଥାନୀୟ ନିର୍ବାଚନରେ ନାମାଙ୍କନ ଦାଖଲ କରିବାକୁ ଅଧିକାର ମିଳିବ। ଏହି ବିଲ୍ ଦୀର୍ଘଦିନ ହେବ ରାଜଭବନରେ ପଡି ରହିଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଏ ନେଇ ରାଜ୍ୟପାଳଙ୍କୁ କଟାକ୍ଷ କରିଛନ୍ତି। ଏହି ବିଲ୍‌କୁ ମଞ୍ଜୁରୀ ମିଳିବାର ହିଁ ଥିଲା। ଯଦି ଏହାକୁ ରୋକା ଯାଇଥାନ୍ତା ତାହାଲେ, ଆମେ ସୁପ୍ରିମ କୋର୍ଟ ଯାଇଥାନ୍ତୁ ଓ ରାଜ୍ୟପାଳଙ୍କୁ ଏ ନେଇ ଡର ରହିଥିବା ପ୍ରମାଣିତ ହୋଇଛି ବୋଲି ଷ୍ଟାଲିନ୍ କହିଛନ୍ତି।

## ଜନ୍ମଦିନରେ ପାକ୍ ଟିକ୍‌ଟକ୍ ତାରକାଙ୍କୁ ହତ୍ୟା

**ଇସ୍‌ଲାମାବାଦ୍,୩।୬(ଏଜେନ୍ସି):** ପ୍ରେମ ନିବେଦନ ପ୍ରତ୍ୟାଖାନ କରିବାରୁ ଜଣେ ବିଫଳ ପ୍ରେମିକ ଉତ୍‌କ୍ଷିପ୍ତ ହୋଇ ପାକିସ୍ତାନରେ ଜଣେ ୧୭ ବର୍ଷୀୟା ଟିକ୍‌ଟକ୍ ଷ୍ଟାରଙ୍କୁ ହତ୍ୟା କରିଛି। ସ୍ଥାନୀୟ ଜି-୧୩ ଅଞ୍ଚଳରେ ଏହି ଅଭାବନୀୟ ଘଟଣା ଘଟିଛି। ଟିକ୍‌ଟକ୍ ତାରକା ତଥା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଭାବେ ବେଶ୍ ଜଣାଶୁଣା ଥିବା ସାନା ୟୁସୁଫ୍‌ଙ୍କୁ ସୋମବାର ତାଙ୍କ ଘରେ ପଶି ଗୁଳି ମାରିଛି। ଅପରାଧୀର ବୟସ ୨୨ ବର୍ଷ ବୋଲି ଜଣାଯାଇଛି ଓ ତାକୁ ଫୈସଲାବାଦ୍‌ରେ ଗିରଫ୍ କରାଯାଇଛି। ସେ ଅତିଥି ହୋଇ ସାନାଙ୍କ ଘରକୁ ଆସିଥିଲା।



## ପଞ୍ଜାବରେ ପାକ୍ ଗୁପ୍ତଚର ଗିରଫ୍

**ଚଣ୍ଡିଗଡ଼,୩।୬(ଏଜେନ୍ସି):** ପାକିସ୍ତାନ ପାଇଁ ଗୋଇନ୍ଦାଗିରି କରୁଥିବା ଅଭିଯୋଗରେ ପଞ୍ଜାବରେ ଜଣେ ବ୍ୟକ୍ତିଙ୍କୁ ଗିରଫ୍ କରାଯାଇଛି। ଅପରେସନ ସିନ୍ଦୂର ସହିତ ଜଡିତ ସେନା ସମ୍ପର୍କିତ କିଛି ସୂଚନା ବ୍ୟକ୍ତି ଜଣକ ପାକିସ୍ତାନ ଗୁପ୍ତଚର ସଂସ୍ଥା ଆଇଏସ୍‌ଆଇକୁ ପ୍ରଦାନ କରୁଥିଲା। ପଞ୍ଜାବର ତରନନାରନରେ ରହୁଥିବା ଏହି ବ୍ୟକ୍ତି ହେଉଛନ୍ତି ଗଗନଦୀପ ସିଂହ ଉର୍ଫ ଗଗନ। ପଞ୍ଜାବ ପୁଲିସ୍‌ର କାଉଣ୍ଟର ଇଣ୍ଟେଲିଜେନ୍ସ ୟୁନିଟ୍ ଓ ତରନନାରନ ପୁଲିସ ମିଳିତ ଭାବେ ଚଢାଉ କରି ଗଗନକୁ ଗିରଫ କରିଛି। ଗଗନ ଗତ ୫ ବର୍ଷ ହେବ ପାକିସ୍ତାନରେ ରହୁଥିବା ଖଲିସ୍ତାନୀ ସମର୍ଥକ ଗୋପାଲ ସିଂହ ଚାୱଲା ସମ୍ପର୍କରେ ରହୁଥିଲା। ଅପରେସନ ସିନ୍ଦୂର ଚାଲିଥିବା ବେଳେ ସେ ଭାରତୀୟ ସେନାର ଗତିବିଧି, ସୈନ୍ୟ ଠିକଣା, ରଣନୀତି ଉପରେ ତୀକ୍ଷ୍ଣ ନଜର ରଖି ଆଇଏସ୍‌ଆଇକୁ ସୂଚନା ପ୍ରଦାନ କରୁଥିଲା। ପାକିସ୍ତାନ ଗୁପ୍ତଚର ସନ୍ଦେହରେ ପଞ୍ଜାବରେ ଏପର୍ଯ୍ୟନ୍ତ ୫ ଜଣଙ୍କୁ ଗିରଫ କରାଯାଇ ସାରିଛି।

## ଅରୁଣାଚଳରେ ୩୮୬ ସ୍କୁଲ୍ ବନ୍ଦ

**ଇଟାନଗର,୩।୬(ଏଜେନ୍ସି):** ରାଜ୍ୟରେ ୩୮୬ଟି ସରକାରୀ ବିଦ୍ୟାଳୟ ବନ୍ଦ କରିବାକୁ ଅରୁଣାଚଳପ୍ରଦେଶ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଶିକ୍ଷାବର୍ଷରେ ଏହି ସରକାରୀ ବିଦ୍ୟାଳୟଗୁଡିକରେ ଉପସ୍ଥିତି ଶୂନ ରହିଥିଲା। ଏହିକ୍ରମରେ ଦେଖିବାକୁ ଗଲେ ୱେଷ୍ଟ କାମେଙ୍ଗ ଜିଲ୍ଲା ସର୍ବାଗ୍ରେ ରହିବ। ଏହି ଜିଲ୍ଲାରେ ୭୩ଟି ପ୍ରାଇମେରୀ, ଅପର ପ୍ରାଇମେରୀ, ମିଡଲ ଓ ସେକେଣ୍ଡାରୀ ସ୍କୁଲ୍‌ରେ ଉପସ୍ଥିତି ସଂଖ୍ୟା ଶୂନ ରହିଥିଲା। ଏହି ସ୍କୁଲର ଶିକ୍ଷକମାନଙ୍କୁ ଯଥାଶୀଘ୍ର ଅନ୍ୟ ସରକାରୀ ସ୍କୁଲ୍‌ରେ ନିୟୋଜିତ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାପୂର୍ବରୁ ୨୦୨୪ରେ ମଧ୍ୟ ଅରୁଣାଚଳରେ ୬୦୦ ସ୍କୁଲ୍ ବନ୍ଦ କରିବାକୁ କିମ୍ବା ଅନ୍ୟ ସ୍କୁଲରେ ମିଶାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ଘରୋଇ ହିଂସା ଆଇନ୍ କାର୍ଯ୍ୟକାରୀ କରିବାକୁ ୭ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩।୬(ଏଜେନ୍ସି):** ଦେଶରେ ଘରୋଇ ହିଂସା ଆଇନ୍‌କୁ କାର୍ଯ୍ୟକାରୀ କରିବା ପାଇଁ ସୁପ୍ରିମ କୋର୍ଟ ୭ଟି ମହତ୍ତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାର, ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକୁ ଏହି ନିର୍ଦ୍ଦେଶ ଦିଆଯାଇଛି। ଘରୋଇ ହିଂସା ନେଇ ଉପଯୋଗୀ ଆଇନ ରହିଥିଲେ ମଧ୍ୟ ଏହାକୁ ସଫଳ ରୂପେ କାର୍ଯ୍ୟକାରୀ କରାଯାଇପାରୁନାହିଁ ବୋଲି ହୃଦୟଙ୍ଗମ କରିବା ପରେ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ପୁଙ୍ଖାନୁପୁଙ୍ଖ ଭାବେ ନ୍ୟାୟାଳୟଙ୍କ ତରଫରୁ ନିର୍ଦ୍ଦେଶନାମା ପତ୍ର ଜାରି କରାଯାଇଛି। ଏହି ନିର୍ଦ୍ଦେଶଗୁଡିକ ହେଲା ୬ ମାସ ମଧ୍ୟରେ ପ୍ରୋଟେକସନ ଅଫିସରଙ୍କୁ ନିଯୁକ୍ତି ଦିଆଯିବ। ଘରୋଇ ହିଂସାର ଶିକାର ହେଉଥିବା ପୀଡିତଙ୍କୁ ଆଇନ ନେଇ ସଚେତନ କରାଇବା। ଘରୋଇ ହିଂସା ଆଇନ୍‌ର ଧାରା ୧୧ ଯଥାଶୀଘ୍ର ଲାଗୁ କରାଇବା। ପୀଡିତଙ୍କୁ ମାଗଣାରେ ଆଇନ୍ ସହାୟତା ଦେବା। ରାଜ୍ୟ ଓ ଜିଲ୍ଲାସ୍ତରରେ ଅଧିକାରୀଙ୍କ ଭୂମିକା ନେଇ ସମସ୍ତଙ୍କୁ ଅବଗତ କରାଇବା ଏବଂ ଶେଷରେ ୧୦ ସପ୍ତାହ ମଧ୍ୟରେ ପୀଡିତଙ୍କୁ ଚିହ୍ନଟ କରିବା ସହ ଆଶ୍ରୟସ୍ଥଳରେ ପହଞ୍ଚାଇବା।

## ସଂସଦରେ ନିଜ ଉଲଗ୍ନ ଫଟୋ ଦେଖାଇଲେ ମହିଳା ସଦସ୍ୟ

**ୱେଲିଂଟନ,୩।୬(ଏଜେନ୍ସି):** ନ୍ୟୁଜିଲାଣ୍ଡ ମହିଳା ସାଂସଦ ଲାଉରା ମ୍ୟାକକ୍ଲର ସଂସଦରେ ନିଜର ଉଲଗ୍ନ ଫଟୋ ଦେଖାଇ ସମସ୍ତଙ୍କୁ ଚକିତ କରାଇଥିଲେ। କିନ୍ତୁ ଏହି ଫଟୋ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଜେନେରେଟେଡ ଥିଲା। ଏଆଇ ଦ୍ୱାର କିପର ଅତି ସହଜରେ ମାତ୍ର କେତେ ମିନିଟ୍ ମଧ୍ୟରେ ଡିପ୍ ଫେକ୍ ଫଟୋ ଉତ୍ତୋଳନ କରାଯାଇପାରିବ ସେ ସଂସଦରେ ଦର୍ଶାଇବାକୁ ପ୍ରୟାସ କରିଥିଲେ। ଏହା ମୋର ପ୍ରକୃତ ଫଟୋ ନ ଥିଲେ ମଧ୍ୟ ଅବିକଳ ମୋ ଭଳି ଦେଖାଯାଉଛି। ତେଣୁ ଅତି ସହଜରେ ଏଆଇ ଦ୍ୱାରା ଜଣଙ୍କ ପ୍ରତିଷ୍ଠା ଓ ସମ୍ମାନ ହାନୀ କରାଯାଇପାରିବ। ତେଣୁ ଏଆଇ ଓ ଡିପ୍ ଫେକ୍‌କୁ ନିୟନ୍ତ୍ରଣକୁ ଆଣିବାକୁ ଆଇନ୍ ପ୍ରଣୟନ କରିବାକୁ ସେ ପରାମର୍ଶ ଦେଇଥିଲେ।

## ବିଜେପି ନେତାଙ୍କ ହୋଟେଲରେ ହାଇପ୍ରୋଫାଇଲ ସେକ୍ସ ର୍‍ୟାକେଟ

**ଜବଲପୁର, ୩।୬ (ଏଜେନ୍ସି):** ମଧ୍ୟପ୍ରଦେଶ ଜବଲପୁରର ଗଡ଼ାରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। କ୍ଷମତାର ଛତ୍ରଛାୟାରେ ରହି ଖରାପ ଖେଳ ଚଲାଇଥିବା ଜଣେ ବିଜେପି ନେତାଙ୍କ ଗୁମର ଖୋଲି ଯାଇଛି। ବିଜେପି ନେତା ଅତୁଲ ଚୌରାସିଆଙ୍କ ହୋଟେଲରୁ ହାଇପ୍ରୋଫାଇଲ ସେକ୍ସ ର୍‍ୟାକେଟର ପର୍ଦ୍ଦାଫାସ ହୋଇଛି। ସହଯୋଗୀ ଶୀତଲ ଦୁବେଙ୍କ ସହ ମିଶି ସେ ଏହି ବେଆଇନ କାରାବାର ଚଳାଇ ଥିଲେ। ନେତା ଏବଂ ମନ୍ତ୍ରୀ ବି ଏଥିରେ ସହଯୋଗ କରୁଥିଲେ। କାରଣ ଅତୁଲ ଏହି ନେତା ଏବଂ ଅଧିକାରୀଙ୍କ ପାଖକୁ ଯୁବତୀ ପଠାଉ ଥିଲେ। କୋଲକାତା, ଆସାମ, ଝାଡ଼ଖଣ୍ଡ ଏବଂ ଛତିଶଗଡ଼ରୁ ଏହି ହୋଟେଲକୁ ଯୁବତୀଙ୍କୁ ଅଣା ଯାଉଥିଲା। ଏହି ଯୁବତୀଙ୍କୁ ଆଣିବା ପାଇଁ ମହିଳା ଏଜେଣ୍ଟଙ୍କୁ ନିଯୁକ୍ତ କରାଯାଇଥିଲା। ଆସାମର ଜଣେ ମହିଳାଙ୍କ ଅଭିଯୋଗ ପରେ ଏହାର ଖୁଲାସା ହୋଇଥିଲା। ଏହି ମହିଳା କହିଥିଲେ ଯେ ତାଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଜବଲପୁର ଅଣା ଯାଇଥିଲା। ପରେ ତାଙ୍କୁ ଦେହ ବ୍ୟବସାୟକୁ ଠେଲି ଦିଆଯାଇଥିଲା। ଗତ ୧୮ ତାରିଖରେ ଏଥିପାଇଁ ମନା କରିବାରୁ ମହିଳାଙ୍କୁ ପ୍ରକୋଷ୍ଠରେ ବନ୍ଦ କରି ଶୀତଲ ଦୁବେ ଏବଂ ତାଙ୍କ ସହଯୋଗୀ ପ୍ରବଳ ମାଡ଼ ମାରିଥିଲେ। ପରେ ହୋଟେଲରୁ ବାହାର କରିଦେଇଥିଲେ। ଏଠାରୁ ମହିଳା ସିଧା ଥାନାକୁ ଯାଇ ଅଭିଯୋଗ କରିଥିଲେ ଏବଂ ସମସ୍ତ ଘଟଣା କହିଥିଲେ। ସେ ଗତ ଛଅ ମାସ ଧରି ଅଭିଯୋଗ ନେଇ ଥାନାକୁ ଆସୁଥିଲେ, କିନ୍ତୁ ଅତୁଲଙ୍କ ରାଜନୈତିକ ପ୍ରଭାବ ଯୋଗୁଁ କେହି ଏହା ଶୁଣୁ ନ ଥିଲେ। ଏବେ ପୁଲିସ ଅତୁଲକୁ ଗିରଫ କରିଛି ଏବଂ ଶୀତଲ ଫେରାର ଅଛି।

୩୨ ବର୍ଷୀୟା ପୀଡିତା କହିଛନ୍ତି ଯେ ତିନି ବର୍ଷ ପୂର୍ବେ ଦଲାଲ ମନୀଷା ତାଙ୍କୁ ଭଲ ଚାକିରିର ପ୍ରତିଶ୍ରୁତି ଦେଇ ଆସାମରୁ ଜବଲପୁରକୁ ଡକାଇଥିଲେ। ଏଠାରେ ତାଙ୍କୁ ଅତୁଲଙ୍କ ହୋଟେଲରେ ଅତିଥି ଭାବରେ ରହିବାକୁ କୁହାଯାଇଥିଲା। ପରେ ଅସହାୟତାର ସୁଯୋଗ ନେଇ ବେଶ୍ୟାବୃତ୍ତିକୁ ଠେଲି ଦିଆଯାଇଥିଲା। ଏଠାରୁ ଝିଅଙ୍କୁ ରାଜନେତା, ଅଧିକାରୀ ଏବଂ ଅନ୍ୟାନ୍ୟ ପ୍ରଭାବଶାଳୀ ଲୋକଙ୍କ ପାଖକୁ ପଠାଯାଉଥିଲା। ପ୍ରତିଦିନ ରାତିରେ ଲୋକେ ଆସୁଥିଲେ ଏବଂ ସକାଳୁ ଚାଲି ଯାଉଥିଲେ। ଏହି ବ୍ୟବସାୟ ଗତ ତିନି ବର୍ଷ ଧରି ଚାଲିଥିଲା। ହୋଟେଲ କର୍ମଚାରୀ ମଧ୍ୟ ଏହି ର୍‍ୟାକେଟରେ ସମ୍ପୂର୍ଣ୍ଣ ଜଡିତ ଥିଲେ। ଶୀତଲ ଏହି ର୍‍ୟାକେଟର ମୁଖ୍ୟ ଦଲାଲ ଥିଲା। ସେ ନିଜକୁ କିନ୍ନର କହୁଥିଲା। ସେ ସବୁ ବ୍ୟବସ୍ଥା ବୁଝୁଥିଲା। ଗ୍ରାହକଙ୍କଠାରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଥିଲା। କିନ୍ତୁ ଯୁବତୀଙ୍କୁ ୫୦୦ରୁ ହଜାରେ ଟଙ୍କା ଦିଆଯାଉଥିଲା। ଝିଅଙ୍କୁ ଗୋଟି ଶ୍ରମିକ ଭଳି ରଖାଯାଉଥିଲା।



- ନେତା-ମନ୍ତ୍ରୀଙ୍କ ପାଖକୁ ପଠା ଯାଉଥିଲେ ଯୁବତୀ
- କୋଲକାତା, ଆସାମ, ଝାଡ଼ଖଣ୍ଡ, ଛତିଶଗଡ଼ରୁ ଆସୁଥିଲେ ଯୁବତୀ
- ଯୁବତୀଙ୍କୁ ଆଣିବା ପାଇଁ ହାତ ବାରିସି ସାଜିଥିଲେ ମହିଳା ଏଜେଣ୍ଟ
- ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୂର୍ବରୁ ଶୁଣି ନ ଥିଲା ପୁଲିସ

ଇସ୍ପାତ ପ୍ରକଳ୍ପ

# ଆନ୍ଧ୍ରରେ ଦ୍ରୁତ; ଓଡ଼ିଶାରେ ମନ୍ଥର

■ ୪ ମାସରେ ସରିଲା ଆର୍ସେଲର ମିତ୍ତଲ ଜମି ଅଧିଗ୍ରହଣ
■ ଅନିଶ୍ଚିତତାରେ କେନ୍ଦ୍ରାପଡ଼ା ପ୍ରସ୍ତାବିତ ଇସ୍ପାତ କାରଖାନା


ଭୁବନେଶ୍ୱର,୩।୬(ସମିସ): କେନ୍ଦ୍ରାପଡାରେ ପ୍ରସ୍ତାବିତ ଆର୍ସେଲର ମିତ୍ତଲ- ନିପ୍ପନ ଷ୍ଟିଲ କାରଖାନାକୁ ଅନିଶ୍ଚିତତା ଲାଗି ରହିଛି। ଗୋଟିଏ ପଟେ ଓଡ଼ିଶାରେ ପ୍ରସ୍ତାବିତ କାରଖାନା ପାଇଁ ଜମି ଅଧିଗ୍ରହଣଠାରୁ ଆରମ୍ଭ କରି ବିଭିନ୍ନ ପ୍ରଶାସନିକ ଅନୁମୋଦନ ପ୍ରକଳ୍ପକୁ ବିଳମ୍ବିତ ହୋଇ ଚାଲିଛି; ଅନ୍ୟପଟେ ପଡ଼ୋଶୀ ଆନ୍ଧ୍ର ପ୍ରଦେଶରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ପାଇଁ ସ୍ଥାନୀୟ ସରକାର ଫୁଲ୍ ଦମରେ ଲାଗି ପଡ଼ିଛନ୍ତି। ଯାହାଫଳରେ ଆନ୍ଧ୍ରରେ ପ୍ରକଳ୍ପ କାର୍ଯ୍ୟନ୍ୱୟନ ଗତି ଜୋର୍ ଧରିଥିବା ବେଳେ ଓଡ଼ିଶାର କେନ୍ଦ୍ରାପଡ଼ାରେ ଦେଶର ଏହି ବୃହତ୍ ଶିଳ୍ପ ପ୍ରକଳ୍ପକୁ ନେଇ ସଂଶୟ ଏବଂ ସନ୍ଦେହ ଘନୀଭୂତ ହେବାରେ ଲାଗିଛି।

ସୂଚନା ଅନୁସାରେ ଆନ୍ଧ୍ରପ୍ରଦେଶରେ ଆର୍ସେଲର ମିତ୍ତଲ ପ୍ରଥମ ପର୍ଯ୍ୟାୟରେ ୫୫୯୬୧ କୋଟି ଟଙ୍କା ନିବେଶ କରିବ । ୨୨୦୦ ଏକର ଜମିରେ ଏହି ପ୍ରକଳ୍ପ ଆସନ୍ତା ୨୦୨୯ ଜାନୁଆରୀ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୮୦ ହଜାର କୋଟି ଟଙ୍କା ନିବେଶ ହେବ ଓ ୨୦୩୩ ସୁଦ୍ଧା ଏହାର ଉତ୍ପାଦନ ଆରମ୍ଭ ହେବ। ଉଭୟ ପର୍ଯ୍ୟାୟ ଶେଷ ହେବା ପରେ ଏହାର ମୋଟ ଉତ୍ପାଦନ କ୍ଷମତା ୧୭.୮ ଏମଟିପିଏକୁ ବୃଦ୍ଧି ପାଇବ। ଆଗାମୀ ଦିନରେ ଏହି ପ୍ରକଳ୍ପକୁ ଗୁରୁରାଟରେ ବର୍ତ୍ତମାନ ସମ୍ପ୍ରସାରିତ କରାଯାଉଥିବା ହାଜିରା ପୋର୍ଟ ସହ ସଂଯୋଗ କରାଯିବ । ଆନ୍ଧ୍ର ପ୍ରଦେଶର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ନାରା ଲୋକେଶଙ୍କ ଅନୁଯାୟୀ ଏହି ପ୍ରକଳ୍ପ ପାଇଁ ଅସ୍ଥାୟୀ(ପ୍ରୋଭିଜିଓନାଲ) ଜମି ଆବଣ୍ଟନ ପ୍ରକ୍ରିୟା ରେକର୍ଡ ୪ ମାସ ମଧ୍ୟରେ ସମାପ୍ତ ହୋଇଛି। ପ୍ରକଳ୍ପ କାର୍ଯ୍ୟନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟର ନୂଆ ଶିଳ୍ପ ନୀତି ଅନୁଯାୟୀ ପଦକ୍ଷେପ ନିଆଯାଉଛି। ଏପରିକି ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ଶେଷ ହେବା ପାଇଁ ରାଜ୍ୟ ସରକାର ଆବଶ୍ୟକୀୟ ପ୍ରୋତ୍ସାହନ ଏବଂ ରିଆତି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଯୋଗାଇ ଦେବେ ବୋଲି ସେ କହିଛନ୍ତି।

ଅପରପକ୍ଷେ ଦୁଇଟି ପର୍ଯ୍ୟାୟରେ କେନ୍ଦ୍ରାପଡାରେ ନିପ୍ପନ ଷ୍ଟିଲର ୨୪ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଷ୍ଟିଲ କାରଖାନା କାର୍ଯ୍ୟକାରୀ ଥିବାକୁ ହେଲେ ହେଁ ବର୍ତ୍ତମାନ ସୁଦ୍ଧା ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ପ୍ରକଳ୍ପ ପାଇଁ ମୋଟ ୭୮୧୮ ଏକର ଜମି ଯୋଗାଇ ଦେବାକୁ ସରକାରୀସ୍ତରରେ ନିଷ୍ପତ୍ତି ହୋଇଛି। ଗତ ଡିସେମ୍ବରରେ ରାଜ୍ୟ ସରକାର ମହାକାଳପଡ଼ାର ବଡ଼ଟୁବି ଗ୍ରାମରେ ପ୍ରକଳ୍ପ ପାଇଁ ଭୂମି ଅଧିଗ୍ରହଣ ସକାଶେ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ବିଜ୍ଞପ୍ତି ଅନୁଯାୟୀ ବଡ଼ଟୁବି ଗ୍ରାମରେ ଆର୍ସେଲର ନିପ୍ପନ ପାଇଁ ୩୮୩ ଏକର ଜମି ଅଧିଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଏହି ଜମି ଅଧିଗ୍ରହଣ ପାଇଁ ଯାଞ୍ଚ ପ୍ରକ୍ରିୟା ଏବେ ମଧ୍ୟ ଜାରି ରହିଛି। ସେହିପରି ପ୍ରକଳ୍ପ କାର୍ଯ୍ୟନ୍ୱୟନ ପାଇଁ ଜଙ୍ଗଲ ଏବଂ ପରିବେଶ ମଞ୍ଜୁରୀ ପ୍ରକ୍ରିୟା ମଧ୍ୟ ଜାରି ରହିଛି। ପ୍ରକଳ୍ପ ପାଇଁ ପାଣି, ବିଦ୍ୟୁତ୍, ରାସ୍ତା ଏବଂ ଅନ୍ୟ ଆବଶ୍ୟକତାକୁ ସରକାର ନଜରରେ ରଖି ଯେଉଁ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କୁହାଯାଉଥିଲେ ହେଁ ଏହା ସେପରି ଆଖିଦୃଶିଆ ହୋଇ ପାରିନାହିଁ।

## ସୋଲାର କରେଣ୍ଟ ଲାଗି ମାଈ ହାତୀ ମୃତ

ଅନୁଗୋଳ/ଛେଣ୍ଡିପଦା,୩।୬(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ ନୂଆଗାଁ ପଞ୍ଚାୟତର ଡଙ୍କାପାଳ ଗ୍ରାମ ନିକଟ ନାଳିଆସାହିଠାରେ ୨୫ବର୍ଷୀୟ ଏକ ମାଈହାତୀର ମୃତଦେହ ଠାବ ହୋଇଛି। ସୌର୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସୋମବାର ରାତି ପ୍ରାୟ ୮ଟା ବେଳେ ହାତୀଟିର ମୃତ୍ୟୁ ଘଟିଥିବା ବନ ବିଭାଗର ତଦନ୍ତରୁ ଜଣାପଡ଼ିଛି। ପ୍ରାଣୀଧନ ଚିକିତ୍ସକ ହାତୀର ବ୍ୟବଚ୍ଛେଦ କରିବା ପରେ ତାକୁ ମାଟିରେ ପୋତି ଦିଆଯାଇଛି।



ବନ୍ୟପ୍ରାଣୀ ମୁଖ୍ୟ ସଂରକ୍ଷକ(ପିସିସିଏଫ୍)ଙ୍କ ନିର୍ଦ୍ଦେଶରେ ବନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ମଙ୍ଗଳବାର ଘଟଣାସ୍ଥଳରେ ତଦନ୍ତ କରିଥିଲେ। ମଙ୍ଗଳବାର ସକାଳେ ଛେଣ୍ଡିପଦା ବନ ବିଭାଗର ଅଧିକାରୀ ଓ କର୍ମଚାରୀ ପ୍ରାଥମିକ ତଦନ୍ତ କରିଥିଲେ। ଗ୍ରାମକୁ ହାତୀ ପ୍ରବେଶ ନ କରିବା ପାଇଁ ଜଙ୍ଗଲ ଓ ଗ୍ରାମ୍ୟ ସୀମାରେ ସୌରଶକ୍ତି ତାର ବାଡ଼ ଦିଆହାଇଛି। ୧୭ଟିକିଆ ହାତୀପଲ ସୋମବାର ଅପରାହ୍ଣରେ ଉକ୍ତ ସୌରଶକ୍ତି ତାରବାଡ଼ ଅତିକ୍ରମ କରି ଗ୍ରାମ ନିକଟ ନାଳିଆସାହି ନିକଟକୁ ଆସିଥିଲେ। ସେଠାରେ ଗ୍ରାମର ପଙ୍କଜ ପ୍ରଧାନଙ୍କ ନିଜସ୍ୱ ସୌରବାଡ଼ ସଂସ୍ପର୍ଶରେ ଆସିବାରୁ ଏକ ମାଈ ହାତୀଟି ଟଳି ପଡ଼ିଥିଲା। ପରେ ଛେଣ୍ଡିପଦା ରେଞ୍ଜରଙ୍କ ସହ ଅନୁଗୋଳ ଡିଏଫ୍ଓ ନୀତୀଶ କୁମାର, ଏସିଏଫ୍ ବିଦ୍ୟାସାଗର, ଭୁବନେଶ୍ୱରରୁ ଆସିଥିବା ଟାସ୍କଫୋର୍ସ, ଅନୁଗୋଳର ରାପିଡ୍ ଆକ୍ସନ୍ ଫୋର୍ସ ଓ ବନ୍ୟପ୍ରାଣୀ ଡାକ୍ତରୀ ଟିମ, ସମସ୍ତ ବନ କର୍ମଚାରୀ ତଦନ୍ତ କରିଥିଲେ। ଲୋକେ କିନ୍ତୁ ବନ ବିଭାଗର ଅବହେଳା ପାଇଁ ହାତୀର ମୃତ୍ୟୁ ହୋଇଥିବା ଅଭିଯୋଗ କରୁଛନ୍ତି। ପରପକ୍ଷରେ, ବନ ବିଭାଗ ପକ୍ଷରୁ ସମ୍ପୃକ୍ତ ସୋଲାର ଫେନସିଙ୍ଗ ମେସିନ ଓ ତାର ବାଡ଼କୁ ଜବତ କରିବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି।

'ଆୟୁଷ୍ମାନ' ଯନ୍ତ୍ରଣା

# ୬ ସପ୍ତାହ ପରେ ବି ମିଳୁନାହିଁ କାର୍ଡ

■ ସେବା ପାଇପାରୁନାହାନ୍ତି ଯୋଗ୍ୟ ହିତାଧିକାରୀ
■ ବାହାର ରାଜ୍ୟରେ କଲବଲ ହେଉଛନ୍ତି ରୋଗୀ

ଭୁବନେଶ୍ୱର, ୩।୬(ସମିସ): ଗତ ଏପ୍ରିଲ୍ ମାସରୁ ରାଜ୍ୟରେ 'ଆୟୁଷ୍ମାନ ଭାରତ' ଯୋଜନା ଲାଗୁ ହେଲାଣି। ହେଲେ ଏପର୍ଯ୍ୟନ୍ତ ଅଧାରୁ ଅଧିକ ହିତାଧିକାରୀଙ୍କୁ କାର୍ଡ ମିଳିନାହିଁ। ଏମିତିକି ଅଧିକାଂଶ ହିତାଧିକାରୀଙ୍କୁ କାର୍ଡ ମିଳିଥିଲେ ହେଁ ପରିବାର ସଦସ୍ୟଙ୍କ ନାଁ ନାହିଁ। ସେହିପରି ରାଜ୍ୟ ବାହାରେ ରହୁଥିବା ଲୋକଙ୍କୁ ବି ଏହି କାର୍ଡରେ ଚିକିତ୍ସା ମିଳିବ ବୋଲି କୁହାଯାଇଥିଲେ ହେଁ ବାସ୍ତବରେ ଏହା ମଧ୍ୟ କାର୍ଯ୍ୟାନ୍ୱୟନ ହୋଇପାରି ନାହିଁ। ସରକାରଙ୍କ ଘୋଷଣା ପରେ ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟରେ ପରିବାର ସହ ରହୁଥିବା ଲୋକମାନେ ଏହାକୁ ନେଇ ଆଶ୍ୱସ୍ତ ହୋଇଥିଲେ। ମାତ୍ର ସେମାନଙ୍କ ଭିତରୁ ଅଧିକାଂଶ ଲୋକଙ୍କୁ ଏପର୍ଯ୍ୟନ୍ତ କାର୍ଡ ମିଳିନାହିଁ, ତେଣୁ ସ୍ୱାଭାବିକ ଭାବରେ ସେମାନେ ଚିକିତ୍ସା ସେବା ପାଇପାରୁନାହାନ୍ତି। ଏହି ଯୋଜନା ଲାଗୁ ହେବା ପରେ ମାଳମାଳ ସମସ୍ୟା ଉପୁଜୁଥିଲେ ହେଁ ସରକାର ଏହାକୁ ସମାଧାନ କରୁନଥିବା ଅଭିଯୋଗ ହେଉଛି।

ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ଲାଗୁ ହେଲେ ରାଜ୍ୟରେ ୩ କୋଟି ୫୨ ଲକ୍ଷ ଲୋକ ଉପକୃତ ହେବେ ବୋଲି ସରକାର କହିଲେ। ରାଜ୍ୟ ଓ ରାଜ୍ୟ ବାହାରର ୨୯ ହଜାର ଡାକ୍ତରଖାନାରେ ଏହି ଯୋଜନାରେ ଲୋକେ ମାଗଣାରେ ଚିକିତ୍ସା ସୁବିଧା ପାଇପାରିବେ ବୋଲି ଜୋରଦାର ପ୍ରଚାର କଲେ। ମାତ୍ର ତୃଣମୂଳସ୍ତରରେ ଉପୁଜୁଥିବା ସମସ୍ୟାର ସମାଧାନ ଏଯାଏ ହୋଇ ପାରିଲା ନାହିଁ। କେନ୍ଦ୍ର ସରକାରଙ୍କ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟ ସରକାର ଏହାକୁ ଯେତିକି ଗୁରୁତ୍ୱ ଦେବା କଥା, ସେତିକି ଦେଉନାହାନ୍ତି। ଫଳରେ ଲୋକମାନଙ୍କର ସମସ୍ୟାର ସମାଧାନ ହୋଇପାରୁନି ବୋଲି ଖୋଦ୍ ହିତାଧିକାରୀ ଅଭିଯୋଗ ଆଣିଛନ୍ତି। ପୂର୍ବରୁ ରାଜ୍ୟରେ ବିଜେଡି ସରକାର 'ବିଜୁ ସ୍ୱାସ୍ଥ୍ୟ କାର୍ଡ' ଯୋଜନା ପ୍ରଣୟନ କରିଥିଲେ। ସେଥିରେ ରାଜ୍ୟ ଭିତରେ ୯ ଶହ ହସ୍ପିଟାଲ୍‌ରେ ଦେୟମୁକ୍ତ ଚିକିତ୍ସା ସେବା ମିଳୁଥିଲା। ଯେ କୌଣସି ସମସ୍ୟା ଉପୁଜୁଥିଲା, ମାତ୍ର ୨୪ ଘଣ୍ଟା ଭିତରେ ସମାଧାନ ହୋଇଯାଉଥିଲା। ମାତ୍ର ଆୟୁଷ୍ମାନ ଭାରତରେ ସେଭଳି ହେଉନାହିଁ ବୋଲି ଅଭିଯୋଗ ହୋଇଛି ।

ବ୍ଲକ୍ ଗୁଡ଼ିକରେ ଯେତିକି ସଂଖ୍ୟକ ହିତାଧିକାରୀ ଅଛନ୍ତି, ସେମାନଙ୍କୁ ଦୁଇଟି ପର୍ଯ୍ୟାୟରେ କାର୍ଡ ଦିଆଯାଇଥିଲେ ହେଁ ସଂପୂର୍ଣ୍ଣ କାର୍ଡ ପହଞ୍ଚି ପାରିନାହିଁ। ତେଣୁ ଲୋକମାନେ କାର୍ଡ ପାଇବାରୁ ବଞ୍ଚିତ ହେଉଛନ୍ତି। ଆଶା ଓ ଅଙ୍ଗନବାଡି ୱାର୍କର କାର୍ଡ ବଣ୍ଟନ ଦାୟିତ୍ୱରେ ଅଛନ୍ତି। ଏଥିସହ ହିତାଧିକାରୀ ନିଜେ ମଧ୍ୟ ଚାହିଁଲେ ଅନ୍‌ଲାଇନ୍‌ରୁ ନିଜର କାର୍ଡ ଡାଉନ୍‌ଲୋଡ୍ କରିପାରିବ। ହେଲେ ଯେଉଁମାନେ କାର୍ଡ ପାଇନାହାନ୍ତି, ସେମାନେ ଚେଷ୍ଟା କରି ମଧ୍ୟ ଅନ୍‌ଲାଇନ୍‌ରୁ କାର୍ଡ ଡାଉନ୍‌ଲୋଡ୍ କରିପାରୁନାହାନ୍ତି। ଏଥିସହ କିଛି ଲୋକଙ୍କର କାର୍ଡରେ ଅନ୍ୟ ଲୋକମାନେ ଯୋଡ଼ି ହୋଇଛନ୍ତି। ତାକୁ ନେଇ ମଧ୍ୟ ବିରାଟ ସମସ୍ୟା ସୃଷ୍ଟି ହେଉଛି। ବିଭିନ୍ନ ସମସ୍ୟା ଥିବା ରୋଗୀମାନଙ୍କୁ ଓଡ଼ିଶାରେ ଯଦିଓ ସେବା ମିଳୁଛି, କିନ୍ତୁ ଓଡ଼ିଶା ବାହାରେ ଚିକିତ୍ସା ସେବା ପାଇବାରେ ସମସ୍ୟା ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବିଏସ୍‌କେୱାଇ ଯୋଜନାକୁ ରାଜ୍ୟ ସରକାର ସଂପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରୁଥିଲେ। ତେଣୁ ଯାହା ସମସ୍ୟା ଉପୁଜୁଥିଲା, ତା'ର ତୁରନ୍ତ ସମାଧାନ କରାଯାଇ ପାରୁଥିଲା। ମାତ୍ର ଆୟୁଷ୍ମାନ କେନ୍ଦ୍ରୀୟ ଯୋଜନା ହୋଇଥିବାରୁ ସମସ୍ୟା ସମାଧାନ କରିବାରେ ବିଳମ୍ବ ହେଉଛି। ବାହାର ରାଜ୍ୟରେ ରହୁଥିବା ଲୋକମାନଙ୍କର ତାଲିକା ପ୍ରସ୍ତୁତ କରାଯାଇ ତାଙ୍କୁ ଆମେ ଅଗ୍ରାଧିକାର ଭିତ୍ତିରେ ଦେବାକୁ ଚେଷ୍ଟା କରିବୁ । ପ୍ରାଥମିକ ପର୍ଯ୍ୟାୟରେ କିଛି ସମସ୍ୟା ଉପୁଜୁଥିଲା, ଏବେ ତା'ର ସମାଧାନ କରାଯାଉଛି। ଖୁବ୍‌ଶୀଘ୍ର ଏହା ବ୍ୟବସ୍ଥିତ ହୋଇଯିବ ବୋଲି ସେ କହିଛନ୍ତି।

## ସତକୋଶିଆରେ ପୁଣି ଜନ୍ମହେଲେ ୩୦ ଘଡ଼ିଆଳ

ଅନୁଗୋଳ, ୩।୬(ସମିସ): ମହାନଦୀର ସାତକୋଶିଆ ଗଣ୍ଡରେ ପୁଣି ଖୁସି ଖବର। ଗତ ସପ୍ତାହରେ ବିରଳ ଘଡ଼ିଆଳ ଯୋଡ଼ା ପୁଣି ଥରେ ୩୦ଟି ଘଡ଼ିଆଳ ଛୁଆ ଫୁଟାଇଛନ୍ତି। ଗତ ୨୦୨୧ଠାରୁ ଚଳିତବର୍ଷ ମଧ୍ୟରେ ଲଗାତାର ଭାବେ ସେହି ଗୋଟିଏ ଯୋଡ଼ା ଘଡ଼ିଆଳ ଛୁଆ ଫୁଟାଉଥିବାରୁ ମହାନଦୀ ସାତକୋଶିଆ ଗଣ୍ଡ ଘଡ଼ିଆଳ ବଂଶ ବୃଦ୍ଧି ପାଇ ଉତ୍କୃଷ୍ଟ ପ୍ରାକୃତିକ ସ୍ଥାନ ବୋଲି ପ୍ରମାଣିତ ହୋଇଛି। ଫଳରେ ବନ ବିଭାଗ, ପରିବେଶପ୍ରେମୀ ଓ ବନ୍ୟଜନ୍ତୁପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି।

୨୦୨୧ରେ ୨୮ଟି, ୨୦୨୨ରେ ୩୨ଟି, ୨୦୨୩ରେ ୩୫ଟି, ୨୦୨୪ରେ ୩୫ଟି ଘଡ଼ିଆଳ ଛୁଆ ଜନ୍ମ ହୋଇଥିଲେ। ଚଳିତ ବର୍ଷ ପୁଣି ଥରେ ୩୦ଟି ଛୁଆ ସହ ଏହି ସ୍ଥାନରେ ମୋଟ ୧୬୦ଟି ଛୁଆ ଗତ ୫ ବର୍ଷ ମଧ୍ୟରେ ଜନ୍ମ ହୋଇଛନ୍ତି। ବନ ବିଭାଗ ତରଫରୁ ସେହି ଛୁଆଗୁଡିକର ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି। ଗଣ୍ଡ ଭିତରେ ମୋଟର ବୋଟ ଚଳାଚଳ ବନ୍ଦ କରାଯାଇଥିବା ବେଳେ କାଠ ଡଙ୍ଗାରେ ମାଛ ମାରିବା ଉପରେ କଟକଣା ଲଗାଯାଇଛି। ଏକ ସ୍ୱତନ୍ତ୍ର ଟିମ ଗଣ୍ଡ ଭିତରେ ପଇଁତରା ମାରୁଛନ୍ତି। ସେଠାରେ ଲଗାଯାଇଥିବା ସିସିଟିଭି କ୍ୟାମେରା ଜରିଆରେ ଘଡ଼ିଆଳ ଯୋଡ଼ା ଏବଂ ଛୁଆ ଗୁଡିକର ସ୍ଥିତି ପର୍ଯ୍ୟବେକ୍ଷଣ ପ୍ରତିବର୍ଷ ଜୁନ ଓ ଜୁଲାଇ ମାସ ବେଳକୁ ନଦୀ ବଢି ହେଉଥିବାରୁ ଘଡ଼ିଆଳ ଛୁଆ ଭାସି ଯିବାର ନଜିର ରହିଛି। ତେଣୁ ଚଳିତ ବର୍ଷ ମହାନଦୀରେ ବଢି ଆସିବା ସଂକେତ ମିଳିଲେ ଘଡ଼ିଆଳ ଛୁଆଗୁଡିକୁ ସେଠାରୁ ସୁରକ୍ଷିତ ଅଣାଯାଇ ଅନ୍ୟଏକ ପ୍ରାକୃତିକ ଆବାସରେ ରଖାଯିବାର ବ୍ୟବସ୍ଥା କରାଯାଇଛି। ଘଡ଼ିଆଳ ହେଉଛି ଏକ ବିରଳ ପ୍ରଜାତିର କୁମ୍ଭୀର। ସେମାନଙ୍କର ବଞ୍ଚିବା ହାର ବହୁତ କମ ଅର୍ଥାତ ଶତକଡା ୧ଭାଗ ବୋଲି ଆକଳନ କରାଯାଇଛି । ସେଥିପାଇଁ ଗତ ପ୍ରାୟ ୩ ବର୍ଷ ହେବ ନନ୍ଦନକାନନରେ ଘଡ଼ିଆଳ ପୁନରୁଦ୍ଧାର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ସେଠାରୁ ବିଭିନ୍ନ ସମୟରେ ଘଡ଼ିଆଳ ଆଣି ମହାନଦୀ ଗଣ୍ଡରେ ଛଡ଼ାଯାଉଛି। ଗତ ୩ ବର୍ଷ ମଧ୍ୟରେ ଏଠାରେ ୨୦ରୁ ଅଧିକ ଘଡ଼ିଆଳ ଛଡ଼ାଯାଇଛି। ପ୍ରାକୃତିକ ପରିବେଶରେ ଏହି ପ୍ରକଳ୍ପ ଜରିଆରେ ଶତକଡା ୮୦ ଭାଗ ସଫଳତା ମିଳିପାରିଛି। ଦୀର୍ଘ ୪୦ ବର୍ଷ ପରେ ସାତକୋଶିଆ ଗଣ୍ଡରେ ପ୍ରଥମ ଥର ପାଇଁ ୨୦୨୧ରେ ୨୮ଟି ଘଡ଼ିଆଳ ଛୁଆ ପ୍ରାକୃତିକ ପରିବେଶରେ ଜନ୍ମ ହୋଇଥିଲେ। ସେତେବେଳେ ସବୁଆଡେ ଖୁସି ଦେଖା ଦେଇଥିଲା। ଏପରିକି ସେ ସମୟର ମୁଖ୍ୟମନ୍ତ୍ରୀ ମଧ୍ୟ ଟୁଇଟ କରି ନିଜର ଖୁସି ବ୍ୟକ୍ତ କରିଥିଲେ। କାରଣ ଭାରତରେ ଗଣ୍ଡକ ଓ ଚମ୍ବଲ ନଦୀରେ ଘଡ଼ିଆଳ ଦେଖାଯାଆନ୍ତି।

## ଅଣ୍ଡା ତରକାରୀ ପାଇଁ ସ୍ତ୍ରୀକୁ ପିଟିପିଟି ହତ୍ୟା

ଉଦଳା, ୩।୬(ସମିସ): ଅଣ୍ଡା ତରକାରୀ ନ ଦେବାରୁ ସ୍ତ୍ରୀକୁ ପିଟିପିଟି ହତ୍ୟା କରିଛି ମଦ୍ୟପ ସ୍ୱାମୀ। ଏଭଳି ଏକ ଆପରାଧିକ ଘଟଣା ଘଟିଛି ଉଦଳା ଥାନା ବହୁବନ୍ଧ ପଞ୍ଚାୟତ କୁଟଲିଂ ବନ୍ଧସାହି ଗାଁରେ। ମୃତ ମହିଳା ହେଲେ, ଗ୍ରାମର ବାସନ୍ତୀ ବାସ୍କେ। ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏହାସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଲମା ବାସ୍କେ(୪୧)କୁ ଗିରଫ କରିଛି।



ସୂଚନାନୁଯାୟୀ, ଆଜି ମଧ୍ୟାହ୍ନରେ ଲମା ଖାଇ ବସିଥିବା ବେଳେ ଅଣ୍ଡା ତରକାରୀ ନ ଥିବା ଦେଖି ବାସନ୍ତୀଙ୍କୁ ଗାଳିମନ୍ଦ କରିଥିଲେ। ବାସନ୍ତୀ ପ୍ରତ୍ୟୁତ୍ତର ଦେବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ସେ ପାଖରେ ପଡ଼ିଥିବା ଏକ ନିଆଁଫୁଙ୍କା ନଳୀରେ ତାଙ୍କୁ ନିସ୍ତୁକ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ବାସନ୍ତୀଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଉଦଳା ଥାନା ଅଧିକାରୀ ବନମାଳୀ ବାରିକ ସମେତ ପୁଲିସ ପହଞ୍ଚି ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଥିଲେ।

## ଏଫ୍ଏମ୍ଏମ୍‌ସିଏଚ୍‌କୁ ଶବ ଅଭାବ

■ ପିଲାଙ୍କ ପ୍ରାକ୍ଟିକାଲ ଶିକ୍ଷା ବାଧାପ୍ରାପ୍ତ
■ ପ୍ରତିବର୍ଷ ଅନ୍ୟୂନ ୪ ଶବ ଆବଶ୍ୟକ
■ ଯୋଗାଡ଼ଯନ୍ତ୍ରରେ ମିଳିଛି ୧୧ ମୃତଦେହ
■ ବ୍ୟାପକ ସଚେତନତା ଓ ପୁଲିସ୍ ସହଯୋଗ ଦରକାର: ପ୍ରଫେସର୍



ବାଲେଶ୍ୱର,୩।୬(ସମିସ): ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲର ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ପ୍ରାକ୍ଟିକାଲ ଶିକ୍ଷା ପାଇଁ ମୃତଦେହର ଘୋର୍ ଅଭାବ ଦେଖିବାକୁ ମିଳୁଛି। ପ୍ରତିବର୍ଷ ଅନ୍ୟୂନ ୪ଟି ମୃତଦେହର ଆବଶ୍ୟକତା ଥିବା ବେଳେ ଗତ ୭ ବର୍ଷ ଭିତରେ ଅର୍ଥାତ୍ ଏମ୍‌ବିବିଏସ୍ ପାଠ୍ୟକ୍ରମ ଆରମ୍ଭ ହେବାଠାରୁ ମାତ୍ର ୧୧ଟି ମୃତଦେହ ମିଳିପାରିଛି। ସେଥିମଧ୍ୟରୁ ଚଳିତବର୍ଷ କଟକ ଏସ୍‌ସିବିରୁ ୫ଟି ଶବ ଅଣାଯାଇଛି। ଆବଶ୍ୟକତା ଅନୁଯାୟୀ ଶବ ମିଳୁନଥିବାରୁ ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କ ପ୍ରାକ୍ଟିକାଲ ଶିକ୍ଷା ପ୍ରଭାବିତ ହେଉଛି।

ବାଲେଶ୍ୱର ସହର ସଂଲଗ୍ନ ରେମୁଣା ବିଜ୍ଞାପିତ ଅଞ୍ଚଳରେ ଅବସ୍ଥିତ ଏହି ମେଡିକାଲ (ଏଫ୍ଏମଏମସିଏଚ) କଲେଜରେ ଗତ ୨୦୧୮ ମସିହାଠାରୁ ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଆରମ୍ଭ ହୋଇଛି। ୧୦୦ ସିଟ୍ ବିଶିଷ୍ଟ ଏହି ସରକାରୀ ଶିକ୍ଷାନୁଷ୍ଠାନରେ ଏମ୍‌ବିବିଏସ୍ ଛାତ୍ରଛାତ୍ରୀମାନଙ୍କ ଶିକ୍ଷା ପାଇଁ ଆବଶ୍ୟକ ମେଡିକାଲ ଯନ୍ତ୍ରପାତି ଓ ସରଞ୍ଜାମ ସରକାର ଯୋଗାଇ ଦେଇଛନ୍ତି। ମାତ୍ର କଲେଜର ଆନାଟୋମି ବିଭାଗରେ ଆବଶ୍ୟକତା ଥିବା ମୃତ ବ୍ୟକ୍ତିଙ୍କ ଶରୀରର ଅଭାବ ହେତୁ ସମସ୍ୟା ଉପୁଜୁଛି। ଛାତ୍ରଛାତ୍ରୀଙ୍କ ପ୍ରାକ୍ଟିକାଲ ଶିକ୍ଷା ପାଇଁ ମୃତ ବ୍ୟକ୍ତିଙ୍କ ଅକ୍ଷତ ଶରୀର ଆବଶ୍ୟକ ହୋଇଥାଏ। ହେଲେ ଆବଶ୍ୟକତା ଅନୁଯାୟୀ ମୃତଦେହ ମିଳୁନି। ଏହି ସମସ୍ୟା ସୃଷ୍ଟି ହେବା କାରଣ ପଛରେ ମୁଖ୍ୟତଃ ମୃତ୍ୟୁ ପୂର୍ବରୁ ସ୍ୱେଚ୍ଛାକୃତ ଭାବେ କେହି ଶରୀରର ସମସ୍ତ ଅଙ୍ଗଦାନ କରିବାକୁ କହି ଚାହୁଁନାହାନ୍ତି।

ପ୍ରତିବର୍ଷ ଛାତ୍ରଛାତ୍ରୀମାନଙ୍କ ପ୍ରାକ୍ଟିକାଲ ଶିକ୍ଷା ପାଇଁ ନିହାତି ୪ଟି ମୃତଶରୀରର ଆବଶ୍ୟକ ରହିଛି। ଚଳିତବର୍ଷ ଏସସିବି କଲେଜରୁ ୫ଟି ମୃତଶରୀର ମାଗି ଆଣିଛି ଏଫ୍ଏମଏମସିଏଚ। ହୁଏତ ଚଳିତ ବର୍ଷ ଏହି ୫ଟି ମୃତଶରୀର ଦ୍ୱାରା ଡ଼ାକ୍ତରୀ ଛାତ୍ରଛାତ୍ରୀମାନଙ୍କ ପ୍ରାକ୍ଟିକାଲ ଶିକ୍ଷା ହେଇଯିବ। ହେଲେ ଆଗାମୀ ବର୍ଷ ପାଇଁ ଆବଶ୍ୟକ ହେଉଥିବା ମୃତଦେହ ପୁଣି ଅନ୍ୟ କେଉଁ ମେଡିକାଲ୍ କଲେଜରୁ ଆଣିବାକୁ ପଡ଼ିବ। ତେଣୁ, ଜିଲ୍ଲାର ଜନ ସାଧାରଣ ଏଥିପ୍ରତି ସଚେତନ ହୋଇ ମୃତ୍ୟୁ ପୂର୍ବରୁ ସର୍ବାଙ୍ଗ ଦାନ କରିବାକୁ ଆଗେଇ ଆସିବା ଦରକାର।

ଏ ସଂପର୍କରେ ମୃତ୍ୟୁ ପୂର୍ବରୁ ସର୍ବାଙ୍ଗ ଦାନ କରିଥିବା ବାଲେଶ୍ୱର ବସ୍ତା ଅଞ୍ଚଳର ଜଗବନ୍ଧୁ ନାୟକ କହିଛନ୍ତି, ଯେକୌଣସି ଜୀବ ମରିଗଲା ପରେ ତା'ର ପାର୍ଥିବ ଶରୀରର କିଛି ମୂଲ୍ୟ ନ ଥାଏ। ମୃତ୍ୟୁ ପରେ ମଣିଷର ଶରୀରକୁ ପୋଡ଼ି ଦିଆଯାଉଛି କିମ୍ବା ପୋତି ଦିଆଯାଉଛି। ଯାହା କୌଣସି କାମରେ ଆସୁନି। ମୃତ୍ୟୁ ପୂର୍ବରୁ କୌଣସି ବ୍ୟକ୍ତି ଯଦି ନିଜର ସର୍ବାଙ୍ଗ ଦାନ କରାଯାଏ, ତାହାଲେ ତାହା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଗବେଷଣାରେ ଲାଗିପାରିବ। ଏନେଇ ଜିଲ୍ଲା ବାସୀଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ଶ୍ରୀ ନାୟକ କହିଛନ୍ତି।

ଅପରପକ୍ଷେ ଏଫ୍ଏମଏମସିଏଚର ଆନାଟୋମି ବିଭାଗର ମୁଖ୍ୟ ପ୍ରଫେସର୍ ମଧୁସ୍ମିତା ପଣ୍ଡା କହିଛନ୍ତି, ପ୍ରତିବର୍ଷ କଲେଜକୁ ୪ଟି ମୃତଶରୀର ଆବଶ୍ୟକ। ମୃତ୍ୟୁ ପୂର୍ବରୁ ଯେକୌଣସି ବ୍ୟକ୍ତି ତାଙ୍କର ସର୍ବାଙ୍ଗ ଦାନ କରିପାରିବେ। ଏଥିପାଇଁ ଜନସାଧାରଣ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିବା ଦରକାର। ପୁଣି, ପୁଲିସ ପକ୍ଷରୁ ମଧ୍ୟ ଏ ଦିଗରେ ସହଯୋଗ ଆବଶ୍ୟକ। ଅନେକ ଅଚିହ୍ନା ବ୍ୟକ୍ତିଙ୍କ ଶବ ପୁଲିସ୍ ଉଦ୍ଧାର କରୁଛି। ଯେଉଁ ଶବକୁ ନେବା ପାଇଁ କେହି ଦାବିଦାର ନାହାନ୍ତି। ସେହି ସବୁ ଅଚିହ୍ନା ଶବଗୁଡ଼ିକୁ ଯଦି ପୁଲିସ୍ ପକ୍ଷରୁ ପୋଡ଼ା କିମ୍ବା ପୋତାନଯାଇ ମେଡିକାଲ୍ କଲେଜକୁ ଦାନ କରାଯାଆନ୍ତା, ଡାକ୍ତରୀ ପଢୁଥିବା ଛାତ୍ରଛାତ୍ରୀ ଉପକୃତ ହୋଇପାରନ୍ତେ ବୋଲି ପ୍ରଫେସର ପଣ୍ଡା କହିଛନ୍ତି।

■ ଶିକାରୀଙ୍କୁ ଗୁଳି ଯୋଗାଉଥିଲେ

## ପୂର୍ବତନ ସିକ୍ୟୁରିଟି ଗାର୍ଡ ଗିରଫ; ବନ୍ଧୁକ ଜବତ

ବାରିପଦା, ୩।୬ (ସମିସ): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ପୁଲିସ ଶିକାରୀଙ୍କୁ ଗୁଳି ଯୋଗାଇବା ଅଭିଯୋଗରେ ଜଣେ ପ୍ରାକ୍ତନ ସିକ୍ୟୁରିଟି ଗାର୍ଡଙ୍କୁ ଗିରଫ କରିଛି। ପୁଲିସ୍ ବାଙ୍ଗିରିପୋଷି



ଥାନା ଧୋବଣିଶୋଳ ଗ୍ରାମରୁ ୯୫୦ ଗୁଳିର ରସିଦ, ୪ଟି ଅଫୁଟା ଗୁଳି ଏବଂ ଗୋଟିଏ ବନ୍ଧୁକ ଜବତ କରିଛି। ଗିରଫ ବ୍ୟକ୍ତିଜଣଙ୍କ ହେଲେ, ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ପୁଲିସ ଥାନା ଅର୍ନ୍ତଗତ ଧୋବଣିଶୋଳ ଗ୍ରାମର ଚିତ୍ତରଞ୍ଜନ ଗିରି (୬୨)। ଚିତ୍ତରଂଜନ ଶ୍ୟାମସୁନ୍ଦର ବ୍ୟାଙ୍କ ଶାଖାରେ ପୂର୍ବରୁ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରି ଅବସର ନେଇଛନ୍ତି। ମଙ୍ଗଳବାର ଅପରାହ୍ଣରେ ଆଇଆଇସି ବୀରେନ୍ଦ୍ର ସେନାପତି ସଦଳବଳ ତାଙ୍କ ଘରେ ଅଚାନକ ଚଢ଼ଉ କରିଥିଲେ। ପୂର୍ବରୁ ଗିରଫ ହୋଇଥିବା ୩ଜଣ ଶିକାରୀଙ୍କ ବୟାନକୁ ଆଧାର କରି ପୁଲିସ ଅଭିଯୁକ୍ତ ଚିତ୍ତରଂଜନଙ୍କ ଉପରେ ନଜର ରଖିଥିଲା। ସେ ଲାଇସେନ୍ସ କରି ସିଙ୍ଗଲ ବେରେଲ ମୋଜର ଲୋଡିଂ ରାଇଫଲ ବ୍ୟବହାର କରୁଥିଲେ। ଏହାର ସୁଯୋଗରେ ସେ ବନ୍ଧୁକ ଗୁଳି ବ୍ୟବସାୟ କରୁଥିଲେ। କାରଣ ତାଙ୍କ ନିକଟରୁ ୯୫୪ଟି ଗୁଳି କିଣିଥିବା ୩୫ଟି ରସିଦ୍ ମଧ୍ୟ ମିଳିଛି। ସେଗୁଡିକୁ ସେ ୨୦୧୫ରୁ ୨୦୨୫ ପର୍ଯ୍ୟନ୍ତ ୧୦ ବର୍ଷ ମଧ୍ୟରେ ବାଲେଶ୍ୱର, କଟକ, ଭୁବନେଶ୍ୱର ଓ ମେଦିନାପୁରରୁ କିଣିଥିଲେ। ଏହିସବୁ ଗୁଳିକୁ ସେ ଶିକାରୀଙ୍କୁ ବିକ୍ରି କରୁଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଲାଇଛି।

■ ମଦ୍ୟପ ବାପାର ନୃଶଂସ କାଣ୍ଡ

## ୭ ମାସର ଛୁଆକୁ ଗାଁ ଦାଣ୍ଡରେ କଚାଡ଼ି ମାରିଲା

କାମାକ୍ଷାନଗର/ପରଜଙ୍ଗ,୩।୬(ସମିସ): ପାରିବାରିକ କଳହକୁ କେନ୍ଦ୍ର କରି ୭ମାସର ଶିଶୁକନ୍ୟାକୁ ଗାଁ ଦାଣ୍ଡରେ କଚାଡ଼ି ମାରିଲା ମଦ୍ୟପ ବାପା। ଆଖି ଆଗରେ ଏହା ଦେଖି ଶିଶୁକନ୍ୟାର ମା' ଏକ କାଚ ବୋତଲ ନୃଶଂସ ବାପା ପେଟରେ ଭୁସି ଦେଇଛି। ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ଥାନା କଣ୍ଟାପାଳ ଗାଁରେ ଗତକାଲି ସଂଧ୍ୟାରେ ଘଟିଥିବା ଏହି ଘଟଣା ଆଜି ପଦାକୁ ଆସିବା ପରେ ଜିଲ୍ଲାବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି।



ସୂଚନାନୁସାରେ, ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା ଉଦାସାହି ଗ୍ରାମର ସଞ୍ଜୟ ଚାତାର ଶଶୁରଘର କଙ୍କଡାହାଡ଼ ଥାନା କଣ୍ଟାପାଳରେ ସପରିବାର ରହି ଶ୍ରମିକ ଭାବେ କାମ କରୁଥିଲେ। କିଛି ମାସ ହେବ, କୌଣସି କାମଧନ୍ଦା ନକରି ଘରେ ବସି ରହୁଥିଲେ। ସୋମବାର ପତ୍ନୀ ଜନନୀ ମୁଣ୍ଡାଙ୍କ ସହ ଡିଲର୍ ପାଖରୁ ଚାଉଳ ଆଣି ଫେରିବା ବେଳେ ବାଟରେ ଦୁହିଁଙ୍କ ଝଗଡ଼ା ହୋଇଥିଲା। ସଞ୍ଜୟ ମଦ ପିଇ ସ୍ତ୍ରୀ ସହ ଗାଁ ଦାଣ୍ଡରେ ପାଟିତୁଣ୍ଡ କରିବା ସହ ନିଜର ୭ ମାସର ଝିଅକୁ ଗାଁ ଦାଣ୍ଡରେ କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ଶିଶୁକନ୍ୟାଟିର ମୃତ୍ୟୁ ହୋଇଯାଇଥିଲା। ସ୍ୱାମୀର ଏହି ନୃଶଂସ କାଣ୍ଡ ଦେଖି ଜନନୀ ଏକ କାଚ ବୋତଲରେ ସ୍ୱାମୀକୁ ଆକ୍ରମଣ କରିଥିଲା। ଏଥିରେ ସଞ୍ଜୟ ଆହତ ହୋଇ ମେଡିକାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। କଙ୍କଡାହାଡ଼ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ତଦନ୍ତ ପରେ ଶିଶୁଟିର ଶବକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଥାନାଧିକାରୀ କଳ୍ପନା ବେହେରା କହିଛନ୍ତି।

# ରାଜଧାନୀରେ ଛାଇଗଲାଣି ଚୋରା ବନ୍ଧୁକ

■ ଅପରାଧୀଙ୍କ ଅଣ୍ଟାରେ ବନ୍ଧୁକ; ବଢ଼ୁଛି ଗୁଳିକାଣ୍ଡ
■ ସଞ୍ଜ ନଇଁଲେ ସକ୍ରିୟ ହେଉଛନ୍ତି ମାଫିଆ
■ ଜବତ ହେଲାଣି ୨ଶହରୁ ଅଧିକ ଚୋରା ବନ୍ଧୁକ

ଭୁବନେଶ୍ୱର,୩।୬(ସମିସ): ରାଜଧାନୀରେ ଅପରାଧୀଙ୍କ ରାଜ। ସଞ୍ଜ ହେଲେ ଅଣ୍ଟାରେ ବନ୍ଧୁକ ଖୋସି ବୁଲୁଛନ୍ତି। ପୁଲିସକୁ ଖାତିର କରୁନାହାନ୍ତି। ଯେଉଁଠି ଭାଇପଣିଆ ଉପରେ ଆଞ୍ଚ ଆସୁଛି, ସେଠାରେ କଥାକଥାରେ ଫୁଟାଉଛନ୍ତି ଗୁଳି। ଏନେଇ ଅଭିଯୋଗ ହେଉଥିଲେ ମଧ୍ୟ ପୁଲିସ ଅସହାୟଥିଲା ଭଳି ଜଣାପଡୁଛି। ଗିରଫ ହେଲେ ମଧ୍ୟ କିଛି ପ୍ରଭାବ ପଡୁନି। ଜେଲରୁ ବାହାରି ପୁଣି ସମାନ ଢଙ୍ଗରେ ଅପରାଧ ଘଟାଉଛନ୍ତି।

ଦୁଇ ଦିନ ତଳେ ଚନ୍ଦକା ଥାନା ପାଣିଓଲା ଗ୍ରାମରେ ଦୁଇଥର ବନ୍ଧୁକ ଫୁଟିଛି। ରବିବାର ରାତିରେ ଏକତରଫା ପ୍ରେମକୁ ନେଇ କୁମାରବସ୍ତ ପେଟ୍ରୋଲ ପମ୍ପ ସମ୍ମୁଖରେ ଗୁଳିମାଡ଼ ହୋଇଥିଲା। ଗତ ୯ ତାରିଖରେ ଜମି ବ୍ୟବସାୟକୁ ନେଇ ପାଣିଓଲା ଗ୍ରାମରେ ଗୁଳିମାଡ଼ ହୋଇଥିଲା। ଗୁଳିମାଡ଼ରେ ପୂର୍ଣ୍ଣଚନ୍ଦ୍ର ଗୁରୁତର ଆହତ ହୋଇଥିଲେ। ସେହିପରି ଗତମାସ ୨୪ ତାରିଖରେ ପାଣିଓଲା ଗ୍ରାମରେ ଫୁଟିଥିଲା ଗୁଳି। ଗୁଳିମାଡ଼ ପଛରେ ଥିଲା ପୂର୍ବ ଶତ୍ରୁତା ଏବଂ ଦବଦବା ପ୍ରନଦର୍ଶନ। ନିଜ ନିଜର କ୍ଷମତା ଗାଁରେ ଦେଖାଇବା ପାଇଁ ଶତ୍ରୁତା ରହିଥିଲା। ଯେଉଁଥିପାଇଁ ଉଭୟଙ୍କ ମଧ୍ୟରେ ଗୁଳିମାଡ଼ ଘଟିଥଲା। ଗତ ଏପ୍ରିଲ ୨୦ ତାରିଖରେ ବାଲିପାଟଣା ଥାନା ନିକଟରେ ଗୁଳିମାଡ଼ ହୋଇଥିଲା। ଦୀପ୍ତିରଞ୍ଜନ ମହାପାତ୍ରଙ୍କୁ ଗୁଳି ମାଡ଼ ହୋଇଥିବା ଅଭିଯୋଗ ହୋଇଥିଲା। ଗତ ମେ' ୧୦ତାରିଖରେ କସ୍‌ମସ୍ ବାର୍ ବାଉନସରଙ୍କୁ ଗୁଳିମାଡ଼ କରାଯାଇଥିଲା। ସେହିପରି ଜାନୁୟାରୀରେ ସାମାନ୍ୟ



କଥାରୁ ଖଣ୍ଡଗିରିବାରିସ୍ଥିତ ବସ୍ ପାର୍କିଂଷ୍ଟାଣ୍ଡର ପ୍ରୀତମ ଜେନାମଣିଙ୍କୁ ଗୁଳି କରିଥିଲେ ଅପରାଧୀ।

ଏବେ ପ୍ରଶ୍ନ ଉଠିଲାଣି ଏତେ ବନ୍ଧୁକ ଆସୁଛି କେଉଁଠୁ ? କୁହାଯାଉଛି ଯେ ରାଜଧାନୀକୁ ଆସୁଥିବା ବନ୍ଧୁକ ପଛରେ ଗଞ୍ଜାମ ଗ୍ୟାଙ୍ଗର ହାତ। ଗଞ୍ଜାମରେ ଥିବା କୁଖ୍ୟାତ ଅପରାଧୀମାନଙ୍କୁ ବନ୍ଧୁକ ଯୋଗାଇବା ପଛରେ ଜଣେ ମାଷ୍ଟରମାଇଣ୍ଡ ରହିଛି। ସେ ବିହାରରୁ ବନ୍ଧୁକ ଆଣି ଗଞ୍ଜାମରେ ଥିବା ଅପରାଧୀଙ୍କ ହାତରେ ଧରାଉଛି। ସେଠାରୁ ବନ୍ଧୁକ ଭୁବନେଶ୍ୱର,କଟକ,କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁରରେ ଥିବା ଅପରାଧୀଙ୍କ ହାତକୁ ଯାଉଛି। ବନ୍ଧୁକ ୧୦ରୁ ୧୫ହଜାର ଟଙ୍କାରେ ବିକ୍ରି କରାଯାଉଛି। ତେବେ ୯ଏମ୍ଏମ୍ ବନ୍ଧୁକର ଚାହିଦା ଅପରାଧୀଙ୍କ ମଧ୍ୟରେ ଅଧିକ ଥିବା କୁହାଯାଉଛି। ନିକଟରେ କଟକରୁ ଧରାପଡ଼ିଥିବା ବନ୍ଧୁକ କାରବାରର ମାଷ୍ଟରମାଇଣ୍ଡ ଓଡ଼ିଶାର ଏକାଧିକ ଗ୍ୟାଙ୍ଗଷ୍ଟରଙ୍କୁ ବନ୍ଧୁକ ଯୋଗାଉଥିଲା। ଆଡ୍‌ଭାନ୍ସ ବାବଦକୁ ପ୍ରାୟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆକାଉଣ୍ଟରେ ନିଆଯାଉଛି। କଟକରୁ ତିଆରି ବନ୍ଧୁକ ଉପରେ ମେଡ୍-ଇନ୍-ମୁଙ୍ଗେର ଲେଖି ରାଜ୍ୟ, ରାଜ୍ୟ ବାହାରକୁ ସପ୍ଲାଏ କରାଯାଉଥିଲା। ଗଞ୍ଜାମରୁ ମିଳିଥିବା ୩୧ ବନ୍ଧୁକ ପଛରେ ଥିଲା ଅସଲମର ହାତ। ପୁଲିସ ଏବେ ସବୁ ଜିଲ୍ଲାରେ ବନ୍ଧୁକ କାରବାର ରୋକିବାକୁ ଅଭିଯାନ ଆରମ୍ଭ କରିଛି।

ଏନେଇ ଡିସିପି ଜଗମୋହନ ମୀନା କହିଛନ୍ତି ଯେ ରାଜଧାନୀରେ ବନ୍ଧୁକ କାରବାରକୁ ରୋକାଯାଇଛି। ଯଦି କୌଣସି ଅପରାଧୀଙ୍କ ନିକଟରେ ବନ୍ଧୁକ ଥିବା ଖବର ମିଳୁଛି, ତେବେ ଖବରୀ ସୂତ୍ର ଆଧାରରେ ପୁଲିସ୍ ଚଢ଼ଉ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ସ୍ୱେଶାଲ ସ୍କ୍ୱାଡ୍ ଏବଂ ଅନ୍ୟ ଟିମ୍ ଚଢଉ କରି ଧରପଗଡ଼କୁ ଜୋରଦାର କରୁଛନ୍ତି।

କମିସନରେଟ୍ ପୁଲିସର ଗୁଇନ୍ଦା ଖବର ଏବେ ବିଫଳ ହୋଇଛି। କାରଣ ରାଜଧାନୀରେ କେଉଁ ଗ୍ୟାଙ୍ଗ୍ ସକ୍ରିୟ ରହିଛି, କେଉଁ ଗ୍ୟାଙ୍ଗ୍ ପଛରେ କାହାର ହାତ ରହିଛି, ସେମାନେ ବନ୍ଧୁକ କେଉଁଠୁ ଆଣୁଛନ୍ତି, ତାହା କମିସନରେଟ୍ ପୁଲିସର ଥିବା ଖବରୀ ସୂଚନା ଦେଉନାହାନ୍ତି। ଏହି ଅପରାଧୀମାନେ ଏଠାରେ ନିଜର ଆଡ୍‌ଡା ଜମାଇ ଦାଦାବଟି ଏବଂ ଡରାଇ ଧମକାଇ ଟଙ୍କା ଅସୁଲ କରୁଛନ୍ତି। ଆଉ ଟଙ୍କାରେ ଅଧିକରୁ ଅଧିକ ବନ୍ଧୁକ ବାହାରୁ ଆଣୁଛନ୍ତି। ଏବେ ରାଜଧାନୀରେ ଘରେ ଘରେ ଅପରାଧୀ ବନ୍ଧୁକ ରଖିଛନ୍ତି। ସେମାନେ ଚାଉଳ ବସ୍ତା ଏବଂ ଅନ୍ୟାନ୍ୟ ଖାଦ୍ୟବସ୍ତା ଭିତରେ ବନ୍ଧୁକ ଲୁଚାଇ ରଖୁଛନ୍ତି। ତେଣୁ ପୁଲିସ ଅପରାଧୀଙ୍କ ତାଲିକା କରି ସେମାନଙ୍କ ଘର ସର୍ଚ୍ଚ କଲେ ଚୋରା ବନ୍ଧୁକ ଜବତ କରାଯାଇ ପାରିବ ବୋଲି କୁହାଯାଉଛି।

## ଆଦର୍ଶ ଶିକ୍ଷକ କୃଷ୍ଣଚନ୍ଦ୍ର ରଥଙ୍କ ପରଲୋକ



ତେନ୍ତୁଲିଖୁଣ୍ଟି, ୩।୬(ସମିସ) : ଇନ୍ଦ୍ରାବତୀ ପ୍ରକଳ୍ପ ମୁଖ୍ୟଦପ୍ତର ଖାତୀଗୁଡ଼ା ଗ୍ରାମର ଆଦର୍ଶ ଶିକ୍ଷକ କୃଷ୍ଣଚନ୍ଦ୍ର ରଥଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୫୩ ବର୍ଷ ବୟସ ହୋଇଥିଲା। ଗୌଡ଼ ଦେଓପାଲି ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ରୂପେ କାର୍ଯ୍ୟରତ କୃଷ୍ଣଚନ୍ଦ୍ର ରଥ ଜଣେ ଆଦର୍ଶ ଶିକ୍ଷକ ଭାବେ ପରିଚିତ। ସେ ବିଭିନ୍ନ ପୂଜା ପର୍ବ ତଥା କର୍ମକାଣ୍ଡ ରେ ବେଶ୍ ଦକ୍ଷତା ଅର୍ଜନ କରିଥିଲେ। ଆଜି ଏକ ଶୋକାକୁଳ ପରିବେଶରେ ସ୍ଥାନୀୟ ଇନ୍ଦ୍ରାବତୀ ନଦୀ ଶ୍ମଶାନ ଘାଟରେ ତାଙ୍କର ଶେଷ କୃତ୍ୟ ସଂପନ୍ନ ହୋଇଛି। ତାଙ୍କ ଅକାଳ ବିୟୋଗରେ ସମାଜସେବୀ ନାରାୟଣ ପାତ୍ର , ଶିକ୍ଷାବିତ୍ ନାରାୟଣ ପଣ୍ଡା ବ୍ଲକ ଶିକ୍ଷାଧିକାରୀ ସୁଦୀପ୍ତ ଦାସ, ମୋହନ ମଧୁସୂଦନ ବାଘ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ବେହେରାଙ୍କ ସମେତ ସମସ୍ତ ଶିକ୍ଷକ ସହକର୍ମୀ ଗଭୀର ଶୋକ ବ୍ୟକ୍ତ କରି ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ପିଲର ପଡ଼ି ଶ୍ରମିକଙ୍କର ଭାଙ୍ଗିଲା ଗୋଡ଼

କୋରାପୁଟ,୩।୬ (ସମିସ): କୋରାପୁଟରେ ବସ୍‌ଷ୍ଟାଣ୍ଡର ଉପଲ ମହଲାର ଭଙ୍ଗା କାର୍ଯ୍ୟ ଚାଲିଥିବା ବେଳେ ଏକ ଅଘଟଣ ଘଟିଛି। ଏକ ପୁରୁଣା ପିଲର ଭଙ୍ଗା ଯାଉଥିବା ବେଳେ ପିଲରଟି ହଠାତ୍ ଭାଙ୍ଗି ଯାଇ ଜଣେ କାର୍ଯ୍ୟରତ ଶ୍ରମିକଙ୍କର ଗୋଡ଼ ଉପରେ ପଡିଗଲା। ଆହତ ଶ୍ରମିକ ଜଣକ ଦଳେଇପୁଟର ସୁଶାନ୍ତ ରାଉତ। ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ତାର ଚିକିତ୍ସା କରାଯାଉଛି। ଆହାତ ଜଣକ ଗୁରୁତର ଥିବା ସୂଚନା ମିଳିଛି। ଭାଙ୍ଗିବା କାର୍ଯ୍ୟରେ ନିୟୋଜିତ ଥିବା ଶ୍ରମିକ ମାନଙ୍କୁ ଅଧିକ ସୁରକ୍ଷା ପ୍ରଦାନ ପାଇଁ ସାଧାରଣରେ ଦାବି ହେଉଛି।

## ବିହନ କେନ୍ଦ୍ର ଯାଞ୍ଚ କଲେ କୃଷି ଅଧିକାରୀ

କୋଷାଗୁମୁଡା, ୩।୬ (ସମିସ): କୋଷାଗୁମୁଡା ବ୍ଲକର ୫ ଗୋଟି ବିହନ ବିକ୍ରୟ କେନ୍ଦ୍ର ଗୁଡ଼ିକକୁ ଅତିରିକ୍ତ ବ୍ଲକ କୃଷି ଅଧିକାରୀ ଲୋପାମୁଦ୍ରା ସାହୁ ଓ ଇଲଦୁଆଲି ବେହେରା ମଙ୍ଗଳବାର ଦିନ ଯାଞ୍ଚ କରିଛନ୍ତି। କୋଷାଗୁମୁଡା, ସନ୍ତୋଷପୁର, ପଦର ଗାଁ ଗୁଡ଼ିକରେ ଥିବା ବିହନ କେନ୍ଦ୍ର ଯାଞ୍ଚ ହୋଇଥିଲା। ଯାଞ୍ଚ ସମୟରେ ଯଦି କୌଣସି ବେପାରୀ ନିୟମ ଖିଲାପି କରେ ବିହନ ବିକ୍ରୟ କେନ୍ଦ୍ରକୁ ସିଲ କରିବା ସହ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ବ୍ଲକ୍ କୃଷି ଅଧିକାରୀ ଲୋପାମୁଦ୍ରା ସାହୁ କହିଛନ୍ତି। ଏହି ଯାଞ୍ଚ ଆଗକୁ ଆହୁରି ବଡ଼ଧରଣର ହେବ ବୋଲି ଜଣାପଡିଛି।

# ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ଭଲ୍‌ଭୋ ବସ୍‌ର ଶୁଭାରମ୍ଭ

ନବରଙ୍ଗପୁର,୩।୬ (ସମିସ)



ନୂତନ ମାର୍ଗ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ଅଧିନରେ ନବରଙ୍ଗପୁର ଜିଲ୍ଲା ସାମିଲ ହୋଇଛି। ନବରଙ୍ଗପୁର ଜିଲ୍ଲାର ରାଇଘର ଠାରୁ ହାଇଦ୍ରାବାଦ ପର୍ଯ୍ୟନ୍ତ ସମ୍ପୂର୍ଣ ଶୀତ ତାପ ନିୟନ୍ତ୍ରଣ ଥିବା ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ସୁପର ପ୍ରିମିୟମ ଭଲ୍‌ଭୋ ବସ ସେବାର ଭର୍ଚୁଆଲ୍ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ଆଭାସି ମାଧ୍ୟମ ରେ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଓସ୍ୱାନ ହଲ୍‌ରେ ଆୟୋଜିତ ସଭା କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ରଙ୍କ ସମେତ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ନବରଙ୍ଗପୁର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବଟକୃଷ୍ଣ ମିଶ୍ର, ଆଂଚଳିକ ପରିବହନ ଅଧିକାରୀ ଜିତେନ୍ଦ୍ର କୁମାର ଭୋଇ, ଅଧିକ୍ଷଣ ଯନ୍ତ୍ରୀ ( ଟିପିଏସଓଡିଏଲ) ଅଶୋକ କୁମାର ରାଉତ, ଡେପୁଟି କଲେକ୍ଟର(ଉପ ଜିଲ୍ଲାପାଳ କାର୍ଯ୍ୟାଳୟ) ଜ୍ୟୋତିରଣୀ ରଥ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ନିର୍ବାହୀ ଅଧିକାରୀ, ପୌରପାଳିକା ସମରେଶ ମହାନ୍ତି ,ନବରଙ୍ଗପୁର ଜରୁରୀ ଶାଖା ଏସ ଓ ବାଲାଜୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।। ଏହି ବସ ପ୍ରତିଦିନ ସନ୍ଧ୍ୟା ୪.୩୦ ସମୟରେ ବାହାରି ଉମରକୋଟ, ନବରଙ୍ଗପୁର, ଜୟପୁର, ମାଲାକନଗିରି, ମୋଟୁ, ଭଦ୍ରାଚାଲମ ଏବଂ ଖମ୍ମମ ଦେଇ ସକାଳ ୫ ଘଣ୍ଟା ସମୟରେ ହାଇଦ୍ରାବାଦ ଠାରେ ପହଞ୍ଚିବ। ଏହି ବସ ସେବାରେ ମହିଳା ଯାତ୍ରୀ ମାନଙ୍କୁ ଟିକେଟ ଦର ଉପରେ ୫୦ ପ୍ରତିଶତ ରିହାତି ରହିଛି। ରାଇଘର ଠାରୁ ହାଇଦ୍ରାବାଦ ଦୀର୍ଘ ୭୫୨ କିଲୋମିଟର ଦୂରତା ଅତିକ୍ରମ କରିବାକୁ ଥିବା ଏହି ଶୀତ ତାପ ନିୟନ୍ତ୍ରିତ ସୁବ୍ୟବସ୍ଥିତ ବସଟିରେ ୪୨ ଜଣଙ୍କ ନିମନ୍ତେ ସିଟ୍ ବ୍ୟବସ୍ଥା ରହିଛି । ଏଥିରେ ଯିବାକୁ ହେଲେ ଅନଲାଇନ୍‌ରେ ଟିକେଟ୍ କରିବାକୁ ପଡିବ। ରାଇଘର ଠାରୁ ହାଇଦ୍ରାବାଦ ଯିବା ପାଇଁ ସିଧାସଳଖ କୌଣସି ସରକାରୀ ବସ ସେବା ନ ଥିବା ବେଳେ ଶ୍ରୀଜଗନ୍ନାଥ ଏକ୍ସପ୍ରେସରେ ଜଣେ ଲୋକ ନିଜ ପରିବାର ସହ ସୁରକ୍ଷିତ ଭାବେ ହାଇଦ୍ରାବାଦରେ ପହଞ୍ଚି ପୁଣି ବସରେ ଫେରିବାର ସୁଯୋଗ ପାଇପାରିବେ। ବୋଲି ଓଡିଶା ରାଜ୍ୟ ସଡକ ପରିବହନ ନିଗମ ନବରଙ୍ଗପୁର ଜିଲ୍ଲା ପରିଚାଳକ ସନ୍ତୋଷ କୁମାର ନାୟକ ସୂଚନା ଦେଇଛନ୍ତି।

## ସୁନା ଅଲଙ୍କାର ବ୍ୟାଗ୍ ଝାମ୍ପିନେଲେ ଦୁର୍ବୃତ୍ତ

ମାଲକାନଗିରି, ୩।୬(ସମିସ):

ଦୋକାନ ବନ୍ଦ କରି ସୁନା ବ୍ୟାଗ ନେଇ ଘରକୁ ଫେରିବା ବେଳେ ଘର ସମ୍ମୁଖରୁ ଗୋଟିଏ ସୁନା ଗହଣା ବ୍ୟାଗ୍‌ଝାମ୍ପି ନେଲେ ଦୁର୍ବୃତ୍ତ। ମୋଟର ସାଇକଲ୍‌ରେ ଦୁଇ ଦୁର୍ବୃତ୍ତ ଆସି ଜନଗହଳି ପୂର୍ଣ ସ୍ଥାନରୁ ଏହି ଲୁଟ୍ କରିଛନ୍ତି। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ମାଲକାନଗିରି ଜିଲ୍ଲା ସଦର ମହକୁମାର ବଣ୍ଡା ବାକୁଲି ଗୁଡା ସାହିରେ ଏହି ଘଟଣା ଘଟିଛି। ପ୍ରସାଦ ଜୁଏଲର ମାଲିକ ସୁବାସ ପାଟିଲ ପ୍ରତିଦିନ ପରି ନିଜ ସୁନା ଦୋକାନ ବନ୍ଦ କରି ଦୋକାନ ନିକଟରେ ଥିବା ଘରକୁ ଦୁଇଟି ବ୍ୟାଗ୍‌ରେ ସୁନା ଓ ଟଙ୍କା ନେଇ ଚାଲି ଚାଲି ଆସି ତାଙ୍କ ଘର ସମ୍ମୁଖରେ ପହଞ୍ଚି ଥିଲେ। ଏହି ସମୟରେ ପଛପଟୁ ଗୋଟିଏ ମୋଟର ସାଇକେଲରେ ଦୁଇଜଣ ଦୁର୍ବୃତ୍ତ ଆସି ଦୁଇଟି ବ୍ୟାଗକୁ ଝାମ୍ପି ନେବାକୁ ଉଦ୍ୟମ ବେଳେ ଗୋଟିଏ ବ୍ୟାଗ୍ ନେଇ ସେଠାରୁ ଫେରାର ହୋଇଯାଇଥିଲେ। ତେବେ ଏହି ସମୟରେ ସେହି ସ୍ଥାନଟି ଜନ ଗହଳି ପୂର୍ଣ ଥିବା ବେଳେ କିଏ ଏହି ଚୋରି କଲା ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପୂର୍ବରୁ ମଧ ଏହି ଦୋକାନୀଙ୍କ ଘରୁ ନିଶା ଯୁକ୍ତ ଖାଦ୍ୟ ଦେଇ ସୁନା ଚୋରି ହୋଇଥିଲା। ତେବେ ଏନେଇ ଖବର ପାଇ ମାଲକାନଗିରି ଏସ୍‌ଡିପିଓ ଦିବ୍ୟ ଦଳେଇ ଓ ଅନ୍ୟ କର୍ମଚାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ୭୬ ଗାଈ ଉଦ୍ଧାର, ୩ ଅଟକ

କୋରାପୁଟ,୩।୬ (ସମିସ): ଗୋ ଚାଲାଣ ରୋକିବାକୁ ପୁଲିସ ଓ ବିଭିନ୍ନ ସଙ୍ଗଠନ ଉଦ୍ୟମ ଜାରି ରଖି ଥିବାବେଳେ ବିସିଂପୁର ପୁଲିସ ଆନ୍ଧ୍ର ଚାଲାଣ ହେଉଥିବା ୭୬ ଗାଈକୁ ମଙ୍ଗଳବାର ଉଦ୍ଧାର କରିଛି। ଘଟଣାରେ ପୁଲିସ ତିନିଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଗତ ସପ୍ତାହରେ ହାଇଦ୍ରାବାଦ ଚାଲାଣ କରୁଥିବା ୬ କଣ୍ଟେନର ସହ ୨୪୯ ଗାଈକୁ କୋରାପୁଟ ଟାଉନ ଥାନା ପୁଲିସ ଉଦ୍ଧାର କରି ୨୨ ଜଣକୁ କୋର୍ଟ ଚାଲାଣ କରିଥିଲା। କଣ୍ଟେନର ଉପରେ ପୁଲିସର ନଜର ଥିବାରୁ ଏବେ ଗୋ-ଚାଲାଣକାରୀ ସେମାନଙ୍କୁ ଚଲାଇ ଚଲାଇ ନେଉଥିବା ଅଭିଯୋଗ ଆସିବା ପରେ ଆଜି ଅପରାହ୍ନରେ ବୋରିଗୁମ୍ମା କୋରାପୁଟ ରାସ୍ତା ରାଣିଗଡ଼ ଫାଣ୍ଡିରେ ପୁଲିସ ଡେରା ପକାଇ ଧରିବାକୁ ଅପେକ୍ଷା କରିଥିଲା। ଗାଈ ପଲ ଆସିବା ମାତ୍ରେ ପୁଲିସ କାବୁ କରି ନେଇଥିଲା। ବୁଧବାର ସମସ୍ତ ଉଦ୍ଧାର ଗାଈକୁ ଜୟପୁର ଗୋ-ସେବା କେନ୍ଦ୍ରକୁ ପଠାଯିବା ସହ ଗୋ-ଚାଲାଣ କାରୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯିବ ବୋଲି କହିଛନ୍ତି ରାଣୀଗଡ଼ ଫାଣ୍ଡି ଅଧିକାରୀ।

## ମା’ ପେଣ୍ଡ୍ରାଣୀଙ୍କ ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି

ଉମରକୋଟ ୩।୬ (ସମିସ): ଉମରକୋଟର ପ୍ରସିଦ୍ଧ ଦେବୀ ମା’ ପେଣ୍ଡ୍ରାଣୀଙ୍କ ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଜୟଦେବ ପରିଡା ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାଡ଼େଶ୍ୱର ମହାନ୍ତି, ମନୋଜ ନାୟକ, ସାଇ ନାରାୟଣ ପାଢ଼ୀ, ଶିରା ବଲ୍ଲଭ ମାଳି, ରଜତ ଶାନ୍ତ୍ରା, ବୁଢ଼ା ମିଶ୍ର, ଦୁର୍ଗା ପ୍ରସାଦ ମଲ୍ଲିକ, ବିଦ୍ୟାଧର ଜେନା, ମା ପେଣ୍ଡ୍ରଙ୍କଣୀଙ୍କ ପୂଜକ ପ୍ରମୁଖ ଉପସ୍ଥିତ ରହି ମାଙ୍କ ଉତ୍ସବ କିପରି ସୂଚାରୁ ରୂପେ ସମ୍ପନ୍ନ ହେବ ଆଲୋଚନା କରିଥିଲେ। ଭକ୍ତଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଦାନ କିପରି ସ୍ୱଚ୍ଛତାର ସହ ମନ୍ଦିର ଉନ୍ନତି ଓ ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟବହାର କରାଯିବ ଏଥିପାଇଁ କମିଟି ମାନ ଗଠନ କରାଯିବା ପାଇଁ ପ୍ରସ୍ତାବ ମାନ ଆଗତ ହୋଇଥିଲା। ଏଥିପାଇଁ ଆଗାମୀ ବୁଧବାର ଦିନ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହେବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ଦୂର ଦୁରାନ୍ତରୁ ଆସିଥିବା ଭକ୍ତ ମାନେ ଯେପରି ମା’ଙ୍କୁ ସୁବିଧା ରେ ଦର୍ଶନ କରିପାରିବେ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ପାଇଁ ସୁବ୍ୟବସ୍ଥା କରାଯିବା ଦରକାର ବୋଲି ବୈଠକର ସଭାପତି ଶ୍ରୀ ଜୟଦେବ ପରିଡା କହିଥିଲେ।

## ଉଦ୍‌ଘାଟିତ ହେଲା ଜୟ ମା’କାଳୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ଏମ୍‌ଭି ୭୯, (ସମିସ) ୩।୬: ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ୍ ଅନ୍ତର୍ଗତ ଏମ୍ ଭି ୮୦ ଗ୍ରାମରେ ପଲ୍ଲିମଙ୍ଗଳ କମିଟି ଏବଂ ଯୁବ ଗୋଷ୍ଠୀ କମିଟି ପକ୍ଷରୁ ଜୟମା’ କାଳୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ମୋଟ ୮ ଗୋଟି ଟିମ୍‌କୁ ନେଇ ଆୟୋଜିତ ହେଉଛି। ପଲ୍ଲୀ ମଙ୍ଗଳ କମିଟି ସଭାପତି ଶ ମନୋରଞ୍ଜନ ଦେବନାଥ ଫିତା କାଟି ମ୍ୟାଚ୍ ଆରମ୍ଭ କରିଥିଲେ। ପ୍ରଥମେ ଟସ୍ ଜିତି ପଡ଼ିଆ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୮୦ ରନ୍‌ର ଟାର୍ଗେଟ ଦେଇଥିବା ବେଳେ ଏମ୍‌ଭି ୮୧ ଦଳ ମାତ୍ର ୨୭ ରନ୍‌ରେ ସମସ୍ତ ୱିକେଟ୍ ହରାଇଥିଲେ। ବିଜେତା ପଡ଼ିଆ ଦଳର ଶଙ୍କର ମ୍ୟାନ୍ ଅଫ ମ୍ୟାଚ୍ ଘୋଷିତ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ କ୍ରୀଡାବିତ୍ ମାନସ ରଞ୍ଜନ ଜେନା ଯୋଗଦେଇଥିବା ବେଳେ ୟୁଥ୍ ପ୍ରେସିଡେଣ୍ଟ ଶିବା ସରକାର, ସୁମିତ୍ ମଜୁମଦାର,ନରେଶ ବୋଷ ଏବଂ ଅନ୍ୟ ୟୁଥ୍ ମେମ୍ବର ସହଯୋଗ କରିଥିଲେ।

## ଡିଗ୍ରୀ କଲେଜକୁ ମିଳିଲା ବ୍ଲକ୍ ଗ୍ରାଣ୍ଟ

ବୈପାରିଗୁଡ଼ା, ୩।୬(ସମିସ): ବୈପାରୀଗଡ଼ା ସ୍ଥିତ ସହିଦ୍ ଲକ୍ଷ୍ମଣ ନାୟକ ଡିଗ୍ରୀ ମହାବିଦ୍ୟାଳୟକୁ ଉଚ୍ଚ ଶିକ୍ଷା ବିଭାଗ ଚିଠି ନମ୍ବର ୨୭୭୦୫ / ଅନୁଯାଇ ବ୍ଲକ ଗ୍ରାଣ୍ଟ ମିଳିଥିବା ଜଣାପଡିଛି। ୨୦୦୭ ମସିହାରେ ସ୍ଥାପନ ହୋଇଥିବା ସହିଦ୍ ଲକ୍ଷ୍ମଣ ନାୟକ ଡିଗ୍ରୀ ମହାବିଦ୍ୟାଳୟକୁ ୧୮ ବର୍ଷ ପରେ ବ୍ଲକ ଗ୍ରାଣ୍ଟରେ ସାମିଲ କରାଗଲା। ମାତ୍ର ୪୮ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ସହିଦ୍ ଲକ୍ଷ୍ମଣ ନାୟକ ଡିଗ୍ରୀ ମହାବିଦ୍ୟାଳୟ ଆରମ୍ଭ ହୋଇଥିଲା। ଏବେ ପିଲା ସଂଖ୍ୟା ପାଖାପାଖି ୩୭୦ । ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାର ଏହି ଅନୁଷ୍ଠାନ ବୈପାରୀଗୁଡା ବ୍ଲକ ତଥା ଆଖପାଖ ଅଞ୍ଚଳରେ ଶିକ୍ଷା ଉନ୍ନତର ମଞ୍ଚ ସାଜିଛି। ୨୦୨୪ ମସିହାରେ ବ୍ଲକ ଗ୍ରାଣ୍ଟ ପାଇଁ ଉକ୍ତ ମହାବିଦ୍ୟାଳୟ ମନୋନୀତ ହୋଇଥିଲା। ଏଥିପାଇଁ ମହାବିଦ୍ୟାଳୟର ସଭାପତି ମନୋଜ ମହାପାତ୍ର, ପ୍ରିନ୍ସପାଲ ସ୍ନେହଲତା ପଟ୍ଟନାୟକ, ସମସ୍ତ କର୍ମଚାରୀ, ପରିଚାଳନା କମିଟି ସଦସ୍ୟ, ପୂର୍ବତନ ସଭାପତି, ସଂପାଦକ, ତଥା ଗ୍ରାମବାସୀ ପ୍ରମୁଖ ଉଚ୍ଚ ଶିକ୍ଷା ବିଭାକୁ ଧନ୍ୟବାଦ ଜଣାଇଛନ୍ତି।

## କୋରାପୁଟ ଜିଲ୍ଲାପାଳଙ୍କ ନନ୍ଦପୁର ବ୍ଲକ ପରିଦର୍ଶନ



ନନ୍ଦପୁର,୩।୬ (ସମିସ): କୋରାପୁଟ ଜିଲ୍ଲାପାଳ ଭି କିର୍ତି ଭାସନ ନନ୍ଦପୁର ବ୍ଲକ ପରିଦର୍ଶନରେ ଆସି ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ତେବେ ନୂତନ କୋଠା ନିର୍ମାଣ କାର୍ଯ୍ୟ ମନ୍ଥର ଗତି ଚାଲିଥିବା ନେଇ ସେ କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ କାର୍ଯ୍ୟ ଶେଷ କରି କୋଠା ହସ୍ତାନ୍ତର କରିବାକୁ ବିଭାଗୀୟ ଅଧିକାରୀଙ୍କୁ କଡା ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଅନ୍ୟପଟେ ଥିବା ଗ୍ରାମପଞ୍ଚାୟତ ଅଧୀନସ୍ଥ ପାତ୍ର ପଣ୍ଡି ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ କାର୍ଯ୍ୟ ଆରମ୍ଭ ହୋଇ ସ୍କୁଲ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ କର୍ତ୍ତୃପକ୍ଷଙ୍କ ଆଲୋଚନା କରିବା ସହ ଭିତ୍ତି ଭୂମି ସ୍ଥିତି ଅନୁଧ୍ୟାନ କରିଥିଲେ। ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, ନନ୍ଦପୁର ସହକାରୀ ତହସିଲଦାର ମାଧବ ପାଙ୍ଗି, ସୁପର ଭାଇଜର ସୋମନାଥ ମୁଦୁଲି, ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ମମତାଜ ଗୋମାଙ୍ଗ , ଏନଆରଏଚଏମ୍ କନିଷ୍ଠ ଯନ୍ତ୍ରୀ ଓ ଏଇ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଚୋରି ମାମଲାରେ ସାଧୁବାବାଙ୍କୁ ଉଠାଇଲା ପୁଲିସ



ବୈପାରୀଗୁଡ଼ା,୩।୬(ସମିସ): ବୈପାରୀଗୁଡା ସଦର ମହାକୁମାରେ ଚୋରି ଅଭିଯୋଗରେ ଜଣେ ସାଧୁବାବାଙ୍କୁ ଉଠାଇ ନେଲା ପୋଲିସ । ବୈପାରିଗୁଡାରେ କିଛି ଦିନ ହେବ ଜଣେ ହଳଦିଆ ରଙ୍ଗ ଧୋତି ଗାମୁଛା ପିନ୍ଧା ଲୋକ ନିଜକୁ ସାଧୁବାବାର ପରିଚୟ ଦେଉଥିବା ବେଳେ ଆଜି ବାବାଙ୍କ ଅସଲି କଳା କାରନାମା ସାମ୍ନାକୁ ଆସିଛି। ବୈପାରିଗୁଡା ସଦର ମହକୁମା ସ୍ଥିତ ନବ ନିର୍ମିତ ଜର୍ଜ କୋର୍ଟ ହଲ୍‌ରୁ ଦୁଇଟି ଫ୍ୟାନ, ସୋଲାର ବ୍ୟାଟେରୀ, ଲୁହା ଝଲେଇ ମେସିନ୍ ଏବଂ ବିଭିନ୍ନ ପ୍ରକାରର ଲୁହା ସାମଗ୍ରୀ ଚୋରିକରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ଆଖିରେ ସେ ଧରାପଡ଼ିଥିଲେ। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ପୁଲିକୁ ସୂଚନା ଦେବା ପରେ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ବାବାକୁ ଉଠାଇ ନେବା ସହ ଚୋରି ସାମଗ୍ରୀ ଜବତ କରିଛି। ସାଧୁବାବାଙ୍କୁ ଥାନାରେ ଅଟକ ରଖି ପଚାରାଉଚରା କରିବା ସମୟରେ ତାଙ୍କ ନିକଟରୁ କର୍ଣ୍ଣାଟକର ପରିଚୟପତ୍ର ବାହାରିଛି। ତଦନ୍ତ ପରେ ପ୍ରକୃତ ପରିଚୟ ଜଣାପଡିବ ବୋଲି ବୈପାରୀଗୁଡା ପୋଲିସ ସୂଚନା ଦେଇଛି।

## ଜଳ ମୃତ୍ୟୁ କମାଇବାକୁ ସନ୍ତରଣ ପ୍ରଶିକ୍ଷଣ

କୋରାପୁଟ,୩।୬(ସମିସ): ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜଳମୃତ୍ୟୁ କିଭଳି ନହେବ ସେନେଇ ୧୪ଟି ବ୍ଲକର ୩ଶହ ପିଲାଙ୍କୁ ସନ୍ତରଣ ପ୍ରଶିକ୍ଷଣ ଦିଆଯାଉଛି। କୋରାପୁଟ ଓଏସ୍‌ଏପି ତୃତୀୟ ବାଟାଲିୟନ ପରିସରରେ ପ୍ରତିଦିନ ୩୦ ଜଣ ପିଲାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଜିଲ୍ଲାର ୧୪ଟି ବ୍ଲକ୍‌ରୁ ସ୍ୱେଚ୍ଛାକୃତ ଭାବରେ ପଞ୍ଜିକୃତ କରି ସେମାନଙ୍କୁ ଚୟନ କରାଯାଇଛି। ଆପଦାକାଳୀନ ସମୟରେ କୌଣସି ବ୍ୟକ୍ତିଙ୍କ ଯେଭଳି ଜଳ ମୃତ୍ୟୁ ନହେବ ସେଥିନେଇ ପ୍ରଶିକ୍ଷଣ ଆରମ୍ଭ ହୋଇଛି। ଏହି ପ୍ରଶିକ୍ଷଣ ୧୦ ଦିନ ଧରି ଚାଲିବ। ଏହି କାର୍ଯ୍ୟକ୍ରମକୁ ପ୍ରୋବେସନାରୀ ଆଇଏଏସ୍ ସନ୍ତୋଷ କୁମାର ପାତ୍ର, ଜିଲ୍ଲାଜରୁରୀ କାଳୀନ ବିଭାଗ ଅଧିକାରୀ ସୁବ୍ରତ କୁମାର ସାହୁ, ଓଏସ୍‌ଏପି ତୃତୀୟ ବାଟାଲିୟନ ସହକାରୀ ଦୁର୍ଗପତି ବସନ୍ତ କୁମାର ନାୟକ, ମାନସ ରଞ୍ଜନ ସେନାପତି, ଓଡ୍ରାଫ ଇନଚାର୍ଜ ଡେପୁଟି ସୁବେଦାର ବିରେନ୍ଦ୍ର ରାଉତ ଯୋଗଦେଇ ତଦାରଖ କରୁଥିଲେ। ଓଏସ୍‌ଏପି ତୃତୀୟ ବାଟାଲିୟନ ଯବାନ ସନ୍ତୋଷ ପଣ୍ଡା ପ୍ରଶିକ୍ଷଣ ଶିବିର ପରିଚାଳନାରେ ସହଯୋଗ କରୁଛନ୍ତି।

## ବାଲ୍ୟବିବାହ ନିଷେଧ ସଚେତନା କର୍ମଶାଳା



ଚନ୍ଦ୍ରପୁର,୩।୬(ସମିସ): ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ସଦ୍‌ଭାବନା ଗୃହ ପରିସରରେ ବାଲ୍ୟ ବିବାହ ନିଷେଧ ସଚେତନା ନିବାରଣ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଚନ୍ଦ୍ରପୁର ଭାରପ୍ରାପ୍ତ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଶ୍ରୀମତୀ ଡାଳିମ୍ବ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥ ଠିଭାବେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ ବିଶ୍ୱବନ୍ଦିତା ବେହେରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିଶୁ ସୁରକ୍ଷା ଅଧିକାରୀ ଗୁଣପୁର ଶ୍ରୀମତୀ କଳ୍ପନା ମହାଙ୍କୁଡ, ଚନ୍ଦ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ୟକାନ୍ତ ବଗାଲ, ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ରାହୁଲ କୁମାର ସାହୁ , ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଗଣେଶ ଶବର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ପ୍ରଧାନ ଶିକ୍ଷକ ଶିକ୍ଷକ, ଶିକ୍ଷୟିତ୍ରୀ, ମେଟ୍ରୋନ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଯୋଗଦେଇ ଏ ସମ୍ପର୍କରେ ମତ ଦେଇଥିଲେ। ଏଥିରେ ଚନ୍ଦ୍ରପୁର ଶିଶୁ ବିକାଶ ସୁପର ଭାଇଜର, ପ୍ରମିଳା ପାଣି, ଅରୁଣା ମହାନନ୍ଦିଆ, ରାଧେ ଶ୍ୟାମ ହୀଆଳ , ପରମାନନ୍ଦ ବେବର୍ତ୍ତା,କାର୍ତ୍ତିକ ବିଏସ୍କା, ବ୍ଲକ ସମ୍ପ୍ରସାରଣ ଅଧିକାରି ଶ୍ରୀତମ ପୂର୍ତ୍ତି, ପୁଲିସ, ଗଣମାଧ୍ୟମ ପ୍ରତିନିଧି ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

● ଚିକିତ୍ସାଧୀନ କାଶପତିଙ୍କ ମୃତ୍ୟୁ

## କାର୍ଯ୍ୟାନୁଷ୍ଠାନ ଦାବିରେ ଥାନାରେ ଶବ ରଖି ପ୍ରତିବାଦ

ନନ୍ଦପୁର, ୩।୬ ( ସମିସ): ଓଡ଼ିଶା ଆନ୍ଧ୍ର ସୀମାନ୍ତ ଚାଟୁଆ ନିକଟ ଏକ ବ୍ରିଜ୍ ତଳୁ ଗୁରୁତର ଅବସ୍ଥାରେ ନନ୍ଦପୁର ବ୍ଲକ୍ ରାଇସିଂ ପଞ୍ଚାୟତ ଅନ୍ତର୍ଗତ ଚିଲିପୁଟ ଗ୍ରାମର କାଶପତି ହନ୍ତାଳଙ୍କୁ ଗତ ୨୫ ତାରିଖ ଦିନ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବିଶାଖାପାଟଣାସ୍ଥିତ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି। ପରିବାର ଲୋକେ ମର ଶରୀରକୁ ଆମ୍ବୁଲାନ୍ସ ଯୋଗେ ଆଣି ନନ୍ଦପୁର ଥାନା ସମ୍ମୁଖରେ ରଖି ତୁରନ୍ତ ଏହି ଘଟଣାରେ ସମ୍ପୃକ୍ତ ଲୋକଙ୍କୁ ଗିରଫ କରିବା ପାଇଁ ଦାବି କରୁଛନ୍ତି। ସୂଚନା ଅନୁସାରେ ୨୫ ତାରିଖ ଦିନ ରାଇସିଂ ପଞ୍ଚାୟତ ଅନ୍ତର୍ଗତ ଚିଲିପୁଟ ଗ୍ରାମର କାଶପତି ତାର ଦୁଇ ସାଙ୍ଗ ଥିବା ପଞ୍ଚାୟତ ଅନ୍ତର୍ଗତ ପରଟା ଗ୍ରାମର ଗୋପୀ ତାଲିଆ ଓ ଯୋଗେଶ ଖରାଙ୍କ ସହ ଘରୁ ବାହାରି ଆଉ ଘରକୁ ଫେରି ନଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାକୁ ଉଦ୍ଧାର କରି ଆରକୁ ସ୍ଥିତ ଡାକ୍ତରଖାନାରେ ଭର୍ତ୍ତି କରିବା ପରେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ଗୁରୁତର ଅବସ୍ଥାରେ ଥିବା କାଶପତିକୁ ବିଶାଖାପାଟଣା ସ୍ଥିତ ଏକ ଡାକ୍ତରଖାନାକୁ ଅଧିକ ଚିକିତ୍ସା ଲାଗି ସ୍ଥାନାନ୍ତର କରିଥିଲେ। ପୁଅର ଏହି ଅବସ୍ଥା ପାଇଁ ଏହି ଦୁଇ ସାଙ୍ଗ ମାନେ ଦାୟୀ ବୋଲି ସନ୍ଦେହ କରି ଗତ ମଙ୍ଗଳବାର ଦିନ ନନ୍ଦପୁର ଥାନାରେ ଓ ବୁଧବାର ଦିନ ଆନ୍ଧ୍ରର ଆରକୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଦୁଇ ରାଜ୍ୟର ଦୁଇଟି ଥାନାରେ ଅଭିଯୋଗ ହୋଇଥିବା ବେଳେ ଉଭୟ ରାଜ୍ୟର ପୁଲିସ ମାମଲାକୁ ତର୍ଜମା କରୁଛନ୍ତି। ଆଇଆଇସି ମମତା କୁମାରୀ ପଣ୍ଡାଙ୍କ କହିବା ଅନୁସାରେ ଶବ ବ୍ୟବଚ୍ଛେଦ ଶେଷ ହୋଇଛି। ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଗ୍ରାମବାସୀ ଓ ପରିବାର ବର୍ଗଙ୍କୁ ବୁଝାସୁଝା କରାଯାଉଛି।

## ଲକ୍ଷ୍ମୀପୁର ବିଧାୟକଙ୍କ ବିରୋଧରେ ବର୍ଷିଲେ ପୂର୍ବତନ ବିଧାୟକ ପ୍ରଭୁ ଜାନୀ

### ବିଧାୟକଙ୍କ ମଦଦୋକାନରେ ତାଲାମରା ମାମଲା




କୋରାପୁଟ,୩।୬ (ସମିସ) ସ୍ଥାନୀୟ ପ୍ରେସକ୍ଲବ ଠାରେ ଲକ୍ଷ୍ମୀପୁରର ପୂର୍ବତନ ବିଧାୟକ ପ୍ରଭୁ ଜାନୀ ଏକ ପ୍ରେସମିଟ କରି ବିଧାୟକ ପବିତ୍ର ସାଉଁନ୍ତାଙ୍କ ଉପରେ ବର୍ଷିଛନ୍ତି। ପିସି ନମିଳିବାରୁ ବିଧାୟକ ଦୌରାତ୍ମ ଦେଖାଉଥିବା ସେ ଅଭିଯୋଗ କରିଛନ୍ତି। ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ଥିବା ବିଭିନ୍ନ ସରକାରୀ ମଦ ଦୋକାନରେ ବିଧାୟକ ତାଲା ପକାଇବାକୁ ସେ ନାପସନ୍ଦ କରିଛନ୍ତି। ମଦ ଦୋକାନ ଗୁଡିକୁ ନିଜେ ବୁଲି ବୁଲି ତାଲା ପକାଇବା ଏକ ନିନ୍ଦନୀୟ ଘଟଣା ଏବଂ ବିଧାୟକ ପଦର ଗରିମା ନଷ୍ଟ ହେଉଛି । ଏପରିକି ତାଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ହେବା ବି ଜଣେ ନିର୍ବାଚିତ ଜନପ୍ରତିନିଧି ପ୍ରତି ଏକ ଅପମାନ ଜନକଘଟଣା ବୋଲି ଶ୍ରୀଜାନୀ ମନ୍ତବ୍ୟ ଦେଇଛନ୍ତି। ଏତଲା ପରେ ପୁଲସି କଣ ପାଇଁ ଚୁପ ବୋଲି ସେ ପ୍ରଶ୍ନ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଗତ ସରକାରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖଣି ଅଞ୍ଚଳରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦେବା ସହ ଏକ କାରଖାନା ପ୍ରତିଷ୍ଠା କରିବା ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ବର୍ତ୍ତମାନର ବିଧାୟକ ସେ ସବୁକୁ ଗୁରୁତ୍ୱ ନଦେଇ ନିଜ ପକେଟ୍ ଗରମ କରିବା ପାଇଁ କିଛି ଦିନ ତଳେ ଖଣି ଅଞ୍ଚଳରେ ହୋ ହାଲ୍ଲା କଲେ। ପରେ ଖଣି ପଇସା ଖାଇ ଲୋକଙ୍କ ସମସ୍ୟା ଭୁଲିଗଲେ। ବର୍ତ୍ତମାନ କୋଡିଙ୍ଗାମାଳିରୁ ମାଟି ବେଦାନ୍ତର ଲାଞ୍ଜିଗଡ ଯାଉଛି। କିନ୍ତୁ ସ୍ଥାନୀୟ ଅଞ୍ଚଳର କୌଣସି ବିକାଶ ହେଉନାହିଁ। ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ କାରଖାନା ପ୍ରତିଷ୍ଠା ଓ ସ୍ଥାନୀୟ ନିଯୁକ୍ତି ପାଇଁ ଆବଶ୍ୟକ ପଡିଲେ ମାଟି ଚାଲାଣ ବନ୍ଦ କରାଯିବ ବୋଲି ସେ ସିଧାସଳଖ କହିଛନ୍ତି। ପୁଣି ୨୦୨୩-୨୪ ଆର୍ଥିକ ବର୍ଷରେ ଆଇଟିଡିଏ ଓ ଡିଏମଏଫ ଫଣ୍ଡର ଆସିଥିବା ବିଭିନ୍ନ ଅନୁଦାନକୁ କାର୍ଯ୍ୟକାରୀ ନକରାଇ ଓଲଟା ପିସି ପାଇଁ ଅଫିସରଙ୍କୁ ଧମକ ଚମକ ଦେଉଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଆଗାମୀ ଦିନରେ ଲକ୍ଷ୍ମୀପର ନିର୍ବାଚନ ମଣ୍ଡଳୀର ସାମୂହିକ ବିକାଶ,ଲୋକଙ୍କ ସମସ୍ୟା,ସ୍ଥାନୀୟ ନିଯୁକ୍ତି,କାରଖାନା ପ୍ରତିଷ୍ଠା ସହ ବିଧାୟକଙ୍କ ମନମୁଖୀ ଶାସନ,ଗୁଣ୍ଡାଗର୍ଦ୍ଦିକୁ ନେଇ ଏକ ଏଜେଣ୍ଡା ପ୍ରସ୍ତୁତ କରାଯିବ ଖୁବ ଶୀଘ୍ର ଆଲୋଚନା କରାଯାଇ ପ୍ରଥମେ କୋରାପୁଟ ଓ ରାୟଗଡା ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯିବ । ଯଦି ସେଥିରେ କିଛି ସୁଫଳ ନମିଳେ ତେବେ ୧୦ରୁ ୧୫ ହଜାର ଲୋକଙ୍କୁ ନେଇ ଘେରାଉ ସହ ଆନ୍ଦୋଳନାପନ୍ଥା ଗ୍ରହଣ କରାଯିବ ବୋଲି ପୂର୍ବତନ ବିଧାୟକ ଶ୍ରୀଜାନୀ କହିଛନ୍ତି।

## ରଜ କୁଇନ୍ ପ୍ରତିଯୋଗିତା ପାଇଁ ୩୦ ମନୋନୀତ

ଲକ୍ଷ୍ମୀପୁର,୩।୬(ସମିସ) :ରଜ କୁଇନ୍ ନାମରେ ଏକ ପ୍ରତିଯୋଗିତା ପାଇଁ ମଙ୍ଗଳ ଦିନ ବାସନ୍ତୀ କଲ୍ୟାଣୀ ମଣ୍ଡପ ଠାରେ କନିଷ୍ଠ ଓ ବରିଷ୍ଠ ଝିଅ ମାନଙ୍କ ପାଇଁ ଅଡିସନ୍ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ଆଇଆଇସି ସୁଜ୍ଞାନୀ ସାହୁ ଯୋଗ ଦେଇଥିଲେ। ଅଡିସନ୍‌ରେ ୪୭ ଜଣ କନିଷ୍ଠ ଓ ବରିଷ୍ଠ ଝିଅ ଭାଗ ନେଇଥିଲେ। ଆସନ୍ତା ୧୫ ତାରିଖରେ ହେବାକୁ ଥିବା ରଜ କୁଇନ୍‌ପ୍ରତିଯୋଗିତାରେ ଭାଗ ନେବା ପାଇଁ ୩୦ ଜଣଙ୍କୁ ମନୋନୀତ କରାଯାଇଛି। ଏହି ଅଡିସନ୍‌ରେ ବିଚାରକ ଭାବେ ଶିଶୁ ମନ୍ଦିରର ଗୁରୁମା ଆରତୀ ପ୍ରିୟଦର୍ଶିନୀ ସାହୁ, ଅନୁପମା ତୁରୁକ, ବରିଷ୍ଠ ନାଗରିକ ମାଦେବ ଶତପଥୀ ନିୟୋଜିତ ହୋଇ ଥିଲେ। ଏଥିରେ ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପାଣିଗ୍ରାହୀ, ଅରୁଣ କୁମାର ମିଶ୍ର, ଗୋପୀନାଥ ମହାପାତ୍ର, ପରମେଶ୍ୱର ସାହୁ, ସୌଭାଗ୍ୟ ରାଣୀ ନାୟକ ଓ ଭବାନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ଥିବା ଝିଅ ମାନଙ୍କୁ ଏଭଳି ସୁଯୋଗ ଦେଇଛନ୍ତି ସମାଜସେବୀ ସଂଗୀତା ମିଶ୍ର।

## ମେଡିକାଲ କଲେଜରେ ବକ୍ରପାଦ ଦିବସ ପାଳିତ

କୋରାପୁଟ,୩।୬ (ସମିସ):

ସ୍ଥାନୀୟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍‌ପିଟାଲର ଅସ୍ଥି ଶଲ୍ୟ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ବାଳ ସୁରକ୍ଷା ଓ କିୟୁ ଇଣ୍ଡିଆର ସହଯୋଗରେ ବକ୍ରପାଦ ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ମେଡ଼ିକାଲ କଲେଜ ହସ୍ପିଲର ଅଧିକ୍ଷକ ଡ ଶୁଶାନ୍ତ କୁମାର ସାହୁ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡ. ଚିନ୍ମୟ ସାହୁ ,ଡ.ସନ୍ଦୀପ ଭାଲେଗାଡା ,ଡ. ଜନ୍ମେଜୟ ଦାସ ,ଡ. ଡି ସୁନୀଲ କୁମାର,ମନୋଜ କୁମାର ଦାସ ଯୋଗ ଦେଇ ଏହି ଦିବସର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ରୋଗ ଶିଶୁର ଜନ୍ମରୁ ଆରମ୍ଭ ହେବା ପରେ ଏହାର ଚିକିତ୍ସା ଛଅ ସପ୍ତାହ ମଧ୍ୟରେ ହୋଇପାରିବ ବୋଲି କହିବା ସହ ଛୋଟ ଶିଶୁର ଗୋଡ ପ୍ଲାଷ୍ଟର ମାଧ୍ୟମରେ ହୋଇ ପାରିବ। ସେଥିପାଇଁ ଛଅ ଥର ପ୍ଲାଷ୍ଟରର ଜରୁରୀ ଅଛି। ମା’ର ଉଚ୍ଚତା କମ୍‌ଥିଲେ କିମ୍ବା ଗର୍ଭଶୟରେ ଶିଶୁ ବୁଲି ନପାରିଲେ ଏହି ରୋଗ ଦେଖାଦେବ ବୋଲି ଜଣାପଡିଛି। ଆଜିର ଏହି କାର୍ଯ୍ୟକ୍ରମରେ ଆର ବି ଅକ୍ସ ମ୍ୟାନେଜର ସନ୍ତୋଶୀ କୁମାରୀ ଗୋପୀ ,ସସ୍ମିତା ଜେନା ଉପସ୍ଥିତ ଥିଲେ।

# ରାୟଗଡ଼ା ଗ୍ରାମଦେବୀଙ୍କ ଘଣ୍ଟ ପର୍ବ ଆରମ୍ଭ





**ରାୟଗଡ଼ା,୩।୬(ସମିସ):**

ରାୟଗଡ଼ା ଗ୍ରାମଦେବୀଙ୍କ ଘଣ୍ଟ ପର୍ବ ତଥା ବାର୍ଷିକ ଉତ୍ସବ ଆଜିଠୁ ଧୂମଧାମରେ ଆରମ୍ଭ ହୋଇଯାଇଛି । ଏହି ଉତ୍ସବ ଜୁନ୍ ୨ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ୧୨ଦିନ ଧରି ଚାଲିବ । ପରମ୍ପରା ଅନୁଯାୟୀ ରାୟଗଡ଼ା ଗ୍ରାମଦେବୀଙ୍କ ପର୍ବକୁ ରାଜା ଘର ଘଣ୍ଟ ବୋଲି ମଧ୍ୟ କୁହାଯାଇଥାଏ । ଅଞ୍ଚଳବାସୀ ଗ୍ରାମଦେବୀ କୁହନ୍ତି ଏବଂ ଚାଷୀକୁଳ ବର୍ଷାର ସୁଭାଗମନରେ ମା'ଙ୍କ ପର୍ବ ଠାରୁ ହିଁ ଚାଷ କାମ ଆରମ୍ଭ କରି ଦିଅନ୍ତି । ମା'ଙ୍କ ଆଶୀର୍ବାଦରେ ଜମିରେ ଭଲ ଫସଲ ଅମଳ ପାଇଁ ଭଲ ବର୍ଷାର ମଧ୍ୟ ଆବଶ୍ୟକ ହୋଇଥାଏ । ତେଣୁ ରୟିତ ଅର୍ଥାତ ଚାଷୀକୁଳ ପରିବାର ମା'ଙ୍କୁ ବୁରୁଦଲାପାଲ୍ଲାମା ବୋଲି କହିଥାନ୍ତି । ରୀତିନୀତି ଅନୁସାରେ ମେ ୩୧ତାରିଖ ଶନିବାର ଦିନ ପର୍ବର ପ୍ରଚାର କରାଯାଇଥାଏ । ରବିବାର ଦିନ ଭୋର ୩ଟା ଠାରୁ ଉଜୁଡି ଗାଡ଼ି ବୁଲିଥାଏ । ଏଥିରେ ମହିଳା ମାନେ ନିଜ ପରିବାରର ମଙ୍ଗଳ କାମନା କରି ଚାଉଳ ଏବଂ ଭାତ ପକାଇ ଥାଆନ୍ତି । ଚାଉଳ ଏବଂ ଭାତକୁ ଏକାଠି କରି ଅଞ୍ଚଳର ମଙ୍ଗଳ ସକାଶେ ପୂଜା କରାଯାଇଥାଏ । ୨ ତାରିଖ ସୋମବାର ଦିନ ସ୍ଥାନୀୟ ଟ୍ରେଜେରୀ କାର୍ଯ୍ୟାଳୟ ପରିସରରେ ଥିବା ପୂଜା ସ୍ଥଳରୁ ମା'ଙ୍କ ପାଦ ଅଣାଯାଇଥିଲା । ମଙ୍ଗଳବାର ଦିନ ମା'ଙ୍କ ଗୋଡ଼ ବ୍ୟଥା ଯୋଗୁଁ ବିଶ୍ରାମ କରନ୍ତି । ବୁଧବାର ଠାରୁ ରବିବାର ଘଣ୍ଟ ହାଣ୍ଡି ସହର ପରିକ୍ରମା କରେ । ରବିବାର ଦିନ ମା'ଙ୍କ ହଳଦୀ ପାଣି ସ୍ନାନ ନିଆରା ଢଙ୍ଗରେ ପାଳିତ ହୋଇଥାଏ । ରାତ୍ର କଣ୍ଟା ଦୋଳି ଖେଳ ହୋଇଥାଏ । ସୋମବାର ରାତିରେ ଭୂତ ପ୍ରେତ ଆସି ମାଁଙ୍କ ସହିତ ଝଗଡ଼ା ଲାଗନ୍ତି, ଏହା ନାଟକୀୟ ଢଙ୍ଗରେ ପରିବେଷଣ ହୋଇଥାଏ । ମଙ୍ଗଳବାର ରାତିରେ ଗ୍ରାମ ତଥା ସହରକୁ କୌଣସି ଦୁଷ୍ଟ ଶକ୍ତି ପ୍ରଭାବ ନ ପଡୁ ପୂଜାରୀ ଗ୍ରାମକୁ ବାନ୍ଧି ଦିଅନ୍ତି । ବୁଧବାର ୧୧ ତାରିଖ ଭୋର୍ ୪ଟାରୁ ମା'ଙ୍କ ଘଣ୍ଟ ହାଣ୍ଡି ବିସର୍ଜନ ଆରମ୍ଭ ହୋଇଥାଏ । ଭୋର୍ ୪ଟାରେ ମଝିଘରିଆଣୀ ମନ୍ଦିର ଘଣ୍ଟ ବିସର୍ଜନ । ସକାଳ ୭ଟାରେ ସାତଭଉଣୀ ମନ୍ଦିର ଘଣ୍ଟ ବିସର୍ଜନ ଏବଂ ସକାଳ ୯ ଘଣ୍ଟା ସମୟରେ ମା' ଗ୍ରାମଦେବୀଙ୍କ ଘଣ୍ଟ ବିସର୍ଜନ ହୋଇଥାଏ । କମିଟିର ସୂଚନା ପ୍ରକାରେ ଲୋକଙ୍କ ମନୋରଞ୍ଜନ ପାଇଁ ୪ ତାରିଖରେ କାନ୍ଧାରା ଡାନ୍ସ, ଆଗୋରା ଡାନ୍ସ, ୬ତାରିଖରେ ବାଘ ଓ ସିଂହ ଡାନ୍ସ, ୮ତାରିଖରେ କାଳୀମାତା ଡାନ୍ସ/କଥାକଲି ରଖା ଯାଇଛି । ଗ୍ରାମ ଦେବୀଙ୍କ ଏହି ଘଣ୍ଟ ପର୍ବ ଶୋଭାଯାତ୍ରାରେ ପୂର୍ବତନ ରାଜ୍ୟସଭା ସାଂସଦ ଏନ. ଭାସ୍କର ରାଓଙ୍କ ଉପସ୍ଥିତି ପୂଜା କମିଟିର ସଦସ୍ୟ ମାନଙ୍କ ମଧ୍ୟରେ ଉତ୍ସାହ ଓ ଉଦ୍ଦୀପନା ଦ୍ୱିଗୁଣିତ କରି ଦେଇଥିଲା ବୋଲି ମନ୍ଦିର ପରିଚାଳନା କମିଟି ସଭାପତି ବାର୍ଜୀ ଜଗନ୍ ମୋହନ ରାଓ କହିଛନ୍ତି । କମିଟି ସଦସ୍ୟ କିନ୍ତାଲି ଶ୍ରୀନିବାସ ରାଓ, ୟେଦୁ ଶ୍ରୀ ହରି ରାଓ, ଜେ.ସିଭାଜି କୁମାର, ବାର୍ଜୀ ସଞ୍ଜୟ ସାଗର, ବି. ଶ୍ରୀନିବାସ ନାୟଡୁ, ତେନ୍ତୁ ଭେଙ୍କେଟେଶ ଏବଂ ଅନ୍ୟ କର୍ମକର୍ତ୍ତା ଓ ସ୍ଥାନୀୟ ବାସିନ୍ଦା ପୂଜାରେ ପୂର୍ଣ୍ଣ ସହଯୋଗ କରୁଛନ୍ତି ।

## ସ୍ୱୟଂସହାୟକ ଗୋଷ୍ଠୀର ସବ୍‌ସିଡି ଟଙ୍କା ହଡ଼ପ ଅଭିଯୋଗ

**ପୋଡ଼ାଗଡ଼,୩।୬(ସମିସ):**

କୋରାପୁଟ ଜିଲ୍ଲା ଦସମନ୍ତପୁର ବ୍ଲକର ପୋଡ଼ାଗଡ଼ ପଞ୍ଚାୟତ ଅନ୍ତର୍ଗତ ଲମତାପୁଟ ଗ୍ରାମର ୧୦ ଜଣ ମହିଳା ମିଶି ଗ୍ରାମଦେବୀ ନାମରେ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ସ୍ୱାବଲମ୍ବୀ ହେବା ପାଇଁ ଅଣ୍ଟା ଭିଡିଥିଲେ । ଲକ୍ଷ ଥିଲା କୁକୁଡ଼ା ପାଳନ । ଲକ୍ଷ୍ୟ ଥିଲା । ବ୍ୟବସାୟ କରି ନିଜେ ସ୍ୱାବଲମ୍ବୀ ହେବା ସହ ପରିବାର ପ୍ରତିପୋଷଣ କରିବାରେ ସହାୟକ ହୋଇ ପାରିବେ । ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତିଙ୍କ ସ୍ୱାମୀ ପଶୁ ସମ୍ପଦ ବିଭାଗ ସହ ଯୋଗାଯୋଗ କରି କୁକୁଡ଼ା ପାଳନ କରି ବିକ୍ରି କରିବା ପାଇଁ ନିଷ୍ପତି ନେଲେ । ବିଭାଗ ପକ୍ଷରୁ ଗ୍ରାମଦେବୀ ସ୍ୱୟଂ ସହାୟକ ଗୋଷ୍ଠି ନାମରେ କୁକୁଡ଼ା ପାଳନ ପାଇଁ ଋଣ ଯୋଗାଇ ଦେବାକୁ ବ୍ୟାଙ୍କକୁ ସୁପାରିଶ କରାଗଲା । ବ୍ୟାଙ୍କ ମଧ୍ୟ ଏହି ଗ୍ରୁପ ନାମରେ ପ୍ରଥମେ ୧ ଲକ୍ଷ ୭୨ ହଜାର ଟଙ୍କା ମଞ୍ଜୁରୀ କରିଥିଲେ । ଏହା ପରେ ସଭାପତିଙ୍କ ସ୍ୱାମୀ ନିଜସ୍ୱ ଟଙ୍କାରେ କୁକୁଡ଼ା ଘର ନିର୍ମାଣ କରି ବ୍ୟବସାୟ ଆରମ୍ଭ କଲେ । ଏହା ପରେ ବ୍ୟାଙ୍କ ପକ୍ଷରୁ ଏହି ଗୋଷ୍ଠୀକୁ ୧ ଲକ୍ଷ ୧୫ ହଜାର ଟଙ୍କା ସବସିଡ଼ି ପ୍ରଦାନ କରାଗଲା । ଯାହା କି ଏହି ଗୋଷ୍ଠୀର ୧୦ ଜଣ ମହିଳା ପ୍ରତ୍ୟେକ ସମାନ ଭାବେ ଭାଗ ବାଣ୍ଟି ନେବା କଥା । କିନ୍ତୁ ଏହି ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ବବିତା ଚୌଧୁରୀ ନିଜ ସ୍ୱାମୀ ରାମଚନ୍ଦ୍ର ଚୌଧୁରୀଙ୍କ ସହ ମିଶି ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ୧ ଲକ୍ଷ ୧୫ ହଜାର ଟଙ୍କା ଗ୍ରୁପର କୌଣସି ସଦସ୍ୟାଙ୍କୁ ନଦେଇ ହଡ଼ପ କରିଦେଇଛନ୍ତି । ଏ ବାବଦରେ ଗ୍ରୁପର ମହିଳା ମାନେ ପଚାରିଲେ ସ୍ୱାମୀ-ସ୍ତ୍ରୀ ମିଶି ସେମାନଙ୍କୁ ଧମକ ଚମକ ଦେବା ସହ ଗ୍ରୁପର ଖାତା ପତ୍ର ଲୁଚାଇ ଦେଇଥିବା ଗୋଷ୍ଠୀର ସମ୍ପାଦିକା ଯସମତି ଚୌଧୁରୀ, ଅରୁଣା ଚୁଧୁରୀ, ସୁଶିଳା ସାହୁ, ଶିବାନୀ ସନ୍ତଶି ଚୌଧୁରୀ, ଦେବକୀ ଚୌଧୁରୀଙ୍କ ସମେତ ସମସ୍ତ ସଦସ୍ୟା କହିଛନ୍ତି । ଏହି ଟଙ୍କା ପାଇବାରେ ବ୍ଲକ ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ ସହାୟତା କଲେ ଏମାନେ ଉପକୃତ ହୋଇପାରନ୍ତେ ବୋଲି ପ୍ରକାଶ କରିଛନ୍ତି ।

# ରବିଧାନ ମଣ୍ଡି ନେଇ ସଚେତନତା ରଥର ଶୁଭାରମ୍ଭ



ଜୟପୁର,୩।୬ (ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଆଞ୍ଚଳିକ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ୪ଟି ବ୍ଲକରେ ଅମଳ ହୋଇଥିବା ରବିଧାନ ମଣ୍ଡିକୁ ଆଣି ବିକ୍ରି କରିବା ଉଦ୍ଦେଶ୍ୟରେ ଏକ ସଚେତନତା ରଥର ଶୁଭାରମ୍ଭ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ଆଞ୍ଚଳିକ ନିୟନ୍ତ୍ରିତ ବଜାର କମିଟିର ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । ଜିଲ୍ଲାର ସର୍ବାଧିକ ରବିଧାନ ଅମଳ ହେଉଥିବା ଜୟପୁର ଉପଖଣ୍ଡର କୋଟପାଡ, କୁନ୍ଦୁରା, ଜୟପୁର ଏବଂ ବୋରିଗୁମ୍ମା ବ୍ଲକରେ ନିୟନ୍ତ୍ରୀତ ବଜାର କମିଟି ପକ୍ଷରୁ ୩ଟି ରଥ ଆଜି ବାହାରିଛି । ଶୁଭାରମ୍ଭ ଦିବସରେ ଏହି ୪ଟି ବ୍ଲକରେ ଚାଷୀଙ୍କୁ ସଚେତନତା କରିବା ସହ ଟୋକେନ ଅନୁଯାୟୀ ଉକ୍ତ ତାରିଖରେ ଅମଳ ରବିଧାନ ମଣ୍ଡିକୁ ଆଣିବାକୁ ଘୋଷଣା କରାଯିବ । ଅନେକ ମଣ୍ଡିରେ ଟିଣ ଛପର ରହିଥିବା ବେଳେ ବଳକା ଅସ୍ଥାୟୀ ମଣ୍ଡି ଗୁଡ଼ିକରେ ବର୍ଷାରୁ ରକ୍ଷା ପାଇବା ପାଇଁ ପାଲ ଏବଂ ପାଣି ନିଷ୍କାସନ ପାଇଁ ଡ୍ରେନର ବ୍ୟବସ୍ଥା କରାଯାଇଛି ବୋଲି ବଜାର କମିଟିର ଅଧ୍ୟକ୍ଷା ତଥା ମୁଖ୍ୟଅତିଥି କୁମାରୀ ରେଡ୍ଡି ପ୍ରକାଶ କରିଥିଲେ । ଆସନ୍ତା ୫ ତାରିଖ ସୁଦ୍ଧା ସମସ୍ତ ମଣ୍ଡି କାର୍ଯ୍ୟକାରୀ ହେବ ଏବଂ ଏହି ସଚେତନତା ରଥ ଆଜି ଠାରୁ ଆସନ୍ତା ୧୦ରୁ ୧୫ ଦିନ ପର୍ଯ୍ୟନ୍ତ ୪ଟି ବ୍ଲକର ସମସ୍ତ ଗ୍ରାମରେ ପହଞ୍ଚି ସଚେତନ କରିବ ବୋଲି ଏହି କାର୍ଯ୍ୟକ୍ରମ ପରିଚାଳନା କରୁଥିବା ବଜାର କମିଟିର ସମ୍ପାଦକ ଦୁର୍ଗା ପ୍ରସାଦ ଛୁରିଆ ପ୍ରକାଶ କରିଛନ୍ତି । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ବାଲା ରାୟ, ସଦସ୍ୟ ଦେବେନ୍ଦ୍ର ବାହିନୀପତି, ନବୀନ ନାୟକ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଜୟପୁର,୩।୬ (ସମିସ):**



ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହ ଠାରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଶାଖା ପକ୍ଷରୁ ଆୟୋଜିତ ଏହି ଅବସରକାଳୀନ ସମ୍ବର୍ଦ୍ଧନା ସଭା କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ସମ୍ବର୍ଦ୍ଧନା କରିଥିଲେ । ସଂଘର ଜୟପୁର ଶାଖା ସଭାନେତ୍ରୀ ଭାରତୀ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଭାଗିରଥି ବାରିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ନାୟକ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଶିକ୍ଷାର ମାନବୃଦ୍ଧି ନିମନ୍ତେ ଆହ୍ୱାନ କରିଥିଲେ । ଏହିପରି ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସେମାନଙ୍କର ନିଃସ୍?ାର୍ଥପର ସେବାରେ ନିଜକୁ ନିୟୋଜିତ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ । ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରିୟମ୍ବଦା ପାତ୍ର ଏବଂ ବିଭାଗୀୟ ଅଧିକାରୀ ପଦ୍ମେଶ୍ୱର ବିଷୋୟୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟାଳୟର ବରିଷ୍ଠ ସହାୟକ ଶଶୀଭୂଷଣ ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅବସର ଗ୍ରହଣ କରିଥିବା ୫ ଜଣ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ଇନ୍ଦ୍ର ପ୍ରଧାନ, ସଂଯୁକ୍ତା ତ୍ରିପାଠୀ, ପ୍ରତିଭା ଷଡ଼ଙ୍ଗୀ, ପଙ୍କଜିନି ସାହୁ, ସବିତା ରାଣି ମଣ୍ଡଳଙ୍କୁ ପୁଷ୍ପଗୁଚ୍ଛ , ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ କାର୍ଯ୍ୟାଳୟର କର୍ମଚାରୀ ସାନ୍ତ୍ୱନୁ ଜେନା, ରଞ୍ଜିତ ମହାନ୍ତି, ଲିପ୍ସା ସାହୁ, ସୁନିତା ନାୟକ, ଦିବ୍ୟା ତେଜା, ଶୁଭଶ୍ରୀ ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ମହାପାତ୍ର, ବରିଷ୍ଠ ଶିକ୍ଷକ ସୁଧାକର ପଣ୍ଡା, କିରଣ ମହାରଣା, ସର୍ବେଶ୍ୱର ପଟ୍ଟନାୟକ, ଜ୍ୟୋତିଶଙ୍କର ତ୍ରିପାଠୀ, ମୋଜନ ପାଳ, ମୁରଲୀ ପରିଛା, ମହେଶ୍ୱର ମିଶ୍ର ଓ ଶୁଶିଲ ପ୍ରେମ ନାଗ ଉପସ୍ଥିତ ଥିଲେ ।

## ଯୁବକଙ୍କ ଅକାଳ ବିୟୋଗ

ନନ୍ଦପୁର,୩।୬ (ସମିସ): ଲମତାପୁଟ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଲଙ୍କ ପୁତ୍ର ହେମନ୍ତ ଦଳପତି ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି । ଗତ ସପ୍ତାହରେ ହେମନ୍ତ ଅସୁସ୍ଥ ହେବାରୁ ତାଙ୍କ



ବଡ଼ଭାଇ ଯୁବ ସାମାଜିକ କର୍ମୀ ବିଜେଡି ନେତା ମୁନା ଦଳପତି ତୁରନ୍ତ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ । ମଙ୍ଗଳବାର ସକାଳେ ତାଙ୍କର ପରଲୋକ ଘଟିଛି । ଏହି ଦୁଃଖଦ ଖବର ପ୍ରସାରିତ ହେବା ପରେ ବନ୍ଧୁ ପୂର୍ବତନ ବିଧାୟକ ପୀତମ୍ ପାଢ଼ି, ନନ୍ଦପୁର ବ୍ଲକ ଉପାଧ୍ୟକ୍ଷ ଗୋପାଳ ହନ୍ତାଲ, ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ଯୁବ ନେତା ପ୍ରଭାତ ଗୁରୁ ମାଇ ସମେତ ବହୁ ବ୍ୟକ୍ତି ନନ୍ଦପୁର ସ୍ଥିତି ଦଳପତିଙ୍କ ବାସ ଭବନରେ ଶୋକ ସନ୍ତପ୍ତ ପରିବାକୁ ସମବେଦନା ଜଣାଇଥିଲେ । ନନ୍ଦପୁର ଶ୍ମଶାନ ଘାଟରେ ତାଙ୍କର ଶେଷକୃତ ସମ୍ପନ୍ନ ହୋଇଛି ।

**ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ପରୀକ୍ଷା ଫଳ ପ୍ରକାଶ**

## କଳାରେ ୮୨ %, ବିଜ୍ଞାନରେ ୭୮ % ଓ ବାଣିଜ୍ୟରେ ୬୩ ପ୍ରତିଶତ ସଫଳ

ଜୟପୁର,୩।୬ (ସମିସ): ଦକ୍ଷିଣ ଓଡ଼ିଶାର ଅନ୍ୟତମ ପୁରାତନ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର କଳା, ବିଜ୍ଞାନ, ବାଣିଜ୍ୟ ବିଭାଗ ଏବଂ ବୃତ୍ତିଗତ ବିଭାଗର ବିବିଏ, ବିସିଏର



ଅନ୍ତିମବର୍ଷର ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । କଳାରେ ସମୁଦାୟ ୨୬୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୧୩ଜଣ ପାସ କରିଥିବା ବେଳେ ପ୍ରଥମ ଶ୍ରେଣୀରେ ୧୪୭ ଏବଂ ଦ୍ୱିତୀୟ ଶ୍ରେଣୀରେ ୬୬ ଜଣ ପାସ କରିବା ସହ ସର୍ବାଧିକ ପାସହାର ୮୨ ପ୍ରତିଶତ ରହିଛି । ବିଜ୍ଞାନରେ ୨୦୩ ଜଣଙ୍କ ମଧ୍ୟରୁ ୧୫୮(୭୮ ପ୍ରତିଶତ) ଜଣ ପାସ୍ କରିଛନ୍ତି । ଏଥିରେ ପ୍ରଥମ ଶ୍ରେଣୀରେ ୧୩୩ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୫ଜଣ ରହିଛନ୍ତି । ବାଣିଜ୍ୟ ବିଭାଗରେ ୨୧୮ଜଣଙ୍କ ମଧ୍ୟରୁ ୧୩୭(୬୩ ପ୍ରତିଶତ) ଜଣ ପାସ କରିଛନ୍ତି । ପ୍ରଥମ ଶ୍ରେଣୀରେ ୫୬ ଜଣ ଏବଂ ୨ୟ ଶ୍ରେଣୀରେ ୮୧ଜଣ ରହିଛନ୍ତି । ସେହିପରି ବୃତ୍ତିଗତ ବିବିଏ ପରୀକ୍ଷାରେ ୫୨ଜଣଙ୍କ ମଧ୍ୟରୁ ୩୨ ଜଣ (୬୨ ପ୍ରତିଶତ)ଏବଂ ୨୩ଜଣ ପ୍ରଥମ ଶ୍ରେଣୀ , ୯ ଜଣ ଦ୍ୱିତୀୟ ଶ୍ରେଣୀ । ସେହିପରି ବିସିଏରେ ୫୬ଜଣଙ୍କ ମଧ୍ୟରୁ ୪୬ଜଣ(୮୨ ପ୍ରତିଶତ) ପାସ କରିଛନ୍ତି । ପ୍ରଥମ ଶ୍ରେଣୀରେ ୪୩ଜଣ ଏବଂ ଦ୍ୱିତୀୟ ଶ୍ରେଣୀରେ ୩ଜଣ ରହିଥିବା ନେଇ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ରଞ୍ଜନ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

## ଅବକାରୀ ଚଢ଼ଉ: ୨ ଗିରଫ



ନନ୍ଦପୁର,୩।୬ (ସମିସ): ନନ୍ଦପୁର ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ପାଡୁଆ ଥାନା ଅନ୍ତର୍ଗତ କନା କିରାମ୍ବ ଗ୍ରାମରୁ ବିପୁଳ ମାତ୍ରରେ ଦେଶୀ ମଦ ଓ ପୋଚ ଜବତ କରାଯିବା ସହ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜଙ୍ଗଲ ଓ ପାହାଡିଆ ଅଞ୍ଚଳର ସୁଯୋଗ ନେଇ ବେଧଡକ୍ ଦେଶୀ ମଦ କାରବାର ଚାଲିଛି । ଏହାକୁ ରୋକିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଇନ୍ସପେକ୍ଟର ଅନ୍ନପୂର୍ଣ୍ଣା ରଥ, ଓଆଇସି ଅଭୟ କୁମାର ନାୟକ ସମେତ ପାଡୁଆ ଥାନା ପୁଲିସ ସହ ପୁଲିସ ଫୋର୍ସ ମିଳିତ ଭାବେ ଚଢ଼ଉ କରିଥିଲେ । ଦୁଇ ଅଭିଯୁକ୍ତ ମଧ୍ୟରେ ସମ୍ବୁ ଖରାଙ୍କୁ ୭୦ ଲିଟର ଦେଶୀ ମଦ ସହ ଗିରଫ ହୋଇଥିବା ବେଳେ ଅନ୍ୟ ଜଣେ ଶିବା ପାଙ୍ଗିଙ୍କୁ ୬୦ଲିଟର ଦେଶୀ ମଦ ସହ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ଘାତକ ନିଶା ବିକ୍ରି କଲେ ଜରିମାନା ସହିତ କାରାଦଣ୍ଡ ସୁନିଶ୍ଚିତ : ଜିଲ୍ଲାପାଳ

**ନବରଙ୍ଗପୁର, ୩।୬(ସମିସ):**

ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅବକାରୀ ବିଭାଗ ଦ୍ୱାରା ଆୟୋଜିତ ବିଭିନ୍ନ ନିଶାଦ୍ରବ୍ୟ ଓ ଅପମିଶ୍ରିତ ବିଷାକ୍ତ ମାଦକ ଦ୍ରବ୍ୟ ବ୍ୟବହାର ବିରୁଦ୍ଧରେ ସଚେତନତା ଅଭିଯାନ ଅନ୍ତର୍ଗତ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ଯୋଗ ଦେଇ ସଚେତନତା ରଥକୁ ଜିଲ୍ଲାରେ ପରିକ୍ରମା ପାଇଁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ କୁମାର ସେନ, ଅବକାରୀ ଅଧିକ୍ଷକ ପ୍ରଭାସ କୁମାର ଦାସ, ଆଞ୍ଚଳିକ ପରିବହନ ଅଧିକାରୀ ଜୀତେନ୍ଦ୍ର ଭୋଇ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଅବକାରୀ ଓ ପୁଲିସ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ । ଏହି ସଚେତନତା ରଥ ଜିଲ୍ଲାର ୧୮୯ ପଞ୍ଚାୟତକୁ ଗସ୍ତ କରି ଲୋକଙ୍କୁ ସଚେତନ କରିବ । ଏଥି ସହିତ ଗାଁରୁ ସହର ସମ୍ପୂର୍ଣ୍ଣ ଓଡ଼ିଶାକୁ ଘାତକ ନିଶା କବଳରୁ ମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ବ୍ୟାପକ ସଚେତନତା ଅଭିଯାନ, ତମାଖୁ ନିରୋଧ ଦିବସ ଗତ ମେ ୩୧ ତାରିଖରୁ ଆରମ୍ଭ ହୋଇଯାଇଛି ବୋଲି ଜିଲ୍ଲାପାଳ ଡା. ମହାପାତ୍ର ସୂଚନା ଦେଇଛନ୍ତି ।

**ରାସ୍ତା ତାଡ଼ିଦେଲେ**

# ଲୋକେ ଯିବେ କେମିତି ?

ତେନ୍ତୁଲିଖୁଣ୍ଟି,୩।୬(ସମିସ): ଠିକାଦାରଙ୍କ ମନମାନି ଯୋଗୁଁ ହଇରାଣ ହେଉଛନ୍ତି ସାଧାରଣ ଜନତା । ଡାଇଭର୍ସନ ରାସ୍ତା ବ୍ୟବସ୍ଥା ନକରି ପୋଲ ନିର୍ମାଣ ପାଇଁ ତରବରିଆ ଭାବରେ ଖୋଳିଦେଲେ ମୁଖ୍ୟ ରାସ୍ତା । ଫଳରେ ବିଭିନ୍ନ ପଞ୍ଚାୟତବାସୀ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ।



ତେନ୍ତୁଲିଖୁଣ୍ଟି ବ୍ଲକ ଅଞ୍ଚଳଗୁମ୍ମା ପଞ୍ଚାୟତ ଅନ୍ତର୍ଗତ ଲକଡିପଲା ଆଦର୍ଶ ବିଦ୍ୟାଳୟ ନିକଟରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି । ସୂଚନା ମୁତାବକ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୮ କୋଟି ବ୍ୟୟ ଅଟକଳରେ ମୃଷାମୁଣ୍ଡି ଗୁଡ଼ା ମୁଖ୍ୟ ଛକ ଠାରୁ ଅଞ୍ଚଳଗୁମ୍ମା, ଝରିଗୁମ୍ମା ଦେଇ କଣ୍ଟା ଗାଁ ପର୍ଯ୍ୟନ୍ତ ଦୀର୍ଘ ୧୮ କିଲୋମିଟର ରାସ୍ତା କାର୍ଯ୍ୟ ଦୀର୍ଘ ୩ ବର୍ଷ ହେଲା ନିର୍ମାଣ ଚାଲିଛି । ତଥାପି ସରିବାର ନା ଧରୁନି । ଗତବର୍ଷ ଏହି ରାସ୍ତାର ଉମୁରି ନିକଟରେ ପୋଲ ନିର୍ମାଣ ସମୟରେ ଲୋକଙ୍କୁ ଅକଥନୀୟ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଥିଲା । ଡାଭର୍ସନ ରାସ୍ତା ନଥିବାରୁ ଲୋକଙ୍କୁ ଜମି ଭିତର ଦେଇ ଯିବାକୁ ପଡୁଥିଲା । ଏମିତିକି ପ୍ରବଳ ବର୍ଷା ଯୋଗୁଁ ଦିନ ଦିନ ଧରି ଯାତାୟତ ଠପ୍ ହୋଇଯାଇଥିଲା । ବର୍ତ୍ତମାନ ଅନୁରୂପ ସମସ୍ୟା ଉପୁଜିଛି । କୌଣସି ଡାଇଭର୍ସନ ରାସ୍ତା ବ୍ୟବସ୍ଥା ନକରି ସମ୍ପୃକ୍ତ ଠିକାଦାର ଜଣଙ୍କ ପୋଲ ନିର୍ମାଣ ପାଇଁ ତରବରିଆ ଭାବରେ ମୁଖ୍ୟ ରାସ୍ତା ଖୋଲି ଦେଇ ଉଭୟ ପାଶ୍ୱର୍ ବନ୍ଦ କରି ଦେଇଛି । ଫଳରେ ଗୁମ୍ମା ପଞ୍ଚାୟତ ସମେତ ଆଖପାଖ ଗ୍ରାମର ହଜାର ହଜାର ଲୋକ ଯାତାୟତ ପାଇଁ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି । ଏହି ରାସ୍ତା ଦେଇ ବହୁ ଛାତ୍ରଛାତ୍ରୀ ଆଦର୍ଶ ବିଦ୍ୟାଳୟକୁ ଯାଇଥାନ୍ତି । ସେହିପରି ଅଞ୍ଚଳର ଅନେକ ଗ୍ରାମର ଛାତ୍ରଛାତ୍ରୀ ଅଞ୍ଚଳଗୁମ୍ମା ସରସ୍ୱତୀ ଶିଶୁ ମନ୍ଦିର ଓ ହାଇସ୍କୁଲରେ ପାଠ ପଢ଼ିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି । ବର୍ତ୍ତମାନ ମୁଖ୍ୟ ରାସ୍ତା ଖୋଲି ଦେଇ ଡାଇଭର୍ସନ ବ୍ୟବସ୍ଥା ନ କରିବା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି । ଅପରପକ୍ଷେ ଏହାକୁ ନେଇ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଡାଇଭର୍ସନ ରାସ୍ତା କିମ୍ବା ଯାତାୟତ ସ୍ୱାଭାବିକ କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନଗଲେ ରାସ୍ତା ଅବରୋଧ କରି ଧାରଣା ଦିଆଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି । ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ରାଜେଶ କୁମାର ସୋରେନଙ୍କୁ ଏହି ସମସ୍ୟା ସମ୍ପର୍କରେ ପଚାରିବାରୁ ଡାଇଭର୍ସନ ରାସ୍ତା ନିର୍ମାଣ ନକରି ସମ୍ପୃକ୍ତ ଠିକାଦାର ଜଣଙ୍କ ରାସ୍ତା ଖୋଲିବା ବିଷୟରେ ପୂର୍ବରୁ କୌଣସି ସୂଚନା ମିଳିନି । ଗଣମାଧ୍ୟମ ପ୍ରତିନିଧିଙ୍କ ଜରିଆରେ ଏହି ସୂଚନା ମିଳିଛି । ଏଣୁ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟିକୁ ନେଇ ତୁରନ୍ତ ଯାତାୟତ ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

**ଠିକାଦାର ପୋଷାରେ ସୀମିତ ତେନ୍ତୁଲିଖୁଣ୍ଟି ବ୍ଲକ୍**

# ପାଣିରେ ପଡୁଛି ସରକାରୀ ଅନୁଦାନ

ତେନ୍ତୁଲିଖୁଣ୍ଟି,୩।୬ (ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ୍‌ରେ ଉନ୍ନୟନ କାର୍ଯ୍ୟ କେବଳ ଠିକାଦାର ପୋଷାରେ ସୀମିତ ହେଉଥିବା ଅଭିଯୋଗ ହେଉଛି । ପ୍ରଶାସନ ପକ୍ଷରୁ ଉନ୍ନୟନ କାର୍ଯ୍ୟ କେବଳ ଠିକାଦାରଙ୍କୁ ମାଲାମାଲ କରିବା ଉଦ୍ଦେଶ୍ୟରେ କରାଯାଉଛି । ବିଭିନ୍ନ ପ୍ରକଳ୍ପ କେତେଦୂର ଲୋକଙ୍କ କାର୍ଯ୍ୟରେ ଆସୁଛି ତାହାର ତର୍ଜମା କରୁନଥିବା ଅଭିଯୋଗ କରି ଅସନ୍ତୋଷ ପ୍ରକାଶ କରିଛନ୍ତି ତେନ୍ତୁଲିଖୁଣ୍ଟି ବ୍ଲକ ବାସିନ୍ଦା । ତେନ୍ତୁଲିଖୁଣ୍ଟି ବ୍ଲକ ସଦର ମହକୁମାରେ ଥିବା ଶୌଚାଳୟ ନିର୍ମାଣର ୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଥିଲେ ସୁଦ୍ଧା କାର୍ଯ୍ୟକାରୀ ହୋଇପାରୁନି । ସେହିଭଳି ପ୍ରତି ପଞ୍ଚାୟତରେ ନିର୍ମାଣ ହୋଇଥିବା ବର୍ଜ୍ୟବସ୍ତୁ ବର୍ଗୀକରଣ ଗୃହ ନିର୍ମାଣ ଦିନରୁ ଅବ୍ୟବହୃତ । କେବଳ ସେତିକି ନୁହେଁ, ତେନ୍ତୁଲିଖୁଣ୍ଟିରେ ନିର୍ମିତ ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଆରଡ ବିଭାଗ ଯନ୍ତ୍ରୀ ଆବାସ ମଧ୍ୟ ନିର୍ମାଣ ଦିନରୁ ଅବ୍ୟବହୃତ ହୋଇ ବିଭାଗୀୟ ଅଧିକାରୀଙ୍କ ଠିକଣା ଖାତାରୁ ହଜିବାକୁ ବସିଥିବା ଅଭିଯୋଗ ହୋଇଛି । ନବ ନିର୍ମିତି ଯନ୍ତ୍ରୀ ଆବାସ ନିର୍ମାଣ ହୋଇ ୫ବର୍ଷରୁ ଅଧିକ ସମୟ ବିତିଥିଲେ ସୁଦ୍ଧା କାର୍ଯ୍ୟକାରୀ ନ ହୋଇ ସରକାରୀ ଟଙ୍କା ଅପବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି । ତେନ୍ତୁଲିଖୁଣ୍ଟିରେ ଘରେ



ଘରେ ନିର୍ମିତ ଶୌଚାଳୟ ନିର୍ମାଣ ଦିନରୁ ବ୍ୟବହାର ନ ହୋଇ ପ୍ରାୟ ୯୦ ପ୍ରତିଶତ ଶୌଚାଳୟ ମାଟିରେ ମିଶିଲାଣି । ସେହିଭଳି ନିକଟ ଅତୀତରେ ତେନ୍ତୁଲିଖୁଣ୍ଟି ବ୍ଲକ ପ୍ରଶାସନ

**ନିର୍ମାଣ ପରେ ବହୁ ପ୍ରକଳ୍ପ ଅବ୍ୟବହୃତ**

ତରଫରୁ ଛକ ଛକରେ ନିର୍ମାଣ ହୋଇଥିବା ଆବର୍ଜନା ଗୃହ ଗୁଡିକ ବ୍ୟବହୃତ ହୋଇପାରୁନଥିବା ବେଳେ ଘରେ ନପଶୁଣୁ ଚାଳ ବାଜିବା ଭଳି ନିର୍ମାଣ ପରେ କେତେକ ସ୍ଥାନରୁ ଆଜବେଷ୍ଟସ ଗୁଡିକ ଚୋରି ହେବା ଆରମ୍ଭ ହେଲାଣି । କେବଳ ସେତିକି ନୁହେଁ, ପରଜାବାରଙ୍ଗପଦର ପଞ୍ଚାୟତରେ ନିର୍ମିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର, କୋଭିଡ୍ ସମୟର କ୍ୟୁରେଣ୍ଟାଇନ୍ କେନ୍ଦ୍ର ନିର୍ମାଣ ଦିନରୁ କାର୍ଯ୍ୟରେ ଆସୁନଥିବା ଅଭିଯୋଗ ହେଉଛି । ଖାତିଗୁଡା ଠାରେ ନିର୍ମିତ ବସୁଧା ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ଦିନରୁ ହାତଗଣତି କିଛି ଦିନ ଛାଡିଦେଲେ ପ୍ରକଳ୍ପର ସଠିକ୍ ବ୍ୟବହାର ହୋଇପାରିନଥିବା ମଧ୍ୟ ଅଭିଯୋଗ ହେଉଛି । ପ୍ରକଳ୍ପର ଷ୍ଟାଣ୍ଡ ପୋଷ୍ଟ ଗୁଡିକ ବ୍ୟବହାର ନ ହୋଇ ନଷ୍ଟ ହେବାକୁ ବସିଲାଣି । ଖାତିଗୁଡା ଦୁର୍ଗାମଣ୍ଡପ ପରିସରରେ ନିର୍ମିତ ଗୋଷ୍ଠୀ କେନ୍ଦ୍ର ଅର୍ଦ୍ଧ ନିର୍ମିତ ହୋଇ ସରକାରୀ ରାଜକୋଷରୁ ଯାଇଥିବା ଅର୍ଥ ମାଟିରେ ମିଶିବାକୁ ବସିଲାଣି । ପୋଡ଼ଗଡ଼ ରାସ୍ତା କଡ଼ରେ ପଶୁ ଚିକିତ୍ସା କେନ୍ଦ୍ର ନିର୍ମାଣ ହୋଇ ମାଟିରେ ମିଶିଲାଣି । ହେଲେ ତାହା କେବେ ବ୍ୟବହୃତ ହେଲା ତାହା କେହି ଜାଣିନଥିବା ଲୋକେ କହୁଛନ୍ତି । ପୂଜାରୀଗୁଡ଼ା ଷ୍ଟାଡିୟମ ସମ୍ମୁଖରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ହୋଇ ବ୍ୟବହାର ନହୋଇ ମାଟିରେ ମିଶିଛି । ତେନ୍ତୁଲିଖୁଣ୍ଟି ବ୍ଲକ୍ ଏଭଳି ଏକାଧିକ ପ୍ରକଳ୍ପ ନିର୍ମାଣ ହୋଇଛି ସତ କିନ୍ତୁ ସେଗୁଡିକ ବ୍ୟବହାର ଉପଯୋଗୀ ହୋଇନପାରି ସରକାରୀ ଟଙ୍କା ପାଣିରେ ପଡୁଥିବା ଅଭିଯୋଗ ହେଉଛି । ଜିଲ୍ଲା ପ୍ରଶାସନ ଏଥିପ୍ରତି ବିଶେଷ ଦୃଷ୍ଟି ଦେଇ ନିର୍ମିତ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକ୍ଷମ କରାଇବା ପାଇଁ ଦାବି ହେଉଛି ।



ମାତାଧିକ ଉତ୍ସାହ ଓ ଅନ୍ଧବିଶ୍ୱାସ ଜନିତ ବିଷର ପ୍ରଭାବକୁ ବିଜ୍ଞାନ ହିଁ ପ୍ରତିହତ କରିପାରିବ।
-ଆଦାମ ସ୍ମିଥ୍

ସକାଳ
THE SAKALA

# ସଇତାନର ବେଦପାଠ

ଯିଏ ବିଭେଦ ଓ ବିଦ୍ୱେଷର ମଞ୍ଜି ବୁଣୁଛି ସେ ଯଦି ସମାଧାନର ମଞ୍ଚ ଗଠନ କରି ଶାନ୍ତିର ବାର୍ତ୍ତା ଦିଏ ତେବେ ତାହା ଆମ ଲୋକକଥାରେ ପ୍ରଚଳିତ ସଇତାନର ବେଦ ପାଠ ଭଳି। ଏବେ ଚୀନ୍ ସେଭଳି ଏକ ଉଦ୍ୟମ ଆରମ୍ଭ କରିଛି, ଯାହାକୁ ନେଇ ପଶ୍ଚିମ-ବିଶ୍ୱରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦେଶ-ଦେଶ ମଧ୍ୟରେ ସୃଷ୍ଟି ହେଉଥିବା ଦ୍ୱିପାକ୍ଷିକ ବିବାଦରେ ଚୀନ୍ ମାମଲତି କରିବାକୁ ଆଗ୍ରହୀ ହୋଇପଡ଼ିଛି ଏବଂ ଏଥିଲାଗି ହଂକଂରେ 'ଇଣ୍ଟରନ୍ୟାଶ୍‌ନାଲ୍ ଅର୍ଗାନାଇଜେସନ୍ ଫର ମେଡିଏସନ୍(ଆନ୍ତର୍ଜାତିକ ମଧ୍ୟସ୍ଥି ସଂଗଠନ)' ନାମରେ ଏକ ବିଶ୍ୱମଞ୍ଚ ଗଠନ କରିଛି। ଜାତିସଂଘ ଓ ଆନ୍ତର୍ଜାତିକ ଆଇନ ଅଦାଲତ(ଆଇସିଜେ) ସମାନ୍ତରାଳରେ ଗଠିତ ଏହି ମଞ୍ଚର ସଦସ୍ୟତା ଗ୍ରହଣ କରିବା ପାଇଁ ଚୀନ୍ ୩୩ଟି ଦେଶକୁ ରାଜି କରାଇବାରେ ସଫଳ ହୋଇଛି। ଏଥିଲାଗି ଆୟୋଜିତ ସମ୍ମିଳନୀରେ ୮୫ଟି ଦେଶ ଓ ଜାତିସଂଘ ସମେତ ୨୦ଟି ଆନ୍ତର୍ଜାତିକ ସଂଗଠନର ୪୦୦ ସଦସ୍ୟ ଯୋଗ ଦେଇଥିବା ଉଲ୍ଲେଖନୀୟ। ଆନ୍ତର୍ଜାତିକ ବିବାଦ ସମାଧାନରେ ଏହା ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଚୀନ୍ ଦାବି କରିଛି। ଏହାଉପରେ ସ୍ୱାଭାବିକ ଭାବେ ଆମେରିକା ପ୍ରତିକ୍ରିୟା ପ୍ରକାଶ କରି ଚୀନ୍ ବିଶ୍ୱରେ ବିସ୍ତାରବାଦୀ ଆଭିମୁଖ୍ୟକୁ ଲଦି ଦେବାକୁ ଚାହୁଁଛି ବୋଲି ଅଭିଯୋଗ କରିଛି। ଫ୍ରାନ୍ସ ମଧ୍ୟ ଚୀନ୍ ଉପରେ ଅନୁରୂପ ଆରୋପ ଆଣିଛି।

ଦକ୍ଷିଣ ଚୀନ୍ ସାଗର ଉପରେ ଚୀନ୍‌ର ଆଧିପତ୍ୟକୁ 'ୟୁଏନ୍ କନ୍‌ଭେନସନ୍ ଅନ ଦ ଲ ଅଫ୍ ଦି ସି'(ସାମୁଦ୍ରିକ ନୀତି ସମ୍ପର୍କିତ ଜାତିସଂଘ ରାଜିନାମା) ଉଲ୍ଲଙ୍ଘନ ବୋଲି ୨୦୧୬ରେ 'ପରମାନେଣ୍ଟ କୋର୍ଟ ଅଫ୍ ଆର୍ବିଟ୍ରେସନ୍' ଦର୍ଶାଇ ଚୀନ୍‌ର କାର୍ଯ୍ୟକଳାପକୁ ଅବୈଧ ଘୋଷଣା କରିବା ପରେ ଚୀନ୍ ଅତିଶୟ କ୍ଷୁବ୍ଧ ଥିଲା। ଏହି ସମଗ୍ର ଘଟଣାରେ ଆମେରିକାର ପ୍ରଚ୍ଛନ୍ନ ସମର୍ଥନରେ ଫିଲିପାଇନ୍‌ସର ଜିତାପଟକୁ ଚୀନ୍ ଆଦୌ ସହ୍ୟ କରିପାରିନଥିଲା। ଏହାଛଡ଼ା 'ଇଣ୍ଟରନ୍ୟାଶ୍‌ନାଲ୍ କ୍ରିମିନାଲ୍ କୋର୍ଟ'ରେ ଚୀନ୍ ତା'ର ସମଭାବାପନ୍ନ ଦେଶମାନଙ୍କୁ ଉଚିତ ନ୍ୟାୟ ଦେଇପାରୁ ନ ଥିବା ଅନୁଭବ କରି ଆସୁଥିଲା। ସେହିପରି ଦକ୍ଷିଣ ଏସିଆରେ 'କ୍ୱାଡ୍' ଓ 'ଆଉକସ୍' ମେଣ୍ଟ ଜରିଆରେ ଆମେରିକାର ଉପସ୍ଥିତି ଯୋଗୁଁ ଚୀନ୍ ଅସୁରକ୍ଷିତ ମଣୁଛି। ତାଇୱାନ୍ ମାମଲାରେ ମଧ୍ୟ ଆମେରିକା ହସ୍ତକ୍ଷେପକୁ ଚୀନ୍ ଅଯାଚିତ ଓ ଅବାଞ୍ଛନୀୟ ବୋଲି ଅଭିଯୋଗ କରିଆସୁଛି। ତେଣୁ ଏହି କୂଟନୈତିକ ଓ ଭୂ-ରାଜନୈତିକ ବାମନତା ଜନିତ ହୀନମନ୍ୟତାରୁ ଚୀନ୍ ନିଜକୁ ଉଦ୍ଧାର କରିବା ପାଇଁ ସମଭାବାପନ୍ନ ଓ ଋଣ-ଆନୁଗତ୍ୟ ଦେଶମାନଙ୍କୁ ପକ୍ଷଭୂତ କରି ବିଶ୍ୱ ଭୂ-ରାଜନୀତିରେ ଏକ ନୂଆ ଭୂମିକାରେ ଅବତୀର୍ଣ୍ଣ ହେବାକୁ ଯାଉଛି।

ଅର୍ଥନୀତି, ସୂଚନା ପ୍ରଯୁକ୍ତି, ବାଣିଜ୍ୟ, ପ୍ରତିରକ୍ଷାରେ ଚୀନ୍ ଆମେରିକାର ପ୍ରାୟ ସମାସ୍କନ୍ଦ ହୋଇସାରିଥିଲେ ହେଁ ବଡ଼ଭାଇ ପଣିଆ ଜାହିର କରିବାରେ ଆମେରିକାଠାରୁ ଦୁଇପାଦ ପଛରେ ରହିଯାଇଛି। ଏଥିଯୋଗୁଁ ଚୀନ୍‌ର ଆଧିପତ୍ୟ କେବଳ ଏସୀୟ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ସୀମିତ ଥିବା ବେଳେ ଆମେରକାର ପ୍ରଭୁତ୍ୱ ଓ କର୍ତ୍ତୃତ୍ୱ ନାଟୋରୁ ଆରମ୍ଭ କରି ଦକ୍ଷିଣ ଏସିଆ ପର୍ଯ୍ୟନ୍ତ ବ୍ୟାପିଚାଲିଛି। ବିଶେଷକରି ସଦ୍ୟତମ ଭାରତ-ପାକିସ୍ତାନ ଅସ୍ତ୍ରବିରତି ଘଟଣାରେ ଆମେରିକା ଯେଭଳି ଭାବରେ ମାମଲାତି କରି ବିଶ୍ୱର ବଡ଼ଭାଇ ହେବାର ଶ୍ରେୟ ନେଇଗଲା, ତାହା ଚୀନ୍‌କୁ ଅତିମାତ୍ରାରେ କ୍ଷୁବ୍ଧ ଓ ଅସ୍ୱସ୍ତିକର କରିଛି। ଏହିକାରଣରୁ ଚୀନ୍ ଏବେ ବିଶ୍ୱ ଭୂ-ରାଜନୀତି-କୂଟନୀତିରେ ଆମେରିକାର ମାମଲାତିକୁ ଟକ୍କର ଦେବା ପାଇଁ ନୂଆ ଫନ୍ଦି ଫାନ୍ଦିଛି।

ସମ୍ପ୍ରତି ଆମେରିକା-ଚୀନ୍ ମଧ୍ୟରେ ଆରମ୍ଭ ହୋଇଥିବା ବାଣିଜ୍ୟ ବା ତାରିଫ୍ ଯୁଦ୍ଧ ବିଶ୍ୱକୁ ଦୁଇଧ୍ରୁବୀୟ କରିଚାଲିଛି। ଯେଉଁମାନେ ଆମେରିକାର ଉତ୍ପାଦ ପ୍ରତି ଅନୁକୂଳ ନୀତି ପୋଷଣ କରିବେ ସେମାନଙ୍କ ପ୍ରତି ଆମେରିକା କୋହଳ ହେବ। ଅର୍ଥାତ୍ ସେହି ରାଷ୍ଟ୍ରମାନେ ଆମେରିକାର ଛତ୍ରଛାୟା ତଳେ ରହିବେ ଏବଂ ଆମେରିକାର ମାମଲାତିକୁ ସହିବେ। ଅପରପକ୍ଷରେ ଯେଉଁମାନେ ଆମେରିକା ସହିତ ବନ୍ଧୁତ୍ୱପୂର୍ଣ୍ଣ ବାଣିଜ୍ୟ କରିବେ ସେମାନେ ଚୀନ୍‌ର ନାଲିଆଖିର ଶିକାର ହେବେ। ତେଣୁ ପରିବର୍ତ୍ତିତ ବିଶ୍ୱ ବାଣିଜ୍ୟ-ରଣନୀତିରେ ଋଣ ଓ କୋହଳ ତାରିଫ୍ ଜାଲରେ ଫସିଥିବା ଅନେକ ଅନୁନ୍ନତ ଦେଶ ନିକଟ ଭବିଷ୍ୟତରେ ଚୀନ୍‌ର ବଶତା ସ୍ୱୀକାର କରିବାକୁ ଏକପ୍ରକାର ବାଧ୍ୟ ହେବେ। ଏହି ଦୁଇଧ୍ରୁବୀୟ ନେତୃତ୍ୱ ଲଢ଼େଇରେ ଅର୍ଥନୀତି, ପ୍ରତିରକ୍ଷା, ସୂଚନା ପ୍ରଯୁକ୍ତିରେ ଆମେରିକା ଓ ଚୀନ୍ କେହି କାହାକୁ ବଳି ନ ଗଲେ ମଧ୍ୟ ଆଇନ ଅଦାଲତ, ଆଇଏମ୍‌ଏଫ୍ ଓ ବିଶ୍ୱବ୍ୟାଙ୍କ ଭଳି ସଂଗଠନରେ ଆମେରିକାର ଆଧିପତ୍ୟକୁ ଆହ୍ୱାନ ଦେବା ଭଳି କ୍ଷମତା ଏ ପର୍ଯ୍ୟନ୍ତ ଚୀନ ଅର୍ଜନ କରିପାରି ନାହିଁ। ଇତିମଧ୍ୟରେ ବିଶ୍ୱ ବାଣିଜ୍ୟ ସଂଗଠନର ବିବାଦ ସମାଧାନ ମଞ୍ଚକୁ ଆମେରିକା ଭାଙ୍ଗି ଦେଇଛି। ଜାତିସଂଘରେ ଭେଟୋ କ୍ଷମତା ଥାଇ ମଧ୍ୟ ଏ କ୍ଷେତ୍ରରେ ଚୀନ୍‌ର ବିବଶତା ବିଶ୍ୱ ଦେଖିଛି। ନାଟୋ ଓ ଆଇଏମ୍‌ଏଫ୍‌କୁ ଟକ୍କର ଦେବା ପାଇଁ ପରିକଳ୍ପିତ 'ବ୍ରିକ୍ସ' ମଧ୍ୟ ଚୀନ୍ ଆଶାନୁରୂପ ସଫଳତା ହାସଲ କରିପାରିନାହିଁ। ତେଣୁ ମଧ୍ୟସ୍ଥତା ମଞ୍ଚ ମାଧ୍ୟମରେ ଅଧିକରୁ ଅଧିକ ଦେଶକୁ ନିଜ ସପକ୍ଷରେ ଆଣିବାକୁ ଚୀନ୍ ଅଭିନବ ଉଦ୍ୟମ ଆରମ୍ଭ କରିଛି।

ଆମେରିକାର ଆଧିପତ୍ୟକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିବା ଇରାନ୍, ଉତ୍ତର କୋରିଆ, ତୁର୍କୀ ଏପରିକି ଦକ୍ଷିଣ ଆମେରିକୀୟ ଓ ଆଫ୍ରିକୀୟ ରାଷ୍ଟ୍ରମାନେ ଯଦି ଚୀନ୍‌ର ମଧ୍ୟସ୍ଥତା ମଞ୍ଚର ସଦସ୍ୟତା ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇଯା'ନ୍ତି ତେବେ ଆମେରିକାର ମାମଲାତିରେ ପକ୍ଷଚ୍ଛେଦନ ହେବା ନିଶ୍ଚିତ, ଯାହାକୁ ଆମେରିକା ଓ ନାଟୋ ସଦସ୍ୟମାନେ ସହଜରେ ଗ୍ରହଣ ନ କରିପାରିବା ସ୍ୱାଭାବିକ। ଏପରିକି ସାମ୍ପ୍ରତିକ ବାଣିଜ୍ୟ-କୂଟନୀତି କୈନ୍ଦ୍ରିକ ଦ୍ୱିଧ୍ରୁବୀୟ ବିଶ୍ୱ ଦୃଶ୍ୟପଟ୍ଟରେ ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରମାନେ ମଧ୍ୟ ପକ୍ଷଭୁକ୍ତ ହେବାକୁ ବାଧ୍ୟ। ଏହି ପୃଷ୍ଠଭୂମିରେ ଭାରତ ଏବେ ଦୋଛକିରେ ରହିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। 'ବ୍ରିକ୍ସ' ସଦସ୍ୟଭୁକ୍ତ ରାଷ୍ଟ୍ର ଭାରତ ଯଦି ଚୀନ୍‌କୁ ଆଡ଼ କରି ଆମେରିକା ଦିଗକୁ ଅଧିକ ଢଳିବ ତେବେ ଏସିଆ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଏକଘରକିଆ ହେବାର ଆଶଙ୍କା ଅଧିକ। ଯଦି ଭାରତ 'ବ୍ରିକ୍ସ' ଅନୁକୂଳ ନୀତି ପୋଷଣ କରେ ତେବେ ଆମେରିକା ପାକିସ୍ତାନକୁ କୋଳେଇ ନେବାରେ ଅଧିକ ବିଳମ୍ବ କରିବ ନାହିଁ। ଇତିମଧ୍ୟରେ ଭାରତ ରୁଷରୁ ଅଧିକ ଯୁଦ୍ଧାସ୍ତ୍ର କିଣିବା ନିଷ୍ପତ୍ତି ପରେ ଆମେରିକା ପରୋକ୍ଷ ଚେତାବନୀ ଦେଇସାରିଛି। ଏହି ପୃଷ୍ଠଭୂମିରେ ଭାରତ ଆଗରେ ଏବେ ଅନେକ ଆହ୍ୱାନ ସୃଷ୍ଟି ହୋଇଛି। ଆମେରିକା-ଚୀନ୍‌ର ମାମଲାତି କୂଟନୀତି ବା ସଇତାନମାନଙ୍କର ବେଦପାଠର ଉଚ୍ଚାରଟ ଯେତେ ସଘନ ହେବ ବିଶ୍ୱରେ ଅଶାନ୍ତିର ବାତାବରଣ ସେତିକି ବ୍ୟାପିବ। କିନ୍ତୁ ସଇତାନମାନଙ୍କୁ ବେଦପାଠରୁ ନିବୃତ୍ତ କରିବ କିଏ?

# ସ୍ଥାୟୀ ବିକାଶ ଓ ଜଳ ପରିଚାଳନା

**ଡ. ପ୍ରଦୀପ କୁମାର ସାହୁ**

ପୃଥିବୀର ହାରାହାରି ୭୦ ପ୍ରତିଶତରୁ ଅଧିକ ପୃଷ୍ଠଭାଗ ଜଳରେ ଆଚ୍ଛାଦିତ ହୋଇରହିଛି। ତଥାପି ଜଳକୁ ଏକ ଦୁର୍ଲଭ ପ୍ରାକୃତିକ ସମ୍ପଦ ଭାବରେ ବିବେଚନା କରାଯାଏ। ଏହାର କାରଣ, ପୃଥିବୀ ପୃଷ୍ଠରେ ଉପଲବ୍ଧ ସମୁଦାୟ ଜଳରାଶି ମଧ୍ୟରୁ କେବଳ ୩ ପ୍ରତିଶତ ମଧୁର ଜଳ, ଯାହାକି ମନୁଷ୍ୟ ସମାଜ ପାଇଁ ବ୍ୟବହାର ଉପଯୋଗୀ। ବାକି ୯୭ ପ୍ରତିଶତ ଜଳରାଶି ଲୁଣି। କିନ୍ତୁ ସମୁଦାୟ ଉପଲବ୍ଧ ମଧୁର ଜଳରାଶିର ଦୁଇ-ତୃତୀୟାଂଶ ବରଫ ଆକାରରେ ରହିଥିବାରୁ ତାହା ବ୍ୟବହାର ପାଇଁ ଉପଯୋଗୀ ନୁହେଁ। ଅର୍ଥାତ ସମୁଦାୟ ଜଳରାଶିର କେବଳ ୧ ପ୍ରତିଶତ ଜଳ ଏବଂ ସମୁଦାୟ ମଧୁର ଜଳରାଶିର ୩୩ ପ୍ରତିଶତ ଦୈନନ୍ଦିନ ବ୍ୟବହାର ପାଇଁ ଉପଲବ୍ଧ, ଯାହା ଜଳସଂପଦର ଅତ୍ୟଧିକ ନିଅଣ୍ଟିଆ ପରିସ୍ଥିତିକୁ ସୂଚାଉଛି। ଫଳସ୍ୱରୂପ ସମଗ୍ର ବିଶ୍ୱରେ ୬୦ କୋଟିରୁ ଅଧିକ ଲୋକ ଅତ୍ୟଧିକ ଜଳାଭାବର ସମ୍ମୁଖୀନ ହେବା ସହ ଦିନକୁ ଦିନ ଏହି ସଂଖ୍ୟା ବଢ଼ିବାରେ ଲାଗିଛି।

ବିକାଶର ଆବଶ୍ୟକତା, ଗୁରୁତ୍ୱପୂର୍ଣ୍ଣ ପରିବେଶ ଚିନ୍ତା ଏବଂ ଜଳବାୟୁ ସ୍ଥିତିରେ ପରିବର୍ତ୍ତନ ହେତୁ ଭାରତ ସମେତ ଅଧିକାଂଶ ଜନବହୁଳ ଦେଶଗୁଡ଼ିକ ପାଖାପାଖି ସମାନ ଜଳାଭାବ ପରିସ୍ଥିତିର ସାମ୍ନା କରୁଛନ୍ତି। ଫଳସ୍ୱରୂପ, ଜଳସଙ୍କଟ ଭୋଗୁଥିବା ଦେଶରେ ବିଭିନ୍ନ ଉପଭୋକ୍ତା ଗୋଷ୍ଠୀ ମଧ୍ୟରେ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି କରୁଛି। ଜଳାଭାବ ପରି ଜଟିଳ ସମସ୍ୟା ଭାରତ ସମେତ ଅନେକ ଜନବହୁଳ ରାଷ୍ଟ୍ରକୁ ପରିବ୍ୟାପ୍ତ। ବିକାଶଶୀଳ ଓ ଉଦୀୟମାନ ଅର୍ଥନୀତି ସମ୍ପନ୍ନ ରାଷ୍ଟ୍ରମାନଙ୍କରେ ଏହାର ତୀବ୍ରତା ଉଦ୍‌ବେଗଜନକ। ତେଣୁ ଜଳର ଦୁର୍ଲଭତା ଜନିତ ସମ୍ବେଦନଶୀଳ ପରିସ୍ଥିତିକୁ ଆମେ ସମସ୍ତେ ଅନୁଭବ କରିବା ଦରକାର। ଭାରତ ପରି ବିଶ୍ୱର ସର୍ବବୃହତ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ରରେ ଜଳର ଉତ୍କଟ ପରିସ୍ଥିତି ସାଧାରଣରେ ଏକ ଚିନ୍ତାର ବିଷୟ। ଅଧୁନା ଭାରତର ଜନସଂଖ୍ୟା ପାଖାପାଖି ୧୪୫ କୋଟି, ଯାହା ସମଗ୍ର ବିଶ୍ୱ ଜନସଂଖ୍ୟାର ହାରାହାରି ୧୮ ପ୍ରତିଶତ। ଭାରତର ଜନସଂଖ୍ୟା ଓ ଜଳ ଉପଲବ୍ଧତାକୁ ଅନୁଧ୍ୟାନ କଲେ ଜଣାଯାଏ ବିଶ୍ୱର ୧୮ ପ୍ରତିଶତ ଜନସଂଖ୍ୟା ବହନ କରୁଥିବା ଭାରତ ସମଗ୍ର ବିଶ୍ୱର ମଧୁର ଜଳରାଶିର କେବଳ ୪ ପ୍ରତିଶତ ଧାରଣ କରେ, ଯାହା ଏକ ଜଳ-ନିଅଣ୍ଟିଆ ଦେଶ ରୂପେ ପରିଗଣିତ ହେଉଛି। ଜଳର ନିଅଣ୍ଟିଆ ପରିସ୍ଥିତି ପ୍ରତିବର୍ଷ ଭାରତରେ ୨ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁର କାରଣ ସାଜୁଛି ଏବଂ ଏହି ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି।

ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମର ଅନୁସନ୍ଧାନ ମୁତାବକ ଭାରତରେ ମୁଣ୍ଡପିଛା ଜଳ ଉପଲବ୍ଧତା ୨୦୦୧ ରେ ୧୮୧୬ ଘନ ମିଟରରୁ ୨୦୧୧ ରେ ୧୫୪୫ ଘନ ମିଟରକୁ ହ୍ରାସ ପାଇଛି। ଗବେଷଣାରୁ ଏହା ମଧ୍ୟ ପୂର୍ବାନୁମାନ କରାଯାଇଛି ଯେ ୨୦୩୦ ବେଳକୁ ଜଳର ମୁଣ୍ଡପିଛା ଚାହିଦା ପାଖାପାଖି ଦୁଇଗୁଣ ହେବ। ୨୦୫୦ ବେଳକୁ ଭାରତରେ ଜଳସମ୍ପଦ ସର୍ବାଧିକ ଜିଡିପି ଉତ୍ପାଦନକାରୀ ପ୍ରାକୃତିକ ସମ୍ପଦ ଭାବେ ଗ୍ରହଣୀୟ ହେବ। ଏହାବ୍ୟତୀତ ଦୈନନ୍ଦିନ ଦୂଷିତ ଜଳର ମାତ୍ରା ବଢ଼ିବା ଏବଂ ପ୍ରାୟ ୭୦ ପ୍ରତିଶତ ଜଳ ଦୂଷିତ ହେବ। ଏହାସହିତ ୧୨୦ ଦେଶରେ ମପା ଯାଇଥିବା ଜଳ ଗୁଣବତ୍ତା ସୂଚକାଙ୍କରେ ଭାରତ ୧୨୦ ତମ ସ୍ଥାନରେ ରହିବା ଜଣାପଡ଼ିଛି, ଯାହା ପରିସ୍ଥିତିକୁ ଆହୁରି ଉତ୍କଟ କରୁଛି।

ଭାରତରେ ଜଳର ଉପଲବ୍ଧିକୁ ବିବେଚନା କଲେ ଜଣାଯାଏ ସମଗ୍ର ୫୧୨୨ ବିଲିୟନ ଘନ ମିଟର ଗଚ୍ଛିତ ଜଳରାଶି ମଧ୍ୟରୁ ବର୍ଷାଜଳ ୪୦୦୦ ବିଲିୟନ ଘନ ମିଟର, ଅବ୍ୟବହୃତ ଭୂପୃଷ୍ଠ ଜଳ ୬୯୦ ବିଲିୟନ ଘନ ମିଟର ଓ ଭୂତଳ ଜଳ ୪୨୦ ବିଲିୟନ ଘନ ମିଟର। ମୋଟାମୋଟି ଭାବରେ ଏହା କୁହାଯାଇପାରିବ ଯେ ଉପଲବ୍ଧ ସମଗ୍ର ଜଳରାଶିର ହାରାହାରି ୮୦ ପ୍ରତିଶତ ବର୍ଷାଜଳ, ଯାହା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଏକ ବରଦାନ। ଅନ୍ୟପକ୍ଷରେ ଆବଶ୍ୟକତା ଦୃଷ୍ଟିରୁ ଜଳ ଆବଣ୍ଟନକୁ ଅନୁଧ୍ୟାନ କଲେ ଜଣାଯାଏ ପାନୀୟଜଳ ଏବଂ ଜଳର ଘରୋଇ ବ୍ୟବହାର ଶୀର୍ଷରେ ରହିବା ସହିତ ପରବର୍ତ୍ତୀ ଚାହିଦା ରୂପେ ପରିବେଶ, ଜଳସେଚନ, କୃଷି ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକଳାପ, ମତ୍ସ୍ୟଚାଷ, ଜଳ ବିଦ୍ୟୁତ୍, କୃଷି ଶିଳ୍ପ ଓ ଅନ୍ୟାନ୍ୟ ଶିଳ୍ପ, ନାଭିଗେସନ୍ ଓ ପର୍ଯ୍ୟଟନ ଓ ବିଭିନ୍ନ କାର୍ଯ୍ୟକଳାପକୁ ବିବେଚନା କରାଯାଏ।

ଜଳର ବ୍ୟବହାରକୁ ତର୍ଜମା କଲେ ଜଣାଯାଏ, ସମଗ୍ର ବ୍ୟବହୃତ ଜଳରାଶିର ୮୦ ପ୍ରତିଶତରୁ ଅଧିକ ଚାଷ କ୍ଷେତ୍ରରେ ବ୍ୟବହାର ହେଉଥିବା ବେଳେ ୧୫ ପ୍ରତିଶତ ଜଳରାଶି ଶିଳ୍ପରେ ବ୍ୟବହାର ହୁଏ ଏବଂ ବାକି ୫ ପ୍ରତିଶତ ଅନ୍ୟ ସମସ୍ତ ଆବଶ୍ୟକତା ପୂରଣ କରିଥାଏ। ଗବେଷଣାରୁ ଦେଖାଯାଇଛି ଯେ ସର୍ବାଧିକ ଜଳ ବ୍ୟବହାରକାରୀ କୃଷି କ୍ଷେତ୍ର ସର୍ବାଧିକ ଜଳ ଅପଚୟର କାରଣ। ଭାରତ ପରି କୃଷିପ୍ରଧାନ ଦେଶରେ ୫୫ ପ୍ରତିଶତରୁ ଅଧିକ ଲୋକ ଚାଷ ଉପରେ ନିର୍ଭର କରନ୍ତି, ଯେଉଁମାନଙ୍କ ମଧ୍ୟରୁ ପାଖାପାଖି ୮୦ ପ୍ରତିଶତ କ୍ଷୁଦ୍ର ଚାଷୀ। ତେଣୁ ଏହା ମଧ୍ୟ କୁହାଯାଇପାରେ କି, ଜମିର ସ୍ୱଳ୍ପତା, ନିରକ୍ଷରତା ଓ ସଚେତନତାର ଅଭାବ ଜଳ ଅପଚୟର ଅନ୍ୟ ଏକ ପ୍ରମୁଖ କାରଣ। ଏହାବ୍ୟତୀତ, ଭାରତରେ ହାରାହାରି ୫୫ ପ୍ରତିଶତ ମହିଳା ଚାଷୀ ପାଖାପାଖି ୮୦ ପ୍ରତିଶତ ଚାଷକାମ ନିର୍ବାହ କରିଥା'ନ୍ତି, ଯେଉଁ ସଂଖ୍ୟା ଓଡ଼ିଶାରେ ପାଖାପାଖି ୬୨ ପ୍ରତିଶତ ଏବଂ ଗ୍ରାମୀଣ ଓଡ଼ିଶାରେ ପାଖାପାଖି ୭୯ ପ୍ରତିଶତ। ତେଣୁ ମହିଳାମାନଙ୍କ ମଧ୍ୟରେ ଜଳ ପରିଚାଳନା ସମ୍ବନ୍ଧିତ ବୈଷୟିକ ଜ୍ଞାନର ଅଭାବ ଜଳ ଅପଚୟର ଅନ୍ୟ ଏକ ମୁଖ୍ୟ କାରଣ ହେଇଥାଇପାରେ। ଏହାବ୍ୟତୀତ ଜଳଭଣ୍ଡାର ଓ କେନାଲ ବନ୍ଧରେ ଫାଟ, ପାରମ୍ପରିକ ଜଳସେଚନ ପଦ୍ଧତି ଏବଂ ଜଳସେଚନ ବିଷୟରେ ଜ୍ଞାନର ଅଭାବ ଜଳ ଅପଚୟର ଅନ୍ୟାନ୍ୟ ପ୍ରମୁଖ କାରଣ ମଧ୍ୟରୁ ଅନ୍ୟତମ, ଯାହା କୃଷିକ୍ଷେତ୍ରରେ ବ୍ୟବହୃତ ଜଳରାଶିର ପାଖାପାଖି ୬୦ ପ୍ରତିଶତ। ତେଣୁ ଭବିଷ୍ୟତର ଜଳାଭାବକୁ ରୋକିବାକୁ ହେଲେ କୃଷିକ୍ଷେତ୍ରରେ ବୈଜ୍ଞାନିକ ପଦ୍ଧତିରେ ଜଳ ପରିଚାଳନା ଏକାନ୍ତ ଆବଶ୍ୟକ।

ଜଳର ସ୍ୱଳ୍ପତା, ଶିଳ୍ପ ଓ କୃଷିକ୍ଷେତ୍ରରେ ଅତ୍ୟଧିକ ବ୍ୟବହାର, ଅପଚୟକୁ ଧ୍ୟାନରେ ରଖି ଭାରତ ସରକାର ଜଳ ପରିଚାଳନା ଓ ଜଳ ସଞ୍ଚୟ ନିମିତ୍ତ ନିୟମାବଳୀ 'ଜାତୀୟ ଜଳ ନୀତି -୧୯୮୭' ମସିହାରେ ପାରିତ କରିଥିଲେ। ପରବର୍ତ୍ତୀ ସମୟରେ କୃଷିକ୍ଷେତ୍ରକୁ ଧ୍ୟାନରେ ରଖି ଓଡ଼ିଶା ସରକାର ୨୦୦୨ ମସିହାରେ ପାଣି ପଞ୍ଚାୟତ ଅଧିନିୟମ ପାରିତ କଲେ, ଯାହା କୃଷି କ୍ଷେତ୍ରରେ ଜଳ ପରିଚାଳନା, ଜଳ ଆବଣ୍ଟନ ଓ ଜଳ ସଞ୍ଚୟ ଉପରେ ଗୁରୁତ୍ୱ ଦେଉଛି। ଏଥିସହିତ ଭବିଷ୍ୟତ ପିଢ଼ିର ବିକାଶକୁ ଧ୍ୟାନରେ ରଖି ନାନାଦି ଜଳସଞ୍ଚୟ ପଦ୍ଧତି ଯଥା- କମ୍ ପାଣିରେ ଫସଲ ଉତ୍ପାଦନ, ମାଇକ୍ରୋଜଳସେଚନ, ସେନସର ଆଧାରିତ ଜଳସେଚନ, କାଡା କେନାଲ ନିର୍ମାଣ, ବର୍ଷା ଜଳ ଅମଳ ଓ ସଞ୍ଚୟ, ସ୍ମାର୍ଟ ଜଳସେଚନ ଇତ୍ୟାଦି କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ କରାଯାଉଛି।

ଏ ସମସ୍ତ କାର୍ଯ୍ୟକ୍ରମରେ ମହିଳାମାନଙ୍କର ସହଭାଗିତା ଲୋଡ଼ାଯିବା ସହିତ ସରକାରୀ ସହାୟତାରେ ନାନାଦି କାର୍ଯ୍ୟକ୍ରମ, ଯଥା - ତାଲିମ, ପ୍ରୟୋଗ, କ୍ଷେତ୍ର ଅଭ୍ୟାସ, କ୍ଷେତ୍ର ପ୍ରଦର୍ଶନ ଇତ୍ୟାଦି କରାଯାଉଥିଲେ ହେଁ ସେମାନଙ୍କର ସହଭାଗିତା ଏ ଯାଏଁ ଆଖିଦୃଶିଆ ହୋଇପାରିନାହିଁ। ଘରୋଇ ଜଳ ବ୍ୟବହାର ହେଉ ବା ଚାଷ କ୍ଷେତ୍ରରେ ଜଳ ପରିଚାଳନା ହେଉ ମହିଳାମାନଙ୍କ ଭୂମିକା ସବୁକ୍ଷେତ୍ରରେ ଅତ୍ୟନ୍ତ ଜରୁରୀ। ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ପ୍ରକାଶିତ ବିଶ୍ୱ ପ୍ରସିଦ୍ଧ ଡବଲିନ୍ ନିୟମାବଳୀ ୧୯୯୨ ରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ ଜଳ ଯୋଗାଣ, ପରିଚାଳନା ଓ ସୁରକ୍ଷାରେ ମହିଳାମାନେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ତେଣୁ ଜଳ ବିକାଶ ଓ ପରିଚାଳନା ମହିଳାମାନଙ୍କ ସହଭାଗିତାରେ ସମସ୍ତ ସ୍ତରରେ ଉପଭୋକ୍ତା, ଯୋଜନାକାରୀ ଓ ନୀତି ନିର୍ଣ୍ଣୟକାରୀଙ୍କ ମିଳିତ ଆଭିମୁଖ୍ୟ ଓ ପ୍ରୟାସରେ ହେବା ଉଚିତ୍। ତେଣୁ ସରକାରଙ୍କୁ ଜଳ ପରି ଏକ ସୀମିତ ଓ ଅସୁରକ୍ଷିତ ପ୍ରାକୃତିକ ସମ୍ପଦ, ଯାହା ଜୀବନ ବଞ୍ଚାଇବା, ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ପରିବେଶକୁ ସୁରକ୍ଷା ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ, ତାହାର ସୁରକ୍ଷା ଦିଗରେ ଅଧିକ ଧ୍ୟାନ କେନ୍ଦ୍ରିତ କରିବାକୁ ହେବ।

(ସହକାରୀ ପ୍ରାଧ୍ୟାପକ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ)
ଭୁବନେଶ୍ୱର, ମୋ: ୯୮୬୧୦୬୫୧୬୪

# ସକାରାତ୍ମକ କର୍ମକ୍ଷେତ୍ର

**ଡାକ୍ତର ଅଶୋକ କୁମାର ମହାନ୍ତି**



ସକାରାତ୍ମକ କର୍ମକ୍ଷେତ୍ର କହିଲେ ଯେଉଁଠାରେ ସମସ୍ତ କର୍ମଚାରୀଙ୍କୁ ନ୍ୟାୟପୂର୍ଣ୍ଣ, ମର୍ଯ୍ୟାଦା ଓ ସମ୍ମାନର ସହିତ ବ୍ୟବହାର କରାଯାଏ ଏବଂ ଯୋଗାଯୋଗ, ସହଯୋଗ ଓ ଗଠନମୂଳକ ଦୃଷ୍ଟିଭଙ୍ଗୀରେ ବିବାଦର ସମାଧାନ କରାଯାଏ। ସମ୍ମାନର ଅଭାବ ଓ ଉପରିସ୍ଥ ଅଧିକାରୀମାନଙ୍କର ନକାରାତ୍ମକ ଆଚରଣ ନିମ୍ନସ୍ତରର କର୍ମଚାରୀଙ୍କ ଉତ୍ପାଦକତାରେ ହ୍ରାସ ଓ ମାନସିକ ଆଘାତର ଆଶଙ୍କା ସୃଷ୍ଟି କରିଥାଏ। କର୍ମକ୍ଷେତ୍ର ଏପରି ହେବା ଉଚିତ, ଯେଉଁଠାରେ କର୍ମଚାରୀମାନେ ସୁରକ୍ଷିତ ତଥା ନିରାପଦ ଅନୁଭବ କରିପାରିବେ, ଉତ୍ପୀଡ଼ନ ଓ ଭେଦଭାବରୁ ସୁରକ୍ଷିତ ମନେ କରିବେ ଏବଂ ସେମାନଙ୍କ ପୃଷ୍ଠଭୂମି ନିର୍ବିଶେଷରେ ମର୍ଯ୍ୟାଦା, ସମ୍ମାନ ଓ ଉଚିତ ବ୍ୟବହାର ଆଶା କରିବେ। ଏହା କର୍ମଚାରୀଙ୍କ କଲ୍ୟାଣ, ଉତ୍ପାଦକତା ଏବଂ ସାମଗ୍ରିକ ଭାବେ ସାଂଗଠନିକ ସଫଳତା ପାଇଁ ଅତ୍ୟାବଶ୍ୟକ।

ଯେଉଁଠାରେ ସଚ୍ଚୋଟତା, ସାଧୁତା ଓ ବୃତ୍ତିଗତ ନ୍ୟାୟକୁ ଗୁରୁତ୍ୱ ଦିଆଯାଏ, ସେଠାରେ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ମଧ୍ୟରେ ସୁସମ୍ପର୍କ ସୃଷ୍ଟି ହୁଏ। କର୍ମକ୍ଷେତ୍ର ଏପରି ହେବା ଉଚିତ, ଯେଉଁଠାରେ କର୍ମଚାରୀମାନେ ସେମାନଙ୍କର ଚିନ୍ତାଧାରା ଓ ମତାମତ ଖୋଲାଖୋଲି ଏବଂ ସଚ୍ଚୋଟ ଭାବରେ ପ୍ରକାଶ କରିପାରିବେ। କର୍ମଚାରୀମାନଙ୍କୁ ସେମାନଙ୍କ କାମର ସମସ୍ତ ଦାୟିତ୍ୱ ବହନ କରିବାର କ୍ଷମତା ଦିଆଯିବା ସହିତ ସେମାନଙ୍କ କାର୍ଯ୍ୟ ପାଇଁ ମଧ୍ୟ ଉତ୍ତରଦାୟୀ କରାଯାଏ। ଅସୌଜନ୍ୟ ଆଚରଣ ପାଇଁ ସ୍ପଷ୍ଟ ନିର୍ଦ୍ଦେଶାବଳୀ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ, ସମ୍ମାନଜନକ ପରିବେଶ ସୃଷ୍ଟି କରିଥାଏ। ଏକ ସମ୍ମାନଜନକ କର୍ମକ୍ଷେତ୍ର ଶ୍ରେଷ୍ଠ ପ୍ରତିଭାମାନଙ୍କୁ ଆକର୍ଷିତ କରେ ଏବଂ ଅନୁଷ୍ଠାନର ଖ୍ୟାତି ବୃଦ୍ଧି କରେ। ସକାରାତ୍ମକ କାର୍ଯ୍ୟ ପରିବେଶକୁ ପ୍ରୋତ୍ସାହିତ କରୁଥିବା ସମ୍ମାନଜନକ କର୍ମକ୍ଷେତ୍ରଗୁଡ଼ିକ କର୍ମଚାରୀମାନଙ୍କୁ ସୁସ୍ଥ ରଖିବାରେ ସହାୟକ ହେବା ସହିତ ହୃଦରୋଗ ଓ ଉଚ୍ଚ ରକ୍ତଚାପ ହ୍ରାସ ଏବଂ ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ।

କର୍ମକ୍ଷେତ୍ରରେ ଦଳଗତ ବିଶ୍ୱାସ ସୃଷ୍ଟି କରିବା ପାଇଁ ଦଳ ମୁଖ୍ୟମାନଙ୍କୁ ଅନୁଷ୍ଠାନର ଯେକୌଣସି ସ୍ତରର କର୍ମଚାରୀମାନଙ୍କ ସହିତ ଯୋଗାଯୋଗ ଓ ଆଲୋଚନା କରିବା ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ, ସେମାନଙ୍କୁ ସ୍ପଷ୍ଟ ଓ ସଂକ୍ଷିପ୍ତ ହେବାକୁ ପଡ଼ିବ ଏବଂ କିଭଳି ଉତ୍ତମ ଆନ୍ତରିକ ସମ୍ପର୍କ ଗଠନ କରିବେ ତାହା କର୍ମଚାରୀମାନଙ୍କୁ ଶିଖାଇବାକୁ ପଡ଼ିବ। ସମସ୍ତଙ୍କୁ ନେଇ ଯେପରି ଚାଲିବାକୁ ପଡ଼ିବ ସେ ଦିଗରେ ଉପରିସ୍ଥ ଅଧିକାରୀମାନଙ୍କୁ ଧ୍ୟାନ ଦେବା ସହିତ ବୟସ-ଲିଙ୍ଗ-ଜାତି-ସଂସ୍କୃତି ନିର୍ବିଶେଷରେ ସମସ୍ତଙ୍କୁ ଉଚିତ୍ ନ୍ୟାୟ ଦେବାକୁ ହେବ। କର୍ମଚାରୀମାନେ ଯେପରି ବୃତ୍ତିଗତ ସହିତ ବ୍ୟକ୍ତିଗତ ଉନ୍ନତି ସାଧନ କରିପାରିବେ ସେଥିଲାଗି ଉପରିସ୍ଥ ଅଧିକାରୀମାନେ ଧ୍ୟାନ କେନ୍ଦ୍ରିତ କରିବା ଉଚିତ। ଦୟା, ଭଦ୍ରତା, ସହାନୁଭୂତି କରୁଣା ଭଳି ଗୁଣଗୁଡ଼ିକୁ କର୍ମକ୍ଷେତ୍ରରେ ପ୍ରୋତ୍ସାହିତ କରିବା ସହିତ ସମ୍ବେଦନଶୀଳ ହେବା ମଧ୍ୟ ଅନୁଷ୍ଠାନ ମୁଖ୍ୟଙ୍କ କର୍ତ୍ତବ୍ୟ। ମୁଖ୍ୟମାନେ ଅଧସ୍ତନମାନଙ୍କ କର୍ତ୍ତବ୍ୟପରାୟଣତା ପ୍ରତି କୃତଜ୍ଞତା ଜ୍ଞାପନ, ପୁରସ୍କୃତ ଏବଂ ପ୍ରଶଂସା କରିବାରେ କାର୍ପଣ୍ୟ ପ୍ରଦର୍ଶନ କରନ୍ତୁ ନାହିଁ।

ଉପରିସ୍ଥ ଅଧିକାରୀମାନେ ଅଧସ୍ତନମାନଙ୍କର ନୂତନ କ୍ଷମତା ବିକାଶ କରିବାରେ ସାହାଯ୍ୟ କରନ୍ତୁ ଏବଂ ଆବଶ୍ୟକ ସମୟରେ ସେମାନଙ୍କୁ ସମର୍ଥନ କରି ସେମାନଙ୍କର ପୂର୍ଣ୍ଣ ସମ୍ଭାବନାକୁ ଉପଲବ୍ଧ କରାଇବାକୁ ସକ୍ଷମ କରାନ୍ତୁ। ଯେତେବେଳେ ଲୋକମାନେ କାର୍ଯ୍ୟକ୍ଷେତ୍ରରେ ମାନସିକ ସୁରକ୍ଷା ପାଆନ୍ତି, ସେମାନେ ନିଜେ ଆରାମଦାୟକ ଅନୁଭବ କରନ୍ତି। ଏକ ସମ୍ମାନଜନକ ସଂଗଠନ ବିବିଧତା ଓ ସମାନତାକୁ ପ୍ରୋତ୍ସାହିତ କରେ, ଆଲୋଚନାକୁ ଉତ୍ସାହିତ କରେ ଏବଂ ସମସ୍ତ କର୍ମଚାରୀଙ୍କ ପାଇଁ ସଭ୍ୟତା ଉପରେ ଜୋର ଦିଏ। ଏହାକୁ ଅଧିକାରୀମାନେ ସ୍ମରଣକୁ ଆଣିବା ଦରକାର। ପ୍ରଭାବଶାଳୀ ଓ ଲକ୍ଷ୍ୟ-କୈନ୍ଦ୍ରିକ ପରିଚାଳକମାନେ କର୍ମଚାରୀମାନଙ୍କୁ ନିୟମିତ ଭାବରେ ଦକ୍ଷତା ଓ ନୂତନ ପ୍ରଯୁକ୍ତି ବିଦ୍ୟା ବିକାଶ ଉପରେ ଧ୍ୟାନ ଦେବା ନିମନ୍ତେ ଗୁରୁତ୍ୱ ଦେଇଥା'ନ୍ତି।

କର୍ମଚାରୀଙ୍କ ନିୟୋଜିତତାକୁ ବୃଦ୍ଧି କରିବାର ଅନ୍ୟ ଏକ ଉପାୟ ହେଉଛି କୌଣସି ପ୍ରକାରର ଭେଦଭାବକୁ ସହ୍ୟ କରିବା ନାହିଁ। ଆମର ମଙ୍ଗଳ ଓ ସଫଳତା ପାଇଁ ସମ୍ମାନ ଓ ଗର୍ବ ଉଭୟ ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ ଆମେ ଅନ୍ୟମାନଙ୍କୁ ସମ୍ମାନ କରୁ ଏବଂ ପ୍ରତିବଦଳରେ ସମ୍ମାନ ଆଶା କରୁ, ତାହା ସକାରାତ୍ମକ ସମ୍ପର୍କ ଏବଂ ନିଜର ଭାବନାକୁ ବୃଦ୍ଧି କରିପାରେ। ଏକ କର୍ମକ୍ଷେତ୍ର ଯେଉଁଥିରେ ସମସ୍ତଙ୍କର ସମାନ ଅଂଶଗ୍ରହଣ ରହିଥାଏ, ତାହା ଅନନ୍ୟ ଚିନ୍ତାଧାରା ଏବଂ ସୃଜନଶୀଳତାର ଏକ ମିଶ୍ରଣ ହୋଇଥାଏ, ଯାହା ସର୍ବଦା ସଂଗଠନର କାର୍ଯ୍ୟଦକ୍ଷତା, ଉତ୍ପାଦକତା ଓ ସଂସ୍କୃତି ପାଇଁ ସର୍ବୋତ୍ତମ। ମର୍ଯ୍ୟାଦା ଓ ସମ୍ମାନଜନକ ବ୍ୟବହାର ସକାରାତ୍ମକ କାର୍ଯ୍ୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରେ, ଯେଉଁଥିରେ କର୍ମଚାରୀମାନେ ପରିପୂର୍ଣ୍ଣ, ବିଶ୍ୱସ୍ତ, ନିୟୋଜିତ ଏବଂ ସେମାନଙ୍କର ସର୍ବୋତ୍ତମ କାର୍ଯ୍ୟ କରିବାକୁ ପ୍ରେରଣାପ୍ରାପ୍ତ ହୁଅନ୍ତି।

ମୋବାଇଲ: ୯୨୩୪୬୬୭୫୪୬

# ଭିତର ବେଢ଼ାରେ କ୍ଷେତ୍ରପାଳ

**ସ୍ୱପ୍ନେଶ୍ୱର**

**ଲୋକକଥାରେ ଲୋକଦେବତା**

ପାର୍ବତୀ ପୂର୍ବଜନ୍ମରେ ଦକ୍ଷ ପ୍ରଜାପତିଙ୍କ କନ୍ୟା ସତୀ ଥିଲେ। ପିତାଙ୍କ ଇଚ୍ଛା ବିରୁଦ୍ଧରେ ସେ ଦେବଦେବ ମହାଦେବଙ୍କୁ ବିବାହ କରିଥିଲେ। ଥରେ ଶିବ ଓ ଦକ୍ଷ ପ୍ରଜାପତି ଦେବସଭାରେ ଉପସ୍ଥିତ ଥିବା ବେଳେ ଜଣେ ଜୋଇଁ ଶ୍ୱଶୁରଙ୍କୁ ଯେଉଁପ୍ରକାର ସମ୍ମାନ ଦେବା କଥା ଶିବ ତାହା କଲେ ନାହିଁ ବୋଲି ଦକ୍ଷ ଅଭିଯୋଗ କଲେ ଏବଂ ପ୍ରତିଶୋଧ ନେବା ପାଇଁ ଏକ ଯଜ୍ଞର ଆୟୋଜନ କରି ମହାଦେବଙ୍କୁ ଛାଡ଼ି ସମସ୍ତ ଦେବତାଙ୍କୁ ନିମନ୍ତ୍ରଣ କଲେ। ଏଥିରେ ସତୀ ମର୍ମାହତା ହେଲେ ଏବଂ ଏହାର କାରଣ ପଚାରିବା ପାଇଁ ମହାଦେବଙ୍କ ବାରଣ ସତ୍ତ୍ୱେ ପିତାଙ୍କ ଘରକୁ ବାହାରିଲେ। ଯଜ୍ଞ ସ୍ଥଳରେ ଦେବତା ଓ ମୁନିଋଷିମାନଙ୍କ ଉପସ୍ଥିତିରେ ସତୀଙ୍କ ଆଗରେ ଦକ୍ଷ ଶିବଙ୍କୁ ବହୁତ ନିନ୍ଦା କଲେ। ଏହା ଶୁଣି ସତୀ ଯଜ୍ଞାଗ୍ନିରେ ଝାସ ଦେଲେ। ଏ ଦୁଃସମ୍ବାଦ ଶୁଣି ଶିବ ତତ୍‌କ୍ଷଣାତ୍ ଯଜ୍ଞସ୍ଥଳକୁ ଯାଇ ଦକ୍ଷଙ୍କର ଶିରଚ୍ଛେଦ କଲେ। ତା'ପରେ ସତୀଙ୍କର ଶବକୁ କାନ୍ଧରେ ବହନ କରି ଦୁଃଖ ଓ କ୍ରୋଧରେ ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସାରା ବ୍ରହ୍ମାଣ୍ଡ କମ୍ପିବାକୁ ଲାଗିଲା। ସୃଷ୍ଟି ପ୍ରଳୟ ହୋଇଯିବାର ଆଶଙ୍କାରେ ଦେବତାମାନେ ବିଷ୍ଣୁଙ୍କର ଶରଣାପନ୍ନ ହେଲେ। ବିଷ୍ଣୁ ସୁଦର୍ଶନ ଚକ୍ରରେ ସତୀଙ୍କ ଶରୀରକୁ ଖଣ୍ଡଖଣ୍ଡ କରିଦେଲେ। ସେହି ଶରୀରାଂଶ ଯେଉଁଠାରେ ପଡ଼ିଲା, ତାହା ଗୋଟିଏ ଗୋଟିଏ ଶକ୍ତିପୀଠ ହୋଇଗଲା। ଏହାପରେ ଶିବ ନୃତ୍ୟରୁ ବିରତ ହେଲେ ସିନା ତାଙ୍କର କ୍ରୋଧ ପ୍ରଶମିତ ହେଲା ନାହିଁ। ସେ ଘନଘନ ନିଃଶ୍ୱାସ ନେଇ ଚାରି ଦିଗକୁ କ୍ରୂରଲୋଚନରେ ଚାହୁଁଥିଲେ।

ସେ ସମୟରେ ବିଷ୍ଣୁ ଚିନ୍ତା କଲେ ଯେ ସେ ଅବସ୍ଥାରେ ଶିବ ସେଠାରେ ଅଧିକ ସମୟ ରହିବା ଉଚିତ ହେବ ନାହିଁ। ତେଣୁ ସେ ଶିବଙ୍କୁ ପୁରୁଷୋତ୍ତମ କ୍ଷେତ୍ରକୁ ନେଇଆସିଲେ। କ୍ଷେତ୍ରରେ ପହଞ୍ଚି ସେ ଶିବଙ୍କୁ ଆଶ୍ୱାସନା ଦେଲେ- 'ମହାଶୟ! ଦେବୀ ସତୀ ପର ଜନ୍ମରେ ହିମାଳୟଙ୍କ କନ୍ୟା ପାର୍ବତୀ ରୂପେ ଜନ୍ମ ନେଇ ଆପଣଙ୍କୁ ପତି ରୂପେ ବରଣ କରିବେ। ବର୍ତ୍ତମାନ ଆପଣ ନିତ୍ୟବୈକୁଣ୍ଠ ନୀଳାଚଳ ଧାମରେ ଅବସ୍ଥାନ କରନ୍ତୁ।' ନୀଳାଚଳ ଧାମର ସୌନ୍ଦର୍ଯ୍ୟ ଓ ସାଗର କୂଳରେ ଅବସ୍ଥିତି ଶିବଙ୍କର କ୍ରୋଧକୁ କିଛି ପରିମାଣରେ ପ୍ରଶମିତ କଲା। ପରମ ବିଷ୍ଣୁକ୍ଷେତ୍ର ନୀଳାଚଳରେ ଅବସ୍ଥାନ ପାଇଁ ସ୍ୱୟଂବିଷ୍ଣୁଙ୍କ ନିମନ୍ତ୍ରଣ ପାଇ ସେ ବହୁତ ଖୁସି ହୋଇ କହିଲେ- 'ମହାପ୍ରଭୁ! ଆପଣଙ୍କ ପ୍ରସ୍ତାବ ମୋର ସୌଭାଗ୍ୟ। କିନ୍ତୁ ଶିବଗଣ ଓ ଦ୍ୱାରପାଳଙ୍କ ବିନା ମୋର ଏଠାରେ ଅବସ୍ଥାନ ସମ୍ଭବ ହେବ ତ?'- 'ଆପଣଙ୍କ ମନ୍ଦିରରେ ରହି ଆପଣଙ୍କୁ ସାନିଧ ଦେବା ପାଇଁ ମୁଁ ମହାଲକ୍ଷ୍ମୀଙ୍କୁ ଅନୁରୋଧ କରିବି। ମୋର ଦ୍ୱାରପାଳ ଜୟ ଓ ବିଜୟ ଆପଣଙ୍କ ଦ୍ୱାରପାଳ ରୂପେ ନିଯୁକ୍ତ ହେବେ। ଶ୍ରୀକ୍ଷେତ୍ରରେ ଆପଣ ଅଷ୍ଟଶମ୍ଭୁ ଭିତରେ ଗଣନା ହେବେ।' - ବିଷ୍ଣୁ ଆଶ୍ୱାସନା ଦେଲେ। ମହାଦେବ କହିଲେ- 'ମହାପ୍ରଭୁ! ଆପଣ ପରମ ଦୟାଳୁ। ଆପଣଙ୍କ ଆଜ୍ଞାରେ ଶ୍ରୀମନ୍ଦିରରେ ଦେବତାମାନେ ଆପଣଙ୍କ ସେବାରେ ନିଯୁକ୍ତ ହୋଇ ନିଜକୁ କୃତାର୍ଥ ମନେ କରୁଛନ୍ତି। ମୋତେ ମଧ୍ୟ କିଛି ସେବାର ଅବସର ପ୍ରଦାନ କରିବା ହୁଅନ୍ତୁ।' ବିଷ୍ଣୁ 'ତଥାସ୍ତୁ' ସହିତ କହିଲେ- 'ଆପଣ ଏ କ୍ଷେତ୍ରର ରକ୍ଷକ ହେବେ। ଆପଣଙ୍କର ନାମ 'କ୍ଷେତ୍ରପାଳ ମହାଦେବ' ହେବ। ବର୍ଷର ନଅ ଦିନ ରଥଯାତ୍ରା ସମୟରେ ଆପଣ ମନ୍ଦିରର ସୁରକ୍ଷା ଦାୟିତ୍ୱରେ ରହିବେ। ମୋର ଭକ୍ତମାନେ ପ୍ରଥମେ ଆପଣଙ୍କ ଦର୍ଶନ କରି ଆପଣଙ୍କ ଅନୁମତିପ୍ରାପ୍ତ ହେଲେ ମୋର ଦର୍ଶନ କରିପାରିବେ।' ଏ ବିଷୟରେ ନୀଳାମ୍ବର ଦାସ 'ଗୁଣ୍ଡିଚା ମଙ୍ଗଳ'ରେ ବର୍ଣ୍ଣନା କରିଛନ୍ତି- 'ଏହି ନବଦିନ ନୀଳାଚଳ ହେବ ଶୂନ୍ୟ, ନ ଗମିବେ ସେ ଠାବକୁ ମୋ ଭକତ ଜନ / ସବୁ ଦେବଦେବୀମାନେ ରଥରେ ଆସିବେ, କ୍ଷେତ୍ରପାଳ ଭଇରବ ମାତ୍ର ଜଗିଥିବେ।'

ତା'ପରେ 'କ୍ଷେତ୍ରପାଳ ମହାଦେବ' ଭିତର ବେଢ଼ାର ଦକ୍ଷିଣ ପାର୍ଶ୍ୱରେ ଏକ ମନ୍ଦିରରେ ବିରାଜମାନ କରୁଛନ୍ତି। ତାଙ୍କ ମନ୍ଦିରର ତୋରଣରେ ମହାଲକ୍ଷ୍ମୀ ବିରାଜମାନ କରୁଛନ୍ତି ଏବଂ ଜୟ ବିଜୟ ଦ୍ୱାରପାଳ ଦାୟିତ୍ୱରେ ଅଛନ୍ତି। କିନ୍ତୁ ଶିବଙ୍କର କ୍ରୋଧ ଏ ପର୍ଯ୍ୟନ୍ତ ପ୍ରଶମିତ ହୋଇନାହିଁ। ତେଣୁ ତାଙ୍କର ଧ୍ୟାନମନ୍ତ୍ରରେ ସେ ଉଗ୍ର, ଭୀଷଣ ଓ କ୍ରୂରଲୋଚନ ଭାବେ ବର୍ଣ୍ଣିତ ହୋଇଛନ୍ତି- 'କ୍ଷେତ୍ରପାଳ ନମସ୍ତେସ୍ତୁ ଭୀଷଣଂ କ୍ରୂର ଲୋଚନଂ, ତ୍ରିଶୂଳଂ ପାନପାତ୍ରଂଚ ଦଧାନମୁଗ୍ର ଭୈରବମ୍ / କ୍ଷେତ୍ର ଦର୍ଶନଂ ମେ ଦେହି ପାପଘ୍ନ ଚଣ୍ଡ ବିକ୍ରମ, ମହାପାପହରମୁଗ୍ରଂ ନମାମି କ୍ଷେତ୍ରରକ୍ଷକମ୍।'

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ମୃତ୍ୟୁର ୨ ବର୍ଷ ପରେ ମିଳୁଥିଲା ଭତ୍ତା

■ ୨୦୨୨ ନଭେମ୍ବରରୁ ଏପ୍ରିଲ ପର୍ଯ୍ୟନ୍ତ ଟଙ୍କା ଜମା ହୋଇଛି
■ ଉଠାଣ ବେଳେ ଧରିଲେ ବ୍ୟାଙ୍କ ଶାଖା ପରିଚାଳକ

କଲମପୁର, ୩।୬ (ସମିସ): କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ୍ ଦେପୁର ପଞ୍ଚାୟତ ସଦରମହକୁମାରର ଜଣେ ମହିଳାଙ୍କ ମୃତ୍ୟୁର ୨ ବର୍ଷ ପରେ ମଧ୍ୟ ଭତ୍ତା ଟଙ୍କା ଆସୁଛି। ୨୦୨୨ ନଭେମ୍ବରରୁ ଗତ ଏପ୍ରିଲ ପର୍ଯ୍ୟନ୍ତ ଏହି ସରକାରୀ ଟଙ୍କା ଜମା ହୋଇଛି। ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ଟଙ୍କା ଉଠାଇବାକୁ ଆସିଥିବା ବେଳେ ବ୍ୟାଙ୍କ ଶାଖା ପରିଚାଳକ ଧରିଛନ୍ତି।

ଦେପୁର ନିବାସୀ ସୁବାସ ମାଝିଙ୍କ ପତ୍ନୀ ବେଲମତୀ ମାଝିଙ୍କ ପରଲୋକ ହୋଇଗଲାଣି। ହେଲେ ତାଙ୍କ ଜମା ଖାତାରେ ପ୍ରତି ମାସରେ ଭତ୍ତା ଟଙ୍କା ଜମା ହୋଇ ଆସୁଛି। ଖାତାରେ ୩୮ ହଜାର ୫୫୬ଟଙ୍କା ଜମା ହୋଇଥିବା ବେଳେ ସୁବାସ ଉଠାଣ ପାଇ ବ୍ୟାଙ୍କକୁ ଆସିଥିଲେ। ବେଲମତିଙ୍କ ଅନୁପସ୍ଥିତିରେ ସେ ଟଙ୍କା ଉଠାଇବାକୁ ଚେଷ୍ଟା କରୁଥିବା ବେଳେ ଶାଖା ପରିଚାଳକ ସନ୍ଦେହ କରିଥିଲେ। ଖୋଳତାଡ଼ ପରେ ତାହା ହେଉଛି ସରକାରୀ ଟଙ୍କା ଓ ବେଲମତି ଆଉ ନ ଥିବା ବ୍ୟାଙ୍କ ଶାଖା ପରିଚାଳକ ଜାଣି ପାରିଥିଲେ। ଏହାପରେ ସେ ତୁରନ୍ତ ବ୍ଲକ କାର୍ଯ୍ୟାଳୟକୁ ଏନେଇ ଜଣାଇଥିଲେ। ବ୍ଲକ୍ ପ୍ରଶାସନର ନିର୍ଦ୍ଦେଶକ୍ରମେ ଦେପୁର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଯାଇ ତଦନ୍ତ କରିଥିଲେ। ଘଟଣା ସତ୍ୟ ଓ ବେଲମତିଙ୍କ ମୃତ୍ୟୁ ଘଟିଥିବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ରିପୋର୍ଟ ଦେଇଥିଲେ। ରିପୋର୍ଟ ପାଇବା ପରେ ସେହି ଜମା ଟଙ୍କା ଫେରସ୍ତ ନେବା ପାଇଁ ବ୍ଲକ୍ ପ୍ରଶାସନ ପ୍ରକ୍ରିୟା ଆରମ୍ଭ କରିଛି। ତେବେ ଏ ନେଇ ବିଡିଓ ବିଜୟ ମାଣ୍ଡାଙ୍ଗି କହିଛନ୍ତି ଯେ ଏପରି ହେବା କଥା ନୁହେଁ। ଯଦି ହୋଇଛି, ତେବେ ନିଶ୍ଚିତ ପଦକ୍ଷେପ ନିଆଯିବ। ସେହିଭଳି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷିତିସୂତା ମେହେର କହିଛନ୍ତି ଯେ ଘଟଣା ସତ୍ୟ ବୋଲି ପ୍ରମାଣ ମିଳିଛି। ସମ୍ପୃକ୍ତ ମହିଳାଙ୍କ ମୃତ୍ୟୁ ନେଇ ବ୍ଲକ୍ ପ୍ରଶାସନ ପାଖରେ ସୂଚନା ପହଞ୍ଚି ପାରି ନ ଥିବାରୁ ଏଭଳି ଘଟିଛି। ଏବେ ଖବର ମିଳିଛି। ବ୍ୟାଙ୍କରୁ ଟଙ୍କା ଫେରସ୍ତ ଅଣାଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୁଖ୍ୟମନ୍ତ୍ରୀ କ୍ଷୁବ୍ଧ...

ଏଥିପାଇଁ ପ୍ରଶାସନିକ ନିଷ୍ପତ୍ତି ନେବାରେ ଅହେତୁକ ବିଳମ୍ବ ଘଟୁଛି। ବିଶେଷ ଭାବରେ ନୀତିଗତ ନିଷ୍ପତ୍ତି ସମ୍ବନ୍ଧୀୟ ଫାଇଲ ଗୁଡ଼ିକ ମନ୍ତ୍ରୀ, ବିଭାଗୀୟ ସଚିବ ଏବଂ ନିର୍ଦ୍ଦେଶକସ୍ତରରେ ଅନେକ ସମୟ ଧରି ପଡ଼ିରହୁଛି। ଯାହାଫଳରେ ଯୋଜନାଗୁଡ଼ିକ କାର୍ଯ୍ୟକ୍ରମ ହେବାରେ ବିଳମ୍ବ ଘଟୁଛି। ଏଥିପାଇଁ ବଜେଟରେ ପ୍ରାବଧାନ କରାଯାଇଥିବା ଅର୍ଥ ମଧ୍ୟ ସଠିକ୍ ସମୟରେ ଏବଂ ନିର୍ଦ୍ଧାରିତ ସମୟରେ ଖର୍ଚ୍ଚ ହୋଇପାରୁନଥିବା ମୁଖ୍ୟମନ୍ତ୍ରୀ କ୍ଷୋଭ ପ୍ରକାଶ କରିଛନ୍ତି। ସରକାରଙ୍କ କାର୍ଯ୍ୟଦକ୍ଷତା ଉପରେ ଏହାର ନକରାତ୍ମକ ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଥିବା ମଧ୍ୟ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଓସ୍ୱାସ ମାଧ୍ୟମରେ ପ୍ରଚଳନ ହେଉଥିବା ଫାଇଲ ଗୁଡ଼ିକ ବିଭାଗୀୟ ସଚିବମାନେ କଡ଼ାକଡ଼ି ଭାବେ କ୍ରମାଗତ ନିରୀକ୍ଷଣ ଏବଂ ଅନୁପାଳନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏସବୁ ଫାଇଲ ଗୁଡ଼ିକ ଉପରେ ଯଥାଶୀଘ୍ର ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମନ୍ତ୍ରୀମାନଙ୍କ ବ୍ୟକ୍ତିଗତ ସଚିବମାନେ ସୁନିଶ୍ଚିତ କରିବେ। ଏହି ନିର୍ଦ୍ଦେଶନାମାକୁ ସମସ୍ତ ବିଭାଗୀୟ ସଚିବ, ନିର୍ଦ୍ଦେଶକ, ମନ୍ତ୍ରୀମାନଙ୍କ ବ୍ୟକ୍ତିଗତ ସଚିବ ଅନୁପାଳନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଏପରି ନିର୍ଦ୍ଦେଶନାମା ପରେ ପ୍ରଶାସନିକ ସ୍ତରରେ ଚାଲିଥିବା ଅସଙ୍ଗତି ଏବଂ ବିଶୃଙ୍ଖଳା ସ୍ପଷ୍ଟ ହୋଇ ଯାଇଛି। ପ୍ରଶାସନିକ ଅଧିକାରୀମାନେ ଶୃଙ୍ଖଳିତ ହେବାକୁ ମୁଖ୍ୟମନ୍ତ୍ରୀ ବାରମ୍ବାର ବିଭିନ୍ନ କାର୍ଯ୍ୟକ୍ରମ, ସଭାରେ କହୁଛନ୍ତି। ଏହାସତ୍ତ୍ୱେ ସରକାରୀ ଫାଇଲ ପରିଚାଳନାରେ ବିଳମ୍ବ ହୋଇ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କ୍ଷୋଭ ପରେ ମୁଖ୍ୟ ସଚିବ ମଧ୍ୟ ବିଭିନ୍ନ ବିଭାଗର ସଚିବ ଓ ଅଧିକାରୀଙ୍କ ଉପରେ ନିଜର ଅସନ୍ତୋଷ ଝାଡ଼ିଛନ୍ତି। ସରକାରୀ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟାନ୍ୱୟନରେ ବିଳମ୍ବକୁ ଆଦୌ ଗ୍ରହଣ କରାଯିବ ନାହିଁ ବୋଲି ଚରମବାଣୀ ଶୁଣାଇଛନ୍ତି। ମାତ୍ର କେଉଁସ୍ତରରେ ଓ କେଉଁ କାରଣରୁ ଫାଇଲ୍ ଅଟକି ରହୁଛି, ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ବିଳମ୍ବିତ ହେଉଛି, ସେ ସମ୍ପର୍କରେ କେବେ ତର୍ଜମା କରାଯିବ ତାହା ଏଯାଏ ସ୍ପଷ୍ଟ ହୋଇ ନାହିଁ।

### ଗୋଦାମ ମାଲିକ...

ମିନିଟ୍ରକ୍, ୧୧୫ ପେଟି ଆପେକ୍ସ ୯୦ ବିସ୍ଫୋରକ, ୪୦୦ଟି ଡେଟୋନେଟର୍, ୧୫ପେଟି ତାର, ୧୫୦ ବଣ୍ଡଲ ତାର, ୩୦୨ଟି ମେଗା ପ୍ରାଇମ୍ ପ୍ୟାକେଟ ଓ ୨ଟି ମୋବାଇଲ ଜବତ କରାଯାଇଛି। ଗତ ୧ ତାରିଖରେ ଉକ୍ତ ପେଟ୍ରୋଲ ପମ୍ପଠାରେ ଦୁଇଟି ବିସ୍ଫୋରକ ସାମଗ୍ରୀ ଭର୍ତ୍ତି ଗାଡ଼ି ପାର୍କିଂ ହୋଇଥିବା ଇନ୍ସପେକ୍ଟର୍ ରାଜେନ୍ଦ୍ର ସ୍ୱାଇଁଙ୍କୁ ସୂଚନା ମିଳିଥିଲା। ଇନ୍ସପେକ୍ଟର୍ ରାଜେନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏସ୍ଆଇ ଇତିଶ୍ରୀ ବେହେରା ନିଜ ଟିମ୍ ସହ ସେଠାରେ ଚଢ଼ଉ କରିଥିଲେ। ଅଧିକ ଯାଞ୍ଚ ପରେ ଆବଶ୍ୟକ କାଗଜପତ୍ର ନଥିବା ଜଣାପଡ଼ିଥିଲା। ପରେ ୨ଟି ବିସ୍ଫୋରକ ବୋଝେଇ ଭ୍ୟାନ୍‌କୁ ଜବତ କରି ଥାନାକୁ ଆଣି ଅଧିକ ତଦନ୍ତ ଜାରି ରଖିଥିଲେ। ଅପରପକ୍ଷେ, ସଶସ୍ତ୍ର ମାଓବାଦୀମାନେ ଗତ ୨୭ ତାରିଖରେ ବିପୁଳ ବିସ୍ଫୋରକ ଜବତ ହେବା ଘଟଣାରେ ଆଜି ସାରା ରାଜ୍ୟର ବିଭିନ୍ନ ବାରୁଦ ଗୋଦାମରେ ପୁଲିସ୍ ଯାଞ୍ଚ କରିଛି। ଏହି କ୍ରମରେ ବଣାଇଁ ଥାନା ପାଣ୍ଡୁରିଶିଳା ନିକଟସ୍ଥ ନୂଆପାଲି ଗାଁ ନିକଟରେ ଥିବା ବାରୁଦ ଗୋଦାମରେ ବଣାଇଁ ପୁଲିସ୍ ପକ୍ଷରୁ ଯାଞ୍ଚ କରାଯାଇଛି। ବଣାଇଁ ସହରଠାରୁ ମାତ୍ର ପାଞ୍ଚ କିମି ଦୂର ନୂଆପାଲିଠାରେ ମାନସ ରଞ୍ଜନ ବିଷୋୟୀଙ୍କ ହାଇଟେକ୍ ରକ୍ ମୁଭର୍ସ ନାମକ ବାରୁଦ ଗୋଦାମରେ ବଣାଇଁ ପୁଲିସ ଯାଞ୍ଚ କରିଥିଲା। ୨୦ଟନ୍ କ୍ଷମତା ବିଶିଷ୍ଟ ଏହି ଗୋଦାମରେ ବିସ୍ଫୋରକ ନେବା ଆଣିବା କାର୍ଯ୍ୟ ସବୁ କିଛି ଅନଲାଇନ୍ ମାଧ୍ୟମରେ ହେଉଥିବା ବେଳେ ଯାଞ୍ଚ ପରେ ସମସ୍ତ କାଗଜପତ୍ର ବୈଧ ରହିଥିବା କହିଛନ୍ତି ବଣାଇଁ ଥାନା ଅଧିକାରୀ ଜ୍ଞାନେନ୍ଦ୍ର କୁମାର ସାହୁ।

ଗୋଦାମରେ ବର୍ତ୍ତମାନ ୧୩.୩୦୦ କେଜି ବାରୁଦ ଷ୍ଟକ୍ ରହିଥିବା ବେଳେ ୭୦୦ କେଜିର ବାରୁଦ ଏକ ଗାଡ଼ିରେ ଅନ୍‌ଲୋଡ୍ ହେବା ପାଇଁ ଗୋଦାମ ନିକଟରେ ଛିଡ଼ା ହୋଇଛି। କାଗଜପତ୍ର ବୈଧ ରହିଥିଲେ ମଧ୍ୟ ଏଠାରେ ମଧ୍ୟ ସୁରକ୍ଷା ବ୍ୟବସ୍ଥା ଢିଲା ରହିଛି। ପାଣ୍ଡୁରିଶିଳା ନିକଟରୁ ଗୋଦାମ ପର୍ଯ୍ୟନ୍ତ ରହିଥିବା ରାସ୍ତା ଖାଲଢିପ ରହିଛି, କେତେବେଳେ କୌଣସି ପ୍ରକାରର ଅଘଟଣ ଘଟିଲେ ରାସ୍ତା ଠିକ୍ ନଥିଲେ ପୁଲିସ ପହଞ୍ଚିବାକୁ ବିଳମ୍ବ ଘଟିବାର ସମ୍ଭାବନା ରହିଛି। ସେହିପରି ଭାବେ ମାଗାଜିନ୍ ନିକଟରେ ୱାଚ୍ ଟାୱାର ରହିଥିଲେ ମଧ୍ୟ ସେଠାରେ ସୁରକ୍ଷାକର୍ମୀ ରହୁନାହାନ୍ତି। ଏହି ଗୋଦାମରେ ଏସ୍ଓପି ଠିକ୍ ଭାବେ ପାଳନ ହେଉନଥିବା ଜଣାପଡ଼ିଛି। ବିଭିନ୍ନ ସମୟରେ ବିସ୍ଫୋରକ ନେବା ଆଣିବା କରାଯାଉଥିଲେ ମଧ୍ୟ ଗୋଦାମ କର୍ତ୍ତୃପକ୍ଷ ସ୍ଥାନୀୟ ପୁଲିସକୁ ଅବଗତ କରୁନଥିବା ଜଣାପଡ଼ିଛି। ତେଣୁ ଏଭଳି ସମ୍ବେଦନଶୀଳ ମାମଲା ହେବା ପୂର୍ବରୁ ସମସ୍ତ ନିତିନିୟମ ପାଳନ କରି ସତର୍କତା ଅବଲମ୍ବନ କରିବାକୁ ପୁଲିସ ନିର୍ଦ୍ଦେଶ ଦେଇଛି।

ସୂଚନାଯୋଗ୍ୟ, ଗତ ୨୭ ତାରିଖ ଦିନ ୩୦ରୁ ୪୦ଜଣ ସଶସ୍ତ୍ର ମାଓବାଦୀ ସରଣ୍ଡା ଜଙ୍ଗଲରେ ଥିବା ବାଙ୍କୋ ଷ୍ଟୋନ କ୍ୱାରୀ ନିକଟରୁ ୫ଟନ୍ ବୋଝେଇ ଥିବା ଏକ ମିନି ଟ୍ରକ୍‌କୁ ଲୁଟ କରିଥିଲେ। ଏହି ଘଟଣା ଓଡ଼ିଶା ଓ ଝାଡ଼ଖଣ୍ଡ ଉଭୟ ରାଜ୍ୟ ପୁଲିସ୍ ପାଇଁ ଚିନ୍ତାର ବିଷୟ ପାଲଟିଥିଲା। ପରେ ସୁନ୍ଦରଗଡ଼ ଜିଲ୍ଲାର ବଡ଼ଗାଁସ୍ଥିତ ଇତମାରେ ଥିବା ଶ୍ରବଣ ଅଗ୍ରୱାଲଙ୍କ ଲାଇସେନ୍ସପ୍ରାପ୍ତ ବିସ୍ଫୋରକ ଗୋଦାମକୁ ସିଲ୍ କରାଯାଇଥିଲା। ଏହା ସତ୍ତ୍ୱେ ରବିବାର ଉକ୍ତ ଗୋଦାମର ବିପୁଳ ବିସ୍ଫୋରକ ଭର୍ତ୍ତି ଦୁଇଟି ଭ୍ୟାନ ଆସିବା ସମସ୍ତଙ୍କୁ ଚକିତ କରିଛି।

### ପୁଣି ୧୫ ଟନ...

ହୋଇଥିବା ବେଳେ ଆଜି ପୁଣି ଏଠାକୁ ହାଇଦ୍ରାବାଦରୁ ଆହୁରି ୧୫ଟନ୍ ଓଜନର ବିସ୍ଫୋରକ ବୋଝେଇ ଏକ ଟ୍ରକ ଆସି ପହଞ୍ଚିଥିଲା। ଏକ ଟ୍ରକ୍‌ରେ ୨୫ କେଜିଆ ୬ ଶହ ପ୍ୟାକେଟ ଅର୍ଥାତ୍ ୧୫ ଟନ ବିସ୍ଫୋରକ ଏବଂ ୧୯୮ ଟି ପ୍ୟାକେଟ ରେ ୩ ଲକ୍ଷ ମିଟର ତାର ରହିଥିବା ସୂଚନା ମିଳିଛି। ଆଜି ବଡ଼ଗାଁସ୍ଥିତ ଇତମା ବାରୁଦ ଗୋଦାମଠାରେ ଏହି ବିସ୍ଫୋରକ ବୋଝେଇ ଟ୍ରକ ପହଞ୍ଚିବା ପରେ ଟ୍ରକର ଚାଳକ ଜୟ ସୁରେଶ ସବୁ ଗୋଦାମ ଗୃହ ସିଲ୍ ଥିବା ଏବଂ କେହି କର୍ମଚାରୀ ସେଠାରେ ନଥିବା ଦେଖିବାକୁ ପାଇଥିଲା। ଏହି ଖବର ପାଇ ରାଜଗାଙ୍ଗପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ, ବଡଗାଁ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସମସ୍ତ କାଗଜ ପତ୍ର ଯାଞ୍ଚ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି।

ଏ ବିଷୟରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାୟ କହିଛନ୍ତି ଯେ ହାଇଦ୍ରାବାଦରୁ ଆସିଥିବା ୧୫ଟନ୍ ବିସ୍ଫୋରକ ସାମଗ୍ରୀର କାଗଜପତ୍ର ଯାଞ୍ଚ ଚାଲିଛି। ଏନେଇ ବଡ଼ଗାଁ ଥାନା ଇନ୍ସପେକ୍ଟର୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

### ପାଇଖାନା ଟାଙ୍କିରେ...

ଚାଲିଥିଲା। ଏହି ଟାଙ୍କି ଉପରେ ଛାତ ବା ସ୍ଲାବ୍ ପଡ଼ିଥିଲା। ଏହି ସ୍ଲାବର ଫଲ୍ସ କାଢ଼ିବାକୁ ଆଜି ସକାଳେ ଦୁଇ ଜଣ ଶ୍ରମିକ ସନ୍ଟୁ ଏବଂ ଅମିର ଟାଙ୍କି ଭିତରକୁ ପଶିଥିଲେ। ସେମାନେ ଫଲ୍ସ କାଢ଼ିବା ବେଳେ ତାଙ୍କ ଉପରେ ଫଲ୍ସ ଖସି ପଡ଼ିଥିଲା। ଫଳରେ ଦୁଇ ଜଣ ଟାଙ୍କି ଭିତରେ ଚାପି ହୋଇଯାଇଥିଲେ। ସେମାନଙ୍କୁ ଉଦ୍ଧାର କରିବାକୁ ଯାଇଥିଲେ ତ୍ରିଲୋଚନ ଓ ଲାଲୁ ରଣା। ସେମାନେ ଭିତରକୁ ପଶିବା ମାତ୍ରେ ଅଚେତ ହୋଇପଡ଼ିଥିଲେ। ସେମାନେ ବାହାରକୁ ନଆସିବାରୁ ଲୋକେ ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦମକଳ ବାହିନୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଘଟଣା ସ୍ଥଳରେ ନବରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ ସେନ, ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ମଧ୍ୟ ପହଞ୍ଚିଥିଲେ। ସମସ୍ତ ଚାରି ଜଣଙ୍କୁ ଉଦ୍ଧାର କରି ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ତିନି ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଆଇସିୟୁରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଅପରପକ୍ଷେ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶୀ ପ୍ରଦାନ ନେଇ ଘୋଷଣା କରିଛନ୍ତି।

### ଦାଗୀ ସଂସ୍ଥାକୁ...

ଅନୁରୂପ ଭାବରେ ଗତ ୧୦ ବର୍ଷ ମଧ୍ୟରେ ଅନ୍ୟୂନ ୨୦୦ କୋଟି ଟଙ୍କାର କାର୍ଯ୍ୟ କରିଥିବା ସଂସ୍ଥାକୁ ଏଥିପାଇଁ ଯୋଗ୍ୟ ବିବେଚିତ କରାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ଥିଲେ ହେଁ ଏହାର ମୂଲ୍ୟାୟନ ପାଇଁ ଉଭୟ କ୍ଷେତ୍ରରେ ଭିନ୍ନଭିନ୍ନ ନମ୍ବର ପ୍ରଦାନ ସନ୍ଦେହ ସୃଷ୍ଟି କରିଛି। ଅନୁରୂପ ଭାବରେ ଟେଣ୍ଡରର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଟେକ୍‌ନିକାଲ ପ୍ରପୋଜାଲରେ ଠିକାସଂସ୍ଥାର 'ପ୍ରେଜେଣ୍ଟେସନ' ପାରାମିଟର ବା ସର୍ତ୍ତରେ ଅଫଲାଇନରେ ୩୫ ନମ୍ବର ଦିଆଯିବା ବ୍ୟବସ୍ଥା ଥିବାବେଳେ ଅନଲାଇନ୍‌ରେ ୪୫ ନମ୍ବର ପ୍ରଦାନ ପାଇଁ ବିଜ୍ଞପ୍ତିକୁ ନେଇ ସ୍ୱାଭାବିକ ପ୍ରଶ୍ନବାଚୀ ଉଠାଇଛି। ଗୋଟିଏ ଟେଣ୍ଡର ପାଇଁ ଅନଲାଇନ୍ ଓ ଅଫ୍‌ଲାଇନ୍‌ରେ ଭିନ୍ନଭିନ୍ନ ସର୍ତ୍ତ ସମ୍ବଳିତ ବିଜ୍ଞପ୍ତି କାହିଁକି ପ୍ରକାଶ କରାଯାଇଛି ସେ ସମ୍ପର୍କରେ କୌଣସି ଉତ୍ତର ମିଳୁନାହିଁ।

ଅନ୍ୟପକ୍ଷରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁଥିବା ଏହି ପ୍ରସ୍ତାବିତ ପ୍ରକଳ୍ପର ଠିକା ସମ୍ପ୍ରତି ଏକ ଦାଗୀ ସଂସ୍ଥାକୁ ଦିଆଯାଇଥିବା ଏବେ ଅଭିଯୋଗ ହୋଇଛି। ଯେଉଁ ସଂସ୍ଥା ସବୁଠାରୁ କମ୍ ଅର୍ଥରାଶି ସହ ଆବେଦନ କରିଥିଲା ତାକୁ ବାଦ ଦେଇ ୨% ଅଧିକ ମୂଲ୍ୟରେ ଟେଣ୍ଡର ପକାଇଥିବା ଏକ ସଂସ୍ଥାକୁ ପ୍ରକଳ୍ପ କାର୍ଯ୍ୟ ପ୍ରଦାନ ପାଇଁ ମନୋନୀତ କରାଯାଇଛି। ପୂର୍ବରୁ ଏହି ସଂସ୍ଥା ଅନୁସୂଚୀତ ଜାତି ଓ ଜନଜାତି ବିଭାଗର ୪ଟି ଛାତ୍ରାବାସ ନିର୍ମାଣ ପାଇଁ ଠିକା ନେଇଥିବାବେଳେ ନିମ୍ନମାନର କାର୍ଯ୍ୟ କରିଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଭିଜିଲାନ୍ସ ତଦନ୍ତ ଆରମ୍ଭ କରିଥିଲା ଏବଂ ସଂପୃକ୍ତ ସଂସ୍ଥାର ଅଧିକାରୀମାନେ ନିମ୍ନମାନର କାର୍ଯ୍ୟ କରି ସରକାରୀ ପାଣ୍ଠି ଆତ୍ମସାତ କରିଥିବା ନେଇ ଗତ ୨୦୨୩ ସେପ୍ଟେମ୍ବର ୫ ତାରିଖରେ କଟକ ଭିଜିଲାନ୍ସ ଏସ୍‌ପି ରାଜ୍ୟ ସରକାରଙ୍କ ଅନୁସୂଚୀତ ଜାତି ଓ ଜନଜାତି କଲ୍ୟାଣ ବିଭାଗର ପ୍ରମୁଖ ସଚିବଙ୍କୁ ଅବଗତ କରିଥିଲେ। ପୂର୍ବରୁ ଯେଉଁ ଠିକା ସଂସ୍ଥା ଓଡ଼ିଶାରେ ନିମ୍ନମାନର କାର୍ଯ୍ୟ କରି ନିନ୍ଦିତ ହୋଇଛି, ସେହି ସଂସ୍ଥାକୁ କିପରି ଏହି ପ୍ରକଳ୍ପରେ ସୁଯୋଗ ମିଳିଲା ତାହା ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି। ଏ ସମ୍ପର୍କରେ ସିଡ଼ିଏ ଉପାଧ୍ୟକ୍ଷ ତଥା ବୈଷୟିକ କମିଟି ସଦସ୍ୟ ଅନାମ ଚରଣ ପାତ୍ରଙ୍କ ସହ ଯୋଗାଯୋଗ କରାଯାଇଥିଲା। ଉଭୟ ଅନଲାଇନ୍ ଓ ଅଫ୍‌ଲାଇନ୍ ଟେଣ୍ଡର ବିଜ୍ଞପ୍ତିରେ ବିଚ୍ୟୁତି, ପୂର୍ବରୁ ନିନ୍ଦିତ ହୋଇଥିବା ଠିକା ସଂସ୍ଥାକୁ ପ୍ରକଳ୍ପ ପ୍ରଦାନ ସମ୍ପର୍କରେ ତାଙ୍କର ମତାମତ ଲୋଡ଼ା ଯାଇଥିଲା। ସେ ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ଅବଗତ ନାହାନ୍ତି ଓ ଏ ସମ୍ପର୍କରେ ଅନୁଧ୍ୟାନ କରିବା ପରେ ତାଙ୍କର ମତ ଦେବେ ବୋଲି କହିଛନ୍ତି।

### ଛାତ ବିମ୍ ଖସି...

ଠିକା ସଂସ୍ଥା ଉକ୍ତ ଘରକୁ ୮ ଦିନ ହେବ ଭାଙ୍ଗିବା ଆରମ୍ଭ କରିଥିଲା। ଆଜି ବର୍ଷା, ଘଡ଼ଘଡ଼ି ମାରୁଥିବା ବେଳେ ୮ ଜଣ ଶ୍ରମିକ କାମ କରୁଥିଲେ। ସ୍ଥାନୀୟ ଲୋକ ଏହା ଦେଖି ସେମାନଙ୍କୁ କାମ ବନ୍ଦ କରିବା ପାଇଁ ବାରଣ କରିଥିଲେ ମଧ୍ୟ ସେମାନେ ଶୁଣି ନଥିଲେ। ସେମାନେ କଟର ସାହାଯ୍ୟ।ରେ ପୁରୁଣା ବିଲ୍ଡିଂର ଲୁହାରଡ଼କୁ କାଟି ଭାଙ୍ଗୁଥରେ। ଏହି ସମୟରେ ଛାତ ବିମ୍‌ର ଭୁଶୁଡ଼ି ପଡ଼ିଥିଲା। ୩ ଜଣ ଶ୍ରମିକ ସ୍ଲାପ୍ ତଳେ ଚାପି ହୋଇ ରହିଯାଇଥିବା ବେଳେ ଅନ୍ୟମାନେ ଦୌଡ଼ି ପଳାଇଥିଲେ। ଖବର ପାଇ କଳ୍ପନା ଅଗ୍ନିଶମ ବାହିନୀ ଏବଂ ଏୟାରପୋର୍ଟ ଥାନା ପୁଲିସ ପହଞ୍ଚିଥିଲେ। ଉକ୍ତ ଘର ଚାରିପଟେ ପୁଲିସ କର୍ଡନ କରିବା ପରେ ଅଗ୍ନିଶମ ବିଭାଗ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଅଗ୍ନିଶମ କର୍ମଚାରୀ ହାଇଡ୍ରାଲୋଜିକ ମେସିନ ସାହାଯତା।ରେ ଉଦ୍ଧାର କରିଥିଲେ। ଷ୍ଟ୍ରାଇକିଂ ଫୋର୍ସ ଏବଂ ସନ୍ଧାନୀ କୁକୁର ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ୨୦ ମିନିଟ୍ ପରେ ଅଗ୍ନିଶମ ବିଭାଗ ୨ଜଣ ଶ୍ରମିକଙ୍କୁ ଉଦ୍ଧାର କରିଥିବା ବେଳେ ଜଣଙ୍କୁ ଉଦ୍ଧାର କରିପାରିନଥିଲେ। ବହୁ ଖୋଜା ଖୋଜି କରାଯିବା ପରେ ଉକ୍ତ ଶ୍ରମିକଙ୍କୁ ଅଚେତ ଅବସ୍ଥାରେ ସ୍ଲାବ୍ ତଳୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର କରାଯାଇ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।। ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି ଯେ, କାମ ବେଳେ ସେଫ୍ଟି ଗାଇଡ୍‌ଲାଇନ୍ ପାଳନ କରାଯାଇନଥିଲା। ତେଣୁ ପୁଲିସ ଏହି ଠିକା ସଂସ୍ଥାର ମାଲିକଙ୍କୁ ଖୋଜାଖୋଜି କରୁଛି। ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ।


**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**AFFIDAVIT**

By virtue of an affidavit sl. no.39, dtd. 27.05.2025 in the court of the Executive Magistrate, Nandapur, I, Lalita Hinjarada have changed my dauther's name from Amrita Injarda to Amrita Hinjarada. Henceforth she will be known as **Amrita Hinjarada** instead of Amrita Injarda for all purposes.

Sd/- Lalita Hinjarada

**AFFIDAVIT**

I Salony Samantsinghar, age- 47 resident of Plot No- 94 Budheswari Colony, PO: Budheswari Colony, PS: Laxmisagar, Bhubaneswar, 751006, District: Khordha, Odisha, declare by this Affidavit No- 15 AA 381931 dated - 29/05/2025 that now onwards my minor son Shreyaan shall be known as **Shreyaan Bal** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, I, Adhikari Barik, Plot No. 498, Vill/Po- Patrapada, PS- Khandagiri, Bhubaneswar, Dist.- Khordha hereby declare that Adhikari Barik (New Name) & Prafula Barik (Old name) is one and the same person i.e.. That I shall be known as Adhikari Barik all purposes.

Sd/- Adhikari Barik

**AFFIDAVIT**

By virtue of an affidavit sworn before the Executive Magistrate, Gop, CF No: 2237/2 dated 31/05/2025, I **DIPAK BARIK**, S/o Amareswar Barik resident of Village At - Sorabha, Po- Sorabha, Ps- Gop, Dist- Puri, Odisha Pin- 752107 declare that I have changed my minor daughter name from **Priti Pragnya Barik** to **Pritiprajna Barik**. Henceforth, she shall be known as **PRITIPRAJNA BARIK** for all purposes.

Sd- Dipak Barik

**AFFIDAVIT**

I Sri Ajay Kumar Sahu S/O Late Binod Bihari Sahu my residential address AT- Nadpur, PO- Nuagaon, P.S –Baisinga, Dist. –Mayurbhanj, Odisha, Pin- 757025. I swear this affidavit is to be produced before the Notary Public Betnoti Affidavit No. 02 date-27.10.2023. My daughter name wrongly type from Shuvalaxmi Sahu to Subhalaxmi Sahu . That, the correct name of my daughter is "Shuvalaxmi Sahu" for all future purpose.

(Ajay Kumar Sahu)

**AFFIDAVIT**

By virtue of an affidavit dtd- 03/06/2025, C.F No-02 before Executive Magistrate, Bhubaneswar, I Tuna Maharana, S/o- Prabhat Maharana, At- Nilachakra Nagar, Jaydev vihar, P.O-RRL, P.S-Nayapalli, Bhubaneswar, Dist- Khordha, Pin-751013. Wrong date of Birth- 20/02/2000. That now onwards, I shall be known as **SUBHAM MAHARANA** and The original date of Birth is **21/10/2006** for all future purposes.

**AFFIDAVIT**

By virtue of an affidavit in the court of the Executive Magistrate, Jajpur DTD 03.02.2025 no 938 . That my son name is Janmejaya Kandi as recorded in HSC certificate and birth certificate and Mahesh Kumar Kandi as recorded in Aadhar card. Hence declared both Janmejay and Mahesh is one and same person and My son will be known as **Janmejay Kandi** in all purposes.

Sd/- Mahendra kandi

**AFFIDAVIT**

By virtue of an affidavit sl. no.5, dtd. 03.06.2025 in the court of the Executive Magistrate, Keonjhar,I, Rebati Naik have changed my minor son's name from Program Naik to Prittam Naik. Henceforth he will be known as Prittam Naik instead of Program Naik for all purposes.

Sd/- Rebati Naik

**NOTICE**

By virtue of an affidavit sworn before notary public, Nimapara, dated 23/05/2025, I Jitendra kumar khojee, At- Kothakusanga, Po- Bakugram, Ps- Balanga, Pin- 752105 declare that, I have changed the name of my Daughter from Simran Khoji to Riya Khoji. Henceforth, She shall be known as Riya Khoji for all purposes.

Jitendra kumar Khojee

**NOTICE**

By virtue of an affidavit sworn before notary public, Nimapara, dated 23/05/2025, I Jitendra kumar khojee, At- Kothakusanga, Po- Bakugram, Ps- Balanga, Pin- 752105 declare that, I have changed the name of my son from Imran Khoji to Devraj Khoji. Henceforth, he shall be known as Devraj Khoji for all purposes.

Jitendra kumar Khojee

**NOTICE**

By virtue of an affidavit sworn before The Notary Public, Udala, Mayurbhanj, dated 03-06-2025, I, Shankha Hansdah, Address Village- Dahanibuda, PO.- Silaghati, PS.- Khunta, Dist- Mayurbhanj, Odisha, Pin- 757019 declare that I have changed my Daughter's name from Fulamani Hansdha to Fulamani Hansdah. Henceforth, she shall be known as **Fulamani Hansdah** for all purposes.

Shankha Hansdah

**Notice (for Minor)**

By virtue of an affidavit sworn before The Executive Magistrate, Udala, Mayurbhanj, dated 27-05-2025 I, Panamani Hansdah, Address At- Gayalamara, P.O.- Gayalamara, P.S.- Khunta, Dist- Mayurbhanj, Odisha, Pin Code – 757104, declare that I have changed the name of my son from **Rituraj Hansdah** to **Sanat Bir Hansdah**. Henceforth he shall be known as **Sanat Bir Hansdah** for all purposes.

Panamani Hansdah

**ହଜି ଯାଇଥିବା କବଲା ପାଇଁ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି ମୁଁ **ଶ୍ରୀ ପ୍ରହ୍ଲାଦ ବେହେରା,** ପିତା- ପ୍ରଫୁଲ୍ଲ ବେହେରା ଗ୍ରାମ- ଗୋପିନାଥପୁର ପୋ-ଆଙ୍ଗୁଲା, ଥାନା-ଅନୁଗୋଳ ଜି-ଅନୁଗୋଳ ତା ୧୫.୦୨.୨୦୨୫ ରିଖରେ ଅନୁଗୋଳ ବଜାର ଠାରୁ ଘରକୁ ଫେରିବା ବାଟରେ ମୋର ଦଲିଲ୍ ଯାହାର ନଂ-୧୦୦୧୧୬୦୧୬୩୪ ଏହି ଦଲିଲଟି ମୋର ନାମରେ (ପ୍ରହ୍ଲାଦ ବେହେରା) ଉତ୍କଳ ସାହୁ ଓରେଫ ଦ୍ୱାରା ରେଜେଷ୍ଟ୍ରି ହୋଇଥିଲା। ଏହି ଦଲିଲଟି ରାସ୍ତାରେ କୌଣସି ସ୍ଥାନରେ ପଡ଼ିଯାଇଅଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଏହାକୁ ପାଇଥାନ୍ତି ତେବେ ମୋତେ ନିମ୍ନଲିଖିତ ଠିକଣାରେ ଏହି ବିଜ୍ଞାପନ ବାହାରିବାର ୭ ଦିନ ଭିତରେ ଯୋଗାଯୋଗ କରି ମୋତେ ଉକ୍ତ ଦଲିଲ୍‌କୁ ଫେରାଇବାର ବନ୍ଦୋବସ୍ତ କରିବାପାଇଁ ଅନୁରୋଧ। ଏହି ଦଲିଲଟିକୁ ଆମ୍ଭେ ଉତ୍କିବନ୍ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଅନୁଗୋଳ ଶାଖା ପାଖରେ ବନ୍ଧକ ରଖି ଋଣକରିବା ପାଇଁ ଅତ୍ୟନ୍ତ ଜରୁରୀ ଅଟେ। ଏହି ବିଜ୍ଞାପନ ବାହାରିବାର ୭ ଦିନ ପରେ କୌଣସି ବ୍ୟକ୍ତି ଉକ୍ତ ଦଲିଲଟିକୁ ପାଏ ତାହାହେଲେ ତାହାର କୌଣସି ମୂଲ୍ୟ ରହିବ ନାହିଁ ଏବଂ କୌଣସି ବ୍ୟକ୍ତି ଏହି ଦଲିଲକୁ ପାଇ ତାହାର ଦୁରୁପଯୋଗ କରିନ୍ତି ତେବେ ଆମ୍ଭେ କିମ୍ବା ବ୍ୟାଙ୍କ ତାହାପାଇଁ ଦାୟୀ ରହିବେ ନାହିଁ ଏବଂ ଏହା ଗୋଟିଏ ଦଣ୍ଡନୀୟ ଅପରାଧ ଅଟେ।

ସମ୍ପତ୍ତିର ସୂଚୀ:
ଜିଲ୍ଲା- ଅନୁଗୋଳ, ତହସିଲ-ଅନୁଗୋଳ, ମୌଜା-ଗୋପିନାଥପୁର, ଦଲିଲ ଅନୁଯାୟୀ ଖାତା ନଂ-୨୭୩, ପ୍ଲଟ୍ ନଂ-୧୬୭
ଯୋଗାଯୋଗ ଠିକଣା-:
ଅକ୍ଷୟ କୁମାର ବେହେରା (ଆଡଭୋକେଟ)
ମୋବାଇଲ୍ ନଂ-୭୦୦୮୩୩୭୭୭୮

**AFFIDAVIT**

I, LAXMI MIRDHA, Resident of Bhalulata, PO: Indrapur, PS: Raiboga, DISTRICT: Sundergarh do hereby change my name from LAKSHAMANI GANJHU to LAXMI MIRDHA with immediate effect vide affidavit dated 18/03/2025 sworn before Executive Magistrate, Panposh.

**AFFIDAVIT**

I, Golap Sundari Sahu, W/o Prabhat Kumar Sahu, resident of At- Purunahatsahi, Ward no-06, Po- Baripada, Ps- Baripada Town, Dist- Mayurbhanj, Pin-757001, Odisha, declare by this dtd. 03/06/2025 affidavit no.2/12 that now onwards Arati Sahu shall be known as Golap Sundari Sahu for all future purposes.

Office of the Principal, GVHSS
**Salandi Higher Secondary School**
Uttarabahini, Po- Garadapur, Dist- Bhadrak, Pin- 756181
Email ID- salandi.principal@gmail.com, Mob- 9439444122

**WANTED GUEST FACULTY**

A Walk in interview shall be held on **Date 17.06.2025 (Tuesday)** for a **Guest Faculty in SPEFL at 10:00 am** in the office to engage for the session 2025-26. Eligible candidates may attend the interview with all original and Xerox copies of certificates. The undersigned reserves the right to cancel part or whole of the interview without assigning any reason thereof. No TA/DA is admissible for attending the interview.

**Qualification:–** MPEd. (Post Graduation in Physical Education from a recognised institution / University with at least 1 year work/teaching experience.)

**Sd/- Principal, GVHSS**
Salandi Higher Secondary School,
Uttarabahini, Bhadrak

**OFFICE OF THE SHRADHAPUR SERVICE CO-OPERATIVE SOCIETY LTD.**
At/Po - Shradhapur, P.S - Bhograi, Via - Fulabani, Dist. - Balasore - 756037
RECRUITMENT TO THE POST OF ASSISTANT SECRETARY OF SHRADHAPUR SCS LTD.
**APPOINTMENT NOTICE**

Advertisement No: 01 Date: 02.06.2025

Applications are invited from eligible candidates for one post of Assistant Secretary of Shradhapur SCS Ltd., Shradhapur as per the following criteria:Scale of Pay: ₹4440/- to ₹7440/- with Grade Pay ₹1650/- per month (DA and other allowances admissible subject to financial condition of the Society)Eligibility: Candidates must belong to the area of operation of Shradhapur SCS Ltd. (including Shradhapur, Sarabani, Kanyanagari, Praharajpur, Napharai, Kismat Napharai, Khadibil, Palasia, Bichitrapur, Ranasingpur, Kanthibhauri, Badapahi, Phulabani, Hadigochhia, Chakanafarai, Chakasarabani, Krushnanagar). If no suitable candidate is found, the scope extends to Bhograi block and then to Balasore district.Qualification: Minimum +2 in any discipline. Computer knowledge is mandatory, and candidates must hold a diploma/degree in computer application. Preference will be given to those with additional qualifications (e.g., B.A., B.Com., M.A., M.Sc., M.B.A., etc.).Mode of Selection: Based on academic career on a 100-point scale, primarily considering marks in H.S.C./+2 exams. Extra points for higher qualifications. Age: Must be between 21 and 38 years as of 01.01.2025. Upper age relaxation: SC/ST/OBC/SEBC/Ex-Serviceman: 43 years Co-operative Society employees: 48 years Application Details: Form Availability: From 05.06.2025 at Shradhapur SCS office for ₹500/- Submission Deadline : By 19.06.2025, between 10:00 AM to 4:00 PM (working days only).

Note: The authority reserves the right to cancel any or all applications without assigning any reason.

Sd/-President,
Shradhapur SCS-Cum-Chairman,
Appointment Committee

**AFFIDAVIT**

I, Saroj Kumar Bhoi, aged about 42 years, S/o-chatranand Bhoi, resident of At- Kechh-obahal, Chichinda, Dist- Jharsuguda, Pin- 768216, Odisha declare by this affidavit No. 1123, dtd. 03/06/2025 that now onwards I shall be known as **SAROJ BHOI** for all future purposes.

**AFFIDAVIT**

I, Satchida Nanda Swain, aged about 72 years, S/o- Late Kulamani Swain, resident of At- Paschimakachha, Diha Sahi, Po- Bahugram, Ps- Jagatpur, Dist- Cuttack, Odisha, Pin- 754200, declare by this affidavit No. 1124, dtd. 03/06/2025, that now onwards I shall be known as **SACHIDANANDA SWAIN** for all future purposes.

**AFFIDAVIT**

I, Sourav Baksi, aged about 30 years, S/o- Pradipta Kumar Baksi, resident of ICICI Bank, Po- Sundargarh, PS- Town, Dist- Sundargarh, Pin-770001, Odisha declared by this affidavit No. 2254, dtd- 02/06/2025 that now onwards I shall be known as **SOURAV BAKSHI** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Titilagarh, dated- 27/02/2025. I, **Babi Padhan,** Address: At- Nanajhar, P.O. Manigaon, P.S. Titilagarh, Dist. Bolangir, (Odisha) declare that I have changed my name from **Baby Jani To Babi Padhan.** Henceforth, I shall be known as **Babi Padhan** for all purposes.

**BABI PADHAN**

**AFFIDAVIT**

I, Abhilipsa, aged about 44 years, W/o- Pradeep Kumar Sahoo, resident of At- Purusottampur, Po/Ps- Khaira, Dist- Balasore, PIN- 756048, Odisha declared by this affidavit No. 473, dtd- 30/05/2025 that now onwards I shall be known as **ABHILIPSA SAHOO** for all future purposes.

**AFFIDAVIT**

I, Bishnu Pradas Sahoo, aged about 71 years, S/o- Baidyanath Sahoo, resident of At- Purusottampur, Po/Ps- Khaira, Dist- Balasore, PIN- 756048, Odisha declared by this affidavit No. 474, dtd- 30/05/2025 that now onwards I shall be known as **BISHNU PADA SAHOO** for all future purposes.

**AFFIDAVIT**

By virtue of an affidavit before the Executive Magistrate, Bhubaneswar, affidavit No. 134, on dated 02/06/2025, I **Ashwini Kumar Narula,** S/o- Late Amar Nath Narula, resident of Plot No. 2132/5037, Lewis Road, Bhubaneswar, PIN- 751002, Dist- Khordha. I want to changed my name from **Ashwani Kumar Narula To Ashwini Kumar Narula.** Henceforth, I will be known as **Ashwini Kumar Narula** for all purposes.

**Ashwini Kumar Narula**

**AFFIDAVIT**

I, Mohammed Sabir Khan, S/o- Mohammed Salik Khan, resident of Suleipur, PO- Motiganj, Dist- Balasore, PIN- 756003, Odisha declared by this affidavit No. 1121, dtd- 03/06/2025 that now onwards I shall be known as **MD SABIR KHAN** for all future purposes.

**NOTICE**

It is hereby notice that Mr. Himansu Sekhar Mangaraj, partner of M/S Ishanakon Properties and Infrastructure Development bearing registration no. 1320202300047 and it's office address is At- Panasia, Po- F.C Plant, Dist- Jajpur, Pin- 755020, Odisha has been resigned and Mr. Sushanta Kumar Sahoo has joined as a new partner of the firm.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 02/06/2025. I, **Pandit Bag** (Applicant name), Son of Prabhakara Bag, permanent resident of At- Dunguriguda, P.O- Adabahal, P.S- Sindhekela, Dist- Bolangir, (Odisha), PIN- 767066 now residing at the same place affirm that I have changed my minor Son name from **Iswari Bag** (old name) To **Iswar Bag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Iswar Bag** (new name).

**PANDIT BAG**

## ରେଳଷ୍ଟେସନ ନିକଟରୁ ଗଞ୍ଜେଇ ଜବତ,୨ ଗିରଫ



ଗୁଣୁପୁର, ୩।୬(ସମିସ): ବେଆଇନ ଗଞ୍ଜେଇ ଚୋରା ଚାଲାଣ ବେଳେ ମାଡି ବସିଲା ରାୟଗଡା ଜିଲ୍ଲା ଗୁଣପୁର ଅବକାରୀ ପୁଲିସ। ଦୁଇ ଜଣ ବ୍ୟକ୍ତିଙ୍କଠାରୁ ଦୁଇଟି ବ୍ୟାଗରେ ଥିବା ୧୨ କେଜି ୭୪୦ ଗ୍ରାମ ଗଞ୍ଜେଇ ଜବତ କରିଛି ଅବକାରୀ ବିଭାଗ। ଗିରଫ ବ୍ୟକ୍ତି ହେଲେ ବିହାର ରାଜ୍ୟ ମୁଜାଫର ଥାନା ଅଞ୍ଚଳର ୨୪ ବର୍ଷୀୟ ବିକ୍ରମ କୁମାର ସହାନି ଓ ତରୀଆନି ଥାନା ଅଞ୍ଚଳର ୩୨ ବର୍ଷୀୟ ଲକ୍ଷ୍ମୀ ଚନ୍ଦ୍ରା ଦେବୀ। ଗୁଣପୁର ରେଳ ଷ୍ଟେସନ ନିକଟରେ ଚଢ଼ଉ କରି ଜବତ କରିଛି ଅବକାରୀ ବିଭାଗ। ବିହାର ରାଜ୍ୟକୁ ଟ୍ରେନ୍ ଯୋଗେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ନେଇ ଅଭିଯୁକ୍ତ ସ୍ୱୀକାର କରିଥିବା ଜଣାପଡିଛି। ଗୁଣୁପୁର ଉପଖଣ୍ଡ ଅଞ୍ଚଳରେ ବ୍ୟାପକ ଗଞ୍ଜେଇ ଚାଷ ହେଉଥିବା ଯୋଗୁଁ ଏହି ଅଞ୍ଚଳରେ ଗଞ୍ଜେଇ ମାଫିଆ ମାନେ ସକ୍ରିୟ ରହିଛନ୍ତି। ଚନ୍ଦ୍ରପୁର, ଗୁଡାରୀ, ରାମନଗୁଡ଼ା, ପଦ୍ମପୁର ଓ ଗୁଣୁପୁର ଅଞ୍ଚଳକୁ ବିହାର, ଆନ୍ଧ୍ର ପ୍ରଦେଶ, ଉତ୍ତର ପ୍ରଦେଶ, ୱେଷ୍ଟ ବେଙ୍ଗଲ୍ ଅଞ୍ଚଳରୁ ଗଞ୍ଜେଇ ମାଫିଆ ଆସି ଗୁଣୁପୁର ସହରର ବିଭିନ୍ନ ହୋଟେଲରେ ରହି ଗଞ୍ଜେଇ କାରବାର ଚଳାଉଥିବା ଜଣାପଡିଛି। ଗୁଣୁପୁର ସହର ଦେଇ ଅନ୍ୟ ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ କରିବା ପାଇଁ ମାଫିଆମାନେ ସୁରକ୍ଷିତ ମନେ କରୁଥିବା ପରିଲକ୍ଷିତ ହେଉଛି। ତେଣୁ ନିୟମିତ ଭାବେ ରାତ୍ରି ପେଟ୍ରୋଲିଂ ଓ ବିଭିନ୍ନ ହୋଟେଲରେ ଚଢ଼ଉ କରାଗଲେ ଏହି କାରବାରକୁ ରୋକା ଯାଇପାରିବ ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି।

**● ଗଞ୍ଜେଇ ଚାଲାଣ ପାଇଁ ଗଳାବାଟ ଗୁଣୁପୁର**


**■ ସିଡିପିଓଙ୍କ ମନମୁଖୀ ଶାସନ ଓ ଅତ୍ୟାଚାରକୁ ବିରୋଧ**

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨୨ ଦଫା ଦାବିପତ୍ର ପ୍ରଦାନ



ଗୁଣୁପୁର, ୩।୬(ସମିସ): ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ ଓ ଭାରତୀୟ ମଜଦୁର ସଂଘ ପକ୍ଷରୁ ୨୨ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁଣୁପୁର ଉପ ଜିଲ୍ଲାପାଳ କିରଣ ଦୀପ୍ କୌରଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରୁ ଭାରତୀୟ ମଜଦୁର ସଂଘର ରାଜ୍ୟ ଉପ ସଭାପତି ଯୋଗେଶ୍ୱର ଦାସଙ୍କ ନେତୃତ୍ୱରେ ରେ ଏକ ବିଶାଳ ଶୋଭାଯାତ୍ରା ବାହାରିବା ସହ ହାତରେ ପ୍ଲା କାର୍ଡ ଧରି ନାରାବାଜି ଦେଇ ସହର ପରିକ୍ରମା କରିବା ପରେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଥିଲା । ଦାବି ସମୂହ ମଧ୍ୟରେ ଗୁଣୁପୁର ସିଡିପିଓଙ୍କ ମନମୁଖି ଶାସନ ଓ କର୍ମୀ ମାନଙ୍କୁ ଅତ୍ୟାଚାର, ଅଙ୍ଗନବାଡ଼ି କର୍ମୀଙ୍କ ଦରମା ୧୮ ହଜାର ଟଙ୍କା ଓ ସହାୟିକା ମାନଙ୍କ ଦରମା ଟଙ୍କା ୧୦ହଜାର ଟଙ୍କ, ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ଆସୁଥିବା ଖାଦ୍ୟ ପରିଚାଳନା ଅର୍ଥ ତୁରନ୍ତ ଅଙ୍ଗନବାଡି କର୍ମୀଙ୍କୁ ପ୍ରଦାନ, ଗୁଣପୁର ବ୍ଲକର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରକୁ ତୁରନ୍ତ ବୈଦୁତିକ ସଂଯୋଗ, ବିଦ୍ୟୁତ୍ ବାବଦ ଅର୍ଥ ପ୍ରଦାନ, ଦୁର୍ନୀତିକୁ ପ୍ରତିରୋଧ କରୁଥିବା କର୍ମୀ ଓ ସହାୟିକା ମାନଙ୍କ ପ୍ରତି ସିଡିପିଓ କରୁଥିବା ଅତ୍ୟାଚାର ତୁରନ୍ତ ବନ୍ଦ କରିବା, ଜିଲ୍ଲା ଓ ବ୍ଲକ୍ ସ୍ତରରେ ହେଉଥିବା କାର୍ଯ୍ୟକ୍ରମ ବାବଦକୁ ଅନ୍ୟାୟ ମୂଳକ ଭାବରେ ହେଉଥୁବା ଚାନ୍ଦା ଆଦାୟକୁ ତୁରନ୍ତ ବନ୍ଦ କରାଯାଉ ଏବଂ ଆଦାୟକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ମାନ୍ୟତା, ଦରମା ବୃଦ୍ଧି, ମୃତ୍ୟୁ ଓ ଅବସରକାଳୀନ ସହାୟତା ପ୍ରଦାନ କରିବା ଭଳି ୨୨ ଦଫା ଦାବି ନେଇ ରାଜରାସ୍ତାକୁ ଓହ୍ଲାଇ ଥିବା ସଂଘ ପକ୍ଷରୁ କୁହାଯାଇଛି। ଏଥିରେ ଶତାଧିକ ଅଙ୍ଗନବାଡ଼ି ସହାୟିକା ମାନେ ସାମିଲ ହୋଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ଏସୋସିଏସନର ଉପଦେଷ୍ଟା ପ୍ରଦୀପ ଦାସ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗ ସାର୍ଟିଫିକେଟ୍ ପ୍ରଦାନରେ ଅନିୟମିତତା !





ମୁନିଗୁଡ଼ା,୩।୬(ସମିସ): ହିତାଧିକାରୀ ଚୟନରେ ଦୁଇ ଜଣ ମହିଳା ଡାକ୍ତରଙ୍କ ତ୍ରୁଟି ଯୋଗୁଁ ଶତ ପ୍ରତିଶତ ଦିବ୍ୟାଙ୍ଗ ଭାଗ୍ୟକୁ ଆଦରି ଦୁର୍ବିସହ ଜୀବନ ବିତାଉ ଥିବା ଦେଖିବାକୁ ମିଳୁଛି। ଉକ୍ତ ଘଟଣାକୁ ଜିଲ୍ଲା ମୁଖ୍ୟ ଚକିତ୍ସାଧିକାରୀ ଗୁରୁତର ସହ ନେଉନଥିବା ବେଳେ ମୁକ ସାଜିଛନ୍ତି ପ୍ରଶାସନିକ ବାବୁ ଓ ଲୋକ ପ୍ରତିନିଧି।
ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅଞ୍ଚଳରେ ଭିନ୍ନକ୍ଷମ ଶିବିରରେ ଦୁଇ ଜଣ ମହିଳା ଡାକ୍ତର ଦିବ୍ୟାଙ୍ଗ ମାନଙ୍କୁ ଉପହାସ କରିବା ତାଙ୍କ ସମ୍ପର୍କୀୟଙ୍କୁ ଭୟ ଦେଖାଉଥିବା ଦିବ୍ୟାଙ୍ଗଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଏହାକୁ ନେଇ ବାରମ୍ବାର ଖବର ପ୍ରସାରଣ କରାଯାଉଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ ପାଢୀ ନିଜ କର୍ମଚାରୀଙ୍କ ଦୋଷ ଘୋଡ଼ାଉ ଥିବା ବେଳେ ବ୍ଲକ ସ୍ତରର ପ୍ରଶାସନିକ ଅଧିକାରୀ ମାନେ ହାତବାନ୍ଧି ବସିଛନ୍ତି। ମୁନିଗୁଡା ଠାରେ ଅନୁଷ୍ଠିତ ଭିନ୍ନକ୍ଷମ ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ବିଭିନ୍ନ ବିଭାଗୀୟ ଅଭିଜ୍ଞ ଡାକ୍ତର ମାନେ ଆସି ଦିବ୍ୟାଙ୍ଗ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ହେଲେ ବିଡ଼ମ୍ବନାର ବିଷୟ ଉକ୍ତ ଶିବିରରେ ଦୁଇଜଣ ମହିଳା ଡାକ୍ତର ନିଜର ଦାୟିତ୍ୱର ଅପବ୍ୟବହାର କରିବା ସହ ୩୫୦୦ ଟଙ୍କା ପାଇବା ଆଶାରେ ଅଭିନୟ କରୁଛ ବୋଲି କହି ଉପହାସ କରିଥିଲେ। ଏହି ସମୟରେ ଦିବ୍ୟାଙ୍ଗଙ୍କ ସମ୍ପର୍କୀୟ ହସ୍ତକ୍ଷେପ କରିବାରୁ ଚୁପ ବୋଲି କହିବା ସହ ବେଶୀ କଥା ହେଲେ କୋରାପୁଟ,ଜୟପୁର ପଠାଇ ଦେବାର ଭୟ ଦେଖାଇ ଥିବା ଅମ୍ବାଦଳା ଇନ୍ଦିରାପଡାର ମୁକ, ବଧିର ଦିବ୍ୟାଙ୍ଗ ଗୁପ୍ତେଶ୍ୱରି ବାଥ୍ରାଙ୍କ ମା' ଗୁରସ ବାଥ୍ରା, ମୁକ ଓ ଦୁଇଟି ଗୋଡ ଅଚଳ ହୋଇ ଗୁରୁଣ୍ଡି ଗୁରୁଣ୍ଡି ଚାଲୁଥିବା ଦିବ୍ୟାଙ୍ଗ ସୁଲତାନ ସୁନାଙ୍କ ମା' , ରାଘୁବାରି ଗ୍ରାମର ୪ ବର୍ଷର ଦିବ୍ୟାଙ୍ଗ ରିହାନଙ୍କ ବାପା ବିଲୋମ ସୁନା , ଅମ୍ବାଦଳା ବଡ଼ ସାହିର ଭବାନି ଖୋସଲାଙ୍କ ବାପା ବେଣୁଧର ଖୋସଲା ପ୍ରମୁଖ ଅଭିଯୋଗ କରିଛନ୍ତି। ମୁକ ବଧିର ପରୀକ୍ଷା ଯନ୍ତ୍ର ନଥିବା ବେଳେ ବେରୋ ଟେଷ୍ଟ ନକରି ମୁକ ବଧିର ଦିବ୍ୟାଙ୍ଗ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଓ ପୂର୍ବରୁ ୯୦ ପ୍ରତିଶତ ଭିନ୍ନକ୍ଷମ ମାନଙ୍କୁ ୧୮ ପ୍ରତିଶତ, ୪୦ ପ୍ରତିଶତ ପ୍ରମାଣ ପତ୍ର ଦିଆଯାଇଛି। ରାୟଗଡ଼ା ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ କହିବା ଅନୁଯାୟୀ ତାଙ୍କର ଅଭିଜ୍ଞ ମହିଳା ଡାକ୍ତର ମାନେ ବିନା ଯନ୍ତ୍ରରେ ଭଲ ଚିକିତ୍ସା କରନ୍ତି। ଯାହା ପ୍ରମାଣ ପତ୍ର ପ୍ରଦାନ କରାଯାଇଛି ତାହା ଠିକ୍ ଥିବ। ହେଲେ ଦିବ୍ୟାଙ୍ଗ ମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥାରେ କୌଣସି ସୁଧାର ଆସି ନଥିବା ବେଳେ ସେମାନଙ୍କୁ ପ୍ରତାରଣା କରାଯାଇଥିବା ଅଭିଯୋଗ ହେଉଛି। ଉକ୍ତ ଘଟଣାକୁ ନେଇ ଅମ୍ବାଦଳା ଅଞ୍ଚଳର ସାମାଜିକ କର୍ମୀ ରଞ୍ଜନ ସ୍ୱାଇଁ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ସେହି ଗୋଟିଏ କଥା ସ୍ପଷ୍ଟ ହୋଇଥିଲା ପୁନର୍ବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଡାକ୍ତରଙ୍କୁ ଦେଖା କରନ୍ତୁ।

**➤ ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ଅଣଦେଖା ଅଭିଯୋଗ**
**➤ ହେଉନି ବେରା ଟେଷ୍ଟ**
**➤ ମାନବାଧିକାର କମିଶନ ଓ ମୁଖ୍ୟମନ୍ତ୍ରୀଙ୍କୁ ଚିଠି**

କିନ୍ତୁ ଏଠି ପ୍ରଶ୍ନ ଉଠୁଛି ଯେଉଁ ଦୁଇ ଜଣ ମହିଳା ଡାକ୍ତର ମାନଙ୍କ ଯୋଗୁଁ ଦିବ୍ୟାଙ୍ଗ ମାନଙ୍କ ଏପରି ପରିସ୍ଥିତି ସୃଷ୍ଟି ହୋଇଛି, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ବଦଳରେ ଦିବ୍ୟାଙ୍ଗ ମାନଙ୍କୁ କାହିଁକି ପେଷି ଦିଆଯାଉଛି । ଦିବ୍ୟାଙ୍ଗ ମାନଙ୍କ ପରିବାର ଦାରିଦ୍ର୍ୟର ସୀମାରେଖା ତଳେ ଜୀବନ ନିର୍ବାହ କରୁଥିବା ବେଳେ ଅନେକଙ୍କ ପରିବାର ରାତି ପାହିଲେ କୁଲି ମଜୁରୀ କରି ବଞ୍ଚନ୍ତି । ଆଉ କେହି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥାନ୍ତି। ଏପରି ସ୍ଥଳେ ବାରମ୍ବାର ମୁନିଗୁଡା, ରାୟଗଡ଼ା ଯିବା ଆସିବା କରିବା ଦିବ୍ୟାଙ୍ଗ ମାନଙ୍କ ପାଇଁ ସମ୍ଭବପର ହୋଇ ପାରୁନି। ନିଜର କୁଲି ମଜୁରୀ ଛାଡ଼ି ସେମାନଙ୍କ ପରିବାର ସେମାନଙ୍କୁ ନେବା ଆଣିବା କରିଥାନ୍ତି। ଅଯଥା ଅର୍ଥ ହାନି ସହ ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ପ୍ରମାଣ ପତ୍ର ସେମାନଙ୍କ ମାନସିକ ଯନ୍ତ୍ରଣାକୁ ଦ୍ୱିଗୁଣିତ କରିଛି। ତ୍ରୁଟିପୂର୍ଣ୍ଣ ପ୍ରମାଣ ପତ୍ର ଦିଆ ଯାଇଥିବା ଦିବ୍ୟାଙ୍ଗ ମାନଙ୍କୁ ବାରମ୍ବାର ହତାଶ କରିବା ବଦଳରେ ପ୍ରଶାସନ ପଞ୍ଚାୟତ ସ୍ତରରେ ଚିହ୍ନଟ କରି ଏକ ସ୍ୱତନ୍ତ୍ର ଶିବିରରେ ଯାଞ୍ଚ କରାଇଲେ ପ୍ରକୃତ ଘଟଣାର ପର୍ଦ୍ଦାଫାସ ହୋଇ ପାରନ୍ତା ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ମାନବାଧିକାର କମିଶନଙ୍କୁ ଚିଠି ଲେଖିଛନ୍ତି ସ୍ଥାନୀୟ ସାମାଜିକ କର୍ମୀ ରଞ୍ଜନ ସ୍ୱାଇଁ।

## ୩ ମାସ ଜେଲ୍ ଖଟିଥିବା ଯୁବକ ନିର୍ଦ୍ଦୋଷରେ ଖଲାସ

ମାଥିଲି ,୩।୬ (ସମିସ) : ଗତ ମାଲକାନଗିରି ଜିଲ୍ଲା ମାଥିଲି ପୁଲିସ ପକ୍ଷରୁ ମାଥିଲି ଥାନା ୨୦୦୫ ମସିହାରେ କେଶ ନମ୍ବର ୧୧୦/୦୫ ଏବଂ ଜିଆର ନମ୍ବର. ୩୯ ୯/୦୫ (ଏ)ରେ ଫେରାର ଥିବା ଆସାମୀ ଦର୍ଶାଇ ପାଙ୍ଗାମ ପଞ୍ଚାୟତ କୁପୁଲିଗୁଡା ଗ୍ରାମର ବଳରାମ ପୂଜାରୀ (୪୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରା ଯାଇଥିଲା। ଉପରୋକ୍ତ ମକଦ୍ଦମାରେ ବଳରାମ ସମ୍ପୃକ୍ତ ନ ଥିବା, ନିଜେ ତଥା ପରିବାର ଏବଂ ଗ୍ରାମବାସୀ କହିଲା ପରେ ମଧ୍ୟ ମାଥିଲି ପୁଲିସ ଗିରଫ କରି କୋର୍ଟ ଚାଲାଣ କରି ଥିଲା। ପରବର୍ତ୍ତୀ ସମୟରେ ବରିଷ୍ଠ ଆଦିବାସୀ ନେତା ଶରତ ଚନ୍ଦ୍ର ବୁରୁଦା ଜିଲ୍ଲା ଆଇନ ସହାୟକ କେନ୍ଦ୍ର ପାଖରେ ଅଭିଯୋଗ ଦାଖଲ କରିବାରେ ଦିଏଲଏସଏ ସମ୍ପାଦକ ରାକେଶ କୁମାର ମୁଦୁଲିଙ୍କ ନିର୍ଦ୍ଦେଶରେ ଜିଲ୍ଲା ଆଇନ ସହାୟକ କେନ୍ଦ୍ରର ଅବସ୍ଥାପିତ ମୁଖ୍ୟ ଆଇନ ସହାୟକ ଆଇନଜୀବୀ ଅଶୋକ କୁମାର ପଟ୍ଟନାୟକ, ଆଇନଜୀବୀ ରାଜେଶ ପଟ୍ଟନାୟକ, ଆଇନଜୀବୀ ସାଗର ପାଣିଗ୍ରାହୀ ଏବଂ ଆଇନଜୀବୀ ଶ୍ରୀମତୀ ସଂଯୁକ୍ତା ଦତ୍ତ ଉପରୋକ୍ତ ମକଦ୍ଦମା ଲଢି ଥିଲେ। ଜିଲ୍ଲା ଦୌରା ଜର୍ଜଙ୍କ କୋର୍ଟରେ ଆଇନଜୀବୀ ବନ୍ଧୁ ମାନେ ବଳରାମ ପୂଜାରୀ ଏହି ମକଦ୍ଦମାରେ ସଂପୃକ୍ତି ନ ଥିବା ସଂକ୍ରାନ୍ତରେ ବିଭିନ୍ନ ନଥିପତ୍ର ତଥା ପୁଲିସ ତଦନ୍ତ ସମୟରେ କିଛି ତ୍ରୁଟି ଏବଂ ଏତଲାକାରୀଙ୍କ ଶପଥ ପାଠ କରାଇ ଏହାର ପ୍ରମାଣ କରିଥିଲେ।

## ବୁଦଦାଲା ପୋଲାମ୍ମା ମାଁଙ୍କ ଘଟପର୍ବ ଆରମ୍ଭ

ରାୟଗଡ଼ା,୨।୬(ସମିସ): ଆଜିଠାରୁ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ୯ଦିନ ବ୍ୟାପି ରାୟଗଡ଼ାର ଶ୍ରୀ ଶ୍ରୀ ଶ୍ରୀ ବୁରଦାଲା ପୋଲାମ୍ମା ଗ୍ରାମ ଦେବତାଙ୍କ ଯାତ୍ର ଆରମ୍ଭ ହୋଇଛି। ଶ୍ରୀ ଗ୍ରାମଦେବତା ପୂଜା କମିଟି ତରଫରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଗତକାଲି




ଉକ୍କାଡିଗାଡି ଅନୁଷ୍ଠିତ ହୋଇଥଲା। ଆଜି ମାଁଙ୍କ ପାଦ ଅଣାଯାଇ ମାଁଙ୍କ ଘଣ୍ଟ ହାଣ୍ଡି ସାହି ସାହି ବୁଲିବ। ଆସନ୍ତା ରବିବାର ଦିନ ହଳଦୀ ପାଣି ଗାଧୁଆ, ଦୋଳି ଖେଳ, ଆସାରାଲୁ, ଗ୍ରାମ ବନ୍ଧନ ଆଦି କାର୍ଯ୍ୟକ୍ରମ ରହିଛି। ଅସନ୍ତା ୧୧ ତାରିଖ ଦିନ ମାଁଙ୍କ ଘଣ୍ଟ ହାଣ୍ଡି ବିସର୍ଜନ, ମଝିଘରିଆଣୀ ମାଁ ବିସର୍ଜନ, ସାତ ଭଉଣୀ ମାଁ ବିସର୍ଜନ, ବୁରଦାଲା ପୋଲାମ୍ମା ମାଁ ବିସର୍ଜନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉତ୍ସବ କମିଟି ସଭାପତି ବାରଜି ଜଗନ ମୋହନ, ଉପ ସଭାପତି ଯେଦ୍ଦୁ ଶ୍ରୀହରୀ, କୋଷାଧ୍ୟକ୍ଷ ବି.ଶ୍ରୀନିବାସ ରାଓ ପରିଚାଳନା କରୁଥିବା ବେଳେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ନିବେଦନ କରିଛନ୍ତି। ଗ୍ରାମ ଦେବତା ପୂଜା ପାଇଁ ପୂର୍ବତନ ରାଜ୍ୟସଭା ସାଂସଦ ଏନ.ଭାସ୍କର ରାଓ ରୂପା ଘଣ୍ଟ ପୂଜା କମିଟିକୁ ପ୍ରଦାନ କରିଥିଲେ। ଏହି ଅବସରରେ ଉତ୍ସବ ମଣ୍ଡପ ଠାରୁ ଏକ ଶୋଭାଯାତ୍ରା ଯେଦ୍ଦୁ ସାହି, ମାଝୀ ସାହି ଦେଇ ଟ୍ରେଜେରି ଯାଏଁ ଯାଇଥିଲା। ସେଠାରେ ଥିବା ଘଟ ଗୁଡିକୁ ଉତ୍ସବ ମଣ୍ଡପକୁ ଅଣାଯାଇଥିଲା। ଏହି ଅବସରରେ କୁମ୍ଭାର ଘରକୁ ଯାଇ ଭଣ୍ଡାରିମା ଘଟ ଅଣାଯାଇ ଉତ୍ସବ ମଣ୍ଡପ ଅଣାଯାଇଥିଲା। କୋଣ୍ଡା ସାହିରେ ଥିବା ଗ୍ରାମ ଦେବତାଙ୍କ ମାଁଙ୍କ ଘରୁ ଠାକୁରାଣୀଙ୍କ ପାଦ ଧରି ମନ୍ଦିର ପାଖକୁ ଯାଇଥିଲେ।

**ବଣ୍ଡା ଘାଟିରେ ଓପିଲିପି ପାଣିଟାଙ୍କିରେ ଢ଼ାଙ୍କୁଣି ନାହିଁ**

## ପାଣିରେ ବୁଡ଼ି ତିନି ବର୍ଷର ଶିଶୁ ମୃତ

ମାଥିଲି,୩।୬ (ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ବଣ୍ଡା ଘାଟି ଅଣ୍ଡରାହାଲ ପଞ୍ଚାୟତ ଅନ୍ତର୍ଗତ କାତାଙ୍ଗଗୁଡ଼ା ଗାଁ ନିକଟରେ ବଣ୍ଡା ଉନ୍ନୟନ ସଂସ୍ଥା ଓ ଓପିଲିପି ତରଫରୁ ନିର୍ମାଣ କରାଯାଇଥିବା



ପାଣି ଟାଙ୍କିରେ ପଡି ତିନି ବର୍ଷର ଶିଶୁର ଜୀବନ ଯାଇଛି। ଓପିଲିପି ନିର୍ମାଣ କରିଥିବା ପାଣି ଟାଙ୍କିରେ ଢ଼ାଙ୍କୁଣ ନପକାଇ ଖାଲି ଛାଡି ଥିବାରୁ ଟାଙ୍କି ନିକଟରେ ଖେଳୁ ଖେଳୁ ତିନି ବର୍ଷର ଶିଶୁ ଟାଙ୍କି ଭିତରେ ପଡି ପାଣିରେ ବୁଡ଼ି ପ୍ରାଣ ହରାଇଛି। ମୃତ ଶିଶୁ କତାଙ୍ଗଗୁଡା ଗ୍ରାମର ଶୁକ୍ରା ଚାଲାଣର ତିନି ବର୍ଷର ପୁଅ ସନ୍ତୋଷ ଚାଲାଣ । ଖବର ପାଇଁ ଗାଁ ଲୋକେ ସନ୍ତୋଷକୁ ଉଦ୍ଧାର କରିଥିଲେ। ଖବର ପାଇ ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରୀ ଦଳ ସହିତ ସ୍ଥାନୀୟ ମୁଦୁଲିପଡ଼ା ପୁଲିସ ପହଞ୍ଚିଥିଲେ। ପୁଲିସ ଶବ ବ୍ୟବଚ୍ଛେଦ କରିବା ସହିତ ମୁଦୁଲିପଡା ଥାନାରେ ଏକ ଅପମୃତ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ଏହି ଖବର ଉକ୍ତ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

**● ବନ ବିଭାଗର ବୃକ୍ଷରୋପଣରେ ମହାଦୁର୍ନୀତି**

# ଶ୍ରମିକ ନାମରେ ଟଙ୍କା ହଡପ ଅଭିଯୋଗ; ଭିଜିଲାନ୍ସ ତଦନ୍ତ ଦାବି

କଲ୍ୟାଣସିଂହପୁର,୩।୬(ସମିସ): ଜଳବାୟୁ ପରିବର୍ତ୍ତନକୁ ରକ୍ଷା କରିବା ପାଇଁ ପରିବେଶ ସନ୍ତୁଳନ ଯୋଗୁ ବୃକ୍ଷ ରୋପଣ ମାନ କରାଯାଉଛି। କିନ୍ତୁ ବାସ୍ତବରେ ବୃକ୍ଷ ରୋପଣ କେତେ ଫଳ ପ୍ରଦ ହୋଇଛି ତାହା କିର୍କଲ ପାଡୁ ଓ ଭେଜା ମୁଖ୍ୟ ରାସ୍ତା ମଧ୍ୟରେ ଲଗାଯାଇଥିବା ଗଛର ସ୍ଥିତିରୁ ଜଣାପଡ଼ିଛି। ଯାହାକୁ ଲକ୍ଷ୍ୟ କଲେ ରାୟଗଡା ବନ ଖଣ୍ଡ ଅନ୍ତର୍ଗତ କଲ୍ୟାଣସିଂହପୁର ବନାଞ୍ଚଳର ଶିକରପାଇ ସେକ୍ସନରେ ମନରେଗାରେ ବୃକ୍ଷ ରୋପଣ ନାମରେ ଲକ୍ଷଲକ୍ଷ ଟଙ୍କା ଦୁର୍ନୀତି ହୋଇଥିବା ସ୍ପଷ୍ଟ ବାରିହେଉଛି। ଶିକରପାଇ ସେକ୍ସନ ଅଧୀନ ବନ ବିଭାଗ ପକ୍ଷରୁ ଜଳବାୟୁ ପରିବର୍ତ୍ତନ ପାଇଁ ୨୩-୨୪ ମସିହାରେ ଏଭେନ୍ୟୁ ପ୍ଲାଣ୍ଟେସନ୍ ମନରେଗା ମାଧ୍ୟମରେ ବାର ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କରାଯାଇଥିଲା। ଉକ୍ତ ଟଙ୍କାକୁ ଧାମଳିମା ଓ କିର୍କଲ ପାଡୁ ନାଳ ନିକଟରୁ ଭେଜା ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୭ କିମି ମୁଖ୍ୟରାସ୍ତାର ଦୁଇ ପାଶ୍ୱର୍ରେ ବିଭିନ୍ନ ପ୍ରକାର ବୃକ୍ଷ ୨୦୨୩ ମସିହାରେ ଲଗାଯାଇଥିଲା। ସେହି ମନରେଗା କାର୍ଯ୍ୟରେ ଶ୍ରମିକ ନିଯୁକ୍ତି ମଧ୍ୟ ହୋଇଥିଲେ। କିନ୍ତୁ ପ୍ରକୃତ ଶ୍ରମିକଙ୍କୁ ନଗଦ ଟଙ୍କା ପ୍ରଦାନ କରିଯାଇଥିବା ବେଳେ ନକଲି ଶ୍ରମିକଙ୍କ ନାମରେ ଆର୍‌ଟିଜେଏସ୍ ମାଧ୍ୟମରେ ୭ ଲକ୍ଷ ୬୨ ହାଜର ୩୬୯ ଟଙ୍କା ପ୍ରଦାନ କରାଯାଇଥିବା ମାଷ୍ଟର ରୋଲରୁ ଜଣାପଡିଛି। ଉକ୍ତ କାର୍ଯ୍ୟରେ କାମ ନକରି ଥିବା ଶ୍ରମିକଙ୍କ ନାମରେ ବ୍ୟାଙ୍କ ଜମା ଖାତାରେ ଟଙ୍କା ଜମା କରାଯାଇଥିଲା। ପରେ ଉକ୍ତ ଟଙ୍କାକୁ ଦଲାଲ ମାଧ୍ୟମରେ ଉଠାଇ ଆଣି ବିଭାଗୀୟ ଅଧିକାରୀମାନେ ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି। ଏହି ରାସ୍ତାରେ ଲାଗିଥିବା ହଜାର ହଜାର ଗଛ ମଧ୍ୟରୁ ଗୋଟିଏ ଗଛ ମଧ୍ୟ ରାସ୍ତାରେ ଦେଖା ଯାଉନି। ବନପାଳଙ୍କ ରକ୍ଷାଣାବେକ୍ଷଣ ପାଇଁ ମଧ୍ୟ ମିଥ୍ୟା ବିଲ କରି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଲାଗିଥିବା ଅଭିଯୋଗ ହୋଇଛି। ସେହିପରି ସାମଗ୍ରୀ କିଣାରେ ମଧ୍ୟ ଲକ୍ଷ ଲକ୍ଷ ଟଙ୍କା ଦୁର୍ନୀତି ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଉକ୍ତ ବୃକ୍ଷରୋପଣ ସମୟରେ ୱାଚର ନରଖି ନକଲି ୱାଚାର ନାମରେ ମାସମାସ ଟଙ୍କା ଉଠାଇଥିବା ଅଭିଯୋଗ କରିଛନ୍ତି। ଜିଲ୍ଲା ବନଖଣ୍ଡ ଅଧିକାରୀ ଓ ଭିଜିଲାନ୍ସ ବିଭାଗ ତଦନ୍ତ କଲେ ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଦାବି ହୋଇଛି। ଏ ନେଇ ଏସିଏଫ ଅଶୋକ ପ୍ରଧାନଙ୍କ ପ୍ରତିକ୍ରିୟା ନେବାରୁ ବିଭାଗୀୟ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ଘଟଣାର ସ୍ଥିତି କଣ ରହିଛି ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

**ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ**

# ପୁଲିସ, ବିଦ୍ୟୁତ୍ ବିଭାଗ ଓ ନେତାଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ

ଗୁଣପୁର,୩।୬(ସମିସ): ଗୁଣପୁରର ରଥଯାତ୍ରା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଆଜି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁଣପୁର ଉପ ଜିଲାପାଳ ତଥା ଦେବତ୍ତୋର ବିଭାଗର ଅଧକ୍ଷ କିରନ ଦୀପ କୌର ସହୋତା ଅଧକ୍ଷତା କରିଥିଲେ। ତେବେ ବୈଠକରେ ଗୁରୁତ୍ୱପୂର୍ଣ୍ଣ ବିଭାଗର ପଦାଧିକାରୀଙ୍କ ଅନୁପସ୍ଥିତିକୁ ନେଇ ବୈଠକରେ ଗୁଣୁପୁର ବିଧାୟକ ଶ୍ରୀ ସତ୍ୟଜିତ୍ ଗମାଙ୍ଗ କ୍ଷୋଭ ପ୍ରକାଶ କରିଥିଲେ। ସେହି ବିଭାଗ ଗୁଡିକର ବିଭିନ୍ନ କାର୍ଯ୍ୟ ନେଇ ମଧ୍ୟ ବିସ୍ତୃତ ଆଲୋଚନା ହୋଇପାରିନଥିଲା। ବିଦ୍ୟୁତ୍ ଏବଂ ପୁଲିସର ଯାତ୍ରା ସମୟରେ ପ୍ରମୁଖ ଭୂମିକା ରହିଥିବାବେଳେ ସେମାନଙ୍କର ଅନୁପସ୍ଥିତ ଦେଖିବାକୁ ମିଳିଥିଲା। ଜିଆଇଇଟି ବିଶ୍ୱ ବିଦ୍ୟାଳୟର ଉପ ସଭାପତି ଡ.ଚନ୍ଦ୍ରଧ୍ୱଜ ପଣ୍ଡା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ବିଧାୟକ ସତ୍ୟଜିତ ଗମାଙ୍ଗ, ମନ୍ଦିର ପରିଚାଳନା କମିଟିର କାର୍ଯ୍ୟକାରି ସଭାପତି ଡ. ସୂର୍ଯ୍ୟ ନାରାୟଣ ପଣ୍ଡା,



ସଂପାଦକ ନିରଞ୍ଜନ ପାଢି ପ୍ରମୁଖ ମଞ୍ଚାସୀନ ରହିଥିଲେ। ବୈଠକରେ ରଥଯାତ୍ରା କିପରି ଶାନ୍ତି ଶୃଙ୍ଖଳାର ସହ ସମାପନ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଜଗନ୍ନାଥଙ୍କ ବିଭିନ୍ନ ପୂଜା ପର୍ବାଣି ସହ ଅନ୍ୟାନ୍ୟ କାର୍ଯ୍ୟ ଏବଂ ନିତିକାନ୍ତି ସକାଶେ ଅର୍ଥର ଅଭାବ ରହୁଥିବାବେଳେ ଦେବତ୍ତୋର ବିଭାକୁ ଏହାକୁ ପ୍ରଦାନରେ ସକ୍ଷମ ହେଉନାହିଁ। ଏପରି ସ୍ଥଳେ ଯାତ୍ରା ସମୟରେ ମୀନା ବଜାର ବାବଦକୁ ସଂଗ୍ରହ ହେଉଥିବା ଅର୍ଥକୁ ମନ୍ଦିରର ଉନ୍ନତି ସହ ଅନ୍ୟାନ୍ୟ କାର୍ଯ୍ୟ ସକାଶେ ବିନିଯୋଗ କରାଯିବାକୁ ଉପସ୍ଥିତ ସମସ୍ତ ବ୍ୟକ୍ତିଙ୍କ ପକ୍ଷରୁ ଦାବି ହୋଇଥିଲା। ଦେବତ୍ତୋର ଆଇନ ଅନୁସାରେ ସମସ୍ତ କାର୍ଯ୍ୟ ହେବ ବୋଲି ଉପ ଜିଲାପାଳ କହିଥିଲେ। ବୈଠକରେ ଦେବସ୍ନାନ ପୂର୍ଣ୍ଣିମା ଠାରୁ ନିଳାଦ୍ରି ବିଜେ ପର୍ଯ୍ୟନ୍ତ ହେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମ ସକାଶେ ବୈଠକରେ ଆଲୋଚନା ହୋଇଥିଲା। ରୀତିନିତି, ରଥ ନିର୍ମାଣ ଏବଂ ମରାମତି, ଭିତ୍ତିଭୂମିର ନିର୍ମାଣ , ଜନଗହଳି ନିୟନ୍ତ୍ରଣ, ସ୍ୱାସ୍ଥ୍ୟ ଓ ସଫେଇ, ଆଇନ ଶୃଙ୍ଖଳା, ପାର୍କିଂ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ, ମୀନା ବଜାର, ଆଲୋକୀକରଣ ଏବଂ ଧ୍ୱନି ପ୍ରକ୍ରିୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଦେବତ୍ତୋର ବିଭାଗ ପକ୍ଷରୁ ଗତ ବର୍ଷ ମୀନା ବଜାର ସହ ଅନ୍ୟାନ୍ୟ ବାବଦରେ ୨୮ ଲକ୍ଷ ୪୩ ହଜାର ୧୫୯ ଟଙ୍କା ଆଦାୟ ହୋଇଥିବାବେଳେ ୮ ଲକ୍ଷ ୯ ୯ ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଇଥିଲା। ବଳକା ଟଙ୍କା ଦେବତ୍ତୋରା ବିଭାଗର ଆକାଉଣ୍ଟରେ ଜମା ରହୁଥିବା କୁହାଯାଇଛି। ଏହିଭଳି ଗତ ୩ ବର୍ଷରେ ମୀନା ବଜାରରେ ଆଦାୟ ହୋଇଥିବା ଟଙ୍କା ପ୍ରାୟ ୬୦ ଲକ୍ଷ ଟଙ୍କା ଦେବୋତ୍ତର ବିଭାଗ ଆକାଉଣ୍ଟରେ ଜମା କରାଯାଉଛି। କିନ୍ତୁ ମନ୍ଦିର ଉନ୍ନତି ଓ ବର୍ଷ ସାରା ଜଗନ୍ନାଥଙ୍କ ବିଭିନ୍ନ ପର୍ବ ପର୍ବାଣୀ କରିବା ପାଇଁ ଅର୍ଥ ଅଭାବ ଯୋଗୁଁ ଚାନ୍ଦା ଓ ଭିକ ମାଗିବା ଭଳି ପରସ୍ଥିତି ସୃଷ୍ଟି ହେଉଛି । ତେଣୁ ମୀନାବଜାର ଟେଣ୍ଡର ଦେବୋତ୍ତର ବିଭାଗ ନକରି ସାଧାରଣ ଲୋକ ଓ ପ୍ରଶାସନ ମିଶି ଏକ କମିଟି ଗଠନ କରି ବେସରକାରୀ ଭାବେ କରାଯାଉ ବୋଲି ଉପସ୍ଥିତ ଲୋକେ ଅନୁରୋଧ କରିଥିଲେ। ଏହି ବୈଠକରେ ଗୁଣୁପୁର ପୌରପରିଷଦର ଅଧକ୍ଷା ଓ ଉପାଧକ୍ଷଙ୍କ ଅନୁପସ୍ଥିତ ଯୋଗୁଁ ଅନେକ କିଛି ଆଲୋଚନା ଓ ନିଷ୍ପତ୍ତି ଅଟକି ରହିଥିବା କୁହାଯାଉଛି।
ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅକ୍ଷୟ ଦାସ, ତ୍ରିପତି ମହାନ୍ତି, ଭାରପ୍ରାପ୍ତ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡ.ପ୍ରଦୀପ ପଣ୍ଡା, ରେଞ୍ଜର ଗଙ୍ଗାଧର ମିଶ୍ର, ବ୍ରହ୍ମା ଗୁପ୍ତେଶ୍ୱର ରଥଶର୍ମା, ସୁଦାମ ରଥଶର୍ମା, ଝୁଲେଶ୍ୱର ରଥଶର୍ମା, ଟୁକୁନା ରଥ, ରଥ ମହାରଣା ଗଙ୍ଗାରାଜୁ ଶବର, ପୂଜକ ମନୋଜ ପାଢୀ, ଉମା ଦାସ, ଡ.ପ୍ରଶାନ୍ତ ହୋତା, ଅତିରିକ୍ତ ତହସିଲଦାର ଗୟା ଡମ୍ବରୁ ଧର ବେହେରାଙ୍କ ସମେତ ରାଜସ୍ୱ ସହାୟକ ଗୁପ୍ତେଶ୍ୱର ପାଣିଗ୍ରାହି,ଜିତୁ ନାୟକ, ଗୌତମ୍ର ବିଶୋଇ, ରାଜସ୍ୱ ପରିଦର୍ଶକ ସରୋଜ ନିମାଇଲପୁରୀ, ରାଜସ୍ୱ ନିରୀକ୍ଷକ କେ.ଶିନୁ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଜିଲ୍ଲାରେ ଆରମ୍ଭ ହେଲା ସନ୍ତରଣ ପ୍ରଶିକ୍ଷଣ ଶିବିର



ମାଲକାନଗିରି, ୩।୬(ସମିସ): ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଆନୁକୁଲ୍ୟରେ ଜିଲ୍ଲା ଜରୁରକାଳୀନ ବିଭାଗ ପକ୍ଷରୁ ସ୍ଥାନୀୟ ପଞ୍ଚାୟତ ସାଧନ କେନ୍ଦ୍ର ଠାରେ ଯୁବପିଢୀଙ୍କ ପାଇଁ ସନ୍ତରଣ ଓ ପାଣିରେ ବୁଡ଼ି ବଞ୍ଚିବାର ମୌଳିକ କୌଶଳ ସମ୍ବନ୍ଧୀୟ ଏକ ସନ୍ତରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଜରୁରୀକାଳୀନ ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ କୁମାର ବେହେରା ମଞ୍ଚାସୀନ ଥିଲେ। ପାଣିରେ ବୁଡ଼ି କୌଣସି ପ୍ରାଣହାନି ଜନିତ ଦୁର୍ଘଟଣାକୁ ଏଡ଼ାଇବା ନିମନ୍ତେ ରାଜ୍ୟ ସରକାରଙ୍କ ଏହି ପ୍ରୟାସ ଯୁବପୀଢ଼ିଙ୍କ ପାଇଁ ଉପଯୋଗୀ ହେବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨ରୁ ୭ ତାରିଖ ପର୍ଯ୍ୟନ୍ତ ୩୦ ଜଣିଆ ଅଂଶ ଗ୍ରହଣକାରୀଙ୍କୁ ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ। ୧୦ ଦଳ ମୋଟ ୩୦୦ ଅଂଶ ଗ୍ରହଣକାରୀଙ୍କୁ ସ୍ଥାନୀୟ ବଣ୍ଡା ବାକୁଲିଗୁଡ଼ା ବନ୍ଧରେ ଓଡ୍ରାଫ୍ ଟିମ୍ ପ୍ରଶିକ୍ଷଣ ଦେବେ। କୋରାପୁଟରୁ ୨୦ ଜଣିଆ ଓଡ୍ରାଫ୍ ଟିମ୍ ଜିଲ୍ଲାରେ ଏହି ପ୍ରଶିକ୍ଷଣ ନିମନ୍ତେ ଯୋଗ ଦେଇଛନ୍ତି। ଜରୁରୀକାଳୀନ ବିଭାଗ ବରିଷ୍ଠ ରାଜସ୍ୱ ସହାୟକ କୁନା ନାୟକ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହଯୋଗ କରିଥିଲେ।

## ରାୟଗଡ଼ା ପୁଲିସର ସଫଳତା

# ୩ ଚୋରି ମାମଲାର ପର୍ଦ୍ଦାଫାସ, ଆନ୍ତଃରାଜ୍ୟ ଚୋର ଗ୍ୟାଙ୍ଗ୍ ଗିରଫ



ରାୟଗଡ଼ା,୩।୬(ସମିସ) :

ରାୟଗଡ଼ା ଟାଉନ୍ ଥାନା ପୁଲିସକୁ ମିଳିଛି ଏକ ବଡ ସଫଳତା। ଗତ ମେ'ମାସର ୧୮ ଓ ୨୬ ତାରିଖ ଏବଂ ଚଳିତ ଜୁନ ମାସର ୨ତାରିଖରେ ହୋଇଥିବା ଚୋରି ମାମଲାରେ ସଂପୃକ୍ତ ଥିବା ୫ଜଣ ଆନ୍ତଃରାଜ୍ୟ ଚୋରକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ରହିଛନ୍ତି ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶର ଦୁଇଜଣ ଏବଂ ଛତିଶଗଡ଼ ରାଜ୍ୟର ୩ଜଣ। ପଶ୍ଚିମବଙ୍ଗ ରାଜ୍ୟର ଦକ୍ଷିଣ ଦିନାଜପୁର ଜିଲ୍ଲାର କୁମାରଗଂଜ ଥାନା ଅନ୍ତର୍ଗତ ଶାହାପୁକୁନ ଗ୍ରାମର ଆସ୍ରଫୁଲ ଶେଖ୍ (୨୩), ମଧ୍ୟପ୍ରଦେଶର ଜବଲପୁର ଜିଲ୍ଲା ଆଧାରତାଲ ଥାନା ଅନ୍ତର୍ଗତ ବଡମାଦରଚଲ୍ଲା ପଚକୁଲିଆ ଗ୍ରାମର ମହମ୍ମଦ ରୋନୀ ଶେଖ, ଛତିଶଗଡ ରାଜ୍ୟ ବିଳାସପୁର ଜିଲ୍ଲା ତଥା ଥାନା ଅନ୍ତର୍ଗତ ନୟାପରା ଗ୍ରାମର ମହମ୍ମଦ ଆଲାମିନ (୨୭), ଶେଖ୍ ବାବୁ (୨୯) ଓ ସମୀର ଶେଖ୍ (୩୪)ବୋଲି ପୁଲିସ ସୂତ୍ରରୁ ଜଣାପଡିଛି। ସେମାନଙ୍କ ଠାରୁ ନଗଦ ୨୯,୭୦୦ଟଙ୍କା, ୩ଟି ମୋବାଇଲ ଫୋନ୍, ଚୋରିରେ ବ୍ୟବହୃତ ୪ଟି ସ୍କ୍ରୁ ଡ୍ରାଇଭର, ଲୁହା ଛଡ଼ ସହ ଚୋରି ସାମଗ୍ରୀ ମଧ୍ୟରେ ୨ହଳ ରୂପା ପାଉଁଜି, ୮ଟି ରୂପା ପାଦ ମୁଦି, ୪ଟି ଆଲୁମିନିୟମ ଚୁଡି, ଗୋଟିଏ ରୂପା କଏନ, ଗୋଟିଏ ସିଲଭର ବକ୍ସ , ରୂପା ଥାଳି, ରପୂଗିନା, ଚାମୁଚ, ଗ୍ଲାସ, କପ, ହାତଘଣ୍ଟା ଭଳି ଅନ୍ୟାନ୍ୟ ସାମଗ୍ରୀ ଉଦ୍ଧାର କରାଯାଇଛି। ଅଭିଯୁକ୍ତମାନେ ଗିରଫ ପୂର୍ବରୁ ୪୦ରୁ ୫୦ହଜାର ଟଙ୍କା ନିଶା ଦ୍ରବ୍ୟ କିଣିବା, ଲୁଗାପଟା କିଣିବା ଓ ଅନ୍ୟାନ୍ୟ ଖର୍ଚ୍ଚାନ୍ତ କରିଥିବା ନେଇ ରାୟଗଡ଼ା ଟାଉନ୍ ଥାନା ଆରକ୍ଷୀ ନିରୀକ୍ଷକ କେକେବିକେ କହଁର ପ୍ରକାଶ କରିଛନ୍ତି। ରାୟଗଡ଼ା ସହରର ରାଣିଗୁଡା ଫାର୍ମ ଅଞ୍ଚଳର ଗୌରୀ ଶଙ୍କର ପ୍ରସାଦ ପାତ୍ର, ନିୟୁ କଲୋନୀର ରମେଶ କୁମାର ଏବଂ ଗୌତମ ନଗର ବାସିନ୍ଦା ସୁଧୀର କୁମାର ପାଢୀଙ୍କ ଘରେ ହୋଇଥିବା ଚୋରି ମାମଲାରେ ଗିରଫ ଅଭିଯୁକ୍ତମାନେ ସଂପୃକ୍ତ ଥିବା ସ୍ୱୀକାର କରିଛନ୍ତି। ଅଭିଯୁକ୍ତମାନେ ରାୟଗଡ଼ା ସହରର ଶ୍ରୀ ଜଗନ୍ନାଥ ମନ୍ଦିର ସାହିରେ ଏକ ଭଡା ଘରେ ରହି ଆସୁଥିଲେ। ସେମାନେ ରାୟଗଡ଼ା ସହରର ବିଭିନ୍ନ ସାହି ଗଳିରେ ଅଲଗା ଅଲଗା ବୁଲି ପ୍ଲାଷ୍ଟିକ ବୋତଲ ଓ ଅନ୍ୟାନ୍ୟ ସାମଗ୍ରୀ ଗୋଟାଇବା ଆଳରେ ତାଲା ପଡିଥିବା ବନ୍ଦ ଘରକୁ ଟାର୍ଗେଟ କରୁଥିଲେ ଏବଂ ରାତି ଅଧିରେ ତାଲା ଭାଙ୍ଗି କଳାକନା ବୁଲାଇ ଦେଉଥିଲେ। ଯାହାକୁ ନେଇ ରାୟଗଡ଼ା ସହରରେ ସିରିଜ ଚୋରି ମାମଲା ବୃଦ୍ଧି ପାଇବାରୁ ପୁଲିସ ପା ଟ୍ରୋଲିଙ୍ଗ ଏବଂ ଲୋକଙ୍କ ଧନଜୀବନକୁ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ରାୟଗଡ଼ା ଟାଉନ ଥାନା କେସ ନମ୍ବର ୧୬୪/୧୭୩/୧୮୧/୨୦୨୫କୁ ଭିତି କରି ପୁଲିସ ଚୋରଙ୍କୁ ଧରିବାକୁ ସହରରେ ଲାଗିଥିବା ସିସିଟିଭି ଫୁଟେଜ,ସିଡିଆର ଏବଂ ସ୍ଥାନୀୟ ସୂଚନାଦାତାଙ୍କ ସୂଚନା ଅନୁଯାୟୀ ତନତନ କରି ଯାଞ୍ଚ କରିବା ପରେ ଅଭିଯୁକମାନେ ରହୁଥିବା ଠିକଣା ପାଇପାରିଥିଲା। ପୁଲିସ ଟିମ୍ ଉକ୍ତ ସାହିରେ ଘର ଘର ବୁଲି ତଦନ୍ତ କରିଥିବା ବେଳେ ଏକ ଭଡ଼ା ଘରେ ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଥିଲା। ଅଭିଯୁକ୍ତମାନେ ସିରିଜ ଚୋରି କରିବାରେ ସଫଳ ହେଲେ ଅନ୍ୟ ସହରକୁ ଚାଲି ଯାଉଥିବା ବେଳେ ଟାପଲ-ଇଆର-୧୦୦ଏମଜିର ଏକ ଟାବଲେଟ୍ ବ୍ୟବହାର କରୁଥିଲେ ବୋଲି ଆଇଆଇସି ଶ୍ରୀ କହଁର ପ୍ରକାଶ କରିଛନ୍ତି। ଗତ ମେ'ମାସ ୧୮ ତାରିଖରେ ଗୌରୀ ଶଙ୍କରଙ୍କ ଘରେ, ୨୬ରେ ରମେଶ କୁମାର ଏବଂ ଜୁନ୍ ୨ତାରିଖରେ ସୁଧୀର ପାଢୀଙ୍କ ଘରେ ଚୋରି ହୋଇଥିଲା। ତେବେ ସହରବାସୀ ଅଜଣା ଲୋକଙ୍କୁ ଘରଭଡା ଦେବା ପୂର୍ବରୁ ତାଙ୍କର ସମସ୍ତ ପରିଚୟ ପତ୍ରକୁ ଯାଞ୍ଚ କରିବା ସହ ପୁଲିସକୁ ମଧ ଘରଭଡ଼ା ଦେବା ବିଷୟରେ ଅବଗତ କରାଇବା ପାଇଁ ନିବେଦନ କରାଯାଇଛି।

> ଧରାପଡ଼ିଲେ ଗ୍ୟାଙ୍ଗ୍‌ର ୫ଜଣ ସଦସ୍ୟ
> ପ୍ଲାଷ୍ଟିକ ବୋତଲ୍ ଗୋଟାଇବା ଆଳରେ ତାଲା ବନ୍ଦ ଘରକୁ କରୁଥିଲେ ଚିହ୍ନଟ

## ମାଓବାଦୀଙ୍କୁ ସିଧାସଳଖ ବିରୋଧ କଲେ ଲୋକେ



ମାଲକାନଗିରି, ୩।୬(ସମିସ):

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ପୁଲିସ ପକ୍ଷରୁ ମାଓ ବିରୋଧୀ ଅପରେସନ ଜୋରଦାର କରାଯାଇଥିବା ବେଳେ ଏବେ ମାଓବାଦୀଙ୍କୁ ସିଧାସଳଖ ବିରୋଧ କରିଛନ୍ତି ବସ୍ତର ଅଞ୍ଚଳବାସୀ। ମାଓ ସଂଗଠନ ବିରୁଦ୍ଧରେ ଏକାଠି ହେଲେ ସୁକୁମା, ଦନ୍ତେୱାଡା, ବିଜାପୁର, ନାରାୟଣପୁର, କୋଣ୍ଡାଗାଓ ଓ ବସ୍ତର ଜିଲ୍ଲାର ହଜାର ହଜାର ଆଦିବାସୀ। ଦୀର୍ଘ ବର୍ଷ ପରେ ଆଦିବାସୀ ଲୋକେ ସିଧା ସଳଖ ମାଓବାଦୀଙ୍କୁ ବିରୋଧ କରିବା ସହ ଜଗଦଲପୁର ସହରର ରାଜ ରାସ୍ତାରେ ବିରାଟ ଶୋଭା ଯାତ୍ରା କରିଛନ୍ତି। ଆଦିବାସୀ ମହିଳା ଓ ପୁରୁଷ ସମସ୍ତେ ହାତରେ ଫ୍ଲାଗ୍ କାର୍ଡ ଧରି ଏହି ରାଲିରେ ସାମିଲ୍ ହୋଇଥିଲେ। ନକ୍ସଲ ପୀଡ଼ିତ ଓ ନକ୍ସଲ ପନ୍ଠଥଙ୍କ ଦ୍ୱାରା ନିର୍ଯାତିତ ହୋଇଥିବା ଆଦିବାସୀ ଲୋକେ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ଜଗଦଲପୁର ସିରହାସ ଛକଠାରୁ ଆରମ୍ଭ ହେଇଥିବା ରାଲିରେ ଲୋକେ ନକ୍ସଲବାଦ ମୁର୍ଦାବାଦ ଭଳି ଅନେକ ସ୍ଲୋଗାନ ଦେଇଥିଲେ। ଜଗଦଲପୁର ସହରର ସହିଦ ସ୍ମାରକୀ ନିକଟରେ ନକ୍ସଲ ପୀଡିତ ପରିବାରଙ୍କ ସହ ଆଲୋଚନା କରିଛନ୍ତି ଛତିଶଗଡ଼ ଗୃହ ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ ବିଜୟ ଶର୍ମା। ନିର୍ଦ୍ଧାରିତ ସମୟସୀମା ପୁର୍ବରୁ ମାଓ ମୁକ୍ତ କରିବା ଲାଗି ଛତିଶଗଡ ସରକାର ଅଣ୍ଟା ଭିଡିଥିବା ବେଳେ ଆଦିବାସୀ ଲୋକେ ମଧ ସମର୍ଥନ କରିଛନ୍ତି।

## ଆଦିବାସୀଙ୍କୁ ଜଙ୍ଗଲ ଜମି ଅଧିକାର ମିଳୁ

# ଆଦିବାସୀ ଅଧିକାର ମଞ୍ଚ ଓ ଓଡ଼ିଶା କୃଷକ ସଭାର ଦାବିପତ୍ର ପ୍ରଦାନ



ନବରଙ୍ଗପୁର,୩।୬(ସମିସ): ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ଓ ଓଡ଼ିଶା କୃଷକ ସଭା ପକ୍ଷରୁ ନବରଙ୍ଗପୁର ଜିଲ୍ଲା ରାଇଘର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ୧୫ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ବର୍ତ୍ତମାନ ସୁଦ୍ଧା ମୋ ଜଙ୍ଗଲ ଜମି ଯୋଜନା ଦ୍ୱାରା ତହସିଲର ୨୬ ଗୋଟି ପଞ୍ଚାୟତ ମଧ୍ୟରୁ ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ମାନଙ୍କ ଗ୍ରାମସଭା ଓ ଗ୍ରାମ୍ୟ ଜଙ୍ଗଲ ଅଧିକାର କମିଟି ଦ୍ୱାରା ଯେତିକି ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଧିକାର ପାଇଁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ନିକଟରେ ଦରଖାସ୍ତ ଦିଆଯାଇଛି ତାହା ଯଥାଶୀଘ୍ର କାର୍ଯ୍ୟକାରୀ କରି ଅଧିକାର ପ୍ରଦାନ କରାଯାଉ ବୋଲି ଉଲ୍ଲେଖ କରାଯାଇଛି।

ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକଷ୍ଟରେ ଅଭିଯୋଗ ଜଣାଇବା ସତ୍ତ୍ୱେ କୌଣସି ସମସ୍ୟାର ସମାଧାନ ହେଉ ନାହିଁ କିମ୍ବା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବ୍ଲକସ୍ତରର କର୍ମଚାରୀ ମାନୁ ନାହାଁନ୍ତି ଓ ଏହାର ଉଚିତ ତଦନ୍ତ କରିବାକୁ ଦାବି କରାଯାଇଛି। ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ମାନଙ୍କ ଦୀର୍ଘ ୩୦-୪୦ ବର୍ଷର ଦଖଲ ଜଙ୍ଗଲ କିସମ ଚାଷ ଜମି ମଧ୍ୟରେ ବୃକ୍ଷରୋପଣ ନାମରେ ଗାତ ଖଳିବା ଓ ନର୍ସରୀ କରୁଥିବା ବେଆଇନ୍ କାର୍ଯ୍ୟକୁ ବନ୍ଦ କରିବାକୁ ଦାବି କରାଯାଇଛି। ରାଇଘର ବ୍ଲକ ମୁଣ୍ଡିବେଡ଼ା ପଞ୍ଚାୟତର ନିନାସପାନି, ସଲେଭଟା , ପାଲକାଡଙ୍ଗ୍ରି, ଖାଡ଼ିପାଣି ଓ ସିନ୍ଧିବୁର୍ଲି ଗ୍ରାମର ଦୀର୍ଘ ୩୦ ବର୍ଷର ଦଖଲ ଜଙ୍ଗଲ କିସମ ଚାଷ ଜମିକୁ ବନ ବିଭାଗ ଦ୍ୱାରା ଜଙ୍ଗଲ ଅଧିକାର ଆଇନକୁ ଉଲ୍ଲଂଘନ କରି ଜବରଦସ୍ତି ଛଡ଼ାଇ ନେଇଥିବା ଜମିକୁ ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିବା ବ୍ୟକ୍ତିଗୋତ ଓ ଗୋଷ୍ଠୀଗତ ଅଧିକାର ଯଥାଶୀଘ୍ର ପ୍ରଦାନ କରାଯାଉ। ଅଣ ଆଦିବାସୀ ବା ପାରମ୍ପରିକ ବନବାସୀ ମାନଙ୍କୁ ମଧ ଯଥାଶୀଘ୍ର ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଦଖଲ ଜଙ୍ଗଲ ଜମି ପଟ୍ଟା ଯୋଗାଇ ଦିଆଯାଉ। ଏଭଳି ୧୫ ଗୋଟି ଦାବିକୁ ଯଥାଶୀଘ୍ର ପୂରଣ କରିବା ନେଇ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଆଜିର ଏହି ଦାବିପତ୍ର ରାଇଘର ତହସିଲଦାର , ରାଇଘର ରେଞ୍ଜର ଓ ରାଇଘର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ଜିଲ୍ଲାପାଳ ନବରଙ୍ଗପୁରଙ୍କ ନିକଟକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ମୁଖ୍ୟବକ୍ତା ଭାବରେ ଆଦିବାସୀ ଲଢୁଆ ଯୁବ ସଂଗ୍ରାମୀ ତଥା ପୂର୍ବତନ ସାଂସଦ ପ୍ରଦୀପ ମାଝୀ , ମୁଖ୍ୟ ଅତିଥି ବିଶିଷ୍ଟ ସମାଜସେବୀ ତଥା ସଂଗ୍ରାମୀ ମୁନା ତ୍ରିପାଠୀ , ବ୍ଲକ୍ ଅଧ୍ୟକ୍ଷ ଗୁପ୍ତ ଝାଙ୍କର , ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚର ବ୍ଲକ କମିଟି ସଭାପତି ଲଛମନ ଗୋଣ୍ଡ , ଲାକିରାମ ଗୋଣ୍ଡ , ମହନ ଶାନ୍ତା , ଜୟରାମ ଗୋଣ୍ଡ , ରେଣ୍ଟୁ ଗୋଣ୍ଡ , ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ଜିଲ୍ଲା ସଂପାଦକ ରାଜେଶ ଜାନି, କୃଷକ ନେତା ସନରାଜ୍ ଗୋଣ୍ଡ, ବରିଷ୍ଠ ଆଇନଜୀବୀ ତପନ ଦେବନାଥ , ବରିଷ୍ଠ ଆଇନଜୀବୀ ବା ଆଦିବାସୀ ନେତା ଯତୀନ ଗୋଣ୍ଡ, ଆଦିବାସୀ ସଂଗ୍ରାମୀ ନେତା ଡବଲୁ ଗୋଣ୍ଡ, ରାଇସିଂ ଗୋଣ୍ଡ, କମଲୁ ସାନ୍ତା, ଚନ୍ଦ୍ର ସାନ୍ତା, ସୁମିତ୍ ପୁଜାରୀ ଓ ସନ୍ତୋଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମତୁଆ ଧର୍ମ ରୀତିନୀତି ଅପପ୍ରଚାର ନେଇ ସାମ୍ବାଦିକ ସମ୍ମିଳନୀ



କାଳିମେଳା,୩।୬(ସମିସ): କ୍ରିୟା କର୍ମରେ ବ୍ରାହ୍ମଣ ନ ଲଗେଇବା ନେଇ ଜିଲ୍ଲାରେ ଅପପ୍ରଚାର ହେଉଥିବା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୂଚନାଯୋଗ୍ୟ, ମାଲକାନଗିରି ଜିଲ୍ଲା କାଳିମେଳାରେ ବସବାସ କରୁଥିବା ନନୀ ଗୋପାଳଙ୍କ ମୃତ୍ୟୁ ପରେ କୌଣସି କାର୍ଯ୍ୟରେ ବ୍ରାହ୍ମଣ ବ୍ୟବହାର ନ ହେବା ନେଇ କାଳିମେଳାରେ ଏକ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ତାଙ୍କ ଘରେ ୧୩ ଦିନ ବେଳେ ଜ୍ଞାତି ଭୋଜନ ସମୟରେ ଲଗା ଯାଇଥିବା ଟେଣ୍ଟ ନିକଟସ୍ଥ ଶିବ ମନ୍ଦିର ସହ ଯୋଡ଼ି ଲଗାଇବା ନେଇ କଥା କଟାକଟି ଚାଲିଥିଲା। ପରିବାର ଲୋକେ ବ୍ରାହ୍ମଣ ନ ଲଗେଇ ଶୁଦ୍ଧ ନ ହୋଇ ମନ୍ଦିର ସହ ଟେଣ୍ଟ ବାନ୍ଧିବା ଓ ଭୋଜନରେ କାଳିମେଳା ଅଞ୍ଚଳବାସୀ ଏଥିରେ ସାମିଲ ହେବେ ନାହିଁ ବୋଲି ମତ ରଖିଥିଲେ। ଟେଣ୍ଟ ବନ୍ଧା ନେଇ କଥା କଟାକଟି ସମୟରେ ସମାଜ ସେବୀ ଉତ୍ତମ ଓଝା ଏହାକୁ ବିରୋଧ କରିବାରୁ ତାଙ୍କୁ ମୃତକଙ୍କ ପରିବାର ଲୋକେ ଗାଳିଗୁଲଜ କରିଥିବା ସେ କହିଛନ୍ତି। ଉତ୍ତମଙ୍କ କହିବା କଥା ସେ ବ୍ରାହ୍ମଣ ବ୍ୟବହାର ନ କରିବାକୁ ବିରୋଧ କରିନଥିଲେ। ସେ ମନ୍ଦିର ସହ ଯୋଡ଼ି କରି ଟେଣ୍ଟ ବନ୍ଧା କୁ ବିରୋଧ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ମଧ ହୋଇଛି। ଆଜି ସାମ୍ବାଦିକ ସମ୍ମିଳନୀରେ ସମାଜସେବୀ ଉତ୍ତମ ଓଝା ଓ ବିଭନ୍ନ ହିନ୍ଦୁ ସଂଗଠନ, ବ୍ରାହ୍ମଣ ସମାଜ ଲୋକେ କୌଣସି କର୍ମରେ ବ୍ରାହ୍ମଣ ବ୍ୟବହାର ନ କରିବା କିଛି ବ୍ୟକ୍ତି ବିଶେଷକଙ୍କ ନା କହି ସେମାନେ ଏହାକୁ ଜିଲ୍ଲାରେ ମତୁଆ ସମାଜ ନାମ କହି ଏକ ଅପପ୍ରଚାର ସୃଷ୍ଟି କରୁଛନ୍ତି। ନିରୀହ ମତୁଆ ମାନେ ଏହି କୁ ପ୍ରଚାର ର ଶିକାର ହେବା ସହ ସମାଜରେ ମଧ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛନ୍ତି। ନିର୍ଦ୍ଦିଷ୍ଟ ଭାବେ ସୁଧାଂଶୁ ବିଶ୍ୱାସ, ରବିନ୍ ବିଶ୍ୱାସ, ଅନିମେସ ବିଶ୍ୱାସ, ଅସ୍ୱବ ରଞ୍ଜନ ମାଲି ନିଜକୁ ମତୁଆ କହିବା ସହ ଏହା ହିନ୍ଦୁ ଧର୍ମ ନୁହେଁ, ଏଥିରେ ବ୍ରାହ୍ମଣର ବ୍ୟବହାର ନାହିଁ। ଏହା ସହ ଉତ୍ତମ ଅଭିଯୋଗ ଆଣିଛନ୍ତି, କିଛି ଅନ୍ୟ ଗୋଷ୍ଠୀର ଲୋକଙ୍କ ଠାରୁ ଏମାନେ ପଇସା ନେଇ ଏଭଳି ଲୋକଙ୍କ ମଧ୍ୟରେ ଅପପ୍ରଚାର ସୃଷ୍ଟି କରିବା ସହ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ବୋଲି କହିଛନ୍ତି।

# ନିଶାଦ୍ରବ୍ୟ ବିରୋଧରେ ସଚେତନତା ରଥର ଶୁଭାରମ୍ଭ



ମାଲକାନଗିରି, ୩।୬(ସମିସ): ବିଭିନ୍ନ ମାଦକ ତଥା ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଲୋକଙ୍କୁ ଅବଗତ କରିବା, ଅପମିଶ୍ରିତ, ବିଷାକ୍ତ ଏବଂ ଚୋରା ମଦ କାରବାର ସଂପୂର୍ଣ୍ଣ ରୋକିବା ଲାଗି ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥି ନିମନ୍ତେ ମେ ୩୧ରୁ ଜୁନ୍ ୨୬ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବ୍ୟାପକ ଜନ ସଚେତନତା ଅଭିଯାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଅବକାରୀ ବିଭାଗ ପକ୍ଷରୁ ନିଶା ନିବାରଣ ନିମନ୍ତେ ଏକ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ଶୁଭାରମ୍ଭ କରିଛନ୍ତି। ନିଶାଦ୍ରବ୍ୟ ସମାଜ ପାଇଁ କ୍ଷତିକାରକ। ବିଶେଷ ଭାବେ ଯୁବଶକ୍ତି ଏହାର କୁପରିଣାମର ଶିକାର ହେଉଛନ୍ତି। ତେଣୁ ଏହି ରଥ ଜିଲ୍ଲାରେ ଯୁବପିଢିଙ୍କ ସମେତ ଜନ ସାଧାରଣଙ୍କ ମଧ୍ୟରେ ନିଶା ନିବାରଣ ପାଇଁ ସଚେତନତା ସୃଷ୍ଟି କରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ନିଶା ନୁହେଁ, ଜୀବନକୁ ବାଛିବା ନିମନ୍ତେ ସଂକଳ୍ପ ନେବା ପାଇଁ ଯୁବ ସମାଜ ଓ ଜନ ସାଧାରଣଙ୍କୁ ଏହି ରଥ ସଚେତନ କରିବ। ଏହି ରଥ ଜିଲ୍ଲାର ସାତଟି ବ୍ଲକ୍‌ର ୧୧୧ଟି ଗ୍ରାମ ପଞ୍ଚାୟତ ପରିଭ୍ରମଣ କରିବ। ଅବକାରୀ ଅଧିକ୍ଷକ ବିମ୍ବାଧର ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ଜିଲ୍ଲା ଅବକାରୀ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ପୋଲିସ କର୍ମଚାରୀ ଯୋଗ ଦେଇଥିଲେ।

# ବେହେଡା ପଞ୍ଚାୟତରେ ଗାଁରାସ୍ତା ପାଲଟିଛି ମରଣଯନ୍ତା



ବେହେଡା, ୩।୬ (ସମିସ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ବେହେଡା ପଞ୍ଚାୟତରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାର କୌଣସି ମୂଲ୍ୟ ନାହିଁ। ଏହି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଲିମାଗୁଡା, କୁମିବନ୍ଦ (କୁମିବେଡ଼ା) ଓ ସିଉନାଗଡ଼ା ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ। ଏ ନେଇ ଅଭିଯୋଗ କରିଛନ୍ତି ଗ୍ରାମର ନାଉଲୁ ଗଣ୍ଡ, ଯୁଗଧର ଗଣ୍ଡ, ସନାଧାର ଗଣ୍ଡ, ଶ୍ୟାମଲାଲ ଗଣ୍ଡ, କପୁର ଗଣ୍ଡ, ସୁକନାଥ ଗଣ୍ଡ ଓ ବଳଭଦ୍ରା। ଲିମାଗୁଡାଠୁ ସିଉନାଗୁଡ଼ା ଭାୟା କୁମିବନ୍ଦ( କୁମିବେଡା) ଯିବା ପାଇଁ ରାସ୍ତାକୁ ନେଇ ଏହି ତିନି ଗ୍ରାମବାସୀ ଅଭିଯୋଗ କରିବା ଓ ଉଚ୍ଚସ୍ତରୀୟ ପ୍ରଶାସନକୁ ଲିଖିତ ଆକାରରେ ଜଣାଇବା ପରେ ମଧ କୌଣସି ସୁଫଳ ମିଳିନାହିଁ। ୩୫ ବର୍ଷ ଧରି ଏହି ତିନି ଖଣ୍ଡ ଗାଁ ରାସ୍ତା ପାଇଁ ନରକ ଯନ୍ତ୍ରଣା ଭଗୁଛନ୍ତି ଲୋକେ। ଖାଲ, ଗାତରେ ପଡି ଦୁର୍ଘଟନାର ଶିକାର ହେଉଛନ୍ତି ଲୋକେ। ନବରଙ୍ଗପୁର ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଏହି ତିନି ଖଣ୍ଡ ଗାଁ ରାସ୍ତାର ସମସ୍ୟା ଦୂର କରିବାକୁ ଅଭିଯୋଗ ହୋଇଛି।

**● ମେସିନ୍ କରୁଛି ମନରେଗା କାର୍ଯ୍ୟ**

# ଦିନକୁ ଦିନ ବଢୁଛି ଦାଦନ ଶ୍ରମିକଙ୍କ ସଂଖ୍ୟା

ମାଥିଲି, ୩।୬ (ସମିସ): ଶ୍ରମିକ ମାନଙ୍କୁ ନିଜ ଗାଁରେ କାମ ଦେବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟକାରୀ କରାଯାଇଛି। କିନ୍ତୁ ଏଠି ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ (ମନରେଗା) କାର୍ଯ୍ୟ ପ୍ରକଳ୍ପ ଗୁଡିକୁ ଲୋକ



ବଦଳେ କରୁଛି ମେସିନ୍। ରାତି ଅଧରେ କାର୍ଯ୍ୟ ଆରମ୍ଭ, ରାତି ପହିଲା ବେଳକୁ କାର୍ଯ୍ୟ ଶେଷ। ଏପରି ଚିତ୍ର ଦେଖିବକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଦଳପତିଗୁଡା ପଞ୍ଚାୟତ ଅନ୍ତର୍ଗତ ବାମନଗୁଡାରେ। ବାମନଗୁଡା ଗାଁ ଠାରୁ ଏହି ମୋରମ ଓ ମେଟାଲ ରାସ୍ତା ଅନୁମୋଦନ ହୋଇଛି କି ନାହିଁ ତାହା କାହାରିକୁ ଜଣା ନାହିଁ କି କାର୍ଯ୍ୟର କୌଣସି ଫଳକ ମଧ ଲଗାଯାଇ ନାହିଁ। କିନ୍ତୁ ରାତି ଅଧରେ ଠିକାଦାର କାମ ସାରି ଦେଉଛନ୍ତି। ରାତା ରାତି ମେସିନ ଦ୍ୱାରା କାମ କରାଯାଉଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଯାହାକୁ ନେଇ ବିଭିନ୍ନ ମହଲରୁ ଏନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ବ୍ଲକ୍‌ରେ ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନା (ମନରେଗା)ରେ ଏହି ଗୋଟିଏ କାମ ନୁହେଁ, ବ୍ଲକର ୨୦ ପଞ୍ଚାୟତରେ ଅନେକ କାମ ଗୁଡ଼ିକ ମେସିନ କରୁଛି। କିନ୍ତୁ ଏଠାରେ ଲୋକେ କାମ ନ ପାଇ ପଡୋଶୀ ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଅଭିଯୋଗ ହୋଇଛି। ଏହି ବାମନଗୁଡା କାର୍ଯ୍ୟ ବିଷୟରେ ବିଭାଗୀୟ ଅଧିକାରୀ ଲିଙ୍ଗରାଜ କରକରିଆଙ୍କୁ ପଚାରିବାରୁ ଏବିଷୟରେ ମତେ ପଚାରିବା ଅପେକ୍ଷା ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଯିଏ ଅଛନ୍ତି, ତାଙ୍କୁ ପଚାରିବା ପାଇଁ କହିଥିଲେ। ଏ ନେଇ ମାଥିଲି ଜିଲ୍ଲା ପରିଷଦ ଜୋନ-୩ର ସଭ୍ୟା ସସ୍ମିତା ମାଝୀଙ୍କୁ ପଚାରିବାରୁ ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ନିଯୁକ୍ତି ଯୋଜନାରେ କାର୍ଯ୍ୟ ଗୁଡ଼ିକ ସମ୍ପର୍କରେ ଜଣା ଯାଉନାହିଁ। ଏପରି କି କାର୍ଯ୍ୟ ଗୁଡିକ ବିନା ମଞ୍ଜୁରୀରେ ହେଉଛି। ଅନେକ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ିରହିଛି। ବାରମ୍ବାର ଅଭିଯୋଗ କରିଲେ କୌଣସି ସୁଫଳ ମିଳୁନାହିଁ। ବାମନଗୁଡାର କାର୍ଯ୍ୟ ୧୦ ଲକ୍ଷ ଅଟକଳ କରାଯାଇଛି। କିନ୍ତୁ ସେହି କାର୍ଯ୍ୟ ଏପର୍ଯ୍ୟନ୍ତ ମଞ୍ଜୁର ହୋଇ ନାହିଁ। ଏଠି ପ୍ରଶ୍ନ ଉଠୁଛି ବିନା ମଞ୍ଜୁରୀ ରେ କିପରି କାର୍ଯ୍ୟ ହେଉଛି ତାହା ବି ମେସିନ ମାଧମରେ। ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନାରେ ବ୍ଲକରେ ସମସ୍ତ କାର୍ଯ୍ୟକୁ ଉଚ୍ଚ ପଦସ୍ଥ ଅଧିକାରୀ କିମ୍ବା ଭିଜିଲାନ୍ସ ଦ୍ୱାରା ତଦନ୍ତ କରାଇଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ଦୁର୍ଗମ ତୁଳସୀ ପାହାଡ଼ରେ ପାଦ ରଖିଲେ ଜିଲ୍ଲାପାଳ



ମାଥିଲି, ୩।୬(ସମିସ):

ଯେଉଁ ସ୍ଥାନ ଥିଲା ଏକଦା ମାଓବାଦୀଙ୍କ ରାଜଧାନୀ ଥିଲା। ଦୁର୍ଗମ ଓ ଘଞ୍ଚ ଜଙ୍ଗଲ ମଧ୍ୟରେ ବନ୍ଧୁକମୁନରେ ହେଉଥିଲା ଶାସନ। ସରକାରୀ ଅଧିକାରୀ ସେଠାକୁ ଯିବାକୁ ଭୟ କରୁଥିଲେ। ଏହି ଦୁର୍ଗମ ସ୍ଥାନକୁ ପ୍ରଥମ ଥର ଗସ୍ତ କରି ସମୀକ୍ଷା କରିଛନ୍ତି ମାଲକାନଗିରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ। ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକ ଅନ୍ତର୍ଗତ ତୁଳସୀ ପାହାଡ଼ ର ନାମ ଶୁଣିଲେ ଏକଦା ମାଓବାଦୀଙ୍କ ଚିତ୍ର ଆଖି ଆଗରେ ଉଙ୍କି ମାରୁଥିଲା। ଯେଉଁଠି ମାଓବାଦୀ ମାନେ ଏକତ୍ରିତ ହୁଅନ୍ତି, ସେଠାରେ ତାଙ୍କର ରଣନୀତି ପ୍ରସ୍ତୁତ କରାଯାଇଥାଏ। ତେବେ ଏହି ସ୍ଥାନକୁ ଯିବା ପାଇଁ କାହାରି ସାହସ ହେଉ ନଥିବା ବେଳେ ନବୀନ ସରକାରଙ୍କ ସମୟରେ ଜିଲ୍ଲାକୁ ମାଓ ମୁକ୍ତ ପାଇଁ ନିଆଯାଇଥିବା ଠୋସ ପଦକ୍ଷେପ ଏବଂ ବର୍ତ୍ତମାନ ପୁଲିସ ପ୍ରଶାସନର କଡା ଆଭିମୁଖ୍ୟ ହେତୁ ଏହି ଅଞ୍ଚଳ ମାଓ ମୁକ୍ତ ହେବାରେ ଲାଗିଛି। ଯାହା ପରେ ଅଞ୍ଚଳରେ ଜିଲ୍ଲାପାଳଙ୍କ ସମେତ ଏସ୍‌ପି ଓ ଅନ୍ୟ ଅଧିକାରୀ ମାନେ ପହଞ୍ଚି ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟର କରିଥିଲେ

### ଉନ୍ନୟନ କାର୍ଯ୍ୟର କଲେ ସମୀକ୍ଷା

ସମୀକ୍ଷା। ମାଥିଲି ବ୍ଲକ ଟେମୁରୁପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ତୁଳସୀ ପାହାଡ଼ ଉପରେ ଥିବା ତୁଳସୀ, କେରମେଟି, ମାରିଆବେଡା ଓ ଚେରୁ କଟଲା ଗ୍ରାମରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଓ ଏସ୍‌ପି ବିନୋଦ ପାଟିଲ ପହଞ୍ଚି ଛୋଟଛୋଟ ପିଲା ମାନଙ୍କ ସହିତ କିଛି ସମୟ କାଟିବା ସହିତ ପିଲା ମାନଙ୍କୁ ଚକ୍‌ଲେଟ୍ ବାଣ୍ଟି ଥିଲେ। ତୁଳସୀ ପାହାଡ଼ ଉପରେ ରହି ଅଞ୍ଚଳ ବାସୀଙ୍କୁ ସୁରକ୍ଷା ଦେଉଥିବା ବିଏସଏଫ ଯବାନ ମାନଙ୍କ କ୍ୟାମ୍ପ ପରିଦର୍ଶନ କରିଥିଲେ। ବିଶେଷ କରି ତୁଳସୀ ପାହାଡ଼କୁ ନିର୍ମାଣ ହେଉଥିବା ରାସ୍ତା ଦ୍ରୁତ ଗତିରେ ଚାଲୁଥିବା ବେଳେ ବାକି ପାହାଡ଼ ଉପରେ ଥିବା ଅଙ୍ଗନବାଡି, ବିଦ୍ୟାଳୟ ଗୃହ କିପରି ତୁରନ୍ତ ନିର୍ମାଣ କରାଯାଇପାରିବ। ତାହା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ଘର ଯୋଗାଇବା ,ଶୁଦ୍ଧ ପାନୀୟଜଳ ଯୋଗାଣ, ସରକାରଙ୍କ ସମସ୍ତ ଯୋଜନା ଗୁଡିକ କିପରି ପହଞ୍ଚି ପାରିବ ଉପରେ ସେ ନେଇ ଜିଲ୍ଲାର ବରିଷ୍ଠ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଜିଲ୍ଲାପାଳ ଗସ୍ତ ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର-୧ର ନିର୍ବାହୀଯନ୍ତ୍ରୀ କାର୍ତ୍ତିକ ନାୟକ, ମାଥିଲି ବିଡ଼ିଓ ପ୍ରମୋଦ କୁମାର ବେହେରା, ମାଥିଲି ବ୍ଲକ ନିର୍ବାହୀଯନ୍ତ୍ରୀ ହୃଦୟ ରଞ୍ଜନ ବାଘ, ଏପିଓ ଲିଙ୍ଗରାଜ କରକରିଆ ଓ ସରପଞ୍ଚ ତ୍ରମ୍ବେଶ୍ୱର ସମରଥ ସମେତ ଜିଲ୍ଲାର ବହୁ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ସକାଳ
THE SAKALA



# ସଚିବାଳୟ ଏଏସ୍‌ଓଙ୍କ ଗ୍ରେଡେସନ ତାଲିକା ସଂଶୋଧନ କର: ହାଇକୋର୍ଟ

**କଟକ,୩।୬(ସମିସ):** ରାଜ୍ୟ ସଚିବାଳୟର ଏଏସ୍‌ଓ (ଆସିଷ୍ଟାଣ୍ଟ ସେକ୍ସନ ଅଫିସର) ଙ୍କ ୨୦୨୦, ଜୁନ୍ ୧୧ର ଚୂଡାନ୍ତ ଗ୍ରେଡେସନ୍ ତାଲିକାରେ ସଂଶୋଧନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୦ରେ ପ୍ରକାଶିତ ଏଏସଓଙ୍କ ଗ୍ରେଡେସନ୍ ତାଲିକାକୁ ଚାଲେଞ୍ଜ କରି ଦାୟର ୧୦ଟି ମାମଲାର ଏକତ୍ର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି ଜଷ୍ଟିସ ବିଭୁ ପ୍ରସାଦ ରାଉତରାୟ। ଗ୍ରେଡେସନ ତାଲିକାରେ ବରିଷ୍ଠତା ପ୍ରସଙ୍ଗରେ ସିଧାସଳଖ ନିଯୁକ୍ତ ହୋଇଥିବା ଏଏସଓ ମାନଙ୍କ ତରଫରୁ ୭ଟି ମାମଲା ଓ ପଦୋନ୍ନତି ମାଧ୍ୟମରେ ଏହି ପଦରେ ନିଯୁକ୍ତ ଓ ସିଧାସଳଖ ନିଯୁକ୍ତଙ୍କ ବରିଷ୍ଠତା ପ୍ରସଙ୍ଗକୁ ନେଇ ଅନ୍ୟ ତିନୋଟି ମାମଲାର ଏକତ୍ର ଶୁଣାଣି କରିଥିଲେ ହାଇକୋର୍ଟ। ସମସ୍ତ ଆବେଦନକାରୀଙ୍କ ବରିଷ୍ଠତା ପୁନଃନିର୍ଦ୍ଧାରଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଏସ୍‌ଓ କ୍ୟାଡରକୁ ପ୍ରଥମେ ୨୦୧୬, ଜାନୁଆରି ୨୭ ଓ ୨୦୧୬, ମେ' ୧୮ ରେ ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କୁ ସେହି ବର୍ଷ ପରବର୍ତ୍ତୀ ସମୟରେ ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କ ଠାରୁ ବରିଷ୍ଠ ଭାବେ ଗ୍ରହଣ କରାଯିବ ବୋଲି ହାଇକୋର୍ଟ କହିଛନ୍ତି।

ଏଥିସହ ନିର୍ଦ୍ଦିଷ୍ଟ ବର୍ଷରେ ସିଧାସଳଖ ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କ ଠାରୁ ବରିଷ୍ଠ ସ୍ଥାନରେ ପଦୋନ୍ନତି ମାଧ୍ୟମରେ ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କୁ ରଖାଯିବ ବୋଲି ହାଇକୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ୮୧୧ ଏଏସଓ ପଦ ପୂରଣ ପାଇଁ ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି) ତରଫରୁ ୨୦୧୨, ଅକ୍ଟୋବର ୬ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ନିଯୁକ୍ତି ପ୍ରକ୍ରିୟା ସଂପୂର୍ଣ୍ଣ ହୋଇ ନଥିବା ବେଳେ ୨୦୧୫, ମେ' ୧୪ରେ ଓପିଏସସି ତରଫରୁ ଅନୁସୂଚିତ ଜନଜାତି (ଏସଟି) ବର୍ଗ ପାଇଁ ସ୍ୱତନ୍ତ୍ର ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ୨୦୧୫, ଡିସେମ୍ବର ୨୨ରେ ଓପିଏସସି ୧୩୬ଜଣ ପ୍ରାର୍ଥୀଙ୍କ ନାଁ ସୁପାରିସ କରିଥିବା ବେଳେ ଗୃହ ବିଭାଗ ୨୦୧୬, ଜାନୁଆରି ୨୭ରେ ଏମାନଙ୍କ ନିଯୁକ୍ତି ନିର୍ଦ୍ଦେଶନାମା ଜାରି କରିଥିଲା। ପରେ ୨୦୧୨ର ବିଜ୍ଞପ୍ତି ଆଧାରରେ ୭୭୮ ପ୍ରାର୍ଥୀଙ୍କ ନିଯୁକ୍ତି ନିର୍ଦ୍ଦେଶନାମା ୨୦୧୬, ଅକ୍ଟୋବର ୫ରେ ଜାରି କରାଯାଇଥିଲା।

ତେବେ ୨୦୧୦ରେ ନୂଆ ଓଡ଼ିଶା ସଚିବାଳୟ ସେବା ନିଯୁକ୍ତି ନିୟମାବଳୀ ଆଣିଥିଲା। ଏହି ଅନୁସାରେ ଜୁନିୟର ଆସିଷ୍ଟାଣ୍ଟ ଓ ସିନିୟର ଆସିଷ୍ଟାଣ୍ଟ ପଦର ମିଶ୍ରଣ କରାଯାଇ ଏଏସଓ ପଦକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ୨୦୨୦, ଜୁନ ୧୧ରେ ଚୂଡାନ୍ତ ଗ୍ରେଡେସନ ତାଲିକା ପ୍ରକାଶ ପାଇଥିଲା। ୨୦୧୬ରେ ସିଧାସଳଖ ଦୁଇଟି ବିଜ୍ଞପ୍ତି ଆଧାରରେ ନିଯୁକ୍ତି ପାଇଥିବା ଏଏସ୍‌ଓ ଗ୍ରେଡେସନ୍ ତାଲିକାରେ ଉପଯୁକ୍ତ ସ୍ଥାନ ପାଇନଥିବା ଅଭିଯୋଗ କରିଥିଲେ। ସେହିଭଳି ଭାବେ ଏହି ଅଧିକାରୀଙ୍କ ଯଥେଷ୍ଟ ପୂର୍ବରୁ ନିଯୁକ୍ତି ପାଇବା ସହିତ ପଦୋନ୍ନତି ମାଧ୍ୟମରେ ଏହି ପଦରେ କାର୍ଯ୍ୟ କରୁଥିବା ଏଏସଓଙ୍କୁ ଗ୍ରେଡେସନ ତାଲିକରେ ଉପରସ୍ଥାନ ପ୍ରଦାନ କରାଯାଉ ବୋଲି ଦାବି କରି ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଥିଲା।

## ଗାଡ଼ି ଚେକିଂରେ ପୁଲିସକୁ ଅଧିକ କ୍ଷମତା

# ବସ୍ ମାଲିକ ସଂଘର ବିରୋଧ, ନିଷ୍ପତ୍ତିର ପୁନର୍ବିଚାର ଦାବି

**ଭୁବନେଶ୍ୱର,୩।୬(ସମିସ):** ଯାନବାହାନ ଯାଞ୍ଚରେ ରାଜ୍ୟ ସରକାର ପୁଲିସକୁ ଅଖଣ୍ଡ କ୍ଷମତା ଦେବାକୁ ଯୋଜନା କରିଛନ୍ତି। ପୂର୍ବ କ୍ଷମତା ସହ ଏମ୍‌ଭି ଆକ୍ଟରେ ପୁଲିସକୁ ଆହୁରି କ୍ଷମତାଶାଳୀ କରାଯାଇଛି। ତେବେ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ତୀବ୍ର ବିରୋଧ କରିଛି। ସରକାରଙ୍କ ଏହି ପଦକ୍ଷେପ ସମସ୍ୟା ସୃଷ୍ଟି କରିବ ବୋଲି ଉଲ୍ଲେଖ କରି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ବସ୍‌ମାଲିକ ସଂଘ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦାବି କରିଛି।

ମୋଟର ଯାନ ପରିବହନ ଆଇନ ୧୯୮୮ ଅନୁଯାୟୀ ପୁଲିସକୁ ହେଲମେଟ୍, ସିଟ୍ ବେଲ୍ଟ, ଟ୍ରିପଲ ରାଇଡର୍, ଭୁଲ୍ ସାଇଡ୍ ଡ୍ରାଇଭିଂ, ମଦ୍ୟପାନ କରି ଗାଡ଼ି ଚାଳନା ଇତ୍ୟାଦି ମୋଟରଯାନର ଯାଞ୍ଚ ପାଇଁ କିଛି କ୍ଷମତା ଦିଆଯାଇଥିଲା। ମାତ୍ର ରାଜ୍ୟ ସରକାର ମୋଟରଯାନର ଯାଞ୍ଚ ପାଇଁ ପୁଲିସ ବିଭାଗକୁ ଅଧିକ ଅତିରିକ୍ତ କ୍ଷମତା ପ୍ରଦାନ କରିବାକୁ ଯୋଜନା ସରକାର ଓ ପରିବହନକାରୀ ସଂସ୍ଥା ପାଇଁ କ୍ଷତିକାରକ ସାବ୍ୟସ୍ତ ହେବାର ଆଶଙ୍କା ରହିଛି। ଅତୀତରେ ପୁଲିସକୁ ଏପରି ଦାୟିତ୍ୱ ଦିଆଯାଇଥିଲା; ମାତ୍ର ପୁଲିସ୍ ଏହାର ଅପବ୍ୟବହାର କରିଥିଲା ଓ ଦୁର୍ନୀତି ବୃଦ୍ଧି ପାଇଥିଲା । ଫଳସ୍ୱରୂପ ପୂର୍ବ ସରକାର ପୁଲିସ ବିଭାଗକୁ ଦିଆଯାଇଥିବା କ୍ଷମତା ପ୍ରତ୍ୟାହାର କରିଥିଲେ। ସମ୍ପ୍ରତି ରାଜ୍ୟରେ ଅପରାଧ ହ୍ରାସ କ୍ଷେତ୍ରରେ ପୁଲିସ ସଫଳ ହୋଇପାରିନାହିଁ। ଏହାସହ ସେମାନଙ୍କୁ ପରିବହନ ବିଭାଗର ଦାୟିତ୍ୱ ପ୍ରଦାନ କରାଗଲେ ଅପରାଧ ନିୟନ୍ତ୍ରଣ ହୋଇପାରିବ ନାହିଁ ଓ ଅନ୍ୟପକ୍ଷରେ କ୍ଷମତାର ଅପବ୍ୟବହାର କରି ପୁଲିସ ଅଧିକ ଦୁର୍ନୀତି କରିବାର ଆଶଙ୍କା ରହିଛି।

ସଂଘ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ଚଳାଚଳ କରୁଥିବା ମୋଟରଯାନ ଯାଞ୍ଚ ପାଇଁ ପୂର୍ବ ସରକାର "ଓଡ଼ିଶା ମୋଟରଯାନ ପ୍ରବର୍ତ୍ତନ ବିଭାଗ' ନାମରେ ଏକ ପୃଥକ୍ ଶାଖା ସୃଷ୍ଟି କରିଥିଲେ। ଯଦି ପୁଲିସକୁ ଅଧିକ କ୍ଷମତା ନ୍ୟସ୍ତ କରାଯାଏ, ତେବେ ଦୁର୍ନୀତି ବଢ଼ିବ ଓ ସାଧାରଣ ଲୋକମାନେ ଶୋଷଣର ଶିକାର ହେବେ। ଫଳରେ ସରକାର ମଧ୍ୟ ସାଧାରଣରେ ବଦନାମ କରିବ। ବିଭିନ୍ନ ସାଧାରଣ ସଭାରେ ପୁଲିସର ନକାରାତ୍ମକ ମନୋଭାବ ବିଷୟରେ ମୁଖ୍ୟମନ୍ତ୍ରୀ ନିଜେ ଚିନ୍ତାପ୍ରକଟ କରିଛନ୍ତି। ଏବେ ବି ଗାଡ଼ି ମାଲିକମାନଙ୍କୁ ପୁଲିସ ବିଭାଗ ଦ୍ୱାରା ଅନାବଶ୍ୟକ ଇ-ଚାଲାଣକୁ ମାଧ୍ୟମ କରି ହଇରାଣ କରାଯାଉଛି। ସମ୍ପ୍ରତି ଭୁବନେଶ୍ୱରରେ ପୁଲିସ୍ ଘରୋଇ ବସ୍ ମାଲିକଙ୍କ ବସ୍ ବିରୋଧରେ ମନଇଚ୍ଛା ୫୦୦ରୁ ଅଧିକ ଇ-ଚାଲାଣ କାଟିଛି। ଏହା ପରିବହନ ସଂସ୍ଥା ଦ୍ୱାରା ଜଡ଼ିତ ପ୍ରତ୍ୟେକ ବ୍ୟକ୍ତିଙ୍କ ମନରେ କ୍ରୋଧ ସୃଷ୍ଟି କରିଛି। ଏହି ପରିପ୍ରେକ୍ଷୀରେ ଗାଡ଼ି ଯାଞ୍ଚ କ୍ଷମତା ପୁଲିସକୁ ପ୍ରଦାନ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

## ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ ଘଟଣା

# ଜିଲ୍ଲା ପ୍ରଶାସନିକ ଅଧିକାରୀ ମହାସଂଘର ଦୃଢ଼ ପ୍ରତିବାଦ



**ବାରିପଦା, ୩।୬(ସମିସ):** କପ୍ତିପଦା ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀଙ୍କୁ ବାଲିମାଫିଆଙ୍କ ମରଣାନ୍ତକ ଆକ୍ରମଣ ଘଟଣାର ଦୃଢ଼ ପ୍ରତିବାଦ କରିଛି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନିକ ଅଧିକାରୀ ମହାସଂଘ। ମଙ୍ଗଳବାର ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଈଶ୍ୱର ନାଏକ ଏବଂ କପ୍ତିପଦା ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ନେତୃତ୍ୱରେ ବହୁ ଓଡ଼ିଶା ପ୍ରଶାସନିକ ଅଧିକାରୀ ଓ ରାଜସ୍ୱ ସେବା ଅଧିକାରୀ ଜିଲ୍ଲାପାଳ ହେମକାନ୍ତ ସଏ ଏବଂ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲିଙ୍କୁ ଭେଟି ପ୍ରତିବାଦ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହାସହ ଲଘୁ ଖଣିଜ ଚୋରି ରୋକିବା ପାଇଁ ଦୀର୍ଘସ୍ଥାୟୀ କାର୍ଯ୍ୟାବଳୀ ପ୍ରସ୍ତୁତି କରିବାକୁ ଆବେଦନ କରିଛନ୍ତି। ଅପରପକ୍ଷେ, ଗତକାଲିର ଘଟଣାରେ ପୁଲିସ୍ ଆଜି ୩ଜଣ ବାଲିମାଫିଆଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନାନୁଯାୟୀ, ସୋମବାର ଚୋରା ବାଲି ଗାଡ଼ି ଧରିବାକୁ ଯାଇ ଅତିରିକ୍ତ ତହସିଲଦାର ଶ୍ରୀ ମାଝୀ ମାଫିଆଙ୍କ ଆକ୍ରମଣର ଶିକାର ହୋଇଥିଲେ। ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ବାଲିମାଫିଆ ସଂଘବଦ୍ଧ ଭାବେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ଗାଡ଼ିକୁ ଭାଙ୍ଗି ଚୂରମାର୍ କରିଦେଇଥିଲେ। ଏହି ଘଟଣା କପ୍ତିପଦା ଥାନା ସମ୍ମୁଖରେ ଘଟିଥିଲା।

ପ୍ରକାଶଥାଉକି, ସମଗ୍ର ଜିଲ୍ଲାରେ ବିଭିନ୍ନ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ ଓ ଚୋରାଚାଲାଣ ପାଇଁ ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ପଡ଼ିଛି। ଖଣି ଅଧିକାରୀଙ୍କୁ ଆକ୍ରମଣ ପାଇଁ ବିଭାଗ ପକ୍ଷରୁ ତତ୍ପରତା କମିଥିବା ବେଳେ ପୁଲିସର ନିରବତା ପାଇଁ ରାଜସ୍ୱ ବିଭାଗ ଅଧିକାରୀ ମାଫିଆଙ୍କ ଆକ୍ରୋଶର ଶିକାର ହେଉଛନ୍ତି।

# କଳାବ୍ୟାଜ୍ ପିନ୍ଧିଲେ ତହସିଲ କର୍ମଚାରୀ




**କପ୍ତିପଦା, ୩।୬ (ସମିସ):** କପ୍ତିପଦା ଅତିରିକ୍ତ ତହସିଲଦାର ଶ୍ରୀ ମାଝୀଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦ ଜଣାଇ ମଙ୍ଗଳବାର ତହସିଲର ସମସ୍ତ କର୍ମଚାରୀ କଳାବ୍ୟାଜ୍ ପିନ୍ଧି ତହସିଲ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କର୍ମଚାରୀମାନଙ୍କ ସହ ତହସିଲଦାର ମଧ୍ୟ ସାମିଲ ଥିଲେ। ଅତିରିକ୍ତ ତହସିଲଦାରଙ୍କୁ ମାଫିଆମାନେ ଆକ୍ରମଣକୁ ତୀବ୍ର ନିନ୍ଦା କରିବା ସହ ତୁରନ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସେମାନେ ଦାବି କରିଛନ୍ତି। ଗତକାଲିର ଘଟଣାକୁ ନେଇ ତହସିଲର ସମସ୍ତ କର୍ମଚାରୀ, ରାଜସ୍ୱ ନିରୀକ୍ଷକ ଭୟଭୀତ ଅବସ୍ଥାରେ ଅଛନ୍ତି। ତେଣୁ ପୁଲିସ ତୁରନ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ନକଲେ, ଆଗାମୀ ଦିନରେ ଜିଲ୍ଲାବ୍ୟାପୀ ସମସ୍ତ ତହସିଲ ପକ୍ଷରୁ ବିରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷେ, ସମସ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ୍ ପକ୍ଷରୁ ଜୋରଦାର ଉଦ୍ୟମ ଚାଲିଛି। ଆଜି ଅପରାହ୍ନ ସୁଦ୍ଧା ୩ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ୯ ଜଣଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରିଣୀ ବବିତା ପୁହାଣ କହିଛନ୍ତି।

# ମହିଳା ଆୟୋଗରେ ମଧ୍ୟସ୍ଥତା କେନ୍ଦ୍ର ସ୍ଥାପନ ଉପରେ ଗୁରୁତ୍ୱାରୋପ

**କଟକ, ୩।୬ (ସମିସ):** ଓଡିଶା ଉଚ୍ଚନ୍ୟାୟାଳୟର ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ସଙ୍ଗମ କୁମାର ସାହୁ ଆଇନ ସେବା ଭବନଠାରେ ରାଜ୍ୟ ମହିଳା ଏବଂ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସହ ମହିଳା ଓ ଶିଶୁମାନଙ୍କ ଆଇନଗତ ସମସ୍ୟାର ସମାଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ସନ୍ଦର୍ଭରେ ରାଜ୍ୟ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟର ପ୍ରମୁଖ ଶାସନ ସଚିବ ବିଚାରପତିଙ୍କୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କିଭଳି ଭାବେ ଅଭିଯୋଗ ପତ୍ରଗୁଡ଼ିକର ଉପଯୁକ୍ତ ସମାଧାନ କରାଯାଇପାରିବ ଏବଂ ଯୌନ ଅତ୍ୟାଚାର, ଯୌତୁକ ଜନିତ ତଥା ମହିଳା ସମ୍ବନ୍ଧୀୟ ଅପରାଧର ପୀଡ଼ିତାମାନଙ୍କୁ ସମୟାନୁଯାୟୀ ଅନୁକମ୍ପା ରାଶି ପ୍ରଦାନ କରାଯିବ ତାହା ଅବଗତ କରାଇଥିଲେ। ଏ ସଂକ୍ରାନ୍ତରେ ପ୍ରଥମେ ଏତଲା ରୁଜୁ ହେବା ସମ୍ପର୍କରେ ଜଷ୍ଟିସ ସାହୁ ଗୁରୁତ୍ୱରୋପ କରିଥିଲେ। ଏତତ୍‌ବ୍ୟତୀତ ସେ ପୀଡିତାମାନଙ୍କୁ ଆଇନ ସେବା ଅନୁଷ୍ଠାନମାନଙ୍କ ଦ୍ୱାରା ଅନୁକମ୍ପାରାଶି ତଥା ଉପଯୁକ୍ତ ଅଧିବକ୍ତା ଯୋଗାଇଦେବା ବିଷୟରେ ଆଲୋକପାତ କରିଥିଲେ। ରାଜ୍ୟ ମହିଳା ଆୟୋଗଠାରେ ଏକ ମଧ୍ୟସ୍ଥତା କେନ୍ଦ୍ର ସ୍ଥାପନ କରିବା ଏବଂ ଅଭିଯୋଗ-ପ୍ରକ୍ରିୟା ପୀଡିତା ତଥା ବିପକ୍ଷବ୍ୟକ୍ତିଙ୍କୁ ପୁଲିସ୍ ମାଧ୍ୟମରେ ସୂଚନା ଦେବାକୁ ଜଷ୍ଟିସ ସାହୁ ପରାମର୍ଶ ପ୍ରଦାନ କରିଥିଲେ।

# ବିଶ୍ୱ ବାଣିଜ୍ୟ

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୨୫
- ପାଉଣ୍ଡ ୧୧୫.୩୬
- ୟୁରୋ ୯୭.୨୩
- ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୦,୮୦୦ (ନୂଆଦିଲ୍ଲୀ)
- ରୁପା : ୧୦୦,୦୦୦ (କେଜି)


## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୭୩୭.୦୦
- ନିଫ୍ଟି ୨୪,୫୪୨.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଓଇସିଡି ରିପୋର୍ଟ

# ଟ୍ରମ୍ପଙ୍କ ଶୁଳ୍କ ନିଷ୍ପତ୍ତି ଆମେରିକାକୁ ବୁଡ଼ାଇବ

### ଶୁଭିଲାଣି ମାନ୍ଦାବସ୍ଥାର ପଦଧ୍ୱନୀ

### ଜିଡିପି ଅଭିବୃଦ୍ଧି ୨% ତଳେ ରହିବ



**ୱାଶିଂଟନ୍,୩।୬(ଏଜେନ୍ସି):** ବିଶ୍ୱର ସର୍ବବୃହତ ଅର୍ଥନୀତି ଆମେରିକା ଚଳିତବର୍ଷ ବର୍ଷ ଏକ ବଡ଼ ମାନ୍ଦାବସ୍ଥା ଆଡକୁ ମୁହାଁଇଛି। ଆର୍ଥିକ ସହଯୋଗ ଏବଂ ବିକାଶ ସଂଗଠନ (ଓଇସିଡି) ପକ୍ଷରୁ ମଙ୍ଗଳବାର ଏକ ରିପୋର୍ଟରେ ଏହା କୁହାଯାଇଛି। ଆମେରିକାର ଜିଡିପି ଅଭିବୃଦ୍ଧି ୨୦୨୫ରେ ୨.୮% ରୁ ୧.୬% କୁ ହ୍ରାସ ପାଇବ ଏବଂ ୨୦୨୬ ରେ ଏହା ଆହୁରି ୧.୫% କୁ ଖସିଆସିବ। ରିପୋର୍ଟ ଅନୁଯାୟୀ, ଏହାର ସବୁଠାରୁ ବଡ଼ କାରଣ ହେଉଛି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାଣିଜ୍ୟ ନୀତି ଏବଂ ତାଙ୍କ ଦ୍ୱାରା ବିଭିନ୍ନ ଦେଶ ଉପରେ ଲାଗୁ କରାଯାଇଥିବା ଭାରୀ ଶୁଳ୍କ।

ଓଇସିଡି ଅନୁଯାୟୀ, ଟ୍ରମ୍ପ ଆମଦାନୀ ଉପରେ ହାରାହାରି ଶୁଳ୍କ ହାର ୨.୫% ରୁ ୧୫.୪% କୁ ବୃଦ୍ଧି କରିଛନ୍ତି, ଯାହା ୧୯୩୮ ପରଠାରୁ ସର୍ବାଧିକ। ଏଥିଯୋଗୁ କେବଳ ଆମେରିକୀୟ ଲୋକଙ୍କୁ ଅଧିକ ମୂଲ୍ୟ ଦେବାକୁ ପଡୁନାହିଁ, ବରଂ ଏହା ଆମଦାନୀ ହୋଇଥିବା କଞ୍ଚାମାଲ ଉପରେ ନିର୍ଭରଶୀଳ କମ୍ପାନୀଗୁଡ଼ିକର ଖର୍ଚ୍ଚ ମଧ୍ୟ ବୃଦ୍ଧି କରିଛି। ଟ୍ରମ୍ପ ପ୍ରାୟ ପ୍ରତ୍ୟେକ ଦେଶରୁ ଆସୁଥିବା ସାମଗ୍ରୀ ଉପରେ ୧୦% ଶୁଳ୍କ ଲାଗୁ କରିଛନ୍ତି ଏବଂ ଇସ୍ପାତ, ଆଲୁମିନିୟମ ଏବଂ ଅଟୋମୋବାଇଲ୍ ଭଳି କ୍ଷେତ୍ର ଉପରେ ସ୍ୱତନ୍ତ୍ର ଶୁଳ୍କ ମଧ୍ୟ ଲଗାଇଛନ୍ତି। କେବଳ ଏତିକି ନୁହେଁ, ସେ ଇସ୍ପାତ ଏବଂ ଆଲୁମିନିୟମ ଉପରେ ଶୁଳ୍କ ୫୦% ବୃଦ୍ଧି କରିବାକୁ ମଧ୍ୟ ଧମକ ଦେଇଛନ୍ତି। ଏହି ଅନିଶ୍ଚିତତା ବ୍ୟବସାୟୀ ଏବଂ ଗ୍ରାହକଙ୍କ ଆତ୍ମବିଶ୍ୱାସକୁ ଦୋହଲାଇ ଦେଇଛି। ଏ ସମ୍ପର୍କରେ ଓଇସିଡି ମୁଖ୍ୟ ଅର୍ଥନୀତିଜ୍ଞ ଆଲଭାରୋ ପେରେରା କହିଛନ୍ତି ଯେ ବାଣିଜ୍ୟ ପ୍ରତିବନ୍ଧକ ଏବଂ ନୀତି ଅନିଶ୍ଚିତତା ବିଶ୍ୱ ବାଣିଜ୍ୟ ଏବଂ ନିବେଶକୁ କ୍ଷତି ପହଞ୍ଚାଇଛି। ଗତ ସପ୍ତାହରେ, ନ୍ୟୁୟର୍କର ଏକ କୋର୍ଟ ଟ୍ରମ୍ପଙ୍କ ଅଧିକାଂଶ ଶୁଳ୍କକୁ ବେଆଇନ କହି ବନ୍ଦ କରିଦେଇଥିଲେ, କିନ୍ତୁ ଆପିଲ୍ କୋର୍ଟ ଏହି ଶୁଳ୍କକୁ ବଳବତ୍ତର ରଖିବାକୁ ଅନୁମତି ଦେଇଛନ୍ତି, ଯାହା ଅନିଶ୍ଚିତତାକୁ ଆହୁରି ବୃଦ୍ଧି କରିଛି।

ବିଶ୍ୱ ଅର୍ଥନୀତି ମଧ୍ୟ ଟ୍ରମ୍ପଙ୍କ ବାଣିଜ୍ୟ ଯୁଦ୍ଧର ପ୍ରଭାବର ସମ୍ମୁଖୀନ ହେଉଛି। ଓଇସିଡି ଆକଳନ କରିଛି ଯେ ବିଶ୍ୱ ଅଭିବୃଦ୍ଧି ୨୦୨୪ ରେ ୩.୩% ରୁ ୨୦୨୫ ରେ ୨.୯% କୁ ହ୍ରାସ ପାଇବ ଏବଂ ୨୦୨୬ରେ ସମାନ ରହିବ। ବିଶ୍ୱର ଦ୍ୱିତୀୟ ବୃହତ ଅର୍ଥନୀତି ଚୀନ୍ ୨୦୨୫ରେ ୪.୭% ଏବଂ ୨୦୨୬ ରେ ୪.୩% ଅଭିବୃଦ୍ଧି ପାଇବ, ଯାହା ଗତ ବର୍ଷ ୫% ଥିଲା। ଟ୍ରମ୍ପଙ୍କ ଶୁଳ୍କ ଚୀନ୍ ରପ୍ତାନିକାରୀଙ୍କୁ କ୍ଷତି ପହଞ୍ଚାଇବ, ଯଦିଓ ବେଜିଂ ସୁଧ ହାର ହ୍ରାସ ଏବଂ କାରଖାନାଗୁଡ଼ିକୁ ଉନ୍ନତ କରି କିଛି ଆଶ୍ୱସ୍ତି ଦେବାକୁ ଚେଷ୍ଟା କରିଛି। ଅନ୍ୟପକ୍ଷରେ, ୟୁରୋ ମୁଦ୍ରା ବ୍ୟବହାର କରୁଥିବା ୨୦ ୟୁରୋପୀୟ ଦେଶ ୨୦୨୫ ରେ ୧% ଏବଂ ୨୦୨୬ ରେ ୧.୨% ଅଭିବୃଦ୍ଧି ପାଇପାରିବେ, ଯାହା ୟୁରୋପୀୟ କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ସୁଧ ହାର ହ୍ରାସ ଦ୍ୱାରା ସହାୟତା ପାଇବ।

# କୁର୍ଲାରେ ଗୋଦାମ ଘର ଲିଜ୍‌ରେ ନେଲା ଟେସ୍‌ଲା

**ନୂଆଦିଲ୍ଲୀ,୩।୬(ଏଜେନ୍ସି):** ଭାରତରେ କାର୍ ବକ୍ରି କରିବାକୁ ଆଗ୍ରହୀ ଏଲନ୍ ମସ୍କଙ୍କ କମ୍ପାନୀ ଟେସ୍‌ଲା ସବୁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଏଥିପାଇଁ କମ୍ପାନୀ ମୁମ୍ବାଇର କୁର୍ଲା ଅଞ୍ଚଳର ଲୋଧା ଲଜିଷ୍ଟିକ୍ ପାର୍କରେ ୨୪,୫୬୫ ବର୍ଗଫୁଟ ଗୋଦାମ ସ୍ଥାନକୁ ପାଞ୍ଚ ବର୍ଷ ପାଇଁ ଲିଜ୍ ନେଇଛି ଏଲନ ମସ୍କଙ୍କ ଟେସ୍‌ଲା କମ୍ପାନୀ। ତଥ୍ୟ ଅନୁଯାୟୀ ମସ୍କଙ୍କ ଟେସଲା ଇଣ୍ଡିଆ ମୋଟର ଆଣ୍ଡ ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ ଏହି ଜାଗାକୁ ମୋଟ ୨୪.୩୮ କୋଟି ଭଡ଼ାରେ ଲିଜ୍ ନେଇଛି। ଦଲିଲଗୁଡ଼ିରୁ ମିଳିଥିବା ତଥ୍ୟ ଅନୁସାରେ, ଲିଜ୍ ନେଇଥିବା ସ୍ଥାନରେ ଦୁଇଟି ଭୂତଳ ମହଲା ୟୁନିଟ୍(ଗ୍ରାଉଣ୍ଡ ଫ୍ଲୋର୍) ରହିଛି ଯାହାର ମୋଟ କାର୍ପେଟ ଏରିଆ ୧୯ ,୦୦୦ ବର୍ଗଫୁଟରୁ ଅଧିକ। ଏବଂ ଚାର୍ଜେବୁଲ ଏରିଆ ୨୪,୦୦୦ ବର୍ଗଫୁଟରୁ ଅଧିକ। ପ୍ରଥମ ବର୍ଷ ପାଇଁ ପ୍ରାରମ୍ଭିକ ମାସିକ ଭଡା ୩୭.୫୩ ଲକ୍ଷରୁ ଅଧିକ, ବାର୍ଷିକ ୫% ବୃଦ୍ଧି ସହିତ, ପାଞ୍ଚ ବର୍ଷର ଲିଜ୍ ଅବଧିରେ ମୋଟ ଭଡା ୨୪ କୋଟିରୁ ଅଧିକ ହୋଇଛି।

# ସେନ୍‌ସେକ୍ସ ୬୩୬ ପଏଣ୍ଟ ଖସିଲା

**ମୁମ୍ବଇ,୩।୬(ଏଜେନ୍ସି):** ଘରୋଇସେୟାର ବଜାର ମଙ୍ଗଳବାର ଲଗାତାର ତୃତୀୟ ଦିନ ପାଇଁ ଲାଲ୍ ସଂକେତରେ ବନ୍ଦ ହୋଇଛି। କାରବାର ଶେଷରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବିଏସ୍‌ଇ ସେନ୍‌ସେକ୍ସରେ ୬୩୬.୨୪ ପଏଣ୍ଟ ବା ୦.୭୮ ପ୍ରତିଶତ ହ୍ରାସ ପାଇ ୮୦,୭୩୭.୫୧ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଏନ୍‌ଏସ୍‌ଇ ନିଫ୍ଟିରେ ୧୭୪.୧୦ ପଏଣ୍ଟ ବା ୦.୭୦ ପ୍ରତିଶତ ହ୍ରାସ ପାଇ ୨୪,୫୪୨.୫୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି ।

# ସ୍ମାର୍ଟ ବଜାର ଆକର୍ଷଣୀୟ ରଜ ଅଫର ଆରମ୍ଭ




**ଭୁବନେଶ୍ୱର,୩।୬(ସମିସ) :** ରଜ ପର୍ବ ପାଳନ କରିବା ପାଇଁ ରିଲାଏନ୍ସ ରିଟେଲର ଏକ ଅଗ୍ରଣୀ ଖୁଚୁରା ଗନ୍ତବ୍ୟସ୍ଥଳୀ ସ୍ମାର୍ଟ ବଜାର ପକ୍ଷରୁ ଏକାଧିକ ପାର୍ବଣ ଅଫର ଓ ଇନ୍-ଷ୍ଟୋର ଏନ୍‌ଗେଜମେଣ୍ଟ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ଉତ୍ସବଗୁଡିକ ଭୁବନେଶ୍ୱରସ୍ଥିତ ସ୍ମାର୍ଟ ବଜାର ଷ୍ଟୋରରେ ଏକ ସ୍ୱତନ୍ତ୍ର ଇଭେଣ୍ଟ ସହିତ ଆରମ୍ଭ ହୋଇଛି, ଯେଉଁଥିରେ କମ୍ପାନୀର ସୁପରମାର୍କେଟ୍‌ସ ଆଣ୍ଡ ହାଇପରମାର୍କେଟ୍‌ସ ବିଭାଗର ଚିଫ ମାର୍କେଟିଂ ଅଫିସର ସୁରଭି ସେନଙ୍କ ସମେତ ଲୋକପ୍ରିୟ ସେଲିବ୍ରିଟି ଅତିଥି ଲିପ୍ସା ମିଶ୍ର ଆଚାର୍ଯ୍ୟ ଓ ରିୟା ଦେ' ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅତିଥିମାନେ ମିଳିତ ଭାବେ ପାର୍ବଣ ଅଫରଗୁଡ଼ିକୁ ଉନ୍ମୋଚନ କରିଥିଲେ ଓ ରଜ କାର୍ଯ୍ୟକଳାପ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ଯୋଗ ଦେଇ ରିଲାଏନ୍ସ ରିଟେଲ ଲିମିଟେଡ- ଭାଲ୍ୟୁ ଫର୍ମାଟର ମୁଖ୍ୟ ପରିଚାଳନା ଅଧିକାରୀ କାମଦେବ ମହାନ୍ତି ରଜ ପର୍ବର ମହତ୍ୱ ସମ୍ପର୍କରେ କହିଥିଲେ। ସ୍ମାର୍ଟ ବଜାରରେ ରଜ ପର୍ବ ସ୍ୱତନ୍ତ୍ର ଅଫରଗୁଡ଼ିକ ମଧ୍ୟରେ ୯୯୯ ଟଙ୍କା କିମ୍ବା ତାହାଠାରୁ ଅଧିକ ମୂଲ୍ୟର ଫ୍ୟାଶନ ଉତ୍ପାଦ କ୍ରୟ କରି କେବଳ ୯୯ ଟଙ୍କାରେ ଏକ ଡିଜାଇନର ସଫି ବ୍ୟାଗ୍ ରହିଛି। ୯୯୯ ଟଙ୍କା କିମ୍ବା ତାହାଠାରୁ ଅଧିକ ମୂଲ୍ୟର ସଫି କରନ୍ତୁ ଏବଂ କେବଳ ୫୯୯ ଟଙ୍କାରେ ଏକ ଫିଲିପ୍ସ ହେୟାର ଡ୍ରାୟର ମିଳିବ। ୪୯୯ ଟଙ୍କା ଓ ତାହାଠାରୁ ଅଧିକ ମୂଲ୍ୟର ଲେଡିସ୍ କୁର୍ତ୍ତା ଉପରେ ୨୦%ର ଫ୍ଲାଟ ରିଆତି ଉପଲବ୍ଧ। ସୁଗର ପପ୍ କସ୍‌ମେଟିକ୍ସ ଉପରେ ସ୍ୱତନ୍ତ୍ର ଡିଲ ସହିତ ଫେଷ୍ଟିଭ ଗ୍ଲୋ ରହିଛି। ଏଥିସହ ନେଲପଲିସ୍ ଓ କାଜଲ ଭଳି ନିଶ୍ଚିତ ଉତ୍ପାଦଗୁଡିକୁ ସ୍ୱତନ୍ତ୍ର ମୂଲ୍ୟରେ ମିଳୁଛି। ଏହି ଅବସରରେ ଲୁଜ ସୁଗାର ୪୪.୫୦ ଟଙ୍କା / କେଜି, ଲୁଜ ଏଚଏମଟି କୋଲମ ରାଇସ ୫୧ ଟଙ୍କା/ କେଜି, ଲୁଜ ତୁର ଡାଲ ଇକୋନୋମି ୯୯ଟଙ୍କା/ କେଜି, ଗୁଡ ଲାଇଫ ଜିରା ସାର ରାଇସ ୪୦ ଟଙ୍କା/ କେଜି (୨୬କେଜ ପ୍ୟାକ- ସର୍ତ୍ତାବଳୀ ଲାଗୁ)ରେ ପାଇପାରିବେ।

# କ୍ରମ୍ପଟନ୍‌ର ଆକର୍ଷଣୀୟ ମାର୍ଭେଲ୍ ସାଇଲେଣ୍ଟ ପ୍ରୋ ଫ୍ଲୁଇଡୋ ସିରିଜ୍

**ନୂଆଦିଲ୍ଲୀ,୩।୬(ଏଜେନ୍ସି):** ବିଶ୍ୱ ଇଣ୍ଟେରିୟର ଦିବସ ଅବସରରେ କ୍ରମ୍ପଟନ୍ ଗ୍ରିଭ୍ସ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ୍ ସାଇଲେଣ୍ଟ ପ୍ରୋ ଫ୍ଲୁଇଡୋ ୱେଭ୍ ଶୁଭାରମ୍ଭ କରିଛି। ଏହାର ନୂତନ ଉଦ୍ଭାବନ ଯାହା ଭବିଷ୍ୟତ ଉପଯୋଗୀ ଡିଜାଇନ୍ ସହିତ ଉଚ୍ଚ କାର୍ଯ୍ୟଦକ୍ଷତାକୁ ମିଶ୍ରଣ କରେ। ଏହି ଶୁଭାରମ୍ଭ ସହିତ, କ୍ରମ୍ପଟନ୍ ସିଲିଂ ଫ୍ୟାନ ଏକ ନୂତନ ଯୁଗକୁ ଚିହ୍ନିତ କରିଛି, ଯେଉଁଠାରେ ଫର୍ମ କାର୍ଯ୍ୟଦକ୍ଷତା ସହିତ ମେଳ ଖାଏ ଏବଂ ଡିଜାଇନ୍ କାର୍ଯ୍ୟଦକ୍ଷତା ସହିତ ସମନ୍ୱିତ ହୁଏ। କ୍ରମ୍ପଟନ୍ ଏକ କାର୍ଯ୍ୟକ୍ଷମ ଉତ୍ପାଦକୁ କାରିଗରୀ କୌଶଳ ସହିତ ପ୍ରସ୍ତୁତ କରିଛି। ଏହାକୁ ଏକ ଡିଜାଇନ୍ ମାଷ୍ଟରପିସରେ ପରିଣତ କରି ଘର ଡିଜାଇନ୍ ପାଇଁ ଆବଶ୍ୟକୀୟ ଜିନିଷଗୁଡ଼ିକୁ ପୁନଃପରିଭାଷିତ କରୁଛି। ଆଜିର ଗ୍ରାହକମାନେ ସେମାନଙ୍କ ବ୍ୟକ୍ତିଗତ ଷ୍ଟାଇଲକୁ ପ୍ରତିଫଳିତ କରୁଥିବା ଘର ଡିଜାଇନ୍ କରିବାରେ ଗଭୀର ଭାବରେ ନିବେଶ କରିବାକୁ ଚାହାଁନ୍ତି, ପ୍ରାୟତଃ ସର୍ବନିମ୍ନ ଏବଂ ସମସାମୟିକ ସୌନ୍ଦର୍ଯ୍ୟକୁ ପସନ୍ଦ କରନ୍ତି। ସେମାନେ ଏକ ସମନ୍ୱିତ ଏବଂ ଦୃଶ୍ୟମାନ ଆନନ୍ଦଦାୟକ ସ୍ଥାନ ବଜାୟ ରଖିବା ପାଇଁ ସାଜସଜ୍ଜାର ପ୍ରତ୍ୟେକ ଉପାଦାନକୁ ସଂଗ୍ରହ କରନ୍ତି।

## ଆମେରିକା ବାଣିଜ୍ୟ ସଚିବଙ୍କ ସୂଚନା

# ଭାରତ- ଆମେରିକା ବାଣିଜ୍ୟ ଆଲୋଚନା ଖୁବ୍‌ଶୀଘ୍ର

**ନୂଆଦିଲ୍ଲୀ,୩।୬(ଏଜେନ୍ସି):** ଟ୍ରମ୍ପଙ୍କ ଶୁଳ୍କ ଲାଗୁ ପରେ ଖୁବଶୀଘ୍ର ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ହୋଇପାରେ। ଏହି ଆଲୋଚନା ଦ୍ୱାରା ଉଭୟ ଦେଶଙ୍କୁ ଫାଇଦା ହେବ। ମଙ୍ଗଳବାର ଓ୍ୱାଶିଂଟନରେ ୟୁଏସ-ଇଣ୍ଡିଆ ଷ୍ଟ୍ରାଟେଜିକ ପାର୍ଟନରସିପ ଫୋରମ (ୟୁଏସ୍‌ଆଇଏସ୍‌ପିଏଫ୍)ର ଲିଡରସିପ୍ ସମିଟ୍‌ରେ ଆମେରିକାର ବାଣିଜ୍ୟ ସଚିବ ହାଓ୍ୱର୍ଡ ଲୁଟନିକ୍ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜୁଲାଇ ସୁଦ୍ଧା ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ହେବ। କାରଣ ଦୁଇ ଦେଶ ଏଭଳି ବାଟ ବାହାର କରିଛନ୍ତି ଯାହା ଉଭୟଙ୍କ ପାଇଁ ଫାଇଦା ହେବ। ଏହା ପୂର୍ବରୁ ସୋମବାର ମଧ୍ୟ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଏଲ କହିଥିଲେ ଯେ, ଦୁଇ ଦେଶ ପରସ୍ପରର ବାଣିଜ୍ୟକୁ ପ୍ରାଥମିକତା ଦେବାକୁ ଚାହୁଁଛନ୍ତି। ଆଉ ଏଥିପାଇଁ ଦୁଇ ଦେଶ ଲଗାତାର ଭାବେ ଆଲୋଚନା ଜାରି ରଖିଛନ୍ତି। ଏହା ପୂର୍ବରୁ ଏପ୍ରିଲରେ ଭାରତ ଗସ୍ତରେ ଆସିଥିବାବେଳେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ମଧ୍ୟ କହିଥିଲେ ଯେ, ଆମେରିକା ଏବଂ ଭାରତ ବାଣିଜ୍ୟ ଆଲୋଚନା ପାଇଁ ସର୍ତ୍ତକୁ ଫାଇନାଲ କରିଛନ୍ତି। ତେବେ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଜୁଲାଇ ୮ ପୂର୍ବରୁ ଦୁଇ ଦେଶ ଏକ ଅନ୍ତରୀଣ ବୁଝାମଣା ଉପରେ ସହମତ ହୋଇପାରନ୍ତି। କାରଣ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଉପରେ ୨୬% ଟାରିଫ୍ ଲଗାଇବା ଘୋଷଣା ପରଠାରୁ ଦୁଇ ଦେଶ ବାଣିଜ୍ୟ ଆଲୋଚନା ଉପରେ କଥାବାର୍ତ୍ତା ଜାରି ରଖିଛନ୍ତି। ଆମେରିକାର ଟାରିଫ୍ ଭାରତ ଉପରେ ଜୁଲାଇ ୮ରୁ ଲାଗୁ ହେବ।

## ଆଜିର ରାଶିଫଳ

**ମେଷ:** ଖୁସି ଖବର ମିଳିପାରେ। ଚାକିରିରେ ସଫଳତା ମିଳିବ। ଅର୍ଥ ନିବେଶ କରିବା ପାଇଁ ଭଲ ସମୟ। ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବେ। ନିଜ ଭୁଲ୍‌କୁ ସୁଧାରିବାକୁ ଚେଷ୍ଟା କରନ୍ତୁ। ଧାର୍ମିକ ଯାତ୍ରା ଯୋଗ ଅଛି।

**ବୃଷ:** ଦିନଟିରେ ସଫଳତା ପ୍ରାପ୍ତି ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଆଶା କରିଥିବା ଦିଗରୁ ଧନ ପ୍ରାପ୍ତି ହେବ। ବନ୍ଧୁଙ୍କ ସହଯୋଗ ମିଳିବ। ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ।

**ମିଥୁନ:** ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ରାଜନୀତିରେ ସକ୍ରିୟ ହେବେ। ଅତିଥି ସତ୍କାରରେ ସମୟ ବିତିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି କରିବେ।

**କର୍କଟ:** ବ୍ୟବସାୟରୁ ଲାଭ ମିଳିବ। ଅର୍ଥ ନିବେଶରୁ ଦୂରେଇ ରୁହନ୍ତୁ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଚାନକ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆଣ୍ଠୁଗଣ୍ଠି ସମସ୍ୟା ବଢ଼ିପାରେ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ସମ୍ବନ୍ଧିତ ନୂଆ ଯୋଜନାରୁ ବଞ୍ଚିତ ରହିବେ। ମନ ଖୁସି ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିବେ।

**କନ୍ୟା:** ଆର୍ଥିକ ସ୍ଥିତି ଭଲ ରହିବ। ସୁଖଦ ଯାତ୍ରା ଯୋଗ ଅଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଭାଇ, ଭଉଣୀଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବ୍ୟସ୍ତତା ଭିତରେ ସମୟ କଟିବ।

**ତୁଳା:** ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ଛାତ୍ରଛାତ୍ରୀ କର୍ମଚଞ୍ଚଳ ହେବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଘରକୁ ଅତିଥି ଆଗମନ ହେବ। ଜୀବନସାଥୀଙ୍କ ନୂଆ କାମକୁ ନେଇ ଖୁସି ଅନୁଭବ କରିବେ।

**ବିଛା:** ଘରେ ଧନଧାନ୍ୟ ବୃଦ୍ଧି ହେବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ପରିବାର ସଦସ୍ୟଙ୍କ ମଧ୍ୟରେ ତିକ୍ତତା ଦୂର ହେବ। ପତି-ପତ୍ନୀଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇପାରେ।

**ଧନୁ:** ଅଫିସ୍‌ରେ ମାନସମ୍ମାନ ବଢ଼ିବ। ଅନ୍‌ଲାଇନ କାର୍ଯ୍ୟରୁ ଲାଭ ମିଳିବ। ଜବୀନସାଥୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖା ଦେବ। ନିବେଶ ପୂର୍ବରୁ ଅଭିଜ୍ଞ ଲୋକଙ୍କ ପରାମର୍ଶ ନିଅନ୍ତୁ। ପ୍ରେମ ବ୍ୟାପାରରେ ସଫଳ ହେବେ।


**ମକର:** ଚାକିରି ନିଷ୍ପତ୍ତି ପାଇଁ ଦ୍ୱନ୍ଦ୍ୱରେ ରହିବେ। ଛାତ୍ରଛାତ୍ରୀ ଅଧିକ ପରିଶ୍ରମ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାନ ଧର୍ମ କରନ୍ତୁ।

**କୁମ୍ଭ:** କାର୍ଯ୍ୟରେ ବାଧା ଆସିବ। ବ୍ୟବହାରରେ ନିୟନ୍ତ୍ରଣ ରକ୍ଷା କରିବେ। ଭାବିଚିନ୍ତି ଖର୍ଚ୍ଚ କରନ୍ତୁ। କିଛି କଥାକୁ ନେଇ ଚିନ୍ତାରେ ରହିପାରନ୍ତି। ହଜିଯାଇଥିବା ଜିନିଷ ଫେରିପାଇବେ। ମାନସମ୍ମାନ ବୃଦ୍ଧି ପାଇବ।

**ମୀନ:** ଘରେ ପୂଜାପାଠ ଆୟୋଜନ କରିବେ। ନିଜ ପସନ୍ଦର କାର୍ଯ୍ୟ କରି ଖୁସି ହେବେ। ପାରିବାରିକ ଜୀବନ ସୁଖମୟ ହେବ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ।

## ଆଜିର ଇତିହାସ

- ୧୯୧୯ - ଆମେରିକାର ନୌସେନା କୋଷ୍ଟାରିକା ଉପରେ ଆକ୍ରମଣ କଲା।
- ୧୯୫୯ - ସି.ରାଜଗୋପାଳଚାରୀ ସ୍ୱତନ୍ତ୍ର ପାର୍ଟି ନିର୍ମାଣ ପାଇଁ ଘୋଷଣା କଲେ।
- ୧୯୮୨- ଇସ୍ରାଏଲ୍ ଦକ୍ଷିଣ ଲେବାନନ୍ ଉପରେ ଆକ୍ରମଣ କଲା।
- ୨୦୧୫- ଘାନାର ଏକ ପେଟ୍ରୋଲ୍ ପମ୍ପରେ ଅଗ୍ନିକାଣ୍ଡ ଯୋଗୁଁ ୨୦୦ରୁ ଅଧିକ ଲୋକ ମୃତ।



# ଜୁନ୍ ୨୭ରେ 'ନିକିତା ରୟ'

ହରର୍ ଓ ରୋମାଣ୍ଟିକ ପରେ ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଏବେ ଏକ ଥ୍ରୀଲର୍ ଫିଲ୍ମ ମାଧ୍ୟମରେ ପରଦାକୁ ଫେରୁଛନ୍ତି। ଫିଲ୍ମର ଟାଇଟଲ୍ ରହିଛି 'ନିକିତା ରୟ'। ଏହି ଫିଲ୍ମ ମେ' ୩୦ରେ ସିନେମା ହଲ୍‌ରେ ରିଲିଜ୍ ହେବାର ଥିଲା। ହେଲେ ବର୍ତ୍ତମାନ ଫିଲ୍ମର ରିଲିଜ୍ ଡେଟ୍‌କୁ ଘୁଞ୍ଚାଇ ଦିଆଯାଇଛି। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ସୋନାକ୍ଷୀଙ୍କ ଭାଇ କୁଶ୍ ସିହ୍ନା ଅଛନ୍ତି। ଏହା ଏକ ସାଇକୋଲଜିକାଲ ସସ୍‌ପେନ୍ସ ଥ୍ରିଲର୍ ସିନେମା ହେବ। ଏଥିରେ ସୋନାକ୍ଷୀ ନିକିତା ଚରିତ୍ରରେ ନଜର ଆସିବେ। ସୋନାକ୍ଷୀଙ୍କ ବ୍ୟତୀତ ପରେଶ ରାୱଲ, ଅର୍ଜୁନ ରାମପାଲ ଏବଂ ସୁହେଲ ନାୟର ଏହି ଫିଲ୍ମରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟି ସମ୍ପର୍କରେ ଅପ୍ରେଲ ମାସରେ ଘୋଷଣା କରାଯାଇଥିଲା ଏବଂ ଏହା ମେ' ୩୦ରେ ଆସିବ ବୋଲି କୁହାଯାଇଥିଲା। କିନ୍ତୁ ଏବେ ଏହାର ମୁକ୍ତିଲାଭ ଦିନକୁ ଘୁଞ୍ଚାଇ ଦିଆଯାଇଛି। ସୋନାକ୍ଷୀ ଏକ ପୋଷ୍ଟ ମାଧ୍ୟମରେ ଫିଲ୍ମର ନୂଆ ମୁକ୍ତିଲାଭ ଦିନ ବିଷୟରେ ଘୋଷଣା କରିଛନ୍ତି। ସେ ଫିଲ୍ମର ଏକ ପୋଷ୍ଟର ସେୟାର୍ କରି ଲେଖିଛନ୍ତି- 'ଆପଣଙ୍କ କ୍ୟାଲେଣ୍ଡରରେ ନୋଟ୍ କରି ଦିଅନ୍ତୁ। ରୋମାଞ୍ଚକ ଥ୍ରିଲର୍ 'ନିକିତା ରୟ'ର ନୂଆ ଡେଟ୍ ସାମ୍ନାକୁ ଆସିଛି। ଜୁନ୍ ୨୭ରେ ଥିଏଟରରେ ଏହାକୁ ଦେଖନ୍ତୁ।' ତେବେ ସୋନାକ୍ଷୀଙ୍କ ଏହି ପୋଷ୍ଟ ପରେ ଦର୍ଶକଙ୍କ ମଧ୍ୟରେ ଫିଲ୍ମକୁ ନେଇ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି'। 'ନିକିତା ରୟ' ବାଦ୍ ସୋନାକ୍ଷୀ 'ଜଟାଧାରା' ଫିଲ୍ମ ମାଧ୍ୟମରେ ଟଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଭେଙ୍କଟ କଲ୍ୟାଣଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ସୁଧୀର ବାବୁ ମୁଖ୍ୟ ଭୂମିକାରେ ନଜର ଆସିବେ।

# ତିନି ରାତି ନ ଶୋଇଲେ ବୃଦ୍ଧି ପାଏ ହୃଦ୍‌ଘାତ ଆଶଙ୍କା

ଆଜିକାଲି ଲୋକେ ଘଣ୍ଟା ଘଣ୍ଟା ଧରି ମୋବାଇଲରେ ବ୍ୟସ୍ତ ରହିବା ଯୋଗୁଁ ରାତିରେ ବିଳମ୍ବରେ ଶୋଉଥିବାର ଦେଖାଯାଇଛି। ଲଗାତାର ତିନି ରାତି ଠିକ୍‌ରେ ନ ଶୋଇବା ଦ୍ୱାରା ହୃଦ୍‌ରୋଗ ଆଶଙ୍କା ବୃଦ୍ଧି ପାଏ ବୋଲି ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। ବିଶେଷକରି ହୃଦ୍‌ଘାତ ଆଶଙ୍କା ଅଧିକ ବୃଦ୍ଧି ପାଏ। ସୁନିଦ୍ରା କେବଳ ଥକ୍କାପଣ ଦୂର କରି ନ ଥାଏ, ଏହା ହୃତ୍‌ପିଣ୍ଡକୁ ମଧ୍ୟ ମଜଭୁତ କରିଥାଏ। ସ୍ୱିଡେନର ଉପସାଲା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏହି ଗବେଷଣା କରିଛନ୍ତି। ସେମାନେ ଜାଣିବାକୁ ପାଇଛନ୍ତି ଯେ, କିଛି ରାତିର ସ୍ୱଳ୍ପ ନିଦ୍ରା ବି ହୃଦୟ ପାଇଁ କ୍ଷତିକାରକ ହୋଇପାରେ। ନିଦ ପୂରା ନ ହେବା ଦ୍ୱାରା ଶରୀରରେ ଇନଫ୍ଲାମେସନ ବୃଦ୍ଧି ପାଏ। ଏହା ହିଁ ହୃଦ୍‌ରୋଗର କାରଣ ହୋଇଥାଏ। ସେହିପରି ଏହି ଗବେଷଣା ଲାଗି ୧୬ ଜଣ ସୁସ୍ଥ ଯୁବକଙ୍କୁ ସାମିଲ କରାଯାଇଥିଲା। ସେମାନଙ୍କ ଓଜନ ସାମାନ୍ୟ ଥିବା ବେଳେ ନିଦ୍ରାଭ୍ୟାସ ବି ଠିକ୍ ଥିଲା। ସମସ୍ତଙ୍କୁ ଦୁଇଥର ନିଦ ଗବେଷଣାଗାରରେ ରଖାଯାଇଥିଲା। ଥରୁଟିଏ ସେମାନଙ୍କୁ ତିନିରାତି ଭଲ ନିଦ୍ରା ପ୍ରଦାନ କରାଯାଇଥିଲା। ତା'ସହ ଦ୍ୱିତୀୟ ଥର ସେମାନଙ୍କୁ କେବଳ ୪ ଘଣ୍ଟା ଶୋଇବାକୁ ଦିଆଯାଇ ଥିଲା। ଦୁଇ ଥର ସେମାନଙ୍କ ଖାଦ୍ୟ ଓ ଗତିବିଧିକୁ ନିୟନ୍ତ୍ରଣାଧୀନ କରାଯାଇ ଥିଲା। ଏହାସହ ପ୍ରତିଦିନ ବ୍ୟାୟାମ କରିବା ପରେ ସକାଳେ ଓ ସଂଧ୍ୟାବେଳେ ସେମାନଙ୍କ ରକ୍ତ ନମୁନା ପରୀକ୍ଷା କରାଯାଉଥିଲା। ବୈଜ୍ଞାନିକମାନେ ସେମାନଙ୍କ ରକ୍ତରେ ଥିବା ପାଖାପାଖି ୯୦ ପ୍ରକାର ପ୍ରୋଟିନ୍‌ର ଯାଞ୍ଚ କରିଥିଲେ। ଯେତେବେଳେ ନିଦ ପୂରା ହୋଇ ନ ଥିଲା, ସେତେବେଳେ କିଛି ପ୍ରୋଟିନ୍‌ର ମାତ୍ରା ଏଭଳି ଭାବେ ବୃଦ୍ଧି ପାଇଥିଲା ଯେ, ଯାହାକି ହୃଦ୍‌ରୋଗ ସହିତ ଜଡ଼ିତ ଥିଲା। ସେହିପରି ବୈଜ୍ଞାନିକମାନେ କହିଛନ୍ତି, କମ୍ ନିଦ ସହିତ ବ୍ୟାୟାମ କରାଗଲେ, ଏହା ହୃଦୟ ମାଂସପେଶୀ ଉପରେ ଅଧିକ ପ୍ରଭାବ ପକାଇପାରେ। ଅନ୍ୟପଟେ ମହିଳା, ବୟସ୍କ ବ୍ୟକ୍ତି ବିଶେଷ, ହୃଦ୍‌ରୋଗୀ ଏବଂ ଅଲଗା ଅଲଗା ନିଦ ପ୍ୟାଟର୍ଣ୍ଣ ଯୁକ୍ତ ଲୋକଙ୍କ ଉପରେ ଏହାର ପ୍ରଭାବ କିଭଳି ଭିନ୍ନ ହୋଇପାରେ ଏନେଇ ଅଧିକ ଗବେଷଣାର ଆବଶ୍ୟକତା ଥିବା ସେମାନେ କହିଛନ୍ତି।




# କ୍ୟାମେରା ଜଗିଛି ଫସଲ

ସୁରକ୍ଷା ଦୃଷ୍ଟିରୁ ପଞ୍ଚତାରକା ହୋଟେଲ, ମନ୍ଦିର, ଦୋକାନ ତଥା ଘରମାନଙ୍କରେ ସିସିଟିଭି କ୍ୟାମେରା ଲଗାଯାଇଥାଏ। ଅଧୁନା ଅମାନିଆଙ୍କୁ ସାବାଡ଼ କରିବାକୁ ମଧ୍ୟ ଟ୍ରାଫିକ୍ ପୋଷ୍ଟ କିମ୍ବା ସଡ଼କରେ ସିସିଟିଭି କ୍ୟାମେରା ଲାଗୁଛି। ହେଲେ ଏବେ କଲରା ଚୋରି ରୋକିବାକୁ କ୍ଷେତରେ ସିସିଟିଭି କ୍ୟାମେରା ଲଗାଇ ଚର୍ଚ୍ଚାରେ ରହିଛନ୍ତି ବିହାର, ନଟୱା ଗାଁ'ର କୃଷକ ଭେଷ ନାରାୟଣ ସିଂହ। ସେ କଲରା ଚାଷକୁ ସୁରକ୍ଷା ଦେବା ସହ ଏହାର ଦେଖାରଖା କରିବାକୁ ସିସିଟିଭି କ୍ୟାମେରା ଏବଂ ସାଇରନ୍ ଲଗାଇଛନ୍ତି। ଏଥିପାଇଁ ସେ କ୍ଷେତରେ ଏକ ଲୁହା ଖୁଣ୍ଟରେ ଏକ ଘୂର୍ଣ୍ଣାୟମାନ କ୍ୟାମେରା ଲଗାଇଛନ୍ତି। ଯଦି ଜମି ମଧ୍ୟକୁ କୌଣସି ଭାରି ବସ୍ତୁ କିମ୍ବା କୌଣସି ବ୍ୟକ୍ତି ପ୍ରବେଶ କରନ୍ତି ତଥା ଗଛକୁ ଛୁଇଁବାକୁ ଚେଷ୍ଟା କରନ୍ତି ତେବେ କ୍ୟାମେରା ନିକଟରେ ଲାଗିଥିବା ସାଇରନ୍ ଜୋରରେ ଶବ୍ଦ କରିଥାଏ। ଜମି ନିକଟରୁ ନାରାୟଣ ସିଂହଙ୍କ ଘରର ଦୂରତା ଅଳ୍ପ ହୋଇଥିବାରୁ ସାଇରନ୍ ଶବ୍ଦ ତାଙ୍କ ଘର ଯାଏ ଶୁଣାଯାଇଥାଏ। ଏହି କ୍ୟାମେରା ଯୋଗୁଁ ତାଙ୍କ ଜମି ମଧ୍ୟକୁ ଚୋର କି ପଶୁପକ୍ଷୀ ପଶୁ ନ ଥିବା ଭେଷ ନାରାୟଣ କହିଛନ୍ତି। ସେହିପରି ଏହି ଚାଷୀ ଜଣକ ସିସିଟିଭି କ୍ୟାମେରା ଲଗାଇଥିବାରୁ ଜମିରେ ମୋଟର



ପମ୍ପ ଏବଂ ଅନ୍ୟ କୃଷି ଉପକରଣକୁ ସେଠାରେ ରଖି ଘରକୁ ଯାଇପାରୁଛନ୍ତି। ଭେଷ ନାରାୟଣଙ୍କ କହିବାନୁସାରେ, 'ତାଙ୍କର ଚାଷ ଜମିଟି ନଦୀ କୂଳରେ ଅବସ୍ଥିତ। ଏଠାରେ ଅଧିକାଂଶ ନୀଳଗାଈ ଏବଂ ପ୍ରାଣୀମାନେ ଫସଲକୁ ନଷ୍ଟ କରିଦିଅନ୍ତି। ହେଲେ ଏବେ ଜଙ୍ଗଲୀ ପ୍ରାଣୀ ଫସଲକୁ ପ୍ରବେଶ କରିବା ମାତ୍ରେ ସାଇରନ୍ ବାଜିବା ଆରମ୍ଭ କରିଦେଉଛି। ସାଇରନ୍ ଶବ୍ଦରେ ପ୍ରାଣୀମାନେ ଜମିରୁ ଭୟରେ ଦୌଡ଼ି ପଳାଉଛନ୍ତି।' ଭେଷ ନାରାୟଣ ୧୦,୦୦୦ରୁ ଅଧିକ ଟଙ୍କା ଖର୍ଚ୍ଚ କରି ଏପ୍ରକାର ସୁବିଧାର ଲାଭ ଉଠାଇଥିବା କୁହନ୍ତି।



# ଜେନ୍ ଜେଡ୍‌ଙ୍କ ସହ ଯୋଡ଼ି ହେବାର କୌଶଳ

**ଆଜିକାଲି କାର୍ଯ୍ୟାଳୟରେ ଜେନ୍ ଜେଡ୍‌ଙ୍କ ସହ ତାଳମେଳ ରକ୍ଷା କରିବା ଖୁବ୍ ଜରୁରି। ସେମାନେ ସ୍ମାର୍ଟ, ଟେକ୍ନିକାଲ ଏବଂ ମୁକ୍ତ ଚିନ୍ତାଧାରାର ହୋଇଥାନ୍ତି। ତେଣୁ ସେମାନଙ୍କ ସହ ସହଜରେ ଯୋଡ଼ି ହେବା ଅନେକଙ୍କ ପକ୍ଷେ ସେତେଟା ସହଜ ନୁହେଁ।**

- ଜେନ୍ ଜେଡ୍ ଟେକ୍ନୋଲୋଜି ସହିତ ବଡ଼ ହେଉଛନ୍ତି। ସେମାନଙ୍କ ସହ କଥା ହେବା ଏବଂ କାମ କରିବା ବେଳେ ଇନଷ୍ଟାଣ୍ଟ ମେସେଜିଂ ଆପ୍, କୋଲାବରେସନ ଟୁଲ, ଭିଡିଓ କଲ୍ ଅଧିକ ବ୍ୟବହାର କରନ୍ତୁ।
- ସେମାନଙ୍କୁ ଲମ୍ବା ମିଟିଂ ଏବଂ ବୁଲେଇ ବଙ୍କେଇ କଥା କହିବା ପସନ୍ଦ ନୁହେଁ। ସେମାନଙ୍କ ସହ ସିଧା ଓ ସ୍ପଷ୍ଟ ଭାବେ କଥାବାର୍ତ୍ତା କରନ୍ତୁ।
- କ୍ୟାରିୟରରେ ଆଗକୁ ବଢ଼ିବା ଏବଂ ନୂଆ କିଛି ଶିଖିବା ଲାଗି ସେମାନେ ଲଗାତାର ଫିଡ୍‌ବ୍ୟାକ୍ ଚାହାନ୍ତି। ତେଣୁ କାମ ଉପରେ ତୁରନ୍ତ ମତାମତ ଲୋଡ଼ନ୍ତି।
- ଜେନ୍ ଜେଡ୍‌ଙ୍କୁ ୱାର୍କଲାଇଫ୍ ବାଲାନ୍ସ ଖୁବ୍ ପସନ୍ଦ। କେବଳ କାମ କରିବା ଚାହିଁ ନ ଥାନ୍ତି, ବରଂ କାମ କ'ଣ ଏବଂ ସେମାନେ କେଉଁ ବଡ଼ ଲକ୍ଷ୍ୟରେ ଯୋଗଦାନ ଦେବାକୁ ଯାଉଛନ୍ତି ସେକଥା ଉପରେ ଗୁରୁତ୍ୱ ଦିଅନ୍ତି।
- ନୂଆ ଜ୍ଞାନ କୌଶଳ ଶିଖିବା ପାଇଁ ଟ୍ରେନିଂ, ୱାର୍କସପ୍ ଏବଂ ମେଣ୍ଟରସିପ୍‌ର ଅବସର ପ୍ରଦାନ କରନ୍ତୁ।
- ମିଟିଂ ତଥା ପ୍ରୋଜେକ୍ଟ ଉପରେ ସେମାନଙ୍କ ମତାମତ ନିଅନ୍ତୁ।
- ମାନସିକ ସ୍ୱାସ୍ଥ୍ୟ ପ୍ରତି ସେମାନେ ଅଧିକ ସଚେତନ। ସେମାନଙ୍କୁ ସପୋର୍ଟିଭ ପରିବେଶ ପ୍ରଦାନ କରନ୍ତୁ।



## ସମ୍ଭାବନା

# ଏକ ସମ୍ମାନଜନକ କର୍ମକ୍ଷେତ୍ରକୁ ପ୍ରୋତ୍ସାହିତ କରିବା

ଏକ ସମ୍ମାନଜନକ କର୍ମକ୍ଷେତ୍ରରେ ସମସ୍ତ କର୍ମଚାରୀଙ୍କୁ ନ୍ୟାୟପୂର୍ଣ୍ଣ, ମର୍ଯ୍ୟାଦା ଓ ସମ୍ମାନର ସହିତ ବ୍ୟବହାର ପ୍ରଦର୍ଶନ କରାଯାଏ। ଏହାସହ ସଠିକ୍ ଯୋଗାଯୋଗ, ସହଯୋଗ ଏବଂ ଗଠନମୂଳକ ଭାବରେ ସମସ୍ୟାର ସମାଧାନ ପାଇଁ ପ୍ରତିବଦ୍ଧତା ସହିତ ସ୍ୱୀକୃତି ପ୍ରଦାନ କରାଯାଏ।



### କର୍ମକ୍ଷେତ୍ରର ପରିବେଶ

- ଏହା ଏପରି ଏକ ସ୍ଥାନ, ଯେଉଁଠାରେ କର୍ମଚାରୀମାନେ ନିରାପଦ ଅନୁଭବ କରିବା ସହ ଉତ୍ପୀଡ଼ନ, ଭେଦଭାବ ଏବଂ ହିଂସାରୁ ନିଜକୁ ସୁରକ୍ଷିତ ମଣନ୍ତି।
- ଏହା କର୍ମଚାରୀଙ୍କ କଲ୍ୟାଣ, ଉତ୍ପାଦକତା ଏବଂ ସାମଗ୍ରିକ ସାଂଗଠନିକ ସଫଳତା ପାଇଁ ଅତ୍ୟାବଶ୍ୟକ।
- କର୍ମଚାରୀମାନେ ନିଜ ମତାମତ ଖୋଲାଖୋଲି ଭାବରେ ପ୍ରକାଶ କରିବାରେ ସହଜ ଅନୁଭବ କରନ୍ତି।
- ବିବାଦଗୁଡ଼ିକର ତୁରନ୍ତ ଏବଂ ନ୍ୟାୟସଙ୍ଗତ ଓ ନିରପେକ୍ଷ ସମାଧାନ କରାଯାଏ।
- କର୍ମଚାରୀଙ୍କୁ ଦାୟିତ୍ୱ ବହନ କରିବାର କ୍ଷମତା ଦିଆଯିବା ସହିତ କାର୍ଯ୍ୟ ପାଇଁ ମଧ୍ୟ ଦାୟୀ ରଖାଯାଏ।
- କର୍ମଚାରୀମାନଙ୍କୁ କର୍ମକ୍ଷେତ୍ରର ସମ୍ମାନ ରକ୍ଷା କରିବା ପାଇଁ ନିୟମିତ ମତାମତ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଥାଏ।
- ଏକ ସମ୍ମାନଜନକ କର୍ମକ୍ଷେତ୍ର ଶ୍ରେଷ୍ଠ ପ୍ରତିଭାମାନଙ୍କୁ ଆକର୍ଷିତ କରେ ଏବଂ ସଂଗଠନର ଖ୍ୟାତି ବୃଦ୍ଧି କରେ।
- ସକାରାତ୍ମକ କାର୍ଯ୍ୟ ପରିବେଶ କର୍ମଚାରୀମାନଙ୍କୁ ସୁସ୍ଥ ରଖିବାରେ ସହାୟକ ହୁଏ।

### ଦଳ ମୁଖ୍ୟଙ୍କ ଭୂମିକା

- ସଂଗଠନର ଯେକୌଣସି ବ୍ୟକ୍ତିଙ୍କ ସହିତ ଆଲୋଚନା କରିବା ସମୟରେ ସଂଯମତା ରକ୍ଷା କରନ୍ତୁ।
- ଆପଣଙ୍କଠାରୁ ଭିନ୍ନ ସହକର୍ମୀମାନଙ୍କ (ବୟସ, ଲିଙ୍ଗ, ଜାତି, ସଂସ୍କୃତି ଇତ୍ୟାଦି) ସହିତ ଉତ୍ତମ ସମ୍ପର୍କ ସ୍ଥାପନ କରିବାକୁ ଚେଷ୍ଟା କରନ୍ତୁ।
- ବ୍ୟକ୍ତିଗତ ତଥା ବୃତ୍ତିଗତ ଅଭିବୃଦ୍ଧି ପାଇଁ ଉତ୍ସାହିତ କରନ୍ତୁ ଏବଂ ଯେତେସମ୍ଭବ ସହକର୍ମୀଙ୍କୁ ସେମାନଙ୍କ କାର୍ଯ୍ୟରେ ସହଯୋଗ କରନ୍ତୁ।
- ଦୟା, ସହାନୁଭୂତି ଏବଂ କରୁଣାକୁ ପ୍ରୋତ୍ସାହିତ କରି ସହକର୍ମୀଙ୍କୁ ମତାମତ ପ୍ରକାଶ କରିବାରେ ଉତ୍ସାହିତ କରନ୍ତୁ।
- ଅନ୍ୟମାନଙ୍କର ସଫଳତାକୁ ପ୍ରଶଂସା କରନ୍ତୁ, ଉତ୍କର୍ଷତାକୁ ଚିହ୍ନନ୍ତୁ ଏବଂ ପୁରସ୍କୃତ କରନ୍ତୁ।
- ଦଳର ସଦସ୍ୟଙ୍କ ସମସ୍ୟା ସମାଧାନ କରି ନୂତନ କ୍ଷମତା ବିକାଶ କରିବାରେ ସାହାଯ୍ୟ କରନ୍ତୁ।
- ଏକ ବିଶ୍ୱାସ ଭିତ୍ତିକ ସଂସ୍କୃତିକୁ ପ୍ରୋତ୍ସାହିତ କରନ୍ତୁ।




ଡାକ୍ତର ଅଶୋକ କୁମାର ମହାନ୍ତି
ମାଟିମଣ୍ଡପ ସାହି, ପାଟଣା ଲେନ୍, ପୁରୀ
ମୋବାଇଲ: ୯୨୩୪୬୬୭୫୪୬

# ଘରେ ତିଆରି କରନ୍ତୁ ଅଫିସ୍ ପରିବେଶ

**ଅନେକ ଲୋକଙ୍କୁ ଘରେ ରହି ଅଫିସ୍ କାମ କରିବାକୁ ପଡ଼ିଥାଏ। ତେବେ ଆରାମରେ କାମ କରିବା ପାଇଁ ଘରେ ବି ୱାର୍କସ୍ପେସ୍ ରହିବା ଜରୁରି। ତେବେ କିଛି ଟିପ୍ସକୁ ଆପଣାଇ ଘରେ ମଧ୍ୟ ସୁନ୍ଦର ୱାର୍କସ୍ପେସ୍ ତିଆରି କରି ଘରେ ଅଫିସ୍ ପରିବେଶ ମିଳିବ।**

- ଘରେ ଏଭଳି ସ୍ଥାନ ଚୟନ କରନ୍ତୁ, ଯେଉଁଠି କାମ କରିବାରେ କୌଣସି ଅସୁବିଧା ହେବ ନାହିଁ। ବେଡ୍‌ରୁମ୍‌ର ଏକ କୋଣ, ଅଲଗା କୋଠରି କିମ୍ବା ଲିଭିଂ ରୁମ୍‌ର ଏକ ଶାନ୍ତ ସ୍ଥାନ ଏ ଲାଗି ବାଛିପାରିବେ।
- ଘରର ଅଫିସ୍ ପରିବେଶକୁ ସଫାସୁତୁରା ରଖନ୍ତୁ। ଜିନିଷ ସବୁକୁ ଏଣେତେଣେ ନ ଫିଙ୍ଗି ବ୍ୟବସ୍ଥିତ ଢଙ୍ଗରେ ରଖନ୍ତୁ। ଏହା ଦ୍ୱାରା ମସ୍ତିଷ୍କ ଶାନ୍ତ ରହେ ଏବଂ କାମ କରିବାରେ ଆଗ୍ରହ ରହେ।
- ଘରେ ଆରାମରେ ବସି କାମ କରିପାରିବା ପାଇଁ ଉପଯୁକ୍ତ ଚେୟାର୍, ଟେବୁଲ ରଖନ୍ତୁ। ଏହା ଦ୍ୱାରା ଦୀର୍ଘ ସମୟ ବସି କାମ କରିବା ସହଜ ହୁଏ।
- କାମରେ ଧ୍ୟାନ କେନ୍ଦ୍ରିତ କରିବା ଲାଗି ଠିକ୍



ଆଲୋକ ଜରୁରି। ଏ ଲାଗି ଡେସ୍କ ଲ୍ୟାମ୍ପ ବ୍ୟବହାର କରିପାରିବେ। ଏହା ଦ୍ୱାରା ଆଖି ଉପରେ କାମ ଚାପ ପଡ଼େ ଏବଂ ଦୀର୍ଘ ସମୟ ବସି କାମ କରିବା ସହଜ ହୁଏ।
- ଘରେ ଅଫିସ୍ କାମ କରିବା ସମୟରେ କଲମ, ନୋଟବୁକ୍, ଚାର୍ଜର ଭଳି ଜରୁରି ଜିନିଷ ପାଖରେ ରଖନ୍ତୁ। ଏହା ଦ୍ୱାରା ବାରମ୍ବାର ଉଠିବାକୁ ପଡ଼ିବନି ଏବଂ କାମ ଶୀଘ୍ର ହୋଇଯିବ।
- ଘରର ୱାର୍କସ୍ପେସ୍‌ରେ ନିଜ ପସନ୍ଦର ଜିନିଷ ରଖନ୍ତୁ। ଗଛ, ଫଟୋ ତଥା ମୋଟିଭେସନାଲ କୋଟ୍ ରଖନ୍ତୁ। ଏହାଦ୍ୱାରା ଖୁସି ଅନୁଭବ କରିବେ।

# ୟୁଟ୍ୟୁବ୍ ସର୍ଟସ୍‌ରେ 'ଗୁଗଲ୍ ଲେନ୍ସ' ଫିଚର୍

ଗୁଗଲ୍ ଏବେ ୟୁଟ୍ୟୁବ୍ ସର୍ଟସ୍‌ରେ 'ଗୁଗଲ୍ ଲେନ୍ସ' ଫିଚର୍ ଯୋଡ଼ିବ। ତେବେ ବ୍ୟବହାରକାରୀ ସର୍ଟ ଭିଡିଓରେ ଦେଖୁଥିବା ଯେକୌଣସି ବିଶେଷ ସ୍ଥାନ ବାବଦରେ ତଥ୍ୟ ଖୋଜିବାର ସୁବିଧା ଏହି ନୂଆ ଫିଚର୍ ପ୍ରଦାନ କରିବ। ଏହି ଲେନ୍ସ ଫିଚର ମାଧ୍ୟମରେ ସର୍ଟସ୍ ଦେଖୁଥିବା ବ୍ୟବହାରକାରୀ ଭିଡିଓରେ ଦେଖା ଯାଉଥିବା ଜିନିଷକୁ ଶୀଘ୍ର ଚିହ୍ନଟ ଏବଂ ବୁଝିବା ଦିଗରେ ସାହାଯ୍ୟ କରିବ। ସେହିପରି ଭିଡିଓକୁ ପଜ୍ କରିବା ଲାଗି ଲେନ୍ସ ବଟନରେ ଟ୍ୟାପ୍ କରିବାକୁ ହେବ। ଏହାପରେ କୌଣସି ବସ୍ତୁକୁ ଟ୍ୟାପ୍ କରିବା ଦ୍ୱାରା ସେ ବାବଦରେ ତଥ୍ୟ ମିଳିଥାଏ। ଏହାପରେ ଗୁଗଲ ସେହି ଜିନିଷ ସହିତ ମେଳ ଖାଉଥିବା ଭିଜୁଆଲ ରେଜଲ୍ଟ ଦେଖାଏ। ତେବେ ଆଗାମୀ ଦିନରେ ଏହି ଫିଚର୍ ୟୁଟ୍ୟୁବ୍ ମୋବାଇଲ ଆପ୍‌ର ବିଟା ପରୀକ୍ଷଣ




ଭାବେ ଆରମ୍ଭ କରାଯିବ। ସେହିପରି ଯେତେବେଳେ ଏହି ସୁବିଧା କୌଣସି ବ୍ୟବହାରକାରୀଙ୍କ ଆକାଉଣ୍ଟରେ ସକ୍ରିୟ ହେବ, ଭିଡିଓ ପଜ୍ କରିକି ଲେନ୍ସ ବଟନ୍‌କୁ ବ୍ୟବହାର କରିପାରିବେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିରେ କୌଣସି ବିଜ୍ଞାପନ କିମ୍ବା ସପିଂ ଲିଙ୍କ ରହିବ ନାହିଁ।

ଫ୍ରେଞ୍ଚ ଓପନ୍

# ସାବାଲେଙ୍କା-ସ୍ୱିଆଟେକ୍ ସେମି ଲଢ଼େଇ



ପ୍ୟାରିସ, ୩।୬ (ଏଜେନ୍ସି): ବିଶ୍ୱର ଏକ ନମ୍ବର ଖେଳାଳି ଆରିନା ସାବାଲେଙ୍କା ଓ ୩ଥରର ଡିଫେଣ୍ଡିଂ ଚାମ୍ପିଅନ ପୋଲାଣ୍ଡର ଇଗା ସ୍ୱିଆଟେକ୍‌ଙ୍କ ମଧ୍ୟରେ ଚଳିତ ଫ୍ରେଞ୍ଚ ଓପନ୍‌ର ସେମିଫାଇନାଲ ଲଢ଼େଇ ଅନୁଷ୍ଠିତ ହେବ। ମଙ୍ଗଳବାର ଅନୁଷ୍ଠିତ ମହିଳା ଏକକ କ୍ୱାର୍ଟର ଫାଇନାଲ ଲଢ଼େଇରେ ବେଲାରୁଷର ସାବାଲେଙ୍କା ୭-୬ (୭/୩), ୬-୩ ସେଟରେ ପ୍ୟାରିସ ଅଲିମ୍ପିକ ଚାମ୍ପିଅନ ଝେଙ୍ଗ୍ କ୍ୱିନୱିନଙ୍କୁ ହରାଇ ଅଗ୍ରଗତି କରିଥିଲେ। ଯଦି ସାବାଲେଙ୍କା ଏଠାରେ ଚାମ୍ପିଅନ ହୁଅନ୍ତି ତେବେ ପ୍ରଥମଥର ଫ୍ରେଞ୍ଚ ଓପନ୍ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିବେ। ସେହିଭଳି ଅନ୍ୟ ଏକ କ୍ୱାର୍ଟରରେ ସ୍ୱିଆଟେକ ୬-୧, ୭-୫ ସିଧାସଳଖ ସେଟ୍‌ରେ ୟୁକ୍ରେନର ଏଲିନା ଭିଟୋଲିନାକୁ ହରାଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଗୁରୁବାର ସାବାଲେଙ୍କା ଓ ସ୍ୱିଆଟେକ୍‌ଙ୍କ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ। ପୂର୍ବରୁ ସୋମବାର ରାତିରେ ଅନୁଷ୍ଠିତ ପୁରୁଷ ଏକକ ମୁକାବିଲାରେ ଟପ୍ ସିଡ୍ ଇଟାଲୀର ଜାନିକ ସିନ୍ନର ଓ କାଜାଖସ୍ତାନର ଆଲେକ୍ସଜାଣ୍ଡର ବଲ୍‌ବିକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସିନ୍ନର ୬-୧, ୬-୩, ୬-୪ ସେଟ୍‌ରେ ରୁଷିଆର ଆନ୍ଦ୍ରେ ରୁବଲେଭଙ୍କୁ ଓ ବଲ୍‌ବିକ ବ୍ରିଟେନର ଜାକ୍ ଡ୍ରାପରକୁ ପ୍ରିକ୍ୱାର୍ଟରରେ ପରାସ୍ତ କରିଥିଲେ।

## ନୀରଜ ଚୋପ୍ରା କ୍ଲାସିକ୍ ଜାଭେଲିନ୍ ଜୁଲାଇ ୫ରେ

ନୂଆଦିଲ୍ଲୀ,୩।୬ (ଏଜେନ୍ସି): ଭାରତରେ ନୀରଜ ଚୋପ୍ରା କ୍ଲାସିକ୍ ଅନ୍ତର୍ଜାତୀୟ ଜାଭେଲିନ୍ ପ୍ରତିଯୋଗିତା ଜୁଲାଇ ୫ରେ ଅନୁଷ୍ଠିତ ହେବ। ଏହି ଇଭେଣ୍ଟର ଆୟୋଜକ ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ ପକ୍ଷରୁ ଏ ସମ୍ପର୍କରେ ଘୋଷଣା କରାଯିବା ସହ ପୂର୍ବରୁ ବେଙ୍ଗାଲୁରୁର ଶ୍ରୀ କାନ୍ତିରାଭା ଷ୍ଟାଡିୟମ୍‌ରେ ଏହା ଆୟୋଜିତ ହେବ। ପୂର୍ବରୁ ମେ ୨୪ରେ ଏହା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଥିଲା। ପାକିସ୍ତାନ ଉପରେ ଭାରତ ଆକ୍ରମଣ କରିବା ଯୋଗୁଁ ଏହି ପ୍ରତିଯୋଗିତାକୁ ସ୍ଥଗିତ ରଖାଯାଇଥିଲା। ଭାରତରେ ହେବାକୁ ଥିବା ପ୍ରଥମ ଅନ୍ତର୍ଜାତୀୟ ଜାଭେଲିନ୍ ପ୍ରତିଯୋଗିତାରେ ବିଶ୍ୱର ଶ୍ରେଷ୍ଠ ଜାଭେଲିନ୍ ଫିଙ୍ଗାଳିମାନେ ଭାଗନେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଦୁଇଥରର ବିଶ୍ୱ ଚାମ୍ପିଅନ ଗ୍ରେନେଡାର ଆଣ୍ଡରସନ ପିଟର୍ସ, ୨୦୧୬ ଅଲିମ୍ପିକ୍ ସ୍ୱର୍ଣ୍ଣବିଜେତା ଜର୍ମାନୀର ଥୋମାସ ରୋହଲର, ୨୦୧୫ ବିଶ୍ୱଚାମ୍ପିଅନ କେନିଆର ଜୁଲିୟସ ୟେଗୋ ଓ ଭାରତର ଓଡ଼ିଆ ପ୍ରତିଯୋଗୀ କିଶୋର ଜେନା ଏଥିରେ ଅଂଶଗ୍ରହଣ କରିବାକୁ ସ୍ୱୀକୃତି ଦେଇଛନ୍ତି। ଇଭେଣ୍ଟ ତାରିଖ ପରିବର୍ତ୍ତନ ହେବାଯୋଗୁଁ ଅନେକ ଖେଳାଳି ମଧ୍ୟ ଏଥିରୁ ଓହରିଯାଇଛନ୍ତି।

ନରୱେ ଚେସ୍ ଟୁର୍ଣ୍ଣାମେଣ୍ଟ

## ପଏଣ୍ଟ ଟେବଲ ଶୀର୍ଷରେ ଗୁକେଶ

କୋପେନ ହେଗେନ, ୩।୬ (ଏଜେନ୍ସି): ଏଠାରେ ଚାଲିଥିବା ନରୱେ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟରେ ବିଶ୍ୱ ଚାମ୍ପିଅନ ଭାରତର ଡି ଗୁକେଶ ପଏଣ୍ଟ ଟେବଲର ଶୀର୍ଷସ୍ଥାନରେ ପହଞ୍ଚିଛନ୍ତି। ଗତକାଲି ସୋମବାର ଅନୁଷ୍ଠିତ ୬ଷ୍ଠ ରାଉଣ୍ଡରେ ସେ ବିଶ୍ୱର ଶ୍ରେଷ୍ଠ ଖେଳାଳି ମ୍ୟାଗ୍ନସ କାର୍ଲସେନ ଓ ୭ମ ରାଉଣ୍ଡରେ ଅର୍ଜୁନ ଏରିଗାଏସୀଙ୍କୁ ପରାସ୍ତ କରି ଗୁକେଶ ଏହି ସଫଳତା ପାଇଛନ୍ତି। ଉଭୟ ଖେଳାଳିଙ୍କୁ ଗୁକେଶ କ୍ଲାସିକ୍ ଚେସ୍‌ରେ ପ୍ରଥମଥର ହରାଇବାରେ ସମର୍ଥ ହୋଇଥିଲେ। ୧୯ ବର୍ଷୀୟ ବିଶ୍ୱ ଚାମ୍ପିଅନ ଗୁକେଶ ୭ମ ରାଉଣ୍ଡ ଶେଷରେ ୧୧.୫ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଛନ୍ତି। ମ୍ୟାଗ୍ନସ କାର୍ଲସେନ୍ ୧୧ ପଏଣ୍ଟ ପାଇ ଦ୍ୱିତୀୟସ୍ଥାନରେ ରହିଛନ୍ତି। ମହିଳା ବିଭାଗରେ ଚୀନ୍‌ର ଜୁ ୱେନ୍‌ଜୁନ୍ ୧୧.୫ ପଏଣ୍ଟ ପାଇ ପ୍ରଥମ, ଆନ୍ନା ମୁଜିଚୁକ୍ ୧୧ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

ଆଇପିଏଲ୍-୧୮ : ଶଶାଙ୍କ ସିଂଙ୍କ ବିସ୍ଫୋରକ ବ୍ୟାଟିଂ ବ୍ୟର୍ଥ

# ପଞ୍ଜାବକୁ ହରାଇ ବେଙ୍ଗାଲୁରୁ ଚାମ୍ପିଅନ



ଅହମ୍ମଦାବାଦ୍, ୩।୬ (ଏଜେନ୍ସି)

ପଞ୍ଜାବ କିଙ୍ଗ୍‌ସକୁ ୬ ରନ୍‌ରେ ହରାଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏହା ଫଳରେ ଆଇପିଏଲ୍ ଇତିହାସରେ ବେଙ୍ଗାଲୁରୁ ସମସ୍ତ ୧୮ଟି ଯାକ ସଂସ୍କରଣରେ ଖେଳିବା ପରେ ପ୍ରଥମଥର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ବେଙ୍ଗାଲୁରୁର ଟାଇଟଲ ବିଜୟ ସହ ଏହାର ସୁପରଷ୍ଟାର ଖେଳାଳି ବିରାଟ କୋହଲିଙ୍କୁ ବିଜୟ ଉପହାର ପ୍ରଦାନ କରିଛି। ସ୍ଥାନୀୟ ମୋଟେରା ଷ୍ଟାଡିୟମ୍‌ରେ ମଙ୍ଗଳବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୯୦ ରନ୍ କରିଥିଲା। ଜବାବରେ ପଞ୍ଜାବ କିଙ୍ଗ୍‌ସ ସମାନ ସଂଖ୍ୟକ ଓଭର ଖେଳି ୭ ୱିକେଟରେ ୧୮୪ ରନ୍ କରିଥିଲା। ଦଳ ପକ୍ଷରୁ ଶଶାଙ୍କ ସିଂହଙ୍କ ୩୦ ବଲ୍‌ରେ ଅପରାଜିତ ୬୧ ରନ୍ କରିବା ସତ୍ତ୍ୱେ ପଞ୍ଜାବ ଟାଇଟଲ ଜିତିବାରେ ସମର୍ଥ ହୋଇ ପାରି ନଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୋଶ ଇଂଲିଶ ୩୯, ପ୍ରଭସିମରନ ସିଂହ ୨୬, ପ୍ରିୟାଂଶ ଆର୍ଯ୍ୟ ୨୪ ରନ୍ କରିଥିଲେ। କିନ୍ତୁ ଶ୍ରେୟସ ଆୟରଙ୍କ ୧ ରନ୍‌ରେ ଆଉଟ ହେବା ଦଳ ଲାଗି ମହଙ୍ଗା ସାବ୍ୟସ୍ତ ହୋଇଛି। ବିଜୟୀ ବେଙ୍ଗାଲୁରୁ ଦଳର ଭୁବନେଶ୍ୱର କୁମାର ଓ କ୍ରୁନାଲ ପାଣ୍ଡ୍ୟା ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

### ଟସ୍ ଜିତି ମ୍ୟାଚ୍ ହାରିଲେ ଆୟର

ମୁମ୍ବାଇ ବିପକ୍ଷରେ କ୍ୱାଲିଫାୟର-୨ ମୁକାବିଲାକୁ ଏକାକୀ ଜିତାଇଥିବା ପଞ୍ଜାବ ଅଧିନାୟକ ଶ୍ରେୟସ ଆୟର ଏଠାରେ ଟସ୍ ଜିତିବା ପରେ ବେଙ୍ଗାଲୁରୁକୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲେ। ବେଙ୍ଗାଲୁରୁର ଦୁଇ ଓପନର ବିରାଟ କୋହଲି ଓ ଫିଲିପ ସଲ୍ଟ ଆରମ୍ଭରୁ ଧୈର୍ଯ୍ୟର ସହ ବ୍ୟାଟିଂ କରିଥିଲେ। ପଞ୍ଜାବ ବୋଲିଂକୁ ଉଚିତ ମୁକାବିଲା କରିପାରି ନ ଥିଲେ ବେଙ୍ଗାଲୁରୁ ବ୍ୟାଟର। ଗୋଟିଏ ପଟେ ବିରାଟ କୋହଲି ଦୁର୍ଗ ଜଗିଥିଲାବେଳେ ଅନ୍ୟ ପଟେ ଜଣଙ୍କ ପରେ ଜଣେ ଦ୍ରୁତ ରନ୍ କରି ଆଉଟ ହୋଇଥିଲେ। ପ୍ରଥମେ ସଲ୍ଟ ୯ ବଲ୍‌ରେ ୧୬, ଦ୍ୱିତୀୟରେ ମୟଙ୍କ ଅଗରୱାଲ ୧୮ ବଲ୍‌ରେ ୨୪, ତୃତୀୟରେ ଅଧିନାୟକ ରଜତ ପାଟିଦାର ୧୬ ବଲ୍‌ରେ ୨୬ ରନ୍ କରି ଆଉଟ ହୋଇଥିଲେ। ଟପ୍ ଅର୍ଡରରେ ୩ଜଣ ବ୍ୟାଟରଙ୍କ ଆଉଟ ପରେ ବିରାଟଙ୍କ ବ୍ୟାଟ୍‌ରୁ ଏକ ଲମ୍ବା ଇନିଂସ ଆଶା କରାଯାଉଥିଲା। ସେ ମଧ୍ୟ ଦମ୍‌ର ସହ ବ୍ୟାଟିଂ କରୁଥିଲେ। ଲିଆମ ଲିଭିଂଷ୍ଟୋନ୍‌ଙ୍କ ସହ ଦ୍ରୁତ ରନ୍ ସଂଗ୍ରହ କରୁଥିଲାବେଳେ ଆଜମତୁଲା ଓମରଜାଇଙ୍କ ଏକ ମନ୍ଥର ବଲ୍‌କୁ ଖେଳି ନ ପାରି କ୍ୟାଚ୍ ଆଉଟ ହୋଇଥିଲେ। ଧୈର୍ଯ୍ୟର ସହ ଖେଳୁଥିବା କୋହଲି ୩୫ ବଲ୍‌ରେ ମାତ୍ର ୩ଟି ଚୌକା ମାରି ୪୩ ରନ୍‌ରେ ଓମରଜାଇଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଯାଇଥିଲେ।

କୋହଲିଙ୍କ ଆଉଟ ସହ ବେଙ୍ଗାଲୁରୁର ଉତ୍ସାହ ଉଡିଯାଇଥିଲା। ଲିଭିଂଷ୍ଟୋନ୍ ୧୫ ବଲ୍‌ରୁ ୨୪, ଜିତେଶ ଶର୍ମା ୧୦ ବଲ୍‌ରୁ ୨୪ ରନ୍ କରିଥିଲେ। ଦଳ ପକ୍ଷରୁ କେହି ବଡ଼ ସ୍କୋର କରି ପାରି ନ ଥିଲେ। ଯାହା ଫଳରେ ଚତୁର୍ଥ ଫାଇନାଲ ଖେଳୁଥିବା ବେଙ୍ଗାଲୁରୁ ଏକ ବିଶାଳ ସ୍କୋର କରିବାରୁ ବଞ୍ଚିତ ହୋଇଥିଲା। ପଞ୍ଜାବ ପକ୍ଷରୁ ଏହି ମ୍ୟାଚ୍‌ରେ ସମସ୍ତ ବୋଲର ଶୃଙ୍ଖଳାର ସହ ବୋଲିଂ କରିଥିଲେ। ସେମାନଙ୍କ ମଧ୍ୟରୁ କାଏଲ ଜାମିସନ ୪୮ ରନ୍‌ରେ ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଥିଲେ। ଆମତୁଲ୍ଲା ଓମରଜାଇ, ବିଜୟ କୁମାର ବ୍ୟାସକ ଓ ୟୁଜବେନ୍ଦ୍ର ଚହଲ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

### ପୁରସ୍କାର ରାଶି

ଏଥର ଆଇପିଏଲ୍‌ରେ ଗୋଟିଏ ନୂଆ ଦଳକୁ ଟ୍ରଫି ଜିତିବାର ସୌଭାଗ୍ୟ ମିଳିଛି। ଚାମ୍ପିଅନ ଦଳକୁ ଏଥର ଟ୍ରଫି ସହ ୨୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିଭଳି ରନର୍ସଅପ୍ ବିବେଚିତ ଦଳ ୧୨.୫ କୋଟି ଟଙ୍କାରେ ସନ୍ତୁଷ୍ଟ ରହିଛି। ଏଲିମିନେଟର୍‌ରେ ହାରି ବିଦାୟ ନେଇଥିବା ଗୁଜରାଟ ୬.୫ କୋଟି ଟଙ୍କା ପାଇଛି। ସେହିଭଳି କ୍ୱାଲିଫାୟର-୨ରେ ହାରିଥିବା ମୁମ୍ବାଇ ଇଣ୍ଡିଆନ୍ସ ୭ କୋଟି ଟଙ୍କା ସାଙ୍ଗରେ ନେଇଛି।

## ସୁଦର୍ଶନଙ୍କୁ ଅରେଞ୍ଜ, କ୍ରିଷ୍ଣାଙ୍କୁ ପର୍ପଲ କ୍ୟାପ୍

ଆଇପିଏଲ୍‌ର ଅଷ୍ଟାଦଶ ସଂସ୍କରଣ ଶେଷ ହୋଇଯାଇଛି। ଏଥର ଗୁଜରାଟ ଟାଇଟନ୍ସ ଖେଳାଳି ଉଭୟ ଅରେଞ୍ଜ କ୍ୟାପ୍ ଓ ପର୍ପଲ କ୍ୟାପ୍ ହାତେଇ ନେଇଛନ୍ତି। ଗୁଜରାଟର ବାମହାତୀ ଓପନର୍ ସାଇ ସୁଦର୍ଶନ ଦମ୍‌ଦାର ପ୍ରଦର୍ଶନ କରି ଆଇପିଏଲ୍ ୨୦୨୫ର ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟର୍ ହେବା ସହ ଅରେଞ୍ଜ କ୍ୟାପ୍ ଅଧିକାରୀ ହୋଇଛନ୍ତି। ସେ ୧୫ ମ୍ୟାଚ୍ ଖେଳି ୫୪.୨୧ ହାରରେ ସର୍ବାଧିକ ୭୫୯ ରନ ସଂଗ୍ରହ କରିଛନ୍ତି। ଏଥର ଆଇପିଏଲ୍‌ରେ ତାଙ୍କ ବ୍ୟାଟର୍‌ରୁ ଗୋଟିଏ ଶତକ ଓ ୬ଟି ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା। ସେ ୮୮ ଚୌକା ଓ ୨୧ ଛକା ମାରିଥିଲେ। ଏଭଳି ଦମ୍‌ଦାର ପ୍ରଦର୍ଶନ ସତ୍ତ୍ୱେ ତାଙ୍କ ଦଳ କ୍ୱାଲିଫାୟର-୨ରେ ପରାସ୍ତ ହୋଇ ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଥଲା। ଅପରପକ୍ଷରେ ସେହି ଗୁଜରାଟର ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ ଏଥର ଆଇପିଏଲ୍‌ରେ ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର ଭାବେ ପର୍ପଲ କ୍ୟାପ୍ ଜିତିଛନ୍ତି। ପ୍ରସିଦ୍ଧ ୧୫ ମ୍ୟାଚରେ ୨୫ ୱିକେଟ୍ ନେଇଛନ୍ତି। ପ୍ରତି ୧୯ ରନ ବ୍ୟୟରେ ସେ ଗୋଟିଏ ୱିକେଟ୍ ପାଇଛନ୍ତି। ୪୧ ରନରେ ୪ ୱିକେଟ୍ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ରହିଛି। ସେହିଭଳି ଓଭର ପିଛା ସେ ୮.୨୭ ରନ ବ୍ୟୟ କରିଛନ୍ତି। ପୁରସ୍କାର ବାବଦକୁ ସୁଦର୍ଶନ ଓ ପ୍ରସିଦ୍ଧ ୧୦ ଲକ୍ଷ ଟଙ୍କା ଲେଖାଏ ପାଇଛନ୍ତି।

**ସର୍ବାଧିକ ରନ(ଅରେଞ୍ଜ କ୍ୟାପ୍)**

| ବ୍ୟାଟର୍ | ଇନିଂସ | ରନ୍ | ହାରାହାରି | ୧୦୦/୫୦ |
|---|---|---|---|---|
| ସାଇ ସୁଦର୍ଶନ | ୧୫ | ୭୫୯ | ୫୪.୨୧ | ୧/୬ |
| ସୂର୍ଯ୍ୟକୁମାର ଯାଦବ | ୧୬ | ୭୧୭ | ୬୫.୧୮ | ୦/୫ |
| ବିରାଟ କୋହଲି | ୧୫ | ୬୫୭ | ୫୪.୭୫ | ୦/୮ |
| ଶୁବମନ ଗିଲ୍ | ୧୫ | ୬୫୦ | ୫୦.୦୦ | ୦/୬ |
| ମିଚେଲ ମାର୍ଶ | ୧୩ | ୬୨୭ | ୪୮.୨୩ | ୧/୬ |
| ଶ୍ରେୟସ ଆୟର | ୧୭ | ୬୦୪ | ୫୪.୮୧ | ୦/୬ |

**ସର୍ବାଧିକ ୱିକେଟ(ପର୍ପଲ କ୍ୟାପ୍)**

| ବୋଲର୍ | ମ୍ୟାଚ୍ | ୱିକେଟ | ହାରାହାରି | ଶ୍ରେଷ୍ଠ |
|---|---|---|---|---|
| ପ୍ରସିଦ୍ଧ କ୍ରିଷ୍ଣା | ୧୫ | ୨୫ | ୧୯.୫୨ | ୪/୪୧ |
| ନୁର୍ ଅହମ୍ମଦ | ୧୪ | ୨୪ | ୧୭.୦୦ | ୪/୧୮ |
| ଟ୍ରେଣ୍ଟ ବୋଲ୍ଟ | ୧୬ | ୨୨ | ୨୩.୫୦ | ୪/୨୬ |
| ଜୋଶ୍ ହାଜଲେଉଡ୍ | ୧୨ | ୨୨ | ୧୫.୮୦ | ୪/୩୩ |
| ଅର୍ଶଦୀପ୍ ସିଂହ | ୧୭ | ୨୧ | ୨୪.୬୬ | ୩/୧୬ |
| ସାଇ କିଶୋର | ୧୫ | ୧୯ | ୨୦.୬୮ | ୩/୩୦ |
| ଯଶପ୍ରୀତ୍ ବୁମ୍‌ରା | ୧୨ | ୧୮ | ୧୭.୫୫ | ୪/୨୨ |


## ଉଦ୍‌ଯାପନୀ ଉତ୍ସବରେ 'ଅପରେସନ ସିନ୍ଦୂର'


ଅହମ୍ମଦାବାଦ,୩।୬(ଏଜେନ୍ସି): ଫାଇନାଲ ମୁକାବିଲା ପୂର୍ବରୁ ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପାଖାପାଖି ଏକ ଲକ୍ଷ ୩୦ ହଜାର ଦର୍ଶକଙ୍କ ଉପସ୍ଥିତରେ ଆୟୋଜିତ ଏହି ରଙ୍ଗାରଙ୍ଗ ଉତ୍ସବର ଥିମ୍ ଅର୍ଥାତ ମୁଖ୍ୟ ଆକର୍ଷଣ 'ଅପରେସନ ସିନ୍ଦୂର' ଥିଲା। ଏଥିରେ ମନୋମୁଗ୍ଧକର ଏୟାର ଶୋ ଦେଖିବାକୁ ମିଳିଥିଲା। ଏହି ଅବସରରେ ଭାରତୀୟ ବାୟୁସେନା ବିମାନ ମାଧ୍ୟମରେ ତ୍ରିରଙ୍ଗା ଫରମେସନ କରି ଦର୍ଶକଙ୍କୁ ବିମୋହିତ କରିଥିଲା। ଷ୍ଟାଡିୟମରେ ଏକ ବଡ଼ ସ୍କ୍ରିନରେ ଭାରତୀୟ ବାୟୁସେନାର ପରାକ୍ରମକୁ ପ୍ରଦର୍ଶିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବଲିଉଡ ଗାୟକ ଶଙ୍କର ମହାଦେବନ ନିଜ ପୁଅ ସିଦ୍ଧାର୍ଥ ଓ ଶିବମଙ୍କ ସାଥି ହୋଇ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେ 'ମେ ରହୁ ନା ରହୁ, ଭାରତ ରହନା ଚାହିଏ', 'ଏ ବତନ ବତନ ମେରେ ଆବଦ ରହେ ତୁ', 'ସବ୍‌ସେ ଆଗେ ହିନ୍ଦୁସ୍ଥାନୀ', 'ସୁନୋ ଗୋର ସେ ଦୁନିଆବାଲୋ' ଓ 'ବନ୍ଦେ ମାତରମ୍'ଭଳି ଦେଶଭକ୍ତି ସମ୍ପର୍ଣ୍ଣ ଗୀତ ଗାଇ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲେ। ଏହାପୂର୍ବରୁ କଳାକାରମାନେ ବି ପ୍ରାକଙ୍କ 'ତେରେ ମିଟି'ରେ ଜବରଦସ୍ତ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଷ୍ଟାଡିୟମରେ ଏକାଧିକ ବଲିଉଡ ତାରକା ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## ଆଇପିଏଲ୍ ଉଦ୍‌ଯାପନୀ ଝଲକ୍









PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS